

### ସଞ୍ଜୀୟଙ୍କ ସହ କାମ କରିବିନି
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-107 ◆MONDAY ◆13 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୭ ◆ସୋମବାର ◆୧୩ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲା

# ଜଙ୍ଗଲରୁ ଧରାହେଲେ ୩ ଅଭିଯୁକ୍ତ

- ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଛି ଡ୍ରୋନ୍
- ଦୁର୍ଗାପୁର ଯିବ ଓଡ଼ିଶା ମହିଳା କମିସନ ଟିମ୍
- ଶୁଣୁନାହାନ୍ତି ପଶ୍ଚିମବଙ୍ଗ ମହିଳା କମିସନ



■ **ଭୁବନେଶ୍ୱର/ଜଳେଶ୍ୱର, ୧୨।୧୦ (ସମିସ):** ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ମେଡିକାଲ କଲେଜରେ ଦ୍ୱିତୀୟ ବର୍ଷର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଅଭିଯୁକ୍ତ ଅପୁ ବାଉରୀ (୨୧), ଫିର୍ଦ୍ଦୋଶ ଶେଖ୍ (୨୩) ଏବଂ ରିଆଜୁଦ୍ଦିନ (୩୧)କୁ ଗିରଫ କରିଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ସହ ସ୍ଥାନୀୟ କିଛି ଲୋକଙ୍କ ବୟାନ ଆଧାରରେ ମୋଟ ୫ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସମସ୍ତ ଅଭିଯୁକ୍ତ ମେଡିକାଲ କଲେଜକୁ ଲାଗିଥିବା ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମୋବାଇଲ ଟ୍ରାକିଂ କରି ପାରାନଗଞ୍ଜ ଜଙ୍ଗଲରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଜେରା କରୁଛି। ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଜଙ୍ଗଲ ମଧ୍ୟରେ ଡ୍ରୋନ୍ ସହାୟତାରେ ଖୋଜା ଚାଲିଛି।

ଏହି ଘଟଣାରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଦୁଇଜଣିଆ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କ ବାପା-ମା'ଙ୍କୁ ସାକ୍ଷାତ କରି ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି। ପରିବାରଲୋକଙ୍କ ସନ୍ଦେହ ଥିବା ଛାତ୍ରୀଙ୍କ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି। ଅପରାଧୀଙ୍କୁ ଚିହ୍ନଟ କରିବାକୁ କ୍ୟାମ୍ପସରେ ସିସିଟିଭି ଫୁଟେଜ୍ ଏବଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି।

ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମହିଳା କମିସନ ▶ପୃଷ୍ଠା-୭

## ମମତାଙ୍କ ମନ୍ତବ୍ୟ ନେଇ ହଙ୍ଗାମା

■ **ଦୁର୍ଗାପୁର, ୧୨।୧୦ (ଏଜେନ୍ସି):** ଓଡ଼ିଶାର ଜଣେ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମହିଳାମାନେ ବିଳମ୍ବିତ ରାତିରେ ବାହାରେ ବୁଲିବା ଉଚିତ ନୁହେଁ ବୋଲି ସେ ଦେଇଥିବା ମନ୍ତବ୍ୟକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଛନ୍ତି। ନାରୀମାନଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ମମତା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

**ନିନ୍ଦା କଲେ ବିରୋଧୀ ଦଳ**

ଏହି କାଣ୍ଡ ପାଇଁ ସମସ୍ତ ଦୋଷ ଦୁର୍ଗାପୁରର ସଂପୃକ୍ତ ଘରୋଇ ମେଡିକାଲ କଲେଜ ଉପରେ ଲଦି ଦେଇ ମମତା କହିଛନ୍ତି ଯେ ପିଲାମାନଙ୍କର ସୁରକ୍ଷା ଦାୟିତ୍ୱ ହେଉଛି କଲେଜର। ରାତି ସାଢ଼େ ୧୨ଟା ପରେ ସଂପୃକ୍ତ ଏମ୍‌ବିବିଏସ୍ ଛାତ୍ରୀ କଲେଜ କ୍ୟାମ୍ପସ ବାହାରକୁ କେମିତି ଗଲେ ବୋଲି ପ୍ରଶ୍ନ କରିଛନ୍ତି। ମଧ୍ୟରାତିରେ ପିଲାମାନଙ୍କୁ ବାହାରକୁ ଛାଡ଼ିବା ଉଚିତ ନୁହେଁ। ଆଇନଶୃଙ୍ଖଳା ପୁଲିସର ଦାୟିତ୍ୱ ଥିଲେ ମଧ୍ୟ ସବୁ ସ୍ଥାନରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ନୁହେଁ। ଦୁର୍ଗାପୁରର ଯେଉଁ ▶ପୃଷ୍ଠା-୭

## ବିହାର ବିଧାନସଭା ନିର୍ବାଚନ

# ଏନ୍‌ଡିଏ ଆସନ ଭାଗବଣ୍ଟା



### ୧୦୧ ଲେଖାଏଁ ଆସନରେ ଲଢ଼ିବେ ବିଜେପି-ଜେଡିୟୁ

### ଚିରାଗଙ୍କୁ ୨୯, ମାନ୍‌ଝି ଓ କୁଶୱାହଙ୍କୁ ୬ ଲେଖାଏଁ ଆସନ

■ **ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି):** ଆସନ୍ତା ମାସରେ ବିହାର ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ କ୍ଷମତାସୀନ ଏନ୍‌ଡିଏ ଅଂଶୀଦାର ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ବିଜେପି ଏବଂ ନୀତୀଶ କୁମାରଙ୍କ ଜେଡିୟୁ ୧୦୧ ଲେଖାଏଁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମେଣ୍ଟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ମିଳିଛି ୨୯ଟି ଆସନ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ସହମତି ଭିତ୍ତିରେ ଏଭଳି ଆସନ ବୁଝାମଣା ହୋଇଛି ବୋଲି ବିଜେପିର ବିହାର ପ୍ରଭାରୀ ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ବୁଝାମଣା ଅନୁଯାୟୀ ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଜେଡିୟୁ ଏବଂ ବିଜେପି ଉଭୟ ୧୦୧ ଲେଖାଏଁ ଆସନରେ ପ୍ରାର୍ଥୀ ଦେବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୦୫ ପରେ ପ୍ରଥମ ଥର ଲାଗି ଜେଡିୟୁ ଏବଂ ବିଜେପି ସମାନ ଆସନରେ ଲଢ଼ିବେ। ଏହାପୂର୍ବରୁ ଜେଡିୟୁ ସର୍ବଦା ବିଜେପି ଅପେକ୍ଷା ଅଧିକ ଆସନରେ ଲଢୁଥିଲା। ଗତ ୪ଟି ନିର୍ବାଚନରେ ଜେଡିୟୁ ବଡ଼ ଭାଇର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା। ଗତ ୨୦୨୦ ନିର୍ବାଚନରେ ଜେଡିୟୁ ୧୧୫ଟିରେ ପ୍ରାର୍ଥୀ ଦେଇଥିବା ବେଳେ ବିଜେପି ୧୧୦ଟି ଆସନରେ ଲଢ଼ିଥିଲା। ▶ପୃଷ୍ଠା-୭

## ଆଜି ନୂଆପଡ଼ା ଉପନିର୍ବାଚନ ବିଜ୍ଞପ୍ତି; ଦ୍ୱୈତ ଦାୟିତ୍ୱରେ ଓଡ଼ିଶା ସିଇଓ

# ନିରପେକ୍ଷତାକୁ ନେଇ ପ୍ରଶ୍ନ

■ **ଭୁବନେଶ୍ୱର, ୧୨।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପୂର୍ବରୁ ଉପନିର୍ବାଚନ ତାରିଖ ଘୋଷଣା ହେବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ନିର୍ବାଚନ ପ୍ରକ୍ରିୟା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସର୍ବଦଳୀୟ ବୈଠକଠାରୁ ଆରମ୍ଭ କରି ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନଙ୍କ "ଦ୍ୱୈତ ଦାୟିତ୍ୱ'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବରିଷ୍ଠ ଆଇଏଏସ୍ ଅଧିକାରୀ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉପନିର୍ବାଚନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅନ୍ୟ ଏକ ସରକାରୀ ପଦବୀରୁ ▶ପୃଷ୍ଠା-୭

**ଚାପ ଯୋଗୁଁ ପ୍ରଭାବିତ ହୋଇପାରେ ଏସ୍‌ଆଇଆର୍**

# ବିଜେପିରେ 'ପୋଷା ପୁଅ'; ନୂଆପଡ଼ାରେ ବିଭାଜନ

### ଦଳର ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ କରାଯାଉଛି ଅବହେଳା

### ବସନ୍ତ ଓ ପୁଅ ଅଭିନନ୍ଦନଙ୍କ ପଦକ୍ଷେପକୁ ନେଇ ଚିନ୍ତାରେ ଦଳ

### ଦଳୀୟ ପଦକ୍ଷେପକୁ ପ୍ରସନ୍ନ, ଯଦୁମଣିଙ୍କ ସମର୍ଥକଙ୍କ ବିରୋଧ

■ **ଭୁବନେଶ୍ୱର, ୧୨।୧୦ (ସମିସ):** ଘରେ ନ ପଶୁଣୁ ବିଜେପି ନେତାଙ୍କ ମୁଣ୍ଡରେ ଚାଳ ବାଜିଛି। ପରଲୋକଗତ ବିଜେଡି ନେତା ରାଜେନ୍ଦ୍ର ଢ଼ୋଲକିଆଙ୍କ ପୋଷ୍ୟ ପୁତ୍ର ଜୟ ଢୋଲକିଆଙ୍କୁ ଦଳରେ ମିଶାଇ ନୂଆପଡ଼ା ବାଜି ଜିତିବାକୁ ଯୋଜନା କରିଥିବା ବିଜେପିକୁ ଲାଗିଛି ବଡ଼ ଝଟ୍‌କା। ଜୟଙ୍କୁ ଦଳକୁ ଆଣି ଟିକଟ ଦେବା ପ୍ରସଙ୍ଗକୁ ବରିଷ୍ଠ ନେତାମାନେ ପସନ୍ଦ କରୁ ନ ଥିବାବେଳେ ନୂଆପଡ଼ାରୁ ଆଶାୟୀ ଥିବା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମନ୍ତବ୍ୟ ଦଳୀୟ ନେତାଙ୍କ ଚିନ୍ତା ବଢ଼ାଇଛି। ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ନେତାଙ୍କୁ ଉପେକ୍ଷା କରାଯାଉଥିବା ସଂକ୍ରାନ୍ତରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ପୁଣିଥରେ ସତ୍ୟ ସାବ୍ୟସ୍ତ ହୋଇଛି। ଜୟଙ୍କ ଯୋଗଦାନ ବିଜେପି ପାଇଁ ରାସ୍ତା ସହଜ କରିବା ପରିବର୍ତ୍ତେ ଅଧିକ ଜଟିଳ କରିଛି। ନୂଆପଡ଼ା ସମେତ ରାଜ୍ୟବ୍ୟାପୀ କର୍ମୀ ମହଲରେ ଏପରି ମିଶ୍ରଣକୁ ନାପସନ୍ଦ କରିଛନ୍ତି।

ଜୟଙ୍କ ଯୋଗଦାନ ପୂର୍ବରୁ ଶନିବାର ବସନ୍ତ ପଣ୍ଡାଙ୍କ ସହ ଘଣ୍ଟା ଘଣ୍ଟା ଧରି କବାଟ କିଳା ଆଲୋଚନା କରିଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମେ ଜୟଙ୍କ ବିଜେପି ଯୋଗଦାନକୁ ପୂରାଜୋରରେ ବିରୋଧ କରିଥିଲେ ବସନ୍ତ। ନିଜ ପୁଅର ଭବିଷ୍ୟତକୁ ନେଇ ବସନ୍ତ ଚିନ୍ତା ପ୍ରକଟ କରିବା ସହ ଏପରି ମିଶ୍ରଣକୁ ସେ ଗ୍ରହଣ କରିପାରିବେ ନାହିଁ ବୋଲି ମନମୋହନ-ମାନସଙ୍କୁ ସଫାସଫା କହିଥିଲେ। ତେବେ ପୁଅଙ୍କୁ ଥଇଥାନ ସଂକ୍ରାନ୍ତରେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ବସନ୍ତ ମିଶ୍ରଣ ସଭାକୁ ଆସିବା ସହ ମଞ୍ଚକୁ ଚଢ଼ିଥିଲେ। ମାତ୍ର ମିଶ୍ରଣ ପର୍ବ ପରେ ବିଭିନ୍ନ ଗଣଣାଧ୍ୟମକୁ ବସନ୍ତ ଦେଇଥିବା ପ୍ରତିକ୍ରିୟାରେ ସେ ଜୟଙ୍କୁ ଗ୍ରହଣ ▶ପୃଷ୍ଠା-୭

# ଆଜି ଉତ୍ତର ଓଡ଼ିଶାରୁ ମେଲାଣି ନେବ ମୌସୁମୀ

■ **ଭୁବନେଶ୍ୱର, ୧୨।୧୦ (ସମିସ):** ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବ। ମୁଖ୍ୟତଃ ଉତ୍ତର ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇପାରେ। ଗତ ଦୁଇ ଦିନ ହେବ ରାଜ୍ୟରୁ ବର୍ଷାର ପରିମାଣ କମିଯାଇଛି। ଏହାସହିତ ଆଗକୁ ବିଶେଷ ପାଣିପାଗଜନିତ ନିୟାମକ ସକ୍ରିୟ ନ ଥିବାରୁ ବର୍ଷାର ସମ୍ଭାବନା ମଧ୍ୟ କମ୍ ରହିଛି। ତେଣୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ ହୋଇଛି।

ମୌସୁମୀ ପ୍ରତ୍ୟାବର୍ତ୍ତନ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଆକାଶ ନିର୍ମଳ ରହିବ। ଦିନବେଳା ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ବାୟୁମଣ୍ଡଳରେ ଜଳୀୟବାଷ୍ପ କମିଯିବା ହେତୁ ତାପମାତ୍ରା ମଧ୍ୟ ହ୍ରାସ ପାଇବ। ଏହି ସମୟରେ ରାତିରେ କାକର ପଡ଼ିବା ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ମଧ୍ୟ ଦେଖିବାକୁ ମିଳିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୨୩-୨୫ ▶ପୃଷ୍ଠା-୭

**ରାତିରେ ରାଜୁତି କରିବ କୁହୁଡ଼ି ଓ କାକର**

# ଜାଲରେ ପଡ଼ିଲେ ୯୦ଟି ବିରଳ ତେଲିଆ ମାଛ

### କୋଟିଏ ଟଙ୍କାରେ କିଣିନେଲା ଔଷଧ କମ୍ପାନୀ



■ **ବାଲେଶ୍ୱର(ଉତ୍ତର), ୧୨।୧୦ (ସମିସ):** ବାଲେଶ୍ୱର ଜିଲ୍ଲା ସୀମାନ୍ତ ବଙ୍ଗୋପସାଗରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀଙ୍କ ଜାଲରେ ଆଜି ବିରଳ ପ୍ରଜାତିର ତେଲିଆ(ଭୋଲା) ମାଛ ଲାଗିଛି। ଏହାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗ ଦୀଘା ମୁହାଣରେ ଟ୍ରଲର୍ ଲାଗିବା ପରେ ଏହି ପ୍ରଜାତିର ୯୦ଟି ମାଛ ନିକଟସ୍ଥ ବଜାରକୁ ଆସିଥିଲା। ପ୍ରତ୍ୟେକ ମାଛର ଓଜନ ୩୦ରୁ ୩୫ କେଜି ହୋଇଥିଲା ବେଳେ ଏହା ଏକ କୋଟି ଟଙ୍କାରେ ନିଲାମ ହୋଇଥିଲା। କୋଲକାତାର ଏକ ଔଷଧ କମ୍ପାନୀ ଏହାକୁ କିଣି ନେଇଥିବା ଜଣାପଡ଼ିଛି। ଟ୍ରଲର୍‌ରୁ ମାଛଗୁଡ଼ିକ ଆସିବା ପରେ ଏହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସୂଚନାଯୋଗ୍ୟ, ଏହି ମାଛର ଚର୍ବି ଏବଂ ଅନ୍ୟାନ୍ୟ ଅଂଶ ବିଭିନ୍ନ ଜୀବନ ରକ୍ଷାକାରୀ ଔଷଧ ▶ପୃଷ୍ଠା-୭



ତାଳଚେରବାସୀଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କଲେ...

# କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀମାନଙ୍କୁ ବିରୋଧ କରିବ କଂଗ୍ରେସ

ତାଳଚେର, ୧୨ ।୧୦(ସମିସ)



ଦେଶ ଓ ରାଜ୍ୟ ରାଜ୍ୟକୋଷକୁ ସବୁଠାରୁ ଅଧିକ ରାଜସ୍ୱ ଦେଇ ଜମିହରା ବିସ୍ଥାପିତ ତାଳଚେରବାସୀ ଆଜି ପ୍ରଦୂଷଣରେ ଜର୍ଜରିତ ହୋଇ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ ହେବା ସହ ଆର୍ଥିକ ଅନଟନରେ ମୃତ୍ୟୁମୁଖରେ ପଡୁଛନ୍ତି । ତାଳଚେରବାସୀଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମନ୍ତ୍ରୀମାନଙ୍କୁ ତାଳଚେରରେ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛି । ପବିତ୍ର ମୋହନ ମେଡିକାଲ କଲେଜରେ ତାଳଚେରଠାରେ ଯଥାଶୀଘ୍ର ରୋଗୀସେବା ସହ ପାଠ୍ୟକ୍ରମ ଆରମ୍ଭ କରିବାକୁ ଦାବି କରାଯାଇଛି । ବର୍ତ୍ତମାନ ତାଳଚେରରେ ହଜାର ହଜାର ବେକାର ଯୁବକ/ଯୁବତୀ ଥିବାବେଳେ ଲାଞ୍ଚ ନିଆଯାଇ ବାହାର ଲୋକଙ୍କୁ ଠିକା ସୁରକ୍ଷା କର୍ମୀ ଭାବେ ଯୋଗ୍ୟତା ନ ଥାଇ ନିଯୁକ୍ତି ଦିଆଯାଉଛି । ଏହାକୁ ବନ୍ଦ କରାଯାଇ ତାଳଚେରର ଯୋଗ୍ୟ ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ଦେବାକୁ ଦଳ ଦାବି କରିଛି । ସେହିପରି ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ତାଳଚେରରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ସରକାର ପଦକ୍ଷେପ ନେବା, ଅଧିକ ପ୍ରଦୂଷଣ କରୁଥିବା କୋଲ୍ ୱାସେରୀ ପ୍ରତିଷ୍ଠା ନ କରିବା, କୋଇଲା ପରିବହନ ହେଉଥିବା ଟ୍ରେନ୍ ଓ ଟ୍ରକ୍‌ରେ ସମ୍ପୂର୍ଣ୍ଣ ପାଲ ଘୋଡ଼ାଇ ପରିବହନ କରିବା, ଟ୍ରକ୍ ବ୍ୟବସାୟ ତାଳଚେରର ମୁଖ୍ୟ ଆର୍ଥିକ ମେରୁଦଣ୍ଡ ହୋଇଥିବାରୁ କୋଇଲା ଉତ୍ପାଦନର ୪୦ ଭାଗ ଜିଲ୍ଲା ଓ ରାଜ୍ୟ ବାହାରକୁ ଟ୍ରକ୍ ମାଧ୍ୟମରେ ପରିବହନ କରିବା, ଟ୍ରକ୍ ଚଳାଚଳ ଓ ଜନସାଧାରଣଙ୍କ ସୁବିଧା ପାଇଁ ମୃତ୍ୟୁଯନ୍ତା ପାଲଟିଥିବା ୧୪୯ନଂ ଜାତୀୟ ରାଜପଥର କଣିହାଁଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ୬ ଲେନ୍ ବିଶିଷ୍ଟ କରିବାକୁ ଦାବି କରାଯାଇଛି । ଦାବିଗୁଡ଼ିକ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପୂରଣ ନ କଲେ ଆଗାମୀ ଦିନରେ ତାଳଚେର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଗଣଆନ୍ଦୋଳନ କରାଯିବା ସହ ତାଳଚେର ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କୁ ବିରୋଧ କରାଯିବ ବୋଲି ଶୁକ୍ରବାର ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ପ୍ରଫୁଲ୍ଲ ଦାସ, ଦିଗମ୍ବର ଗଡ଼ନାୟକ, କେଶବ ଭୂତିଆ, ରାଜକିଶୋର ସାହୁ, ଜିନେଶ ସାହୁ, ସବିତା ସିଂ, ସନ୍ତୋଷ ପ୍ରଧାନ, ସଂଗ୍ରାମ କେଶରୀ କୁଅଁର, କ୍ଷିରୋଦ ସାହୁ, ଦିଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହାର ନକଲ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକ, ଅନୁଗୋଳ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି ।

● ଟାୟାର ବୋଝେଇ ଟ୍ରକ୍ ଲୁଟ୍ ଘଟଣା

## ଚୋରି ସାମଗ୍ରୀ ଉଦ୍ଧାର; ୭ ଅଟକ

ବଅଁରପାଳ, ୧୨ ।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବଡ଼ମାଳ ଥାନା ଅଞ୍ଚଳରୁ ଦୁର୍ବୃତ୍ତମାନେ ଏକ ଟାୟାର୍ ବୋଝେଇ ଟ୍ରକ୍ ଲୁଟିନେଇଥିବା ଅଭିଯୋଗ ହୋଇଥିଲା । ଝାରସୁଗୁଡ଼ା ଏସପିଙ୍କ ତତ୍ତ୍ୱାବଧାନରେ ଏକ ପୁଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ



ଜାରି ରହିଥିଲା । ଝାରସୁଗୁଡ଼ା ପୁଲିସ ବଅଁରପାଳ ଥାନା ପୁଲିସ ସହାୟତାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରିଛି । ଶୁକ୍ରବାର ପୂର୍ବାହ୍ନରେ ପୁଲିସ ୩୪ଟି ନୂଆ ଟାୟାର-ଟ୍ୟୁବ୍ ସେଟ, ଗୋଟିଏ ଟ୍ରକ୍, କାର୍ ଓ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି । ଏହି ଘଟଣାରେ ପୁଲିସ ୭ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ଅଟକ ଅଭିଯୁକ୍ତମାନେ ବଅଁରପାଳ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି । ଏ ସମ୍ପର୍କରେ ମତାମତ ପାଇଁ ତଦନ୍ତ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ଜାରି ଥିବାରୁ କୌଣସି ସୂଚନା ଦେଇହେବ ନାହିଁ ବୋଲି କହିଛନ୍ତି । ରବିବାର ଅପରାହ୍ନରେ ଅଟକ ୭ ଯୁବକ ଓ ଜବତ ସମାଗ୍ରୀ ନେଇ ସ୍ପେଶାଲ ସ୍କ୍ୱାଡ୍ ଝାରସୁଗୁଡ଼ା ଅଭିମୁଖେ ବାହାରିଛନ୍ତି ।

## ବିଭିନ୍ନ ବିଦ୍ୟାଳୟରେ 'ସୁରଭି' କାର୍ଯ୍ୟକ୍ରମ



ବଇଣ୍ଡା, ୧୨ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୧୩ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଠାକୁରଗଡ଼ ହାଇସ୍କୁଲର ଶିକ୍ଷକ ଚିଦାନନ୍ଦ ଦେହୁରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସିଆରସିସି ସୁଜିତ କୁମାର ବେହେରା ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ସୁଧାଂଶୁ ଭୂଷଣ ନାୟକ ମଞ୍ଚ ପରିଚାଳନା କରିଥିଲେ ।

ସେହିପରି କିଶୋରନଗର ବ୍ଲକ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସରପଞ୍ଚ ନୟନୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଇଚ୍ଛାପୁର ହାଇସ୍କୁଲ ପ୍ରଧାନଶିକ୍ଷକ କ୍ଷିତିଜା ରଞ୍ଜନ ଦେହୁରି, ଅରୁଣ ସାହୁ ଯୋଗଦେଇଥିଲେ । ସିଆରସିସି ରାଜୀବ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଧଡରପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସରପଞ୍ଚ କ୍ଷମାନିଧି ପ୍ରଧାନ ଏହାକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଶିବ ନାୟକ ଯୋଗଦେଇଥିଲେ ।

## ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ

କିଶୋରନଗର, ୧୨ ।୧୦(ସମିସ): ବଣୀନାଳୀ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ' କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଜନତା ମହାବିଦ୍ୟାଳୟରେ



ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରି, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ମହାବିଦ୍ୟାଳୟର ଅଧ୍ୟାପକ ଅସିତ କୁମାର ଜେନା, ଅଧ୍ୟାପିକା ସୁମିତ୍ରା ସ୍ୱାଇଁ, ଶୁଭ୍ରାସିନୀ ପ୍ରଧାନ ଯୋଗଦେଇଥିଲେ । ୨୦୨୫ ଅକ୍ଟୋବର ୧୧ରୁ ୨୦୨୬ ଜାନୁଆରୀ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ୧୦୦ ଦିନିଆ ବାଲ୍ୟବିବାହମୁକ୍ତ ଭାରତ ଅଭିଯାନକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଧାନ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁକନ୍ୟାଙ୍କ ଗୁରୁତ୍ୱ, ଅଧିକାର, ସମାଜରେ ଘଟୁଥିବା ସମସ୍ୟା ଯେପରି ବାଲ୍ୟବିବାହ, ଶିଶୁଚାଲାଣ, ଶିଶୁ ଯୌନ ନିର୍ଯାତନା ଓ ତାହାର ନିରାକରଣ ଉପରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ଆଲୋକପାତ କରିଥିଲେ । ଶେଷରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନେଇ ବାଲ୍ୟବିବାହ ନିରାକରଣ ପାଇଁ ଶପଥପାଠ କରାଯାଇଥିଲା । ବିଶ୍ୱ ଯୁବକେନ୍ଦ୍ରର ଅଭୟ ଚରଣ ସ୍ୱାଇଁ, ପୂଜା ସ୍ୱାଇଁ, ଗୋଲକ ବିହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● ଖଣ୍ଡହତା-ପିପଳବାହାଲ ଗଜଲକ୍ଷ୍ମୀ ପୂଜାରେ କଂସ ଦରବାର

## କୃଷ୍ଣଙ୍କ ବଧ ପାଇଁ କଂସଙ୍କ ବିଚାରବିମର୍ଶ

କିଶୋରନଗର, ୧୨ ।୧୦(ସମିସ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ ଖଣ୍ଡହତା-ପିପଳବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ଧନୁଯାତ୍ରାର ଷଷ୍ଠ ଦିନରେ କୃଷ୍ଣଙ୍କ ଦ୍ୱାରା ନିଜ ବୀରମାନଙ୍କ ମୃତ୍ୟୁରେ କଂସ ମହାରାଜ ବିଚଳିତ ହୋଇ ପଡ଼ିଛନ୍ତି । ଏ ସମ୍ପର୍କରେ ସେ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ରଙ୍ଗସଭା ଆୟୋଜନ କରି ବିଭିନ୍ନ ରାଜ୍ୟର ରାଜାମାନଙ୍କ ପରାମର୍ଶ ଲୋଡ଼ିଛନ୍ତି । ଆଜିର କଂସ ଦରବାରରେ ରାଜଅତିଥି ଭାବେ



ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ କୁମାର ଗଡ଼ନାୟକ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଜିତ୍ ପ୍ରଧାନ, ଇଞ୍ଜିନିୟର ବିସ୍ମୟ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ଶିଶୁ କଳାକାର ଅର୍ପିତା ପ୍ରିୟଦର୍ଶିନୀ ସାହୁ ଓ ସ୍ମାଇଲ ନାୟକ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଲକ୍ଷ୍ମୀପୂଜା କମିଟିର ପୂର୍ବତନ ସଭାପତି ରତ୍ନାକର ପ୍ରଧାନ ଓ ସମ୍ପାଦକ ଅର୍ଜୁନ କୁୱାର ପାଣ୍ଡେଙ୍କୁ କଂସ ମହାରାଜ ସମ୍ମାନିତ କରିଥିଲେ । ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ । ସେପଟେ ଗୋପପୁର (ଘୋଷର)ରେ ଗୋପୀମାନଙ୍କ ବସ୍ତ୍ରହରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଧନୁଯାତ୍ରା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ସଭାପତି ପ୍ରଦୀପ ପ୍ରଧାନ ଓ ସମ୍ପାଦକ ରାକେଶ ପ୍ରଧାନ ସୂଚନା ଦେଇଛନ୍ତି ।



## ପୋଲିଓ ଖାଇଲେ ହଜାର ହଜାର ଶିଶୁ

ତାଳଚେର, ୧୨ ।୧୦(ସମିସ): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ରବିବାର ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ୫ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା । ହଜାର ହଜାର ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ତାଳଚେର ପୌରାଞ୍ଚଳ ୧୦ନଂ ୱାର୍ଡରେ ଆଶାକର୍ମୀ ସତ୍ୟଭାମା ଦାସ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବାକୁ ଅନୁରୋଧ କରିବା ସହ କିପରି ପ୍ରତ୍ୟେକ ପିଲା ଏହାର ସୁଯୋଗ ପାଇବେ ସେଥିପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା ।

## ଡିଏମଏଫ୍‌ରୁ ପୋଖରୀ ପୁନରୁଦ୍ଧାର

ଅନୁଗୋଳ, ୧୨ ।୧୦(ସମିସ): ସହର ଭିତରେ ଥିବା ଅଧିକାଂଶ ପୋଖରୀର ଅବସ୍ଥା ଠିକ୍ ନାହିଁ । କୋଉ ପୋଖରୀ ପୋତି ହୋଇଗଲାଣି ତ କୋଉ ପୋଖରୀ ଦଳରେ ଭରିଯାଇଛି । ଆଉ କୋଉ ପୋଖରୀରେ ଡ୍ରେନ ପାଣି ପଶି ନଷ୍ଟ ହୋଇଗଲାଣି । ଏ ନେଇ ଅନେକ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ଡିଏମଏଫ୍‌ରୁ ପ୍ରଥମ ପର୍ଯ୍ୟାୟରେ ଦୁଇଟି ପୋଖରୀର ପୁନରୁଦ୍ଧାର କରିବାକୁ ନିଷ୍ପତ୍ତି ନେଇଛି । ନିଷ୍ପତ୍ତି ଅନୁଯାୟୀ ପ୍ରଥମେ ୨୨ ନମ୍ବର ୱାର୍ଡ ମଦନ ମୋହନ ମନ୍ଦିର ନିକଟ ପୋଖରୀ ଓ ୭ ନମ୍ବର ୱାର୍ଡରେ ଥିବା ଚୌକନି ପୋଖରୀର ପୁନରୁଦ୍ଧାର କରାଯିବ । ଖୁବ୍‌ଶୀଘ୍ର ଏ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

## ନିଖୋଜ ୩ ନାବାଳିକା ଓ ଜଣେ ଯୁବତୀ ଉଦ୍ଧାର

● ଆନ୍ଧ୍ର ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରୁ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର

କଣିହାଁ, ୧୨ ।୧୦(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ଥାନା ଅଞ୍ଚଳରେ ରହୁଥିବା ଦୁଇ ନାବାଳିକାଙ୍କ ନିଖୋଜ ସୋମବାର ରେଙ୍ଗାଳି ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା । ଦୁଇ ନାବାଳିକା ଆନ୍ଧ୍ରପ୍ରଦେଶର କୋଠ ପୋଲଭରମ ଅଞ୍ଚଳରେ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଇଥିବା ଖବର ପାଇ ପୁଲିସର ଏକ ଟିମ ସେଠାକୁ ଯାଇଥିବା ବେଳେ ନିଖୋଜ ଦୁଇ ନାବାଳିକା ସେଠାରୁ ପଳାଇଆସିଥିବା ପୁଲିସ ସୂଚନା ପାଇଥିଲା । ଶନିବାର ତାଳଚେର ବସଷ୍ଟାଣ୍ଡରୁ ଆଉ ଏକ ପୁଲିସ ଟିମ୍ ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ଅନ୍ୟପକ୍ଷରେ ଅନୁଗୋଳ ପୁଲିସର ସ୍ପେଶାଲ ସ୍କ୍ୱାଡ୍ ଉକ୍ତ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଛାନଭିନ କରି ୩ ନାବାଳିକା ସହ ଜଣେ ଯୁବତୀଙ୍କୁ ଶନିବାର ଉଦ୍ଧାର କରିଥିଲେ । ଅଣପୁଞ୍ଜିକୃତ ସଂସ୍ଥାର ଦଲାଲ ରେଙ୍ଗାଳି ଅଞ୍ଚଳରୁ ନାବାଳିକାଙ୍କୁ ଦାଦନ ଖଟାଉଥିବା ସାଧାରଣରେ ଚର୍ଚ୍ଚା ଚାଲିଛି । ଅନ୍ୟପଟେ ଉଦ୍ଧାର ନାବାଳିକା ଓ ଯୁବତୀଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ କନ୍ୟାସନ୍ତାନ ଦିବସ

ଅନୁଗୋଳ, ୧୨ ।୧୦(ସମିସ): ଅନୁଗୋଳ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ କନ୍ୟାସନ୍ତାନ ଦିବସ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ



ମଙ୍ଗଳ ଅଧିକାରୀ ନିରୁପମା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତିରେଖା ଦତ୍ତ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀଙ୍କ ସମେତ ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ କିଶୋରୀ ବାଳିକା ଉପସ୍ଥିତ ଥିଲେ । କନ୍ୟାସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଓ ସମ୍ମାନ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ କିଶୋରୀ ବାଳିକାଙ୍କ ମଧ୍ୟରେ କୁଇଜ୍, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । କୃତୀ ପ୍ରୋତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରଯାଇଥିଲା । ଜିଲ୍ଲା ସୁରକ୍ଷା ଅଧିକାରୀ ଦ୍ରୌପଦୀ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

● କ୍ରୀଡ଼ାରେ ଓଏଭି ତାଳଚେର ଛାତ୍ରଛାତ୍ରୀଙ୍କ ସଫଳତା

## ଚେସ୍‌ରେ ବିଧିପ୍ରଜ୍ଞା ଓ ବ୍ୟାଡମିଣ୍ଟନରେ ଫରହାନ ଚାମ୍ପିଅନ

ତାଳଚେର, ୧୨ ।୧୦(ସମିସ): ଅନୁଗୋଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଜିଲ୍ଲା ବିଦ୍ୟାଳୟ ସମୂହ ଚେସ, ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମହୁଲପାଳସ୍ଥିତ ତାଳଚେର ଓଡ଼ିଶା ଆଦର୍ଶ ବିଦ୍ୟାଳୟ





(ଓଏଭି)ର ଦୁଇ ଛାତ୍ରଛାତ୍ରୀ ଚାମ୍ପିଅନ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକର ବିଦ୍ୟାଳୟରୁ ଆସିଥିବା ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା କନିଷ୍ଠ ଓ ବରିଷ୍ଠ ବିଭାଗକୁ ନେଇ ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବ୍ୟାଡମିଣ୍ଟନ କନିଷ୍ଠ ବିଭାଗରେ ଓଏଭି ତାଳଚେରର ଅଷ୍ଟମ ଶ୍ରେଣୀ ଛାତ୍ର ଏମଡି ଫରହାନ ଓ ଚେସରେ ବିଧିପ୍ରଜ୍ଞା ପୃଷ୍ଟି ଚାମ୍ପିଅନ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ମହାନ୍ତି ବିଜ୍ଞାନ ସେମିନାରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।

## ୮ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଅନୁଗୋଳ, ୧୨ ।୧୦(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ୮ମ ରାଷ୍ଟ୍ରୀୟ ପୋଷଣ ମାସ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ



ହୋଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତିରେଖା ଦତ୍ତ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗଦେଇ ମେଦବହୁଳତାର ସମାଧାନ ପାଇଁ ଖାଦ୍ୟରେ ଚିନି, ଲୁଣ ଏବଂ ତେଲ ବ୍ୟବହାର କମ୍ କରିବା, ଶିଶୁଙ୍କ ଯତ୍ନ ଓ ଶିକ୍ଷା ଜରିଆରେ ଶୂନରୁ ୩ ବର୍ଷ ବୟସ୍କ ଶିଶୁଙ୍କ ବୌଦ୍ଧିକ ବିକାଶକୁ ପ୍ରାଧାନ୍ୟ ଦେବା, ଶିଶୁକୁ ଉତ୍ତମ ପୋଷଣ ସହ ଶିକ୍ଷା ପ୍ରଦାନ କରିବା, ନବଜାତ ଶିଶୁଙ୍କୁ ଉତ୍ତମ ପୋଷଣ ପାଇଁ ସ୍ତନ୍ୟପାନ ଓ ସଠିକ୍ ଖାଦ୍ୟାଭ୍ୟାସ ବିଷୟରେ ସଚେତନ କରାଇବା, ଗର୍ଭବତୀ ମା' ଓ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ମହିଳାମାନଙ୍କ ସହ ପୁରୁଷଙ୍କ ସହଭାଗିତାକୁ ପ୍ରାଧାନ୍ୟ ଦେବା ଆଦି ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରେଷ୍ଠ ସିଡିପିଓ, ସୁପରଭାଇଜର ଏବଂ ଜିଲ୍ଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା ।

## ବଇଣ୍ଡାରେ ମା' ଲକ୍ଷ୍ମୀଙ୍କ ଭସାଣି

ବଇଣ୍ଡା, ୧୨ ।୧୦(ସମିସ): କିଶୋରନଗର ବ୍ଲକ ବଇଣ୍ଡାଠାରେ ଚାଲିଥିବା ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଛି । ଚନ୍ଦନ ନଗର, ଆନନ୍ଦମୁଣ୍ଡା, ବୈଷ୍ଣବ ସାହି ଅଞ୍ଚଳରେ ହେଉଥିବା ଲକ୍ଷ୍ମୀପୂଜାର ଭସାଣି କରାଯାଇଛି । ମା'ଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବା ପରେ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା । ଶୋଭାଯାତ୍ରାରେ ବିଭିନ୍ନ ବାଜା ସହ ଡିଜେ ସାଉଣ୍ଡର ତାଳେ ତାଳେ ଅଞ୍ଚଳ କମ୍ପି ଉଠିଥିଲା । ଶାନ୍ତିଶୃଙ୍ଖଳା ପାଇଁ ବଇଣ୍ଡା ଫାଣ୍ଡି ପୁଲିସ ମୁତୟନ ହୋଇଥିଲେ ।



# ଘଣ୍ଟପଡ଼ାରେ ୨୨ ମଣ୍ଡପରେ ଲକ୍ଷ୍ମୀପୂଜା







ତାଳଚେରସହର, ୧୨ ।୧୦(ସମିସ)

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମରେ ମା' ଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳିତ ହେଉଛି । ସ୍କୁଲସାହିଠାରୁ ଆରମ୍ଭ କରି ଗାଁ ଦୋଳଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ୨୨ଟି ମଣ୍ଡପରେ ମା'ଙ୍କୁ ପୂଜା କରାଯାଉଛି । ବିଭିନ୍ନ ପୂଜା କମିଟି ପକ୍ଷରୁ ଶତାଧିକ ପୁରୁଷ ଓ ମହିଳା ଗାଁ ପୋଖରୀରୁ କଳସରେ ପବିତ୍ର ଜଳ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ପୂଜା ଆରମ୍ଭ ହୋଇଥିଲା । ଘଣ୍ଟପଡ଼ା ସ୍କୁଲସାହି, ବରସାହି, ସଅରସାହି, ଡାବା ମାର୍କେଟ, ମଣ୍ଡପ ସାହି, ବାଲିସାହି, ବଉଳଛକ, ତିଅରସାହି, ମହାପାତ୍ର ସାହି, ନାକଟି ସାହି, ମହାନ୍ତି ସାହି, ବଡ଼ସାହି (କ) ବଡ଼ସାହି (ଖ), ବଡ଼ସାହି (ଗ), ହରିଜନ ସାହି, ନାଏକ ସାହି, ସାମନ୍ତ ସାହି (କ), ସାମନ୍ତ ସାହି (ଖ), ଭଗବତ ସାହି ଆଦି ୨୨ଟି ମଣ୍ଡପରେ ମହାଲକ୍ଷ୍ମୀଙ୍କ ଆରାଧନା କରାଯାଉଛି । ପୂଜା ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଛି । ଅତ୍ୟାଧୁନିକ ଏଲଇଡି ଲାଇଟଖଚିତ ବିଦ୍ୟୁତ୍ ତୋରଣ ସହ ଆଲୋକମାଳାରେ ସମଗ୍ର ଗ୍ରାମ ଝଲସି ଉଠୁଛି । କେତେକ ପୂଜା ମଣ୍ଡପରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ସହ ଭାରତୀୟ ସୈନିକଙ୍କ ବୀରତ୍ୱର ଗାଥା ପ୍ରଦର୍ଶନ କରାଯାଇଛି । ସମସ୍ତ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତି ପରେ ଖିରି, କାକରା, ଆରିସା ଓ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି । ଗ୍ରାମର ବିଭିନ୍ନ ଛକରେ ଫାଷ୍ଟଫୁଡ୍, ଆଇସ୍‌କ୍ରିମ୍, ମନହୋରି, ଖେଳନା, ବେଲୁନ ଆଦି ବିକ୍ରି ହେଉଛି । ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରିବା ସହ ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇ ମନଭରି ପୂଜା ମାହୋଲକୁ ଉପଭୋଗ କରୁଛନ୍ତି ।

# ତୁଳସୀପୁର ଲକ୍ଷ୍ମୀବଜାର ଗଜଲକ୍ଷ୍ମୀଙ୍କ ଭସାଣି



**ଚାରିଛକ,୧୨।୧୦(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ବଜାରରେ ଗତ ୭ ଦିନ ଧରି ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ନିକଟରେ ପଣ୍ଡିତ ଅନ୍ତର୍ଯ୍ୟାମୀ କର ଓ ପଣ୍ଡିତ ନିମେଇଁ ମିଶ୍ର ଯଥା ରୀତିନୀତି ଅନୁସାରେ ହୋମଯଜ୍ଞ ସହ ପୂର୍ଣ୍ଣାହୁତି ସାରିବା ପରେ ମା'ଙ୍କୁ ଏକ ସୁସଜ୍ଜିତ ଗାଡ଼ିରେ ବସାଇ ତୁଳସୀପୁର ଗ୍ରାମ ଓ ତୁଳସୀପୁର ଗଣେଶ ବଜାର, ଲକ୍ଷ୍ମୀବଜାର ପରିକ୍ରମା ପରେ ନିକଟସ୍ଥ ତ୍ରିନାଥ ଠାକୁରଙ୍କ ପୁଷ୍କରିଣୀରେ ମା'ଙ୍କ ମୃଣ୍ମୟ ପ୍ରତିମାଙ୍କୁ ବିସର୍ଜନ କରାଯାଇଥିଲା। ଏହି ଭସାଣ ଉତ୍ସବରେ ପୂର୍ବତନ ସମିତିସଭ୍ୟ ହରିହର ସାହୁ, ସମାଜସେବୀ ଅନିରୁଦ୍ଧ ତ୍ରିପାଠୀ, ବ୍ୟବସାୟୀ ସଂଘ ସଭାପତି ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ସମ୍ପାଦକ ପ୍ରଫୁଲ୍ଲ କୁମାର କର, କୋଷାଧ୍ୟକ୍ଷ ରଣଜିତ ସାହୁ, ପୂଜା କମିଟିର ମୁଖ୍ୟ ହୃଦାନନ୍ଦ କର, ଗଜାନନ ତ୍ରିପାଠୀ, ପ୍ରସନ୍ନ ସାହୁ, ବିଜୟ ସାହୁ, କାଳନ୍ଦୀ ବେହେରା, ଲିଙ୍ଗରାଜ ସାହୁ, ନିତ୍ୟାନନ୍ଦ ଦାଶ, ହୃଦାନନ୍ଦ ସାହୁ, କୁଲୁ ସାହୁ, ପପୁ ବାଲ, ରାମଚନ୍ଦ୍ର ସାହୁ, ନଣ୍ଡା ବାଲ, ମଙ୍ଗୁଳି ସାହୁ, ଦ୍ୱିଜବର ସାହୁ, ସଞ୍ଜୟ ସାହୁଙ୍କ ସମେତ ସମସ୍ତ ବ୍ୟବସାୟୀ ପୂର୍ଣ୍ଣ ସହଯୋଗ କରିଥିଲେ। ଦୀର୍ଘ ୩୧ବର୍ଷ ଧରି ଶାନ୍ତିଶୃଙ୍ଖଳା ଓ ଆନନ୍ଦଉଲ୍ଲାସ ସହକାରେ ମା'ଙ୍କ ପୂଜା ପାଳିତ ହୋଇଆସୁଥିବାରୁ ପୂଜା କମିଟିର ସମସ୍ତ ସଦସ୍ୟ ଓ ବଜାରର ସମସ୍ତ ବ୍ୟବସାୟୀଙ୍କୁ ସଭାପତି ଓ ସମ୍ପାଦକ ସାଧୁବାଦ ଜଣାଇଛନ୍ତି।

● ଶାସନ ଶ୍ରୀରାମଚନ୍ଦ୍ରପୁର ଡ୍ରାମାଟିକ୍ କ୍ଲବ୍‌ର ବାର୍ଷିକ ଉତ୍ସବ

# ନାଟକ 'ସମୟ କହିବ କିଏ କାହାର' ମଞ୍ଚସ୍ଥ



**ସାକ୍ଷୀଗୋପାଳ,୧୨।୧୦(ସମିସ):** ସତ୍ୟବାଦୀର ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ଡ୍ରାମାଟିକ୍ କ୍ଲବ୍ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଖ୍ୟାତ ନାଟ୍ୟକାର ଅନନ୍ତ ଓଝାଙ୍କ ରଚନା ଓ ନଟବର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ "ସମୟ କହିବ କିଏ କାହାର' ମଞ୍ଚସ୍ଥ ହୋଇଥିଲା। ମଞ୍ଚସ୍ଥ ନାଟକ ପୂର୍ବରୁ ଏକ ସଭାର ଆୟୋଜନ କରାଯାଇଥିଲା। କ୍ଲବ୍‌ର ସଭାପତି ପ୍ରଶାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ଡ. ରାଧାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୁରୀ ମୁକ୍ତି ମଣ୍ଡପ ସଭାର ପୂର୍ବତନ ସଭାପତି ବିଶ୍ୱମ୍ବର ଦାଶ ଓ ଅନ୍ୟତମ ଅତିଥି ଭାବେ ଆଚାର୍ଯ୍ୟ ଯୁବ ପରିଷଦ ସଭାପତି ଅଜିତ୍ ନନ୍ଦ, ଗ୍ରାମ କୋଠ ସଭାପତି ମନମୋହନ ମିଶ୍ର, ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ ଓ ନାଟ୍ୟ ନିର୍ଦ୍ଦେଶକ ନଟବର ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ପାଦକୀୟ ସୂଚନା ଦେଇଥିଲେ ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ତ୍ରିପାଠୀ। ଏହି ଅବସରରେ କଳା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ଲକ୍ଷ୍ମୀନାରାୟଣ ମିଶ୍ର ଓ କାଶୀନାଥ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପବିତ୍ର ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱଜିତ୍ ମିଶ୍ର, ସତ୍ୟନାରାୟଣ ନନ୍ଦ, ଆଶୁତୋଷ ତ୍ରିପାଠୀ, ଶ୍ରୀରାମ ନନ୍ଦ ପ୍ରମୁଖ ନାଟ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




**ଗୋପ,୧୨।୧୦(ସମିସ):** ଗୋପ ବ୍ଲକ୍ ଅଧୀନ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିରାଟ କିଶୋର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସଭାପତି ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ଯୋଗଦେଇ ଅଧ୍ୟୟନର ବାସ୍ତବ ଲକ୍ଷ୍ୟ ହେଉଛି ଜ୍ଞାନଲାଭ କରିବା। ତେଣୁ ଛାତ୍ରଛାତ୍ରୀମାନେ ଏଥିପ୍ରତି ଯତ୍ନଶୀଳ ହେବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଧାକାନ୍ତ ମଠ ମହନ୍ତ କୃଷ୍ଣ ଗୋପାଳ ଦାସ ମହାରାଜ ଯୋଗଦେଇ ଆହାର ବିଚାର ଓ ନିଦ୍ରାଜୟୀ ପ୍ରତି ଯତ୍ନଶୀଳ ହେବାକୁ ହେଲେ ପ୍ରତ୍ୟେକ ବିଦ୍ୟାର୍ଥୀର ପଞ୍ଚଲକ୍ଷଣକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବନ୍ତଲିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ, ସମିତିସଭ୍ୟ ପ୍ରତିନିଧି ଦାଶରଥି ବରାଳ, ଗ୍ରାମ୍ୟ କମିଟି ସଭାପତି ସୁଦର୍ଶନ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହ ବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣ ଚରଣ ଦାସ ମହାରାଜଙ୍କ ଗୁଣଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଗଣେଶ କୁମାର ଜେନା, ଅଜୟ କୁମାର ସାହୁ, ଶିବ ପ୍ରସାଦ ଶତପଥୀ, ଡ. ଅର୍ଜୁନ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ବନମାଳୀ ବେହେରା, ବାସନ୍ତୀ ଦାସ, ଶିବାନୀ ବାରିକ, ପ୍ରତିମା ମଞ୍ଜରୀ ଜେନା, କ୍ରୀଡ଼ା ଶିକ୍ଷକ ସୁଭ୍ରଜିତ୍ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଅଁଳାନବମୀ ନିମନ୍ତେ ଏସ୍‌ପିଙ୍କ ସମୀକ୍ଷା



**ସାକ୍ଷୀଗୋପାଳ,୧୨।୧୦(ସମିସ):** ସାକ୍ଷୀଗୋପାଳ ମନ୍ଦିରରେ ଚଳିତ କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ଓ ଏକାଦଶୀ ତିଥି ଅବସରରେ ଅଁଳାନବମୀ ଓ ବଡ଼ ଏକାଦଶୀ ତିଥି ଅବସରରେ ଶ୍ରୀଶ୍ରୀରାଧା ପାଦ ଦର୍ଶନ ଚଳିତ ମାସ ୩୧ ଓ ବଡ଼ ଏକାଦଶୀ ଆସନ୍ତା ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହେବ। ପୁରୀ ଜିଲ୍ଲାର ଅନ୍ୟତମ ବୃହତ୍ତମ ଗଣପର୍ବ ଅଁଳାନବମୀରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ଆକର୍ଷଣୀୟ ନଟବର ବେଶରେ ଶୋଭାପାଇବେ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାବେଶକୁ ଦୃଷ୍ଟିରେ ରଖି ପୁରୀ ଏସ୍‌ପି ପ୍ରତୀକ ସିଂ ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ଯାତ୍ରା ସୁପରିଚାଳନା ଦିଗରେ ସମୀକ୍ଷା କରିଥିଲେ। ଭିଡ଼ ନିୟନ୍ତ୍ରଣ, ସୁରକ୍ଷା, ଟ୍ରାଫିକ୍, ଅଗ୍ନି ନିରାପତ୍ତା ସମ୍ପର୍କରେ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ପ୍ରଥମେ ଠାକୁରଙ୍କ ଦର୍ଶନ କରିବା ପରେ ଏକତରଫା ରାସ୍ତାରେ ସିଂହଦ୍ୱାର ଦେଇ ଭକ୍ତମାନଙ୍କ ପ୍ରବେଶ, ଦର୍ଶନ, ବେଢ଼ା ପରିକ୍ରମା, ଉତ୍ତର ଦ୍ୱାରରେ ପ୍ରସ୍ଥାନ ବ୍ୟାବସ୍ଥା ବୁଲି ଦେଖିଥିଲେ। ମନ୍ଦିର ସମ୍ମୁଖ ବ୍ୟାରିକେଡ୍, ପଞ୍ଚସଖା ପଡ଼ିଆରେ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ ମହୋତ୍ସବ, ପାର୍କିଂ ସ୍ଥଳ ବୁଲି ଦେଖିଥିଲେ। ଯାତ୍ରା ସମୟରେ କରାଯାଉଥିବା କଟକଣା, ଯାନବାହନ ଚଳାଚଳ ସମ୍ପର୍କରେ ସାଧାରଣରେ ସଠିକ୍ ସୂଚନା ଗଣମାଧ୍ୟମ ଜରିଆରେ ପ୍ରଦାନ କରିବା ନେଇ ଏସ୍‌ପି କହିଥିଲେ। ଏସ୍‌ପିଙ୍କ ପରିଦର୍ଶନ ସମୟରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା, ସେବାୟତ ସଂଘ ସମ୍ପାଦକ ପ୍ରତାପ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ନୟାହାଟ ବଜାରରୁ ବୋଲେରୋ ଗାଡ଼ି ଚୋରି

**ନୟାହାଟ,୧୨।୧୦(ସମିସ):** ନୟାହାଟ ଦୁର୍ଗାମଣ୍ଡପ ନିକଟରୁ ଶନିବାର ରାତି ୩ଟା ସମୟରେ ଏକ ବୋଲେରୋ ଗାଡ଼ି ଚୋରି ହେବା ନେଇ ରବିବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଧୂମାଳ ଗ୍ରାମର ରମେଶ ଚନ୍ଦ୍ର ବେହେରା କାନାରା ବ୍ୟାଙ୍କ ନିକଟରେ ରହୁଥିବାବେଳେ ତାଙ୍କର ଏକ ବୋଲେରୋ ଗାଡ଼ି (ଓଆର୍ ୦୨ ବିଟି ୫୦୫୧) ଦୁର୍ଗାମଣ୍ଡପ ନିକଟରେ ଥୁଆହୋଇଥିଲା। ଶନିବାର ରାତି ୩ଟାରେ କାକଟପୁର ଆଡୁ ଏକ ଧଳା ରଙ୍ଗର କାର୍‌ରେ ୩ ଜଣ କମ୍ ବୟସର ଯୁବକ ଆସି ଗାଡ଼ିରୁ ଦୁଇ ଜଣ ଓହ୍ଲାଇ ୧୫ ମିନିଟ୍ ମଧ୍ୟରେ ବୋଲେରୋଟିକୁ ଯୋଗେଶ୍ୱରପୁର ଆଡ଼କୁ ନେଇଯାଇଥିଲେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ମୁଖ୍ୟ ପିଚୁ ରାସ୍ତା ଉପରୁ ଏହି ଚୋରି ଘଟଣାର ନୟାହାଟ ଫାଣ୍ଡି ସିସି କ୍ୟାମେରାରେ ଫଟୋ ଚିତ୍ର କଏଦ୍ ହୋଇଛି। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କୁହନ୍ତି, ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ।

# କାର୍ ଧକ୍କାରେ ଆଇନଜୀବୀ ଗୁରୁତର

**ନିମାପଡ଼ା,୧୨।୧୦(ସମିସ):** ରବିବାର ସନ୍ଧ୍ୟାରେ ନିମାପଡ଼ା-କୋଣାର୍କ ରାସ୍ତାର ଦୀଘାଳ ଛକ ନିକଟରେ ଏକ କାର୍ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଜଣକ ହେଲେ ସ୍ଥାନୀୟ ବିଶରପୁର ଗ୍ରାମର ଆଇନଜୀବୀ ପ୍ରସନଜିତ୍ ପରିଡ଼ା (୪୫)। ପ୍ରସନଜିତ୍ ସନ୍ଧ୍ୟାରେ ନିମାପଡ଼ାରୁ ବାଇକ୍‌ରେ ଘରକୁ ଯାଉଥିବାବେଳେ ଦୀଘାଳ ଛକ ନିକଟରେ ତାଙ୍କ ପଛପଟୁ ଏକ କାର୍ ଆସି ଧକ୍କା ଦେଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# କଣାସ ବ୍ଲକ୍‌ରେ ୧୧,୮୧୨ ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା



**କଣାସ,୧୨।୧୦(ସମସ):** କଣାସ ବ୍ଲକ୍‌ର ୮୦ଟି ପୋଲିଓ ବୁଥ୍‌ରେ ୧୧ ହଜାର ୮୧୨ ଜଣ ଜନ୍ମରୁ ୫ ବର୍ଷୀୟ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଭାରତ ପୋଲିଓମୁକ୍ତ ଥିଲେ ମଧ୍ୟ ପଡ଼ୋଶୀ ଦେଶରେ ଏବେ ବି ପୋଲିଓ ରୋଗ ଦେଖାଯାଉଥିବାରୁ ରବିବାର କେତେକ ରାଜ୍ୟରେ ପୋଲିଓ ବୁନ୍ଦା ଦିଆଯାଇଥିଲା। କଣାସ ବ୍ଲକ୍‌ର ୨୧୬ ଜଣ ପୋଲିଓ କର୍ମୀ ୭୮ଟି ବୁଥ୍ ଓ ଦୁଇଟି ଟ୍ରାଞ୍ଜିଟ୍ ବୁଥ୍‌ରେ ପିଲାମାନଙ୍କୁ ପୋଲିଓ ବୁନ୍ଦା ଖାଇବାକୁ ଦେଇଥିଲେ। ପୂର୍ବରୁ ସମସ୍ତଙ୍କୁ ପୋଲିଓ ଦେବା ପାଇଁ ପୋଷ୍ଟର, ବ୍ୟାନର, ପ୍ରଚାର, ଆଶା କର୍ମୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାନ୍ଥରେ ବ୍ୟାପକ ଜନସଚେତନତା ସୃଷ୍ଟି ହୋଇଥିଲା। ଫଳରେ ରବିବାର ପ୍ରାୟ ୯୫% ପିଲା ବୁଥ୍‌ରେ ପୋଲିଓ ବୁନ୍ଦା ଖାଇଛନ୍ତି। ଏହି ପୋଲିଓ କାର୍ଯ୍ୟକ୍ରମରେ ୧୧ ଜଣ ବୁଥ୍ ସୁପରଭାଇଜର, ୪ଜଣ ଭ୍ୟାକ୍ସିନ୍ ସଂରକ୍ଷକ କାର୍ଯ୍ୟ କରୁଥିବାବେଳେ ବ୍ଲକ୍‌ସ୍ତରରୁ ଅଧୀକ୍ଷକ ଡାକ୍ତର କ୍ଷମାନିଧି ସେଠୀ, ଡାକ୍ତର ବିଶ୍ୱରଞ୍ଜନ ଜେନା, ଡାକ୍ତର ଜଗନ୍ନାଥ ବେହେରା, ସିଡିପିଓ ସ୍ମିତା ମହାନ୍ତି, ବିପିଏମ୍ ଧନେଶ୍ୱର ସ୍ୱାଇଁ, ପିଏଚ୍‌ଇଓ ସ୍ୱର୍ଣ୍ଣଲତା ରଥ, କଳିଙ୍ଗ କୁମାର ଉପାଧ୍ୟାୟ ପ୍ରମୁଖ ପୋଲିଓ ବୁଥ୍‌ଗୁଡ଼ିକୁ ବୁଲି ଦେଖିଥିଲେ। ଆସନ୍ତା ଦୁଇଦିନ ପୋଲିଓ କର୍ମୀମାନେ ଘର ଘର ବୁଲି ଯାଞ୍ଚ କରିବେ ଏବଂ ଯଦି କୌଣସି ଶିଶୁ ପୋଲିଓ ବୁନ୍ଦା ଖାଇ ନ ଥିବେ ସେମାନଙ୍କୁ ଖାଇବାକୁ ଦେବେ। ପୋଲିଓ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା ଯେଉଁ ବିଦ୍ୟାଳୟଗୁଡ଼ିକରେ ପୋଲିଓ ବୁଥ୍ ହେଉଛି ସେଗୁଡ଼ିକୁ ଖୋଲିବା ପାଇଁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# 'ସମୃଦ୍ଧ ନିମାପଡ଼ା ହିଁ ସିଭିଲ୍ ସୋସାଇଟିର ଲକ୍ଷ୍ୟ'



**ନିମାପଡ଼ା,୧୨।୧୦(ସମିସ):** ନିମାପଡ଼ା ଅଞ୍ଚଳର ଜ୍ଞାନୀ, ଗୁଣି, ବିଦ୍ୱାନ ଓ ବରିଷ୍ଠ ବ୍ୟକ୍ତିତ୍ୱମାନଙ୍କୁ ନେଇ ଆଡ୍‌ଭୋକେଟ୍ ସୁଧୀର ମହାନ୍ତିଙ୍କ ଆବାହକତ୍ୱରେ ନିମାପଡ଼ା ସିଭିଲ୍ ସୋସାଇଟିର ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ଏବଂ ଗୋପ ଅଞ୍ଚଳର ସାମୂହିକ ବିକାଶ ପାଇଁ ଏବଂ କୁଶଭଦ୍ରା ଓ ଧନୁଆ ସମସ୍ୟା ପରି ଅନେକ ସମସ୍ୟାଗୁଡ଼ିକର ଆଶୁ ସମାଧାନ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହିତ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ରାଜନୈତିକ ଦଳୀୟ ଭାବନାଠାରୁ ଊର୍ଦ୍ଧ୍ୱରେ ରହି ସମୃଦ୍ଧ ନିମାପଡ଼ା ଓ ଗୋପ ଗଠନ ନିମନ୍ତେ ସିଭିଲ୍ ସୋସାଇଟିର ସଦସ୍ୟମାନେ ଏକଜୁଟ୍ ହେବା ପାଇଁ ମତପ୍ରକାଶ ପାଇଥିଲା। ସ୍ଥାୟୀ କମିଟି ପଞ୍ଜୀକରଣ ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ କମିଟିର ସଂଯୋଜକ ସୁଧୀର ମହାନ୍ତିଙ୍କ ସହିତ ଅକ୍ଷୟ ନାୟକ, ପ୍ରଶାନ୍ତ ସାହୁ, ନିରଦ ବରଣ ଖୁଣ୍ଟିଆ, ଗୋପିନାଥ କର, ବିଜୟ ମହାନ୍ତି, ପ୍ରକାଶ ଖାଟୋଇ, କ୍ଷୀରୋଦ ରାୟ ମହାପାତ୍ର, ଦିଗମ୍ବର ନାୟକ, ପ୍ରଭାତ ବେହେରା, ବିଦ୍ୟାଧର ପାତ୍ର, କେଦାର ସାହୁ ଓ ଲୋକନାଥ ସାହୁ ପ୍ରମୁଖ ସଦସ୍ୟ ଭାବରେ କାର୍ଯ୍ୟ କରିବା ପାଇଁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଯୋଗେନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ଅମରେଶ ନନ୍ଦନ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ସେନାପତି, ନରେନ୍ଦ୍ର ଦାଶ ଉପସ୍ଥିତଥିଲେ । ଅଧ୍ୟାପକ ନିରଦ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

ଗ୍ରାମାଞ୍ଚଳରେ ମୋବାଇଲ୍ ସେବା ଅପହଞ୍ଚ

# ଗଛରେ ଚଢ଼ିଲେ ଆସୁଛି ନେଟ୍‌ୱର୍କ



**କାକଟପୁର,୧୨।୧୦(ସମିସ):** ଆଜିର ଦୁନିଆରେ ବର୍ତ୍ତମାନ ସମୟରେ ପ୍ରତିଟି ମୁହୂର୍ତ୍ତରେ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ଜରୁରୀ ହୋଇପଡ଼ିଛି। ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ ଦପ୍ତର ପର୍ଯ୍ୟନ୍ତ ଏହାର ବ୍ୟବହାର ଜରୁରୀ ହୋଇପଡ଼ିଛି। ଜନସାଧାରଣଙ୍କୁ ଏହି ସୁବିଧା ଯୋଗାଇଦେବା ପାଇଁ ସରକାର ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରୟାସ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ କାକଟପୁର ବ୍ଲକ୍ ଅବଦାନ ପଞ୍ଚାୟତର ପ୍ରାୟ ୧୫ଟି ଗ୍ରାମରେ ମୋବାଇଲ୍ ସେବା ଅପହଞ୍ଚ ହୋଇପଡ଼ିଥିବା ଦେଖାଯାଇଛି। ଫଳରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ବହୁ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତର ମୃଷାପଦା, ଚିତ୍ରେଶ୍ୱରୀ, ନଡ଼ିଆମଠ, କଅଁରପୁର, ଛେନୁ, ତଣ୍ଡାହର, ଉଦୟକଣି, ଛୋଟିପଡ଼ା, ଯଦୁପୁର, ତେଲିକୁଦ ଆଦି ଗ୍ରାମବାସୀଙ୍କ ପାଇଁ ଏହିଭଳି ସମସ୍ୟା ଉପୁଜିଥିବା ଦେଖାଯାଇଛି। ଜରୁରୀ ସମୟରେ ଏହି ଗ୍ରାମର ଲୋକମାନେ ଗାଁଠାରୁ କିଛି ଦୂର ବାଲିଦୋକାନ ଆସି ମୋବାଇଲ୍ ଯୋଗେ କଥାବାର୍ତ୍ତା କରିଥା'ନ୍ତି ବୋଲି ଯଦୁପୁର ଗ୍ରାମର ଭରତ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। କେତେକ ଲୋକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଛ ଉପରେ ଚଢ଼ି ମୋବାଇଲ୍ ନେଟ୍‌ୱର୍କର ଅନୁସନ୍ଧାନ କରି ଫୋନ୍ କରୁଥିବା ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମଗୁଡ଼ିକରେ ତୁରନ୍ତ ମୋବାଇଲ ନେଟ୍‌ୱର୍କ ସେବା ଯୋଗାଇଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଶିକ୍ଷକଙ୍କ ଅକାଳ ବିୟୋଗ



**ଚାରିଛକ,୧୨।୧୦(ସମିସ):** ଚାରିଛକ ନିକଟସ୍ଥ ଜାହାଙ୍ଗିରପୁର ଗ୍ରାମର ସହକାରୀ ଶିକ୍ଷକ ଉମାକାନ୍ତ ସାହୁଙ୍କର ୪୮ ବର୍ଷ ବୟସରେ ରବିବାର ଅକାଳ ବିୟୋଗ ଘଟିଛି। ହୃଦ୍‌ଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ବିନିଶିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ଶିକ୍ଷକ ମହଲରେ ଏକ ଅଭାବନୀୟ କ୍ଷତି ହୋଇଛି। ଯାହାଫଳରେ ବିନିଶିପୁର ସମେତ ଚାରିଛକ, ଅମରେଶ୍ୱର, ମାଧବ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ, ସହୃଦୟ, ପରୋପକାରୀ, ସମାଜସେବୀ ବ୍ୟକ୍ତି ଥିଲେ। ଶିକ୍ଷାନୁଷ୍ଠାନ ସହିତ ଅଞ୍ଚଳରେ ଛୋଟରୁ ବଡ଼ ଲୋକମାନଙ୍କୁ ସ୍ନେହ ଶ୍ରଦ୍ଧା ଦେଇ ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ନିଆଳି ବ୍ଲକ୍‌ର ଶିକ୍ଷକ ସଂଘ ସଦସ୍ୟ ଏବଂ ଆଖପାଖ ଅଞ୍ଚଳର ଶିକ୍ଷକ ଆସି ତାଙ୍କର ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରି ପରିବାରକୁ ସାନ୍ତ୍ୱନା ଦେଇଥିଲେ। ତାଙ୍କ ମରଶରୀରକୁ ପ୍ରଥମେ ବିନିଶିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶୋଭାଯାତ୍ରାରେ ନେବା ପରେ ଶେଷରେ ନିଜ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ତାଙ୍କ ସାନ ଭାଇ ବିଜୟ ସାହୁ ମୁଖାଗ୍ନି ଦେଇଥିବାବେଳେ ଭାଇ, ବନ୍ଧୁ, ଗ୍ରାମବାସୀ ସହିତ ଆଖପାଖ ଅଞ୍ଚଳରୁ ଶତାଧିକ ଲୋକ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାଧବ ମନ୍ଦିରରୁ ଶ୍ରୀମନ୍ଦିର ଯିବ ପୋଢୁଆଁ ଭାର

**ନିମାପଡ଼ା,୧୨।୧୦(ସମିସ)**



ଆସନ୍ତା ନଭେମ୍ବର ୧୨ ତାରିଖରେ ସାରା ରାଜ୍ୟରେ ପାଳନ ହେବ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ ପୋଢୁଆଁଷ୍ଟମୀ। ଓଡ଼ିଆ ପରିବାରର ଜ୍ୟେଷ୍ଠ ସନ୍ତାନ ନବବସ୍ତ୍ର ପରିଧାନ କରି ପୋଢୁଆଁ ହେବେ। ମାମୁ ଘରୁ ସବୁ ଭଣଜା ଓ ଭାଣିଜୀଙ୍କ ପାଇଁ ଆସିବ ପୋଢୁଆଁ ଭାର। ମାନବୀୟ ଲୀଳା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁ ଘର ପ୍ରାଚୀ ଉପତ୍ୟକାର ମାଧବ ଗ୍ରାମର ଦୁର୍ଗାମାଧବ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ନଭେମ୍ବର ୧୧ ତାରିଖରେ ଯିବ ପୋଢୁଆଁ ଭାର। କିପରି ଶ୍ରୀଜୀଉମାନଙ୍କ ପାଇଁ ଫଳମୂଳ, ବସ୍ତ୍ର, ତୁଳସୀ ଯୋଗାଡ଼ ହେବ, ଆଉ କିପରି ଶୋଭାଯାତ୍ରାରେ ଭାର ସବୁ ଶ୍ରୀକ୍ଷେତ୍ରକୁ ନିଆଯାଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାଖଲ ହେବ ସେ ସମ୍ପର୍କରେ ସବିଶେଷ ଆଲୋଚନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମାଧବାନନ୍ଦଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ମାଧବାନନ୍ଦଜୀଉ ବିକାଶ ପରିଷଦର ସଭାପତି ଅଶୋକ କୁମାର ପୁଷ୍ପାଳକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମାଧବ ମନ୍ଦିର ହେଡଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବଗୋସ୍ୱାମୀ, ଶ୍ରୀମନ୍ଦିର ସେବାୟତ ରାମକୃଷ୍ଣ ମହାପାତ୍ର, ମାଧବ ମନ୍ଦିର ସେବାୟତ ତ୍ରିଲୋଚନ ପୁଷ୍ପାଳକ, ବରିଷ୍ଠ ଆଇନଜୀବୀ ଭାସ୍କର ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ସମାଜସେବୀ ତ୍ରିଲୋଚନ ବେହେରା, ସ୍ତମ୍ଭକାର ପିତାମ୍ବର ରାଉତ, ଚାରିଛକ ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ, ସମାଜସେବୀ କେଦାରନାଥ ବେହେରା, ସୁକାନ୍ତ ସାହୁ, ଅର୍ଜୁନ ସ୍ୱାଇଁ, ବାବୁନି ପାତ୍ର, ସରପଞ୍ଚଙ୍କ ପ୍ରତିନିଧି ଅରକ୍ଷିତ ଭୋଇ, ଆଇନଜୀବୀ ରଞ୍ଜିତ ସାହୁ, ବିଜୟ ପରିଡ଼ା ପ୍ରମୁଖ ଯୋଗଦେଇ ଭାର ସଂଗ୍ରହ ଓ ଯାତ୍ରା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏ ବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୁରୀ ଯିବା ଯୋଜନା ରହିଛି। ନିଆଳି ଥାନା ଓ ଚାରିଛକ ଥାନା ପୁଲିସକୁ ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଏକ ପତ୍ର ଦିଆଯାଇ ଅନୁରୋଧ କରାଯାଇଛି। ପୋଢୁଆଁ ଭାର ଶ୍ରୀକ୍ଷେତ୍ର ଯିବା ରାସ୍ତାରେ ୫ଟି ସ୍ଥାନରେ ଭାରୁଆମାନଙ୍କୁ ଆତିଥ୍ୟ ପ୍ରଦାନ କରାଯିବ। ଏହି ବୈଠକରେ ୫୦୦ରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ରାସ୍ତାକୁ ମାଡ଼ିଲାଣି ଗୁଳ୍ମଲତା; ବାରମ୍ବାର ଘଟୁଛି ଦୁର୍ଘଟଣା



**କଣାସ,୧୨।୧୦(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗ୍ରାମାଞ୍ଚଳର ବିଭିନ୍ନ ଗ୍ରାମକୁ ରାସ୍ତା ନିର୍ମାଣ କରୁଥିବାବେଳେ ରାସ୍ତା ନିର୍ମାଣ ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ ରାସ୍ତା ପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ କେଉଁଠି ରାସ୍ତାସାରା ଖାଲଖମା ହୋଇଗଲାଣି ତ କେଉଁଠି ରାସ୍ତା ଉପରକୁ ଗୁଳ୍ମଲତା ମାଡ଼ିଯାଇଛି। ଫଳରେ ବାରମ୍ବାର ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ। କୋଟକଣା ଛକଠାରୁ ନୂଆଜଗନ୍ନାଥ ସଡ଼କରୁ ବିନ୍ଧଣ, ହରଷପଡ଼ା, ଖଣ୍ଡହତା, ଦୁପୁର, ବ୍ରହ୍ମପଡ଼ା, କରମଳାକୁ ସଂଯୋଗ କରୁଥିବା ୮କି.ମି. ପ୍ରଧାନମନ୍ତ୍ରୀ ସଡ଼କରେ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ ଗୁଳ୍ମଲତା ଓ ଗଛମାନ ସଡ଼କ ଉପରକୁ ମାଡ଼ି ଆସିଛି। ଗୁଳ୍ମଲତା ଉହାଡ଼ରେ ଗାଈଗୋରୁ, ଛେଳିମେଣ୍ଢା, ବିଲୁଆ, କୁକୁର ରହୁଥିବାବେଳେ ହଠାତ୍ ରାସ୍ତା ଉପରକୁ ଚାଲିଆସୁଥିବାରୁ ବିଶେଷ ଭାବେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି କଣାସ-ଜଙ୍କିଆ ନଦୀବନ୍ଧ ମୁଖ୍ୟରାସ୍ତା, ଭାଟପଡ଼ା-ସାହୁପଡ଼ା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଉପରକୁ ଗୁଳ୍ମଲତା ଗଛ ମାଡ଼ିଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କରିବା ସହିତ ଗୁଳ୍ମଲତା ଗଛ କାଟିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ପରକୀୟା ପ୍ରୀତି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ପାପଡାହାଣ୍ଡି/ କୋଷାଗୁମୁଡ଼ା ୧୨।୧୦(ସମିସ): ନବରଙ୍ଗପୁର ଜିଲ୍ଲା କୋଡୀଙ୍ଗା ଥାନା ଅନ୍ତର୍ଗତ ଚୋଚୋରାଗୁଡା ଗ୍ରାମରେ ପରକୀୟା ପ୍ରୀତି ସନ୍ଦେହରେ ବୃଦ୍ଧକୁ ହତ୍ୟା କରାଯାଇଛି । କୋଡିଙ୍ଗା ପୁଲିସ ଓ ସାଇଣ୍ଟିଫିକ ଟିମ ଘାଟନାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ଚୋଚାରାଗୁଡା ଗ୍ରାମର ଶୁକ୍ରୁ ଗୌଡ଼ (୭୫) ଶନିବାର ସନ୍ଧ୍ୟା ସମୟରେ ଗ୍ରାମରେ ଥିବା ନିଜ ସମ୍ପର୍କୀୟ ନୀଳକଣ୍ଠ ଗୌଡ଼ ଘରକୁ ଯାଇଥିଲେ । ଏହି ସମୟରେ ନୀଳକଣ୍ଠ ଘର ବାହାରକୁ କୌଣସି କାମରେ ଯାଇଥିଲେ । ଘରକୁ ଫେରିବା ପରେ ଘରେ ଶୁକ୍ରୁ ଦେଖି ନିଜ ସ୍ତ୍ରୀକୁ ଅସଜାଡ଼ିତ ଅବସ୍ଥାରେ ଦେଖି ଉଭୟଙ୍କୁ ମାଡ଼ ମାରିଥିଲେ । ପତ୍ନୀର ହାତ ଭାଙ୍ଗି ଯାଇଥିବା ବେଳ୍ଡୋଡ଼ରେ ଶୁକ୍ରୁଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଶୁକ୍ରୁଙ୍କ ଭଣଜା କୋଡୀଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ କୋଡୀଙ୍ଗା ଥାନା କେଶ ନ ୧୮୨/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଯୁଗଳ କିଶୋର ଶବର ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କ ପତ୍ନୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି ।

## ଗାଦବା ସମାଜ ବିକାଶ ପରିଷଦର ବାର୍ଷିକ ଉତ୍ସବ



ବୈପାରୀଗୁଡା, ୧୨।୧୦ (ସମିସ): ବୈପାରୀଗୁଡା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରଠାରେ ରବିବାର ଗାଦବା ସମାଜ ବିକାଶ ପରିଷଦ ର ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହୋଇଛି । ପ୍ରଥମେ ସ୍ଥାନୀୟ ବିରୋଖମ୍ବ ପୋଲ ଠାରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗଦବା ସମାଜର ପାରମ୍ପରିକ ବେଶ ଭୁଷା ସହ ଗୀତ ନାଚ ମାଧ୍ୟମରେ ଅତିଥିମାନଙ୍କୁ ପାଛୋଟି ଆଣିଥିଲେ । ମୋହନ ଶ୍ରୀକରଲିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ବରିଷ୍ଠ ନେତା ମୁକୁନ୍ଦ ହନ୍ତଲ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାଗିରଥି ମୁର୍ଜିଆ, ଜିତେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ବିଶେଷ କରି ଗାଦବା ସମ୍ପ୍ରଦାୟର ଭାଷା, ସଂସ୍କୃତି ଏବଂ ସମ୍ମାନର ସୁରକ୍ଷାକୁ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉକ୍ତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବୈପାରୀଗୁଡା ବ୍ଲକର ୨୦ଟି ପଞ୍ଚାୟତର ଗାଦବା ସମ୍ପ୍ରଦାୟର ଲୋକ ସାମିଲ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମାଜ ସମ୍ପାଦକ ସନୁ ତେନ୍ତୁଲି ପଡିଆ ପରିଚାଳନା କରିଥିଲେ

## ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ



ସୁନାବେଡା,୧୨।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ସୁନାବେଡା ସ୍ଥିତ କେନ୍ଦ୍ରୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ଅନୁସନ୍ଧାନ କେନ୍ଦ୍ର (ଆଇସିଏଆର) ସଭା ଗୃହରେ ଏକ ସମାବେଶର ଅୟୋଜନ କରାଯାଇଥିଲା । କେନ୍ଦ୍ରର ମୁଖ୍ୟ ଡ଼ଃ ରାମଜୟମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୁନ୍ଦୁରାର କୃଷି ଅଧିକାରୀ ତାପସ ଚନ୍ଦ୍ର ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସୁନାବେଡା ପୌର ପରିଷଦର ୧ ନଂ ୱାଡର୍‌ର କାଉନସିଲର ତଥା ସମାଜସେବୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚାଷୀ ଭାଇମାନେ କେବଳ ଧାନ ଚାଷ ଉପରେ ନିର୍ଭର ନ ହୋଇ ଡାଲି, ତୈଳବିଜ , ଗୋ-ପାଳନ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଅଧିକ ଅର୍ଥ ରୋଜଗାର କରିପାରିବେ ବୋଲି କହିଥିଲେ । ଉକ୍ତ ବୈଠକରେ ବୈଜ୍ଞାନିକ ଶାଶ୍ୱତ କର ଏବଂ ବୈଜ୍ଞାନିକ ଶୋଭାଗ୍ୟ ସାମଲ ମଧ୍ୟ ଉପସ୍ଥିତ ଥିଲେ । ଆଇସିଏଆର, କେନ୍ଦ୍ରର ଏସିଟିଓ, ଗୋଲକ ବିହାରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତାପସ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୭୬ ଜଣ କୃଷକ ଯୋଗ ଦେଇଥିଲେ ।

## ବିନା ଡିଜେରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ବୈପାରୀଗଡ଼ା,୧୨।୧୦(ସମିସ): ମେଲାଣି ନେଲେ ମାଆ ଗଜଲକ୍ଷ୍ମୀ । ବୈପାରୀଗୁଡା ଠାରେ ରବିବାର ସନ୍ଧ୍ୟାରେ ଶେଷ ହେଲା ମାଆ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ । ଡିଜିଟାଲ ଯୁଗରେ ଅଧିକାଂଶ ସ୍ଥାନରେ ମାଆଙ୍କ ଭସାଣି ବେଳେ ଡିଜେ ବାଜାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । କିନ୍ତୁ ଚଳିତ ବର୍ଷ ଛାତି ଥରିଲା ଭଳି ଡିଜେ ମ୍ୟୁଜିକ୍ ନଥିଲା । କେବଳ ସଂକୀର୍ତ୍ତନ ବାଜାରେ ମାଆଙ୍କ ମେଲାଣି ଉତ୍ସବରେ କମ୍ପିଉଠିଥିଲା ବୈପାରୀଗୁଡା ସହର । ଏହି ଅବସରରେ ପୂଜା କମିଟି ତରଫର ମଞ୍ଚରେ ମା'ଙ୍କ ଲଡୁ ବିଜେତା ତଥା କଂଗ୍ରେସ ମଲିକଙ୍କୁ ଲଡୁ ପ୍ରଦାନ କରିବା ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ମା'ଙ୍କ ଶେଷ ଦର୍ଶନ ପାଇଁ ନଗର ପରିକ୍ରମା ସମୟରେ ଭକ୍ତଙ୍କ ଗହଳି ଲାଗିଥିଲା ।

### ଏସ୍‌ଡିସିରେ ଖେଳ ଓ ସଂଗୀତ ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି

# ୪କୋଟି ଟଙ୍କା ହେରଫେରର ଅଭିଯୋଗ ଆଣିଲା ବିଜେଡି



- ତତ୍କାଳୀନ ଜିଲ୍ଲାପାଳ ଓ ପିଏ ଆଇଟିଡିଏଙ୍କ ଚଞ୍ଚକତା ଅଭିଯୋଗ
- ଏସ୍‌ଡିସି ଭଙ୍ଗ ପରେ ସାମଗ୍ରୀ କିଣା ହେଲା କେମିତି

ରାୟଗଡ଼ା, ୧୨।୧୦(ସମିସ) : ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ଗତ ୨୦୨୪ ସେପ୍ଟେମ୍ବର ୪ ତାରିଖରେ ରାଜ୍ୟର ୨୩ଟି ଆଦିବାସୀ ବହୁଳ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସିଡିସି)କୁ ଭଙ୍ଗ କରାଯାଇଥିଲା । ଏହାର ୫ମାସ ପରେ ରାୟଗଡ଼ା ଜିଲ୍ଲା ଏସ୍‌ଡିସି ମାଧ୍ୟମରେ ଖେଳ ଓ ସଂଗୀତ ସାମଗ୍ରୀ କିଣାରେ ପ୍ରାୟ ୪କୋଟି ଟଙ୍କାକୁ ରାୟଗଡ଼ାର ପୂର୍ବତନ ଜିଲ୍ଲାପାଳ ଶ୍ରୀମତି ପାରୁଲ ପଟୱାରୀ ଏବଂ ରାୟଗଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଖୁଲାସା କରି ସରକାରଙ୍କ ଉପରେ ବର୍ଷିଛି ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) । ରାୟଗଡ଼ା ସହରର ସ୍ଥାନୀୟ ହୋଟେଲ କପିଳାସ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିସିର ପୂର୍ବତନ ରାଜ୍ୟ ଉପଦେଷ୍ଟା ତଥା ରାଜ୍ୟ ସାଧାରଣ ସଂପାଦକ (ବିଜେଡି) ପ୍ରଦୀପ ମାଝି, ଏସଡିସି ରାୟଗଡ଼ା ଜିଲ୍ଲାର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତି ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି ଉପସ୍ଥିତ ରହି ଏହାର ଦୃଢ ନିନ୍ଦା କରିବା ସହ ରାଜ୍ୟ ସରକାର ଏ ଦିଗରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆଦିବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁର୍ନୀତି କରିଥିବା ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି ସମସ୍ତେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝି ଦେଇଥିବା ସୂଚନା ପ୍ରକାରେ ପୂର୍ବତନ ବିଜେଡି ସରକାର ଆଦିବାସୀଙ୍କ ବିକାଶ ପାଇଁ ରାଜ୍ୟର ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ସ୍ୱତନ୍ତ୍ର ଅର୍ଥ ବ୍ୟୟ ବରାଦ କରିଥିଲେ । ଏହି ପରିଷଦକୁ ପରିଚାଳନାରେ ସହଯୋଗ ପାଇଁ ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । ତେବେ ରାଜ୍ୟରେ ବିଜେପି ସରକାର ଶାସନ କ୍ଷମତାକୁ ଆସିବା ପରେ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ପକ୍ଷରୁ ଗତ ୨୦୨୪ ମସିହା ସେପ୍ଟେମ୍ବର ୪ତାରିଖରେ ଏହି ପରିଷଦକୁ ଭଙ୍ଗ କରିଦିଆଗଲା । ତେବେ ରାୟଗଡା ଜିଲ୍ଲାରେ ଏହି ପରିଷଦକୁ ମାଧ୍ୟମ କରି ଦୁଇ ପ୍ରଶାସନିକ ଅଧିକାରୀ ପ୍ରାୟ ୪କୋଟି ଟଙ୍କା ଆତ୍ମସାତ କରିଥିବା ବେଳେ ଏଭଳି ଦୁର୍ନୀତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଦିବାସୀ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଦିବାସୀ ବର୍ଗର ହୋଇ ମଧ୍ୟ ସବୁଜାଣି ସମର୍ଥନ କରୁଥିବା ଦୁଃଖଦାୟକ ବୋଲି ଶ୍ରୀ ମାଝି ଅଭିଯୋଗ କରିଛନ୍ତି । ଏସ୍‌ଡିସି ଭଙ୍ଗ ହେବାର ୫ମାସ ପରେ ଏସଡିସି ତରଫରୁ ଜିଲ୍ଲାର ୧୧ଗୋଟି ବ୍ଲକ୍‌ରେ ଥିବା ସାଂସ୍କୃତିକ କ୍ଲବ୍ ଏବଂ ସ୍ପୋର୍ଟସ୍ କ୍ଲବ୍ ନିମନ୍ତେ ଚଳିତ ବର୍ଷ ଫେବୃଆରୀ ମାସରେ ୩୦୦ଟି ଲେଖାଁଏ ଖେଳ ଓ ସଂଗୀତ ସାମଗ୍ରୀ କିଣାଯାଇଥିଲା । କୋଟି କୋଟି ଟଙ୍କାର ସାମଗ୍ରୀ ବିନା କୌଣସି ଟେଣ୍ଡରରେ ରାଜ୍ୟ ସରକାରଙ୍କ ଓଡିଶା ଖାଉଟି ସମବାୟ ମହାସଂଘ ଲିଃ. (ଓସିସିଏଫ) ସଂସ୍ଥା, ମାଲଗୋଦାମ ଶାଖା, କଟକ ଦ୍ୱାରା ୫କୋଟି ୩୯ ଲକ୍ଷ ୮୭ ହଜାର ୮୮୯ଟଙ୍କା ବ୍ୟୟରେ କ୍ରୟ କରାଗଲା । ଯେଉଁ ସାମଗ୍ରୀଗୁଡିକ କିଣାଯାଇଛି ତାହା ପ୍ରତିଟି ସାମଗ୍ରୀ ଚଢା ଦରରେ କିଣାଯାଇ ସରକାରଙ୍କ ଟଙ୍କାକୁ ଆତ୍ମସାତ କରାଯାଇଛି ବୋଲି ବିଜେଡି ଅଭିଯୋଗ ଆଣିଛି । ଓସିସିଏଫରୁ ୨କୋଟି ୪୦ଲକ୍ଷ ୯ହଜାର ୬୯୬ଟଙ୍କାରେ ଯେଉଁ କ୍ରୀଡା ସାମଗ୍ରୀ କ୍ରୟ କରାଯାଇଛି । ତାହାର ପ୍ରକୃତ ବଜାର ମୂଲ୍ୟ ୬୩ଲକ୍ଷ ୫ହଜାର ୪୦୦ଟଙ୍କା ହୋଇଥିବା ବେଳେ ଏଥିରେ ସିଧାସଳଖ ୧କୋଟି ୭୭ ଲକ୍ଷ ୪ହଜାର ୨୯୬ ଟଙ୍କା ଏବଂ ୨ କୋଟି ୯୯ଲକ୍ଷ ୭୮ହଜାର ୧୬୩ ଟଙ୍କାରେ କିଣାଯାଇଥିବା ସଂଗୀତ ସାମଗ୍ରୀର ପ୍ରକୃତ ବଜାର ମୂଲ୍ୟ ୮୫ ଲକ୍ଷ ୫୦ ହଜାର ୩୦୦ଟଙ୍କା ହୋଇଥିବା ବେଳେ ଏଥିରେ ୨କୋଟି ୧୪ଲକ୍ଷ ୨୭ହଜାର ୮୬୩ଟଙ୍କା ମୋଟ ଏହି ଦୁଇଟି ସାମଗ୍ରୀ କିଣାରେ ୩କୋଟି ୯୧ଲକ୍ଷ ୩୨ହଜାର୧୮୯ଟଙ୍କା ଆତ୍ମସାତ କରାଯାଇଥିବା ବିଜେଡି ଦାବି କରିଛି । ଏପରିକି ବଜାରରେ ଗୋଟିଏ ଢୋଲର ଦାମ୍ ୨୭୦୦ଟଙ୍କା ହୋଇଥିବା ବେଳେ ଓସିସିଏଫରେ ଜିଏସଟି ସହ ୧୩୨୭୩ ଟଙ୍କାରେ କିଣା ୩୦୦ଟି ଲେଖାଁଏ କିଣାଯାଇଛି । ସେହିପରି ଝାଞ୍ଜ ଗୋଟିଏ ୧୫୦୦ଟଙ୍କା ଥିବା ବେଳେ ଏହାକୁ ୫୫୦୫ଟଙ୍କା, ନାଗରା ୫୯୦୦ଟଙ୍କା ଥିବା ବେଳେ ୧୪୮୯୪ଟଙ୍କା ଏବଂ ୩୦୦ଟଙ୍କାର ଘୁଂଘୁରକୁ ୧୭୨୩ ଟଙ୍କା, ଟେବଲ ସେଟ୍ ୩୫୦୦ଟଙ୍କାକୁ ଓସିସିଏଫରୁ ୧୬୨୩୬ଟଙ୍କା ଭଳି ଅନେକ ସାମଗ୍ରୀ ଚଢା ଦରରେ ବିଲ କରାଯାଇଛି ଏବଂ କ୍ରୀଡା ସାମଗ୍ରୀରେ ମଧ୍ୟ ବଜାରରେ ମିଳୁଥିବା ୫୯୦ଟଙ୍କାର ଭଲିବଲ ନେଟକୁ ୧୮୩୬ ଟଙ୍କାରେ କିଣା ଯାଇଥିବା ବେଳେ ୩୯୦ଟଙ୍କାର ଭଲିବଲକୁ ୧୬୦୭ଟଙ୍କାରେ କ୍ରୟ କରାଯାଇଛି । ଏଭଳି ଅନେକ ଉପକରଣ ଉପରେ ଚଢା ଦରରେ କ୍ରୟ କରାଯାଇ ଅଧିକାରୀମାନେ ମାଲେମାଲ ହୋଇଥିବା ଅଭିଯୋଗ କରିଛି ବିଜେଡି । ତେବେ ବିଜେଡିର ଏଭଳି ସାଂଘାତିକ ଅଭିଯୋଗକୁ ନେଇ ରାୟଗଡ଼ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସରକାରଙ୍କ ଗାଇଡ୍‌ଲାଇନ ଏବଂ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ସାମଗ୍ରୀ କିଣାଯାଇ ସମସ୍ତଙ୍କୁ ବଣ୍ଟନ କରାଯାଇଛି । ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି ।

### ● ନାବାଳିକା ଅପହରଣ ମାମଲା

## ପୁଅଙ୍କୁ ସହଯୋଗ ଅଭିଯୋଗରେ ବାପା ଗିରଫ

ଜୟପୁର,୧୨।୧୦(ସମିସ): ନାବାଳିକାକୁ ଅପହରଣ ମାମଲାରେ ଅଭିଯୁକ୍ତ ପୁଅକ ସହଯୋଗ କରିଥିବା ଅଭିଯୋଗରେ ଟାଉନ୍ ଥାନା ପୁଲିସ ବାପାଙ୍କୁ ଗିରଫ କରାବା ସହ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ପିତା ବୋରିଗୁମ୍ମା ଥାନା ତୁଟିଗୁଡ଼ା ଗ୍ରାମର ତ୍ରିଲୋଚନ ହରିଜନ(୪୮) । ପୁଲିସ ସୂଚନା ଅନୁଯାୟୀ, ଜୟପୁର ସଦରଥାନା ଅଞ୍ଚଳର କୁମୁଲିପୁଟ ଗ୍ରାମର ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ଗତ ଏକ ମାସ ମଧ୍ୟରେ ପୁଣି ଦୁଇଥର ଅପହରଣ କରିଥିବା ନେଇ ଅଭିଯୁକ୍ତ ହରଡାପୁଟ ଗ୍ରାମର ଯୁବକ ସମୀର ହରିଜନ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏଥିନେଇ ପୁଲିସ ପକ୍ଷରୁ ଫେରାର ଯୁବକଙ୍କୁ ପଚରା ଉଚରା କରିଥିଲେ । କିନ୍ତୁ ବାପା ଏହି ମାମଲାରେ ସହଯୋଗ କରିଥିବା ନେଇ ପ୍ରମାଣ ଭିତ୍ତିକୁ ନେଇ ଆଜି ଅଭିଯୁକ୍ତ ବାପା ତ୍ରିଲୋଚନଙ୍କୁ ଗିରଫ କରିଥିଲେ । ଏଥିନେଇ ନାବାଳିକାଙ୍କ ପିତାଙ୍କ ଏତଲାକୁ ଭିତ୍ତି କରାଯାଇ ଟାଉନଥାନାରେ ଗତ ମାସରେ ଏବଂ ସଦର ଥାନାରେ ଚଳିତ ମାସରେ ଏକ ମାମଲା ପୃଥକ ପୃଥକ ଭାବେ ରୁଜୁ ହୋଇଥିଲା । ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୪ତାରିଖରେ ନାବାଳିକା ପାରାବେଢା ସ୍ଥିତ ଏକ ଘରୋଇ ବିଦ୍ୟାଳୟକୁ ପାଠ ପଢିବାକୁ ଆସିଥିବା ବେଳେ ଅଭିଯୁକ୍ତ ଯୁବକ ବିଦ୍ୟାଳୟ ନିକଟରୁ ଏକ କାର ଯୋଗେ ଅପହରଣ କରିଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଥିଲା । ପୁଲିସ ଖୋଜାଖୋଜି କରିଥିଲେ ସୁଦ୍ଧା ପରିବାର ପକ୍ଷରୁ ବାଳିକାଙ୍କୁ ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲେ । କିନ୍ତୁ ଅଭିଯୁକ୍ତ ଯୁବକ ସମୀର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏକ ମାସ ମଧ୍ୟରେ ପୁଣି ସେହି ନାବାଳିକାଙ୍କୁ ଗତ ୫ ତାରିଖରେ ବିଳମ୍ବିତ ରାତିରେ ଅପହରଣ କରିଥିବା ନେଇ ଅଭିଯୁକ୍ତ ସମୀରଙ୍କ ବିରୋଧେ ସଦରଥାନାରେ ନାବାଳିକାଙ୍କ ପିତାଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିଲା ।

## ବିନା ସୂଚନାରେ ଛୁଟିରେ ରହୁଥିବା ଶିକ୍ଷକଙ୍କୁ ସୁରକ୍ଷା!

କୋଷାଗୁମୁଡା,୧୨।୧୦(ସମିସ): ଦଶହରା ପର୍ବକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୂର୍ବରୁ ଦରମା ସହ ଛୁଟି ଘୋଷଣା କରିଥିଲେ । ୨୭ ସେପ୍ଟେମ୍ବର ଠାରୁ ଛୁଟି ହୋଇ ବିଦ୍ୟାଳୟ ଗୁଡ଼ିକ ଖୋଲା ହେବ ଅକ୍ଟୋବର ୮ ତାରିଖରେ ବୋଲି ପୂର୍ବରୁ ଛୁଟି ଘୋଷଣା ହୋଇଥିଲା । ତେବେ ବିଦ୍ୟାଳୟ ୮ତାରିଖରୁ ଖୋଲିଲେ ମଧ୍ୟ କୋଷାଗୁମୁଡା ବ୍ଲକ ଅଧୀନ କିଛି ବିଦ୍ୟାଳୟ ଗୁଡ଼ିକ ରେ ଶିକ୍ଷକ ଶିକ୍ଷୟିତ୍ରୀ ଆସିନଥିବା ଦେଖିବାକୁ ମିଳିଥିଲା । କିଛି ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏ ନେଇ ପଚାରି ବୁଝିବାରୁ ସେମାନେ କହିଛନ୍ତି ସେ କାଲି ଆସିଥିଲେ, ଆଜି ଛୁଟିରେ ଅଛନ୍ତି । ସେହି କଥାରୁ ପୁଣି କିଛି ପ୍ରଶ୍ନ ପଚାରିବାରୁ ଛୁଟି ପୂର୍ବରୁ ଦେଇଥିଲେ ଛୁଟି ଦରଖାସ୍ତ । କାହିଁକିନା ତାଙ୍କ ଶରୀର ଅସୁସ୍ଥ, ତାଙ୍କ ପରିବାରରେ ଦୁଃଖ ହୋଇଥିବା ଯୋଗୁଁ ଛୁଟିରେ ଅଛନ୍ତି ବୋଲି ସଫେଇ ଦିଆଯାଇଥିଲା । ଯଦି ଆସିବାରେ ବିଳମ୍ବ ହେବ ତେବେ ଇଏଲ୍ ହେବ ବୋଲି କହିଛନ୍ତି । ଏପଟେ ବିଦ୍ୟାଳୟ ଖୋଲିବା ଦିନ ଅନୁପସ୍ଥିତ ଶିକ୍ଷକଙ୍କର ରେଜିଷ୍ଟରରେ ସ୍ୱାକ୍ଷର କିଏ କରିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ ନେଇ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଜାଣି ଅଜଣା ଭଳି ନାଟକ କରୁଥିବା ଅଭିଯୋଗ ହେଉଛି । ଅନୁପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଲିଛି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିରୀହ ଗରିବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କାହିଁକି ଏଭଳି ଖେଳ ଖେଳାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରଙ୍କ ଠାରୁ ମୋଟା ଅଙ୍କରେ ଦରମା ପାଇ ବିଭିନ୍ନ ବ୍ୟକ୍ତିଗତ ସମସ୍ୟା ଦେଖାଇ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତି ରହୁଥିବାକୁ ନେଇ ବର୍ତ୍ତମାନ କୋଷାଗୁମୁଡା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ଆଗାମୀ ଦିନରେ ଏଭଳି ସମସ୍ୟା ଦେଖା ଯିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

## ୩ଟି ବୋମାକୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୧୨।୧୦(ସମିସ): ମାଲକାନଗିରି ଜିଲ୍ଲାର ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଙ୍ଗଲରେ ଖଞ୍ଜିଥିବା ୩ଟି ଲ୍ୟାଣ୍ଡମାଇନ୍‌କୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଛନ୍ତି । ସୂଚନା ଅନୁଯାୟୀ ମାଓ ଦମନ ନିମନ୍ତେ ନାରାୟଣପୁର ଜିଲ୍ଲାରେ ଏସ୍‌ଟିଏଫ ଯବାନ ଜିଲ୍ଲାର କୋହକମେଟା ଥାନା ଅନ୍ତର୍ଗତ କୋଡଲି ଏବଂ ବିଚପାଡା ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲ ମଝିରେ ପ୍ରେସର କୁକରରେ ଖଞ୍ଜାଯାଇଥିବା ତିନୋଟି ଲ୍ୟାଣ୍ଡମାଇନକୁ ଉଦ୍ଧାର କରିଥିଲେ । ତୁରନ୍ତ ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାଗୁଡିକକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଥିଲେ । ଏହାପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି ।

## ଜୟପୁରରେ ହେଲା ଓପିଏସଇ ପରୀକ୍ଷା

ଜୟପୁର,୧୨।୧୦(ସମିସ): ରାଜ୍ୟରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପ୍ରଥମ ଥର ପାଇଁ ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା । ଜୟପୁର ଠାରେ ୧୮ କେନ୍ଦ୍ର ସ୍ଥାପନ କରାଯାଇଥିଲା ଏବଂ ଏଥିପାଇଁ ୫୨୫୪ଜଣ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା । ଜୟପୁର କେନ୍ଦ୍ରରେ ମୁଖ୍ୟତଃ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲାର ପରୀକ୍ଷାର୍ଥୀ ମାନେ ଯୋଗଦେଇ ପରୀକ୍ଷା ଦେଇଥିଲେ । ପରୀକ୍ଷା କେନ୍ଦ୍ରର ପ୍ରବେଶ ଦ୍ୱାର ଠାରେ ପୁଲିସ ପକ୍ଷରୁ କଡା ସୁରକ୍ଷା ଏବଂ ଯାଞ୍ଚ କରାଯାଇ କେନ୍ଦ୍ର ଗୁଡିକକୁ ପରୀକ୍ଷାର୍ଥୀ ମାନଙ୍କୁ ପ୍ରବେଶ କରାଯାଉଥିଲା । ସେହିପରି ଶ୍ରେଣୀ କକ୍ଷରେ ପ୍ରବେଶ ଦ୍ୱାର ଠାରେ ମଧ୍ୟ ଯାଞ୍ଚ ପରେ ଭିତରକୁ ପ୍ରବେଶ କରାଯାଉଥିଲା । ଚଳିତବର୍ଷ ଓପିଏସ୍‌ସି ଓସିଏସ-୨୦୨୫ ପ୍ରିଲିମିନାରୀ ଲିଖିତ ପରୀକ୍ଷାରେ ଜୟପୁର ସହର ସମେତ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱର ମାତ୍ର ୬ଟି ସହରରେ ପରୀକ୍ଷାକେନ୍ଦ୍ରର ଆୟୋଜିତ କରାଯାଇଥିଲା । ଆଜି ପୂର୍ବାହ୍ନ ୧୦ଟା ଠାରୁ ମଧ୍ୟାହ୍ନ ୧୨ଟା ଏବଂ ସାଢେ ଗୋଟାଏ ଠାରୁ ସାଢେ ୩ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ୨ଟି ପେପରକୁ ୨ଟି ସିଟିଂରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସମସ୍ତ ପରୀକ୍ଷା କେନ୍ଦ୍ରକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଉପଜିଲ୍ଲାପାଳ ଏ. ଶଶ୍ୟା୍ରେ‡ୀ ବୁଲିଦେଖିବା ସହ ସମସ୍ତ ବ୍ୟବସ୍ଥାର ଯାଞ୍ଚ କରିଥିଲେ । ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ମେଟାଲ ଡିଟେକ୍ଟର ଏବଂ ଅନ୍ୟାନ୍ୟ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା ।

## ବଜାର ସଫେଇ କାର୍ଯ୍ୟ

ପୋଡ଼ାଗଡ଼,୧୨।୧୦(ସମିସ): ଦଶମନ୍ତପୁର ବ୍ଲକ ସଦମହକୁମାର ମୁଖ୍ୟ ବଜାର ଠାରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ସଫେଇ କାର୍ଯ୍ୟ ଦଶମନ୍ତପୁର ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତତ୍ୱରେ ସତ୍ୟ ସାଇ ସଂଗଠନ ଯୋଗ ଦେଇ ସଫେଇ କାମ କରିଥିଲେ । ଏହି ଅବସରରେ ମୁଖ୍ୟ ବଜାର ହସ୍ପିଟାଲ ଛକରୁ ଥାନା ପର୍ଯ୍ୟନ୍ତ ଥିବା ନାଳ ନର୍ଦ୍ଦମା ସଫା ହୋଇଥିଲା । ଏଥିରେ ସେଚ୍ଛାସେବୀ ଉପସ୍ଥିତ ରହି ସଫା କରିଥିଲେ । ସ୍ୱେଚ୍ଛାସେବୀମାନେ ହେଲେ ଚନ୍ଦ୍ର ସେନ ଗଡଉ, ରମେଶ ଚନ୍ଦ୍ର ନାୟକ, ନବୀନ ଦେବରାଜ ପଟ୍ଟନାୟକ ସୁକ୍ ରାମ ଗଣ୍ଡ ବାଲ୍ମୀକି ନାୟକ ପ୍ରମାଦ ଓ ନରେଶ ଦରା ।

### ଅନ୍ତର୍ଜାତୀୟ ଦୃଷ୍ଟିହୀନ ଫୁଟବଲ କ୍ରୀଡା ପ୍ରତିଯୋଗିତା

## ଓଡ଼ିଶାରୁ ଭାଗ ନେଇଥିବା ଆକାଶଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ମାଲକାନଗିରି,୧୨।୧୦ (ସମିସ): ମାଲକାନଗିରି ଜିଲ୍ଲାର କୋୟା ସମ୍ପ୍ରଦାୟର ଆଦିବାସୀ ଯୁବକ ଆକାଶ ପଡିଆମୀ ଜାତୀୟ ଓ ଅନ୍ତର୍ଜାତୀୟ ଦୃଷ୍ଟିହୀନ ଫୁଟବଲ ଟୁର୍ନାମେଣ୍ଟରେ ଓଡିଶାରୁ ଜାତୀୟ ଦଳରେ ଭାଗ ନେଇ ସଫଳତା ହାସଲ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ଟୁର୍ନାମେଣ୍ଟଟି କେରଳରେ ଗତ ସେପ୍ଟେମ୍ବର ୨୫ ତାରିଖରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଅନ୍ତର୍ଜାତୀୟ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଆସୋସିଏସେନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ଆକାଶ ଖେଳିଥିଲେ । ଏହି ଟୁର୍ନାମେଣ୍ଟରେ ୬ଟି ଦେଶ ଭାଗ ନେଇଥିଲେ । ଦେଶ ଗୁଡିକ ହେଲା ଭାରତ, ଇରାନ, ଇଂଲଣ୍ଡ, ପୋଲାଣ୍ଡ, ଇଟାଲୀ ସଉତକୋରିଆ ଭାଗ ନେଇଥିଲେ । ଓଡିଶାରୁ ଏକ ମାତ୍ର କ୍ରୀଡାବିତ୍ ଭାବେ ଭାରତ ଟିମରେ ସାମିଲ ହୋଇ ସଫଳତା ହାସଲ ପାଇଲା ପରେ ନିଜ ଜନ୍ମ ମାଟି ମାଲକାନଗିରିକୁ ଆକାଶ ଆଜି ଫେରିଛନ୍ତି । ସେ ଆଜି ସକାଳେ ମାଲକାନଗିରି ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚିଲା ପରେ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ, ବିଭିନ୍ନ ସଂଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ଶୋଭା ଯାତ୍ରାରେ କଲେଜ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପରେ ନିଜ ଜନ୍ମମାଟି ଗୋରାଖୁଣ୍ଟା ପଞ୍ଚାୟତ କୃଷ୍ଣୱାର୍ଡା ଗ୍ରାମରେ ପହଞ୍ଚିବା ପରେ ପଞ୍ଚାୟତ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ତାଙ୍କୁ ଏକ ବିରାଟ ଶୋଭାଯାତ୍ରା ବାହାରି ଥିଲା । ପାରମ୍ପରିକ ଆଦିବାସୀ ନୃତ୍ୟରେ ଶତାଧି ମହିଳା ଓ ପୁରୁଷ ତାଙ୍କ ଘରକୁ ପାଛୋଟି ନେଇଥିଲେ । ସମ୍ବର୍ଦ୍ଧନା ସଭାରେ ସରପଞ୍ଚ ପଦିଏ କବାସୀ, ପୂର୍ବତନ ସରପଞ୍ଚ ଏରା ପଡିଆମୀ, ସମିତି ସଭ୍ୟା ଦେବେ ମାଡି, ଆଡ଼ମା ମାଡି, ସୋମା ମାଡକାମୀ, କସା ମାଡକାମୀ, ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଦୁର୍ଗା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ



ମାଲକାନଗିରି,୧୨।୧୦ (ସମିସ): ଆଜି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପଲସ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳ ନିଜେ ୫ ବର୍ଷରୁ କମ୍ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମାଲକାନଗିରି ଜିଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ପୋଲିଓ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି । ନିରନ୍ତର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏନଆଇଡି ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଏବଂ ନଜର ରଖିବା ପାଇଁ ୧୨ ଅକ୍ଟୋବର ରେ ମାଲକାନଗିରି ଜିଲ୍ଲାରେ ପୋଲିଓ ପାଇଁ ଉପ-ଜାତୀୟ ଟୀକାକରଣ ଦିବସ ଆୟୋଜନ କରାଯାଉଛି । ୧୩ ଏବଂ ୧୪ ଅକ୍ଟୋବର ଦୁଇ ଦିନରେ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ଟୀକା ଦିଆଯିବ । ଉପ-ଜାତୀୟ ଟୀକାକରଣ ସମୟରେ ସମୁଦାୟ ୦ ରୁ ୫ ବର୍ଷ ବୟସର ୭୫ ହଜାର ୨୫୦ ଜଣ ଶିଶୁଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ୫୪ ଟି ମୋବାଇଲ୍ ଦଳ ଏବଂ ୫୮ ଟି ଟ୍ରାଞ୍ଜିଟ୍ ଦଳ ସହିତ ମୋଟ ୭୫୨ ଟିକାକରଣ ବୁଥ୍ ଯୋଜନା କରାଯାଇଛି । ୬୧ ଟିକାକରଣ କେନ୍ଦ୍ରରେ ୧୫୦୪ ଜଣ ଟିକାଦାତା ପୋଲିଓ ଟୀକାକରଣ ପାଇଁ ନିୟୋଜିତ ହେବେ । ସମଗ୍ର ଜିଲ୍ଲାରେ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମ୍‌ଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ସିଟି



## ମହିଳାଙ୍କୁ ୮ ଲକ୍ଷର ଚୂନ; ପ୍ରେମିକ ଗିରଫ

ଭୁବନେଶ୍ୱର, ୧୨।୧୦ (ସମିସ): ମହିଳାଙ୍କ ଠାରୁ ୮ ଲକ୍ଷ ଟଙ୍କା ଠକି ନେଇଥିବା ପ୍ରେମିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନିଆଳି ଥାନା ଅଞ୍ଚଳର ରାଜେଶ ମଲ୍ଲିକ ଓରଫ୍ ବବୁଲ (୨୫)।

ପୁଲିସ ସୂଚନା ଅନୁସାରେ, ୨୦୨୦ ମସିହାରେ ଜଣେ ବିବାହିତା ମହିଳାଙ୍କ ସହ ବବୁଲର ପରିଚୟ ହେବାପରେ ଉଭୟ ଏକାଠି ରହୁଛନ୍ତି। ବବୁଲ ପୋଷାକ ବ୍ୟବସାୟ ଆରମ୍ଭ ପାଇଁ ମହିଳାଙ୍କୁ ଟଙ୍କା ବ୍ୟବସ୍ଥା କରିବାକୁ ପ୍ରବର୍ତ୍ତାଇଥିଲା। ମହିଳା ଜଣକ ସୁବାସ ନଗରର ସୁବ୍ରତଙ୍କ ଠାରୁ ୫ ଲକ୍ଷ ଓ ନିଜ ମାଆଙ୍କ ଠାରୁ ୨ ଲକ୍ଷ ୭୫ ହଜାର ଟଙ୍କା ଋଣ ଆଣି ବବୁଲକୁ ଦେଇଥିଲେ। ୧୫ ଦିନ ମଧ୍ୟରେ ଟଙ୍କା ଫେରସ୍ତ କରିବା ପ୍ରତିଶ୍ରୁତି ଦେଇ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଟଙ୍କାଟିଏ ଫେରାଇ ନ ଥିଲା ବବୁଲ। ମହିଳା ଜଣକ ଟଙ୍କା ଦାବି କରିବାରୁ ବବୁଲ ଏକ ବ୍ୟାଙ୍କ ଚେକ୍ ଦେଇଥିଲା। କିନ୍ତୁ ବ୍ୟାଙ୍କ ଖାତାରେ ପର୍ଯ୍ୟାପ୍ତ ଅର୍ଥ ନ ଥିବାରୁ ସେହି ଚେକ୍ ବାଉନ୍ସ ହୋଇଥିଲା।



ପର ଟଙ୍କା ମାଗିବାରୁ ବବୁଲ ମନା କରିବା ସହ ଧମକ ଦେଇଥିଲା। ମହିଳା ଜଣକ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବବୁଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋଟିଏ ବ୍ୟାଙ୍କ ଚେକ୍ ଜବତ କରାଯାଇଛି।

# ଭଡ଼ାରେ ଲାଗୁଛି ବ୍ୟାଙ୍କ୍ ଆକାଉଣ୍ଟ

ଭୁବନେଶ୍ୱର,୧୨।୧୦(ସମିସ):

**କାରବାରର ୧୦ ପ୍ରତିଶତ ନେଉଛନ୍ତି କମିଶନ**

**ରାଜଧାନୀ ପାଲଟିଛି ଫେକ୍ ସିମ୍ ହବ୍**

**କାମ ଦେଉନି ଟେଲିକମ୍ କମ୍ପାନୀ-କ୍ରାଇମ୍‌ବ୍ରାଞ୍ଚର ଆଲୋଚନା**



ଭଡ଼ାରେ ଲାଗୁଛି ବ୍ୟାଙ୍କ୍ ଆକାଉଣ୍ଟ। ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ସତ। କାରଣ ଏହି ଆକାଉଣ୍ଟକୁ ନେଇ ଅପରାଧୀମାନେ ବ୍ୟବହାର କରୁଛନ୍ତି। ବିଶେଷକରି ସାଇବର ଠକ, ଗ୍ୟାଙ୍ଗଷ୍ଟାର ଏବଂ କିଛି ସରକାରୀ କର୍ମଚାରୀ ବ୍ୟବହାର କରୁଛନ୍ତି। କେତେଟା ଟଙ୍କା ଲୋଭରେ କିଛି ବ୍ୟକ୍ତି ଏହି ଆକାଉଣ୍ଟ ବିକ୍ରି କରୁଛନ୍ତି। ଏହା ବାବଦରେ ସେମାନେ ମାସକୁ ଆସୁଥିବା ଟଙ୍କାରୁ ୧୦ ପ୍ରତିଶତ ନେଉଛନ୍ତି। ଅନେକ ମଧ୍ୟ ୫ ପ୍ରତିଶତ ନେଇ ଆକାଉଣ୍ଟ ଦେଉଛନ୍ତି। ନିକଟରେ ଚନ୍ଦକା ଥାନା ପୁଲିସ ଏକ ରାକେଟକୁ ଗିରଫ କରିବା ପରେ ଭଡ଼ାରେ ବ୍ୟାଙ୍କ୍ ଆକାଉଣ୍ଟ ଲାଗୁଥିବା ଜଣାପଡ଼ିଛି। ରାଜ୍ୟ ବାହାରର ଏକ ସାଇବର ଠକଙ୍କୁ କିଛି ବ୍ୟକ୍ତି ଆକାଉଣ୍ଟ ଭଡ଼ାରେ ଲଗାଇଥିଲେ। କିନ୍ତୁ ଠକ କିଛି ମାସ ଟଙ୍କା ନଦେବାରୁ ସେମାନଙ୍କ ମଧ୍ୟରେ ବିବାଦ ହେବାରୁ ଘଟଣା ପଦାକୁ ଆସିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ ଏକାଧିକ ମାମଲାରେ ଏହି ଆକାଉଣ୍ଟ ଭଡ଼ାରେ ଲାଗୁଛି। ଆହୁରି ମଧ୍ୟ କିଛି ସରକାରୀ କର୍ମଚାରୀ ଏହି ଆକାଉଣ୍ଟ ନେଇ କଳାଧନ ରଖୁଛନ୍ତି। ଏହା ବାବଦକୁ ଆକାଉଣ୍ଟ ଯାହା ନାମରେ ରହିଛି ତାଙ୍କୁ ୪ ପ୍ରତିଶତ ଟଙ୍କା ଦେଉଛି। ଅନେକ ଗ୍ୟାଙ୍ଗ୍‌ଷ୍ଟାର ଏହି ଆକାଉଣ୍ଟ ଭଡ଼ାରେ ନେଇ ଅନ୍ୟକୁ ଧମକାଇ ଏହି ଆକାଉଣ୍ଟକୁ ବଟି ଆଣୁଛନ୍ତି। ବଡ଼ କଥା ହେଲା ଆତଙ୍କବାଦୀମାନେ ଏହି ଆକାଉଣ୍ଟ ଭଡ଼ାରେ ନେଇ ଦେଶ ବିରୋଧୀ କାର୍ଯ୍ୟ ପାଇଁ ଫଣ୍ଡିଂ ଆଣୁଛନ୍ତି।

ଯେଉଁମାନେ ଆକାଉଣ୍ଟ ଭଡ଼ାରେ ଦେଉଛନ୍ତି, ସେମାନେ ଏକାଧିକ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲିଛନ୍ତି। ଏହି ଆକାଉଣ୍ଟ ଖୋଲିବାରେ ମୁଖ୍ୟ ସହାୟ ହେଉଛି ବେନାମୀ ସିମ୍। ଶହେ ଟଙ୍କାରେ ସିମ୍ କିଣି ଏକାଧିକ ବ୍ୟାଙ୍କ୍ ଆକାଉଣ୍ଟରେ ଏହାର ଫୋନ୍ ନମ୍ବର ଦେଇ ଲିଙ୍କ୍ କରୁଛନ୍ତି। ଏସବୁ ପରେ ବି ପୁଲିସ ଏବେ ପ୍ରି ଆକ୍ଟିଭ୍ ସିମ୍‌କୁ ବିକ୍ରି ଉପରେ ରୋକ ଲଗାଇବାକୁ ଚେଷ୍ଟା କରୁଛି। ୬ ମାସରେ ୧୫ ହଜାର ପ୍ରି-ଆକ୍ଟିଭ୍ ସିମ୍ ପୁଲିସ ବନ୍ଦ କରିଛି। କ୍ରାଇମ୍‌ବ୍ରାଞ୍ଚ ଟେଲିକମ୍ କମ୍ପାନୀ ସହ ଏକାଧିକ ଥର ଆଲୋଚନା କରି ଏହି ପ୍ରି ଆକ୍ଟିଭ୍ ସିମ୍ ବିକ୍ରି ବନ୍ଦ କରିବାକୁ ତାଗିଦ କରାଯାଇଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚର ନିର୍ଦ୍ଦେଶକୁ ଟେଲିକମ୍ ସଂସ୍ଥା ମାନୁନାହାନ୍ତି। ଟାର୍ଗେଟ ପାଇଁ ଟେଲିକମ୍ କମ୍ପାନୀର କର୍ମଚାରୀ ଏହାକୁ ବିନା ଡକ୍ୟୁମେଣ୍ଟରେ ବିକ୍ରି କରି ଦେଉଛନ୍ତି। ଯାହାକୁ ନେଇ ସାଇବର ଠକ ସିମ୍ ବକ୍ସରେ ପକାଉଛନ୍ତି। ଯେଉଁ ବକ୍ସରେ ୧୦୦ରୁ ଅଧିକ ସିମ୍ ପଡିପାରିବ। ଏଥିରେ ଓଟିପି ସେୟାର କରିବା ଠାରୁ ଆରମ୍ଭ କରି ଲୋକଙ୍କୁ ଫୋନ୍ କରି ସାଇବର ଠକେଇ କରିବାରେ ବ୍ୟବହାର କରାଯାଉଛି।

ଗୋଟିଏ ଥର ଟେଲିକମ କମ୍ପାନିଠାରୁ ସିମ୍ କାର୍ଡ କିଣି ଡକ୍ୟୁମେଣ୍ଟ ଦେଲା ପରେ ଆପଣ ବି ଜାଣି ନ ଥିବେ, ଆପଣଙ୍କ ଡକ୍ୟୁମେଣ୍ଟରେ ବଜାରରେ ଅନେକ ଲୋକ ସିମ୍ କାର୍ଡ ବ୍ୟବହାର କରାଯାଉଛି। ଚନ୍ଦକା ପୁଲିସ ସାଇବର ଠକଙ୍କୁ ବାନ୍ଧିଲା ପରେ, ଏହି ପ୍ରି ଆକ୍ଟିଭେଟେଡ୍ ସିମ୍ କାର୍ଡ ବା ଫେକ ସିମକାର୍ଡର ଷଡ଼ଯନ୍ତ୍ର ପଦାକୁ ଆସିଥିଲା। ମଣିଷ ଏକ ହୋଇଥିବା ବେଳେ ତାଙ୍କ ନାମରେ ଏକାଧିକ ସିମକାର୍ଡ ଅନେକ। ଇଣ୍ଡିଆନ ସାଇବର କ୍ରାଇମ କୋ-ଅର୍ଡିନେସନରୁ ମିଳିଥିବା ସୂଚନା ମୁତାବକ ପଶ୍ଚିମବଙ୍ଗ ଓ ଆସାମ ସମେତ ଭୁବନେଶ୍ୱର ପାଲଟିଛି ଫେକ୍ ସିମ୍ ହବ୍। ପୁଲିସ ପାଇଁ ଏବେ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ସାଇବର ସ୍କାମ୍ ଓ ଲୋନ ଫ୍ରଡ୍ ପାଇଁ ଫେକ୍ ସିମ୍ ବ୍ୟବହାର। ପ୍ରତି ସେକେଣ୍ଡରେ କେହି ନା କେହି ସାଇବର ଠକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ପ୍ରତିଦିନ ଦେଶରେ ୬୦ ହଜାର ପାଖାପାଖି ସାଇବର ସମ୍ପର୍କିତ ଅଭିଯୋଗ ହେଉଛି। ତଥ୍ୟ ଅନୁସାରେ ୨୦୨୩ରେ ୨ ଲକ୍ଷ ୯୫ ହଜାର ୪୬୧ ଟି ସିମ୍ ବ୍ଲକ୍ କରାଯାଇଥିଲା। ଏହା ସହ ଲିଙ୍କ୍ ଥିବା ୨୮୧୦ ଟି ୱେବସାଇଟ୍, ୫୯୫ ମୋବାଇଲ୍ ଆପ୍ଲିକେସନ୍, ୪୬ ହଜାର ୨୨୯ ଆକାଉଣ୍ଟ ନମ୍ବରକୁ ବ୍ଲକ କରାଯାଇଛି। ଓଡ଼ିଶାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଟ୍ରାଇ ଓ ମୋବାଇଲ କମ୍ପାନି ସହ ବାରମ୍ବାର ଆଲୋଚନା ସତ୍ତ୍ୱେ ରାସ୍ତାକଡ଼ରେ ସିମ୍ କାର୍ଡ ବିକ୍ରି ହେଉଛି। ଡିଜିଟାଲ ଆରେଷ୍ଟଠୁ ଆରମ୍ଭ କରି ବ୍ୟାଙ୍କ ଖାତା ଅପଡେଟ ହେଉ କିମ୍ବା ସୁନ୍ଦରୀ ତରୁଣୀଙ୍କ ଫଟୋ ଲଗାଇ ହନିଟ୍ରାପ। ଏସବୁ ଠକେଇ ମାତ୍ରାଧିକ ପ୍ରି ଆକ୍ଟିମ୍ ସିମ୍ ବ୍ୟବହାର ପାଇଁ ହେଉଛି। କେବେ ଏହି ପ୍ରି-ଆକ୍ଟିଭ୍ ସିମ୍ ଉପରେ ରୋକ ଲାଗିବା ତାହାକୁ ପ୍ରଶ୍ନ ଉଠୁଛି।

## ମସାଜ କରିବା ଆଳରେ ୨୬ ଲକ୍ଷ ଠକେଇ

ଭୁବନେଶ୍ୱର,୧୨।୧୦(ସମିସ): ମସାଜ କରିବା ଆଳରେ ୨୬ଲକ୍ଷ ସାଇବର ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ଠକାମିର ଶିକାର ରାଜୁ ବେହେରା ଏନେଇ ଥାନରେ ଅଭିଯୋଗ କରିବା ପରେ ତଦନ୍ତକରୁଛି ପୁଲିସ। ରାଜୁ ନୂଆପଲ୍ଲୀରେ ପରିବାର ସହ ରହୁଛନ୍ତି। ଗତ କିଛିଦିନ ହେବ ତାଙ୍କ ଦେହ ଘୋଳାପୋଡ଼ା ହେଉଥିଲା। ତେଣୁ ସେ ମସାଜ ନେବ ପାଇଁ ଅନଲାଇନ୍‌ରେ ଖୋଜିଥିଲେ। ଏହାପରେ ତାଙ୍କୁ ଅନ୍‌ଲାଇନରୁ ଏକ ନମ୍ବର ପାଇ କଲ୍ କରିଥିଲେ। ଠକ ତାଙ୍କୁ ପ୍ରଥମେ ୫ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ରାଜୁ ଟଙ୍କା ଦେବା ପରେ ଅଭିଯୁକ୍ତ ପୁଣି ତାଙ୍କୁ ଟଙ୍କା ମାଗିଥିଲେ। ଏହିଭଳି ବିଭିନ୍ନ ପ୍ରକାର ଧମକ ଦେଖାଇ ୨୬ଲକ୍ଷ ଟଙ୍କା ଠକି ନେଇଥିଲେ।

## ବିଦ୍ୟୁତ୍ ଆଘାତରେ ହଷ୍ଟେଲ୍ କେୟାର୍ ଟେକର୍ ମୃତ

ଯାଁଳା,୧୨।୧୦(ସମିସ): ଏଗାର କିଲୋଭୋଲ୍ଟ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଇନଫୋଭ୍ୟାଲି ଥାନା ଗଙ୍ଗପଡା ପଞ୍ଚାୟତ ଗମେଇ ଗ୍ରାମର ଟୁଲୁ ମହାରଣା (୩୭)। ମିଳିଥିବା ସୂଚନା ଅନୁସାରେ ଗମେଇ ଗ୍ରାମରେ ଭଡା ଘରେ ଏକ ଘରୋଇ ହଷ୍ଟେଲ ଚାଲିଥିଲା। ବର୍ଷା ଯୋଗୁ ହଷ୍ଟେଲ ଛାତ ଶିଉଳି ହୋଇଯାଇଥିଲା। ରବିବାର ସକାଳେ ଟୁଲୁ ଛାତ ଉପରକୁ ଯାଇ ଶିଉଳି ଛଡାଇବା କାମ କରୁଥିଲେ। ଟୁଲୁ କାମ କରୁଥିବା ବେଳେ ତାଙ୍କ ହାତ ଉକ୍ତ ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲା। ତେଣୁ ବିଦ୍ୟୁତ୍ ଆଘାତରେ ଟୁଲୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲେ। ଅପରାହ୍ନରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ପୁଲିସ।

## ମାତୃତ୍ୱ ଛୁଟି ନେବା ବେଳେ ଏସ୍‌ଆଇଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୨।୧୦(ସମିସ): ଜିଆରପି ଥାନା ଆରମ୍ଭ କରିଛି ନୂଆ ପରମ୍ପରା। କର୍ମଚାରୀଙ୍କ ଭିତରେ ସମନ୍ୱୟ ରଖିବା ପାଇଁ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ମାତୃତ୍ୱ ଛୁଟି ନେବା ବେଳେ ସବ୍ ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପିଠାମିଠାରେ ଭାସିଲା ଥାନା। ମାତୃତ୍ୱ ଛୁଟିରେ ଯିବା ପୂର୍ବରୁ ସୁଶାନ୍ତି ସିଂଙ୍କୁ ମିଳିଲା ଅଜସ୍ର ସ୍ନେହ। ଥାନା ଅଧିକାରୀ ଓ କର୍ମଚାରୀ ମିଶି ସୁଶାନ୍ତିଙ୍କୁ ଖୁଆଇଲେ ପିଠା ଓ ମିଠା। ହୃଦୟସ୍ପର୍ଶୀ ଓ ଆତ୍ମୀୟ ପରିବେଶ ଦେଖି ଭାବ ବିହ୍ୱଳ ହେବା ସହ ସୁଶାନ୍ତିଙ୍କ ଆଖି ହୋଇଯାଇଥିଲା ଛଳଛଳ। ସମସ୍ତେ ଖୁସି ଥିବା ବେଳେ ସବୁ ଥାନାରେ ଏପରି ହେବା ଦରକାର ବୋଲି କହିଛନ୍ତି ସୁଶାନ୍ତି। ଏନେଇ ଜିଆରପି ଅଧିକାରୀ କହିଛନ୍ତି ଯେ, ଏଭଳି କରିବା ଦ୍ୱାରା ଅନ୍ୟ ଷ୍ଟାଫ୍‌ଙ୍କ ମନରେ କାର୍ଯ୍ୟ କରିବାର ପ୍ରେରଣା ମିଳିବା ସହ ଆମେ ସମସ୍ତଙ୍କ ସହ ରହିଛୁ ବୋଲି ହୃଦବୋଧ କରିବେ। ଆହୁରି ମଧ୍ୟ ତାଙ୍କର ପିଲା ମଧ୍ୟ ପୁଲିସରେ ଚାକିରି କରୁ ବୋଲି କାମନା କରୁଛୁ ବୋଲି ସେ କହିଛନ୍ତି।

## ଏକ ନମ୍ବର ପରିବା ମାର୍କେଟ୍‌ରେ ଶୌଚାଳୟ ନିର୍ମାଣ

ଭୁବନେଶ୍ୱର,୧୨।୧୦(ସମିସ): ରାଜଧାନୀ ହାଟ କଞ୍ଚା ପରିବା ମହାଜନ ସଂଘ ଶୌଚାଳୟ ନିର୍ମାଣ କରିଛି। ପ୍ରକାଶ ଥାଉ କି ସର୍ବ ପୁରାତନ ଏକ ନମ୍ବର ପରିବା ମାର୍କେଟ୍‌କୁ ଦୈନିକ ହଜାର ହଜାର ଗ୍ରାହକ ଆସୁଛନ୍ତି। ସହର ମଧ୍ୟଭାଗରେ ଥିବା ଏହି ମାର୍କେଟ ଚାରିପଟେ ସରକାରୀ ଘର ଥିବାରୁ ଗ୍ରାହକମାନେ ପରିଶ୍ରା ଯିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜଧାନୀର ସର୍ବପୁରାତନ ହାଟ ଏକନମ୍ବର ହାଟ ଉପରେ କେବଳ ଭୁବନେଶ୍ୱର ନୁହେଁ ବରଂ ଆଖପାଖ ଲୋକେ ମଧ୍ୟ ନିର୍ଭର କରୁଛନ୍ତି। ଦୈନିକ ଏଠାକୁ ହଜାର ହଜାର ଲୋକେ ଆସୁଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ମହାଜନ ସଂଘ ନିଷ୍ପତି ନେଇଥିଲା ବୋଲି ସଂଘ ପକ୍ଷରୁ କୁହାଯାଇଛି। ବିଶେଷ କରି ଖରାଦିନେ ପିଇବା ପାଣି ସୁବିଧା ଓ ପରିସ୍ରାଗାର ନିର୍ମାଣ ମୁଖ୍ୟତଃ ଆବଶ୍ୟକ ଥିଲା। ଯାହାକୁ ସଂଘ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ନିର୍ମାଣ କରୁଛି।

## ରାଜଧାନୀରେ ୪୬ ହଜାର ବୁଲାକୁକୁର




ଭୁବନେଶ୍ୱର, ୧୨।୧୦ (ସମିସ): ରାଜଧାନୀ ଭୁବନେଶ୍ୱରର ଦୁଇଟି ପର୍ଯ୍ୟାୟରେ ହୋଇଥିବା ବୁଲାକୁକୁର ଗଣନା ଶେଷ ହୋଇଛି। ବିଏମ୍‌ସିର ୩ଟିଯାକ ଜୋନ୍‌ରେ ପ୍ରଥମ ପର୍ଯ୍ୟାୟର କୁକୁର ସଂଖ୍ୟା ୪୬ ହଜାର ଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଥରେ ଗଣନା ହୋଇଥିଲା ବେଳେ କୁକୁର ସଂଖ୍ୟା ପାଖାପାଖି ସମାନ ଥିବା ଜଣାପଡ଼ିଛି। ଦୁଇଥର ଗଣିଲେ ବି କୁକୁର ସଂଖ୍ୟା ସମାନ ରହିଛି। ତେବେ ରାଜଧାନୀର କୁକୁର ସଂଖ୍ୟା ୪୬ ହଜାର ବୋଲି ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟ ମୁତାବକ ଉତ୍ତର ଜୋନ୍‌ରେ ୧୬ ହଜାର କୁକୁର ଗଣତି କରାଯାଇଥିଲା ବେଳେ, ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୧୫ ହଜାର କୁକୁର ଅଛନ୍ତି। ସେହିପର ଦକ୍ଷିଣ-ପୂର୍ବ ଜୋନରେ ଦକ୍ଷିଣ-ପୂର୍ବ ଜୋନରେ ମଧ୍ୟ ପାଖାପାଖି ୧୫ ହଜାର କୁକୁର ରଖିବା ଗଣନାରୁ ଜଣାପଡ଼ିଛି।

ଭୁବନେଶ୍ୱର ସହରରେ ପ୍ରାୟ ୮୫ହଜାର କୁକୁର ଥିବା ନେଇ ଅନୁମାନ କରାଯାଇଥିଲା। ହେଲେ କୁକୁର ସଂଖ୍ୟା ଅନୁମାନର ବି ଅଧାରେ ପହଞ୍ଚିଛି। ଏହାକୁ ନେଇ ଏବେ ଚିନ୍ତାରେ ବିଏମ୍‌ସି। କଣ ଗଣନା ଠିକ୍ ଭାବେ ହେଲା ନାହିଁ ନା ମନଇଚ୍ଛା କୁକୁର ଗଣନା କରି ବିଏମ୍‌ସି ନିଜର ଦାୟୀତ୍ୱ ଛଡାଇ ଦେଲା। ରାଜଧାନୀରେ ଦୀର୍ଘବର୍ଷ ଧରି କୁକୁର ବନ୍ଧ୍ୟାକରଣ ବନ୍ଦ ଥିଲା। କେତେତେବେ ହାଇକୋର୍ଟରେ ମାମଲା ଚାଲିଥିବାରୁ ବନ୍ଧ୍ୟାକରଣ ଉପରେ ରହିତାଦେଶ ଜାରି ହୋଇଥିଲା। ପୁଣି କେତେବେଳେ ଉପଯୁକ୍ତ ସଂସ୍ଥା ନ ମିଳିବାରୁ କୁକୁର ବନ୍ଧ୍ୟାକରଣକୁ ବନ୍ଦ କରାଯାଇଥିଲା।

## ୪୪୦ ଲିଟର ମଦ ଜବତ; ଦୁଇ ଗିରଫ

ଭୁବନେଶ୍ୱର, ୧୨।୧୦ (ସମିସ): ବସ୍ତିରେ ମଦ ତିଆରି କରି ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସାନ୍ତାଳ ବସ୍ତିର ରବି ହୋ (୩୨) ଓ ସୋନିଆ ବେଶ୍ରା (୩୭)। ପୁଲିସ ସୂଚନାନୁସାରେ, ବେଆଇନ ମଦ ତିଆରି କରି ବିକ୍ରି ଚାଲିଥିବା ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ଚଢ଼ଉ କରିଥିଲା। ଲକ୍ଷ୍ମୀପୁର ସାନ୍ତାଳ ବସ୍ତିରୁ ରବିକୁ ଅଟକ ଯାଞ୍ଚ କରିଥିଲା। ତଲାସୀ ସମୟରେ ତାଙ୍କ



ହେପାଜତରୁ ୧୦ଟି ପ୍ଲାଷ୍ଟିକ୍ ବାଲ୍ଟିରେ ଥିବା ୨୦୦ ଲିଟର ଦେଶୀମଦ ଜବତ କରିଥିଲେ। ସେହିପରି ଅନ୍ୟ ଏକ ଟିମ୍ ସୋନିଆ ଘରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଗ୍ରାହକମାନେ ପଳାଇ ଯାଇଥିବା ବେଳେ ସୋନିଆକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ତାଙ୍କ ଘରୁ ୧୨ଟି ପ୍ଲାଷ୍ଟିକ୍ ବାଲ୍ଟିରେ ଥିବା ୨୪୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଦୁଇଟି ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

# ଅପ୍‌ଡେଟ୍ ହେଉନି 'ସୁଯୋଗ'; ଅଟକିଯାଉଛି ପ୍ଲାନ୍ ଆପ୍ରୁଭାଲ୍

ଭୁବନେଶ୍ୱର,୧୨।୧୦(ସମିସ):




ଘରର ପ୍ଲାନ୍ ଆପ୍ରୁଭାଲକୁ ନେଇ ସରକାରୀ ନିୟମ ବଦଳି ଗଲା। ୩୦ଫୁଟିଆ ନୁହେଁ ବରଂ ୨୦ଫୁଟ୍ ରାସ୍ତା ଥିଲେ ବି ପ୍ଲାନ୍ ଆପ୍ରୁଭାଲ ସମ୍ଭବ ବୋଲି ନିୟମରେ ପରିବର୍ତ୍ତନ ଅଣାଗଲା। କିନ୍ତୁ ସୁଯୋଗ ପୋର୍ଟାଲ ପୁରୁଣା ନିୟମକୁ ଜାବୁଡ଼ି ଧରିଛି ବସିଛି। ୪ ମାସ ହେବ ଏହାର ସଫ୍ଟୱେର ଅପଡେଟ୍ ନ ହେବାରୁ ଲୋକେ ପରିବର୍ତ୍ତିତ ନିୟମର ଫାଇଦା ଉଠାଇ ପାରୁନାହାନ୍ତି। ୩୦ ଫୁଟିଆ ରାସ୍ତା ନ ଥିଲେ ସୁଯୋଗ ପୋର୍ଟାଲରେ ବଡ଼ ପ୍ଲଟ୍‌ର ଲେଆଉଟ୍ ଆପ୍ରୁଭାଲ ବେଳେ ଏସବୁ ଖୋଜ ହେଉଛି। ଏଣୁ ପ୍ଲାନ୍ ଆପ୍ରୁଭାଲ ପାଇଁ ସରଳୀକରଣ ନିୟମ କେବଳ ସରକାରୀ ଦସ୍ତାବିଜରେ ସୀମିତ ରହିଗଲା ଲାଗୁଛି। ତେବେ ସୁଯୋଗ ପୋର୍ଟାଲକୁ ପରିଚାଳନା କରୁଥିବା ସଂସ୍ଥା କ'ଣ ପାଇଁ ନିଜର ସଫ୍ଟୱେର ଅପଡେଟ୍ କରୁନାହିଁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଜଣେ ଆବେଦନକାରୀ କହିଛନ୍ତି ବଡ଼ ପ୍ଲଟ୍‌କୁ ଭାଗ ଭାଗ କରାଯିବା ପରେ ଏହାର ଲେ-ଆଉଟ୍ ପ୍ରସ୍ତୁତ କରାଯାଏ। ଏହି ଲେ-ଆଉଟ୍‌ରେ ମୁଖ୍ୟ ରାସ୍ତାରୁ ଗଳି ରାସ୍ତା ବାହାର କରାଯାଏ। ଗଳିରାସ୍ତାଗୁଡ଼ିକର ଚଉଡ଼ା ଯଦି ୨୦ଫୁଟ୍‌ରୁ ରହୁଛି ତେବେ ତେବେ ସୁଯୋଗ ପୋଟାଲ ଏହି ଲେଆଉଟ୍‌କୁ ଖାରଜ କରି ଦେଉଛି। ଯଦି ଲେ-ଆଉଟ୍‌ରେ ରାସ୍ତାର ଚଉଡ଼ା ୩୦ଫୁଟ୍ ଦର୍ଶାଯାଉଛି ତେବେ ଏହି ଲେ-ଆଉଟ୍‌କୁ ମଞ୍ଜୁର ମିଳିଯାଉଛି। ଏକକ ପ୍ଲଟ୍‌ରେ ଏହି ଅସୁବିଧା ଦେଖାଯାଉ ନ ଥିଲା ବେଳେ ବିଶେଷ ଭାବେ ବଡ଼ ପ୍ଲଟ୍‌ରେ ପ୍ଲାନ୍ ଆପ୍ରୁଭାଲ ପାଇଁ ଏଭଳି ଅସୁବିଧା ଦେଖାଯାଉଛି। ଲୋକେ ପ୍ଲାନ୍ ଆପ୍ରୁଭାଲ ନେଇ ପାରୁ ନାହାନ୍ତି। ଏହାକୁ ନେଇ ଅସନ୍ତୋଷ ବଢୁଥିଲାବେଳେ ପୌରାଞ୍ଚଳ ପ୍ରଶାସନ କିନ୍ତୁ ନିରବ ରହୁଛି।

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡିଏ (ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ରୁଲ୍‌କୁ ସଂଶୋଧନ କରାଯାଇଥିଲା। କୌଣସି ବିଲ୍ଡିଂର ପ୍ଲାନ୍ ଆପ୍ରୁଭାଲ ପାଇଁ ପୂର୍ବରୁ ୩୦ଫୁଟ୍ ସାଧାରଣ ରାସ୍ତା ବାଧ୍ୟତାମୂଳକ ଥିଲା। ହେଲେ ସଂଶୋଧିତ ନିୟମ ଅନୁଯାୟୀ ଏହାକୁ ୨୦ ଫୁଟ୍ କରାଗଲା। ଯାହାଦ୍ୱାରା ଲୋକେ ଉପକୃତ ହୋଇପାରିବେ। ହେଲେ ଲୋକେ ହଇରାଣ ହେଉଥିଲେ ମଧ୍ୟ ଏହାକୁ ପରିଚାଳିତ କରୁଥିବା ଘରୋଇ ସଂସ୍ଥା ବିରୋଧରେ ସେଭଳି କୌଣସି କଡ଼ା ଆଭିମୁଖ୍ୟ ଗ୍ରହଣ କରୁ ନାହିଁ। ଏପରିକି ଏହା କେବେ ଠିକ୍ ହେବ ତାହା ମଧ୍ୟ ସ୍ପଷ୍ଟ ହେଉ ନାହିଁ। ଏଣୁ ତୁରନ୍ତ ଏହାକୁ ଠିକ୍ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଉଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# କଟକ ସିଟି



## ଜିଲ୍ଲାରେ ପଲସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ



**କଟକ,୧୨।୧୦(ସମିସ):** ଆଜି କଟକ ଜିଲ୍ଲାରେ ପଲସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋଙ୍କ ଦ୍ୱାରା ସିଟି ହସ୍ପିଟାଲଠାରେ ସକାଳ ୮ ଘଟିକା ସମୟରେ ହୋଇଯାଇଛି। ଚଳିତ ବର୍ଷ ୨ ଲକ୍ଷ ୨୫ ହଜାର ୬୮୭ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାର ୧୧୫୪ ଟି ବୁଥରେ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ପ୍ରଥମ ଦିନରେ ରହିଯାଇଥିବା ଶିଶୁଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନରେ ଯଥା ୧୩ ଓ ୧୪ ତାରିଖରେ ଘରକୁ ଘର ବୁଲି ସାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ପୋଲିଓ ବୁନ୍ଦା ଦେବାର ବ୍ୟବସ୍ଥା କରାଯାଇଛି। ଏହି ଅଭିଯାନକୁ ଶତ ପ୍ରତିଶତ ସଫଳ କରିବା ପାଇଁ ଜିଲ୍ଲାର ସାସ୍ଥ୍ୟ ସମିତି, ଶିକ୍ଷା କାର୍ଯ୍ୟାଳୟ ସହ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଉଦ୍ୟମ କରାଯାଇଛି। ଆଜିର ଏହି ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲା ଜନସାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚିନ୍ତାମଣି ମିଶ୍ର, ରାଜ୍ୟ ପର୍ଯ୍ୟାଲୋଚକ ଓ ଜିଲ୍ଲା ସାସ୍ଥ୍ୟ ସମିତିର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସମାଜସେବୀ ରଞ୍ଜନ ବିଶ୍ୱାଳଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



**କଟକ,୧୨।୧୦(ସମିସ):** ଦୋଳମୁଣ୍ଡାଇ ସ୍ଥିତ ହୋଟେଲ ଆକବରୀରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ସହାୟତାରେ ରଞ୍ଜନ ବିଶ୍ୱାଳ ଫ୍ୟାନ କ୍ଲବ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରୁ ମୋଟ ୨୦୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରକୁ ଉଦଘାଟକ ତଥା ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଉକ୍ତ ୱାର୍ଡର କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧକ୍ଷା ଦିପ୍ତିମୟୀ ମୂଳିଆ, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଡ଼ ଚନ୍ଦ୍ରିକା ପ୍ରସାଦ ଦାସଙ୍କ ସମେତ ହରିପୁର ଓ ସାଆନ୍ତ ସାହିର ମୁରବୀମାନେ ଯୋଗଦାନ କରିଥିଲେ। ଏଥିରେ କଟକ -ବାରବାଟୀର ବହୁ ଯୁବ, ଛାତ୍ର, ମହିଳା ଏବଂ ଫ୍ୟାନ କ୍ଲବର ସଦସ୍ୟମାନେ ଯୋଗଦାନ କରି ଏହି ଶିବିରକୁ ସଫଳ କରିଥିଲେ।

## ସମ୍ପୂର୍ଣ୍ଣ କ୍ରାନ୍ତି ହିଁ ଭାରତକୁ ସ୍ୱାଧୀନ ଓ ସମୃଦ୍ଧ ରଖିପାରିବ




**ଡ. ଲୋହିଆ ସ୍ମରଣ ସଭାରେ ଅଭିମତ**

**କଟକ,୧୨।୧୦(ସମିସ):** ପଚାଶ ବର୍ଷ ତଳେ ଗଣତନ୍ତ୍ର ଓ ସମ୍ବିଧାନ ଉପରେ ପ୍ରହାର ପରିପ୍ରେକ୍ଷୀରେ ଲୋକନାୟକ ଜୟ ପ୍ରକାଶ ନାରାୟଣ ସମ୍ପୂର୍ଣ୍ଣକ୍ରାନ୍ତିର ଡାକରା ଦେଇଥିଲେ। ତାହା ଆଜି ବି ପ୍ରାସଙ୍ଗିକ। ସ୍ୱାଧୀନତା ଆନ୍ଦୋଳନର ଏହି ମୂଲ୍ୟବୋଧ ସମ୍ବିଧାନରେ ପ୍ରତିଫଳିତ ହୋଇଥିବାରୁ ଆଜି ଦିନରେ ସମ୍ବିଧାନକୁ ସମ୍ମାନ ଦେବା ତଥା ରକ୍ଷା କରିବା ପ୍ରତି ନାଗରିକର ପରମ କର୍ତ୍ତବ୍ୟ ବୋଲି ଲୋହିଆଙ୍କ ସ୍ମରଣ ସଭାରେ ସର୍ବସମ୍ମତ ମତ ପ୍ରକାଶ ପାଇଛି ରବି ରାୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ସଭାରେ ଚିତ୍ତ ରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ଅଖିଳ ଭାରତ ଲୋହିଆ ସଂସ୍ଥାର ସଭାପତି ଅଭିଷେକ ରଞ୍ଜନ ସିଂହ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଶିଶିର ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ସୁକାନ୍ତ ନାୟକ, କୃଷ୍ଣକେଶବ ମିଶ୍ର, ଯୁଗଳ ନାୟକ, ବିଶ୍ୱଜିତ ରାୟ, କମରୁଲ ହୁସେନ, ଡଲି ଦାସ, କ୍ଷୀରୋଦ ରାଉତ, ଅରବିନ୍ଦ ରାଉତରାୟ, ଶର୍ମିଷ୍ଠା ନାଥ, ଜୟନ୍ତ ଦାସ, ଅରବିନ୍ଦ ମଲ୍ଲିକ ପ୍ରମୁଖ ତାଙ୍କର ବକ୍ତବ୍ୟ ରଖିଥିଲେ। ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନର ବହୁ ଛାତ୍ର ଓ ଯୁବନେତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବି ରାୟ ଏକାଡେମୀର ସମ୍ପାଦକ ଇଂ କ୍ଷୀରୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦୁର୍ଗା ପୂଜା ଭସାଣି ଗଣ୍ଡଗୋଳ ଓ ବେଆଇନ ଶୋଭାଯାତ୍ରା ଘଟଣା

# ପୁଣି ୬ ଗିରଫ, ଗିରଫଦାରୀ ସଂଖ୍ୟା ୩୪

କଟକ,୧୨।୧୦(ସମିସ)







- ଏବେ ବି ଦରଘାବଜାର ଅଞ୍ଚଳରେ ପୁଲିସର ସୁରକ୍ଷାବଳୟ
- ରାତି ୧୦ ପରେ ବ୍ଲକିଂ-ଚେକିଂ କଡ଼ାକଡ଼ି
- ଆହୁରି ବଢ଼ିବ ଗିରଫଦାରୀ; ସିସି କ୍ୟାମେରା ଯାଞ୍ଚ ଶେଷ

ଦୁର୍ଗା ପୂଜା ଭସାଣିରେ ଗଣ୍ଡଗୋଳ ଏବଂ ସହରରେ କର୍ଫ୍ୟୁ ପରେ ଏବେ ଗିରଫଦାରୀ ସଂଖ୍ୟା ବଢ଼ି ଚାଲିଛି। ଦୁର୍ଗା ପୂଜା ଭସାଣୀ ଓ ବେଆଇନ ଶୋଭାଯାତ୍ରା କରିବା ଘଟଣାରେ ପୁଲିସ ସମୁଦାୟ ୩୪ ଜଣଙ୍କୁ ଗିରଫ କରି ସାରିଲାଣି। ଆଜି ଏହି ଘଟଣାରେ ଦରଘାବଜାର ଅଞ୍ଚଳର ଅବଦୁଲ୍ ଶିରାଜ୍, ଓଡ଼ିଆ ବଜାର ଅଞ୍ଚଳର ସୟଦ ଖାନ୍(୪୦), ଲାଲବାଗ ଅଞ୍ଚଳର ଏମ୍.ଡି ଜୟନୁଆଲ୍ ଓରଫ୍ ସାହିଲ୍, ବକ୍ସିବଜାର ଅଞ୍ଚଳର ଏମ୍.ଡି ସାହିଲ୍ (୨୯)କୁ ଦରଘାବଜାର ଥାନା ପୁଲିସ ଗିରଫ କରିଛି। ସେହିପରି କେଶରପୁର ଅଞ୍ଚଳର ୱାସିମ୍ ଖାନ୍(୨୭) ଓ କେଶରପୁର ଅଞ୍ଚଳର ସର୍ଫରାଜ୍ ଖାନ୍(୪୫)କୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଗିରଫଦାରୀ ଆହୁରି ବଢ଼ିବ। ଆଜି ସୁଦ୍ଧା ଘଟଣାସ୍ଥଳରେ ଲାଗିଥିବା ସିସି କ୍ୟାମେରାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଆଗକୁ ଆହୁରି ଗିରଫଦାରୀ ବଢ଼ିବ ବୋଲି ପୁଲିସ କହିଛି। ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି ଯେ, ଏହି ଘଟଣାରେ ସମ୍ପୃକ୍ତ କୌଣସି ବିଶୃଙ୍ଖଳାକାରୀଙ୍କୁ ପୁଲିସ କ୍ଷମା ଦେବ ନାହିଁ। ଯେଉଁମାନେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ହୋଇଥିବା ହିଂସାରେ ସମ୍ପୃକ୍ତି ରହିଛି, ସେମାନଙ୍କୁ ଗିରଫ କରାଯିବ। ୨ ଗୋଷ୍ଠୀଙ୍କ ମଧ୍ୟରୁ ପୂର୍ବରୁ ଗିରଫ ହୋଇଥିବା କୌଣସି ଅଭିଯୁକ୍ତଙ୍କ ନାଁ ପୁଲିସ ସାର୍ବଜନୀନ କରି ନ ଥିଲା। ଆଜି ପ୍ରଥମ ଥର ପାଇଁ ୬ ଜଣଙ୍କ ନାଁ ପୁଲିସ ସୂଚନା ଦେଇଛି।

ଗତ ୫ ତାରିଖରେ ପୁଲିସ ଅନୁମତି ନ ଥାଇ ଶୋଭାଯାତ୍ରା ହେବା ଦ୍ୱାରା ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ଖଣ୍ଡଯୁଦ୍ଧ ଘଟିଥିଲା। ୨ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହେବା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଏଥିରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ସମେତ ୩ଜଣ ଏସିପି ଓ ୧୦ଜଣ କନେଷ୍ଟବଳ ଗୁରୁତର ହୋଇଥିଲେ। ଏଡିସିପି ଅମରେନ୍ଦ୍ର ପଣ୍ଡା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଆନ୍ଦୋଳନକାରୀମାନେ ଦରଘାବଜାରରେ ରହିଥିବା ବିଗ୍ ବଜାରକୁ ଭାଙ୍ଗି ଚୂରମାର୍ କରି ଦେଇଥିଲେ। ଆନ୍ଦୋଳନକାରୀମାନେ ଗୋଟିଏ ଅଟୋ ସହିତ ୪ଟି କ୍ୟାବିନ୍ ଓ ଏକାଧିକ ଠେଲାକୁ ନିଆଁ ଲଗାଇ ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ଲାଠିଚାର୍ଜ କରିବା ସହିତ ଟିୟର୍ ଗ୍ୟାସ୍ ମାଡ଼ କରିଥିଲା। ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଭସାଣୀରେ ଗଣ୍ଡଗୋଳ କରିଥିବା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଗତ ୫ ତାରିଖରେ ପୁଣି ଥରେ ଛାତ ଉପରୁ କାଚ ବୋତଲ ଓ ଢେ଼ଲା ପଥର ମାଡ଼ କରିଥିଲେ। ଏହି ଢେ଼ଲା ମାଡ଼ରେ ଏକାଧିକ ଶୋଭାଯାତ୍ରାକାରୀ ଆହତ ହୋଇଥିବା ବେଳେ ୨ଜଣଙ୍କୁ ଏସସିବିରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ରହିଥିବା ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ପର୍ଯ୍ୟାୟକ୍ରମେ ଗିରଫ କରୁଛି। ପୁଲିସ ସୂଚନା ଅନୁସାରେ, ଏକାଧିକ ଗଣ୍ଡଗୋଳକାରୀ କଟକ ସହର ଛାଡ଼ି ଅନ୍ୟତ୍ର ଆତ୍ମଗୋପନ କରିଛନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ୪ଟି ଟିମ୍ ଗଠନ କରାଯାଇଥିବା ବେଳେ ସହର ବାହାରେ ଚଢ଼ଉ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏଠାରେ ସୂଚନାଯୋଗ୍ୟ, ଗତ ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ କଟକ ବନ୍ଦ ଡାକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ଓ ପୁଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଏଥି ଯୋଗୁଁ କଟକ ଅଶାନ୍ତ ହୋଇ ପଡ଼ିଥିବା ବେଳେ ୩୬ ଘଣ୍ଟିଆ କର୍ଫ୍ୟୁ ଘୋଷଣା କରାଯାଇଥିଲା। ଏହା ପରେ ପୁଲିସ ଆକ୍ସନ୍ ମୋଡ୍‌କୁ ଆସିଛି ଅଭିଯୁକ୍ତଙ୍କୁ ଗିରଫ କରୁଛି। ଏବେ ବି କଟକ ସହରରେ ପୁଲିସ ପୁରା ସଜାଗ ରହିବା ସହ ସତର୍କମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ ବଳବତ୍ତର ରହିଛି। ରାତି ୯ଟାରୁ ୧୦ଟା ସୁଦ୍ଧା ପୁଲିସ ପକ୍ଷରୁ ସହରରେ ସମସ୍ତ ଦୋକାନ ବଜାର ବନ୍ଦ କରାଯାଉଛି। ଏହାସହ ରାସ୍ତାଘାଟରେ ଛିଡା ହୋଇଥିବା ଲୋକଙ୍କୁ ମଧ୍ୟ ପୁଲିସ ଘଉଡାଇ ଦେବା ସହ ରାତି ୧୦ଟା ପରେ କାମ ନ ଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି। ଏହିକ୍ରମରେ କଟକରେ ଏକ ପ୍ରକାରର ରାତ୍ରକାଳୀନ କଟକଣା ଜାରି ରହିଛି।

### ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ କାଳୀ ଓ କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି

# ୨୦ରେ କାଳୀ ପୂଜା, ୨୪ରେ ଭସାଣି

**କଟକ,୧୨।୧୦(ସମିସ):** ଚାଉଳିଆଗଞ୍ଜ ପୂଜା ମଣ୍ଡପ କାର୍ଯ୍ୟାଳୟଠାରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟକାରୀ ସଦସ୍ୟ, ତଥା କାଳୀ ଏବଂ କାର୍ତ୍ତିକେଶ୍ୱର ପୂଜା ଆୟୋଜନ କରୁଥିବା ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ନେଇ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ କାଳୀପୂଜା ଏବଂ କାର୍ତ୍ତିକେଶ୍ୱର ପୂଜା ସମ୍ପର୍କରେ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ ଆଗାମୀ ପୂଜା ପାର୍ବଣ କିପରି ସମସ୍ତଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦିତ ହୋଇପାରିବ, ସେ ନେଇ ସମସ୍ତଙ୍କୁ ନିଜର ପ୍ରସ୍ତାବ ରଖିବାକୁ ନିବେଦନ କରିଥିଲେ। ଉକ୍ତ ବୈଠକରେ ଆସନ୍ତା ୨୦ ତାରିଖ ସୋମବାର ଦିନ କାଳୀ ପୂଜା କରାଯିବ ଏବଂ ୨୪ ଶୁକ୍ରବାର ଦିନ ଭସାଣି ଉତ୍ସବ ପାଳନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଆସନ୍ତା ୧ ତାରିଖରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ କରାଯାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୬ ତାରିଖ ଏବଂ ୭ ତାରିଖ ୨ ଦିନ ଧରି କାର୍ତ୍ତିକେଶ୍ୱର ଭସାଣି କରାଯିବ। କଟକର ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ଭାବେ ଏକ ଉଚ୍ଚସ୍ତରୀୟ ସଦଭାବନା ବୈଠକ କରିବାକୁ ଦୃଢ଼ ଦାବି ଉପସ୍ଥାପନା କରାଯାଇଥିଲା। ଏହି ବୈଠକରେ ମହାନଗର ପୂଜା କମିଟିର ସମ୍ପାଦକ, ଉଭୟ ଶାନ୍ତି କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତାଙ୍କ ସମେତ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା, ସମସ୍ତ ସାହି ଯୁବକ ସଂଘର କର୍ମକର୍ତ୍ତା, ସମସ୍ତ ସମ୍ପ୍ରଦାୟ ତଥା ଧର୍ମର ମୁରବୀ ଏବଂ ଯୁବ ବନ୍ଧୁ, ଉଭୟ ରାଜ୍ୟସଭା ଓ ଲୋକସଭାର ସାଂସଦ, କଟକ-ସଦର,



କଟକ-ବାରବାଟୀ, କଟକ-ଚୌଦ୍ୱାରର ବିଧାୟକ, ସମସ୍ତ ନିର୍ବାଚିତ ପ୍ରତିନିଧି କଟକ ମହାନଗର ନିଗମର ମେୟର, ଡେପୁଟି ମେୟର, ଆୟୁକ୍ତ ଓ କର୍ପୋରେଟରଙ୍କ ସମେତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଏବଂ ସମସ୍ତ ଦଳର ରାଜନେତାମାନଙ୍କୁ ସାମିଲ କରିବାକୁ ଦାବି ହୋଇଥିଲା। ବୈଠକରେ ଗୌତମ ପରିଡ଼ା, ନଗେଶ ଚନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ଜେନା, ଶ୍ରୀମନ୍ତ ଦାସ, ମନୋଜ ବସନ୍ତରାୟ, ବାପି ରାୟ, ମାନସ ଜେନା, ସୁବାଶିଷ ପଟ୍ଟନାୟକ, ସଞ୍ଜୟ ଦାସ, ଚନ୍ଦ୍ରମଣି ଦେବତା, ବିଜୟ ବେହେରା, ପ୍ରଦୀପ୍ତ ରଞ୍ଜନ ଦାସ, ବଳରାମ ଦଳାଇ, ଲକ୍ଷ୍ମୀଧର ମହାନ୍ତି, ସନାତନ ପଣ୍ଡା, ବିଜୟ ଗୁପ୍ତା, ବିଚିତ୍ରାନନ୍ଦ ଖୁଣ୍ଟିଆ, ସୁଶାନ୍ତ ବାରିକଙ୍କ ସମେତ ବହୁ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଏଥିରେ ଉଦ୍‌ବୋଧନ ଦେଇଥିଲେ। କୋଷାଧକ୍ଷ ଉମେଶଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## କ୍ଷୁଦ୍ର ଜଳସେଚନ ଓ ଜଳାଶୟ ଗଣନା ପ୍ରଶିକ୍ଷଣ ତାଲିମ



**କଟକ,୧୨।୧୦(ସମିସ):** ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଆନୁକୂଲ୍ୟରେ କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଜନଶକ୍ତି ମନ୍ତ୍ରଣାଳୟ ପରିଚାଳିତ ସପ୍ତମ କ୍ଷୁଦ୍ର ଜଳସେଚନ ଓ ଦ୍ୱିତୀୟ ଜଳାଶୟ ପ୍ରକଳ୍ପ ଗୁଡ଼ିକର ପୂର୍ଣ୍ଣାଙ୍ଗ ଗଣନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରଶିକ୍ଷଣ କର୍ମଶାଳାରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ନିର୍ମଳ କୁମାର ସାହୁ ଏବଂ ଉପନିର୍ଦ୍ଦେଶକ ଗୋପୀନାଥ ମହାପାତ୍ର ତାଲିମ ପ୍ରଦାନ କରିଥିଲେ। ନବନିଯୁକ୍ତ ସାମୟିକ ପରିଗଣନାକାରୀ, ବରିଷ୍ଠ କ୍ଷେତ୍ର ପ୍ରଦର୍ଶକ ଏବଂ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୋବାଇଲ୍ ଆପ୍‌ରେ ପ୍ରଥମ ଥର ପାଇଁ ହେଉଥିବା ଏହି କ୍ଷୁଦ୍ର ଜଳସେଚନ ସଂକ୍ରାନ୍ତୀୟ ପୂର୍ଣ୍ଣାଙ୍ଗ ଗଣନାକୁ ସଠିକ୍ ଓ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପଟେ ବ୍ୟବହାରିକ ପ୍ରଶିକ୍ଷଣ ତାଲିମ ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ବେଲଗାଛିଆ ଗାଁରେ ଅନୁଷ୍ଠିତ ହୋଇଥିଲା। ଏହି ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶିକା ଅନସୂୟା ଦାସ, ଗୀତା ରାୟ, ଦେବସ୍ମିତା ନାଏକ, ସ୍ନିଗ୍ଧା ସେନାପତି, ଉପବିଭାଗ ଅଧିକାରୀ ମୀରାଲୀନା ମହାନ୍ତି, ବରିଷ୍ଠ ସହାୟକ ସୁଧାକର ପ୍ରଧାନ ପରିଚାଳନା କରିଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)


# ପୁଣି ତେଜିଲା ଆଠଗଡ଼କୁ ଜିଲ୍ଲା ମାନ୍ୟତା ଆନ୍ଦୋଳନ

### ରାଜନୈତିକ ବ୍ୟକ୍ତିଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁଁ ଆଠଗଡ଼ ଜିଲ୍ଲାରୁ ବଞ୍ଚିତ

ଆଠଗଡ଼,୧୨।୧୦(ସମିସ)



ଆଠଗଡକୁ ଜିଲ୍ଲା ମାନ୍ୟତା ଆନ୍ଦୋଳନ ପୁନର୍ବାର ହେବାକୁ ଯାଉଛି। ଏଥି ନେଇ ରବିବାର ସ୍ଥାନୀୟ ଉତ୍ତରାଚଣ୍ଡୀ ମନ୍ଦିରରେ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆବାହକ ଲଲାଟେନ୍ଦୁ ସେନାପତିଙ୍କ ଡାକରାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡରେ ରାଜନୀତି କରୁଥିବା ନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଆଜି ଆଠଗଡ ଜିଲ୍ଲା ହେବାରୁ ବଞ୍ଚିତ ହୋଇଛି ବୋଲି ମତ ପ୍ରକାଶ ହୋଇଛି। ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆବାହକ ଲଲାଟେନ୍ଦୁ ସେନାପତି କହିଲେ ପୂର୍ବରୁ ଦୁଇଥର ଗଡଜାତ ପରିକ୍ରମା ତରଫରୁ ଆଠଗଡକୁ ଜିଲ୍ଲା କରିବା ପାଇଁ ପୂର୍ବତନ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ରାଜ୍ୟରେ ନୂଆ ବିଜେପି ସରକାର ଆସିବା ପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧିକାରୀ (ଆରଡିସି)ଙ୍କୁ ମଧ ଆଠଗଡକୁ ଜିଲ୍ଲା କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଆଠଗଡର ଭୌଗୋଳିକ ଦୃଷ୍ଟିକୁ ଦେଖିବାକୁ ହେଲେ ଆଠଗଡ ଉପଖଣ୍ଡରେ ଚାରିଗୋଟି ତହସିଲ, ଚାରିଗୋଟି ବ୍ଲକ, ତିନି ଗୋଟି ଏନଏଏସି ରହିଛି। ଏହାବ୍ୟତୀତ ଆଠଗଡ ବ୍ଲକରେ ୩୦ରୁ ଅଧିକ ବଡ଼ ବଡ଼ କମ୍ପାନୀ କାର୍ଯ୍ୟ କରୁଛନ୍ତି। ଆଠଗଡ ପୁଲିସ ଉପଖଣ୍ଡରେ ୯ଟି ଥାନା ଦୁଇଟି ପୁଲିସ ଫାଣ୍ଡି କାର୍ଯ୍ୟ କରୁଛି। ଦୁଇଜଣ ଡିଏସପି କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ ଆଠଗଡରେ ଜିଲ୍ଲାସ୍ତରର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବୟନ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଏଆରଇସିଏସ ଅଧିକାରୀଙ୍କ କାର୍ଯ୍ୟାଳୟ, ଆଠଗଡରେ ଏଡିଜେ କୋର୍ଟ, ଆଠଗଡ ଉପଖଣ୍ଡରେ ତିନିଗୋଟି ସବ ଜଜ କୋର୍ଟ, ପୂର୍ତ୍ତ ବିଭାଗରେ ଦୁଇଜଣ ଏସଡିଓ, ଆଠଗଡ ଜଳସେଚନ ଏସଡିଓ ସହିତ ଆହୁରି ଅନେକ ଅଫିସ ସବୁ କାର୍ଯ୍ୟ କରୁଛି। ଯଦି ଦେଖାଯାଏ ଆଠଗଡ ଉପଖଣ୍ଡର ଜନସଂଖ୍ୟା ୬ ଲକ୍ଷରୁ ଅଧିକ, ଯଦି ବାଙ୍କୀର ୬ଟି ପଞ୍ଚାୟତକୁ ଆଠଗଡ ସହିତ ମିଶ୍ରଣ କରାଯାଏ ତେବେ ୭ ଲକ୍ଷରୁ ଅଧିକ ଲୋକସଂଖ୍ୟା ହେବ। ଆଠଗଡରେ ଏକ ବିରାଟ ବଡ଼ ଷ୍ଟାଡିଅମ ଏବଂ ଇଣ୍ଡୋର ଷ୍ଟାଡିଅମ ମଧ୍ୟ ରହିଛି। ସରକାରଙ୍କ ସବୁ ଗାଇଡ଼ ଲାଇନକୁ ପୂର୍ଣ୍ଣ କରୁଛି ଆଠଗଡ ଜିଲ୍ଲା। ସବୁ ସୁବିଧା ଥାଇ ଯଦି ଆଠଗଡ ଜିଲ୍ଲା ହୋଇ ନ ପାରିବ ତେବେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ଲଲାଟେନ୍ଦୁ ସେନାପତି ସୂଚନା ଦେଇଛନ୍ତି। ଏହି ବୈଠକରେ ସଭାପତିତ୍ୱ କରିଥିଲେ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଉପଦେଷ୍ଟା ବରିଷ୍ଠ ଆଇନଜୀବି ପ୍ରାଣକୃଷ୍ଣ ଦାଶ। ସେ କହିଲେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ପ୍ରଦାନ କରାଯିବ। ଖୁବଶୀଘ୍ର ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଆଠଗଡ ମହୋତ୍ସବ ପଡିଆ ଆଗରେ ପ୍ରତିକାତ୍ମକ ଧାରଣା ଦିଆଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇଥିଲେ ଆଠଗଡ ସାହିତ୍ୟ ସମାଜ ସଭାପତି ସୁରେଶ ପରିଡା, ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ, ସମାଜସେବୀ ପ୍ରିୟବ୍ରତ ଦାଶ, ଆଇନଜୀବୀ ଚିତ୍ତରଞ୍ଜନ ଦାସ, ଜୟନ୍ତ ପଣ୍ଡା, ପ୍ରକାଶ ସେଠୀ, ଜ୍ଞାନରଞ୍ଜନ ମହାପାତ୍ର, ସାମ୍ବାଦିକ ସର୍ବେଶ୍ୱର ପଣ୍ଡା, ତ୍ରିଲୋଚନ ବେହେରା, ଅଶୋକ ଦାଶ, ନଚିକେତା ପରମାଣିକ। ଆଗାମୀ ଦିନରେ ମହୋତ୍ସବ ପଡିଆ ଆଗରେ ପୁନର୍ବାର ପ୍ରତିକାତ୍ମକ ଧାରଣା ଚାଲୁ ରହିବା ସହିତ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଆଠଗଡକୁ ଭଲ ପାଉଥିବା ଲୋକେ ସହଯୋଗ କରିବାକୁ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଅନୁରୋଧ କରିଛି।

ସକାଳ
THE SAKALA



www.sakalaepaper.com

## ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ

# 'କ୍ରୀଡ଼ା ହିଁ ଚରିତ୍ର ଗଠନର ମୂଳ'





ଭଦ୍ରକ, ୧୨।୧୦(ସମିସ)

ଭଦ୍ରକ ଚରମ୍ପା ରେଲବାଇ ପଡ଼ିଆଠାରେ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ପରିବେଶରେ ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାର ଉଦଘାଟନ ଉତ୍ସବ ହୋଇଯାଇଛି। 'କ୍ରୀଡ଼ା ହିଁ ଚରିତ୍ର ଗଠନର ମୂଳ' ଲକ୍ଷ୍ୟ ସହ ଆୟୋଜିତ ଏହି ପ୍ରତିଯୋଗିତା ୧୪ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୬୮୯ ଜଣ ବାଳକ ଓ ୪୦୬ ଜଣ ବାଳିକା ମୋଟ୧୦୯୫ ପ୍ରତିଯୋଗୀଙ୍କ ସହ କ୍ରୀଡ଼ା ପରିଚାଳକ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱରେ ୨୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦଇଛନ୍ତି। ମୁଖ୍ୟଅତିଥି ଭାବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କ୍ରୀଡ଼ା ପତାକା ଉତ୍ତୋଳନ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବରେଣ୍ୟ ଅତିଥି ଭାବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ସେହିପରି ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା ଓ ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ଉପସ୍ଥିତ ଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସ୍ୱାଗତ ଭାଷଣ ରଖିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଅତିଥି ପରିଚୟ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରତିଯୋଗିତା ସମ୍ବନ୍ଧୀୟ ବିବରଣୀ ପାଠ କରିଥିଲେ। ସନ୍ଧ୍ୟା ସମୟରେ ଆରସିବିଏଲ୍, ଚରମ୍ପା, ବନ୍ଧଗାଁ ହାଇସ୍କୁଲ, ଚରମ୍ପା ଗାର୍ଲସ୍ ହାଇସ୍କୁଲ ଓ ଭଦ୍ରକ ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ପ୍ରତିଯୋଗିତା ରାଜ୍ୟ ସ୍ତରରେ ଯୁବ ପିଢ଼ିକୁ କ୍ରୀଡ଼ା ମାଧ୍ୟମରେ ଶିଷ୍ଟ ଓ ଶକ୍ତିଶାଳୀ ଜୀବନ ଗଢ଼ି ତୋଳିବାକୁ ପ୍ରେରଣା ଦେବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ପଣ୍ଡା, ତପନ ମିଶ୍ର, ମାନସ ନାୟକ, ପ୍ରଭାତ ଯେନା, ଜିତେନ୍ଦ୍ର ସାହୁ, ସଚିକାନ୍ତ ପଣ୍ଡା, ମନୋଜ ଶଙ୍ଖୁଆ, ଗଙ୍ଗାଧର ସେଠୀ, ଅକ୍ଷୟ କୁମାର ସେଠୀ, ରମେଶ ଚୌଧୁରୀ, ଅଶୋକ ବିଶ୍ୱାଳ, ରାମଚନ୍ଦ୍ର ମାରାଣ୍ଡି, ବିକଶୀ ସାହୁ, ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଅକ୍ଷୟ ହୋତା, ଅଜୟ କୁମାର ନନ୍ଦ, ବିଜୟ କୁମାର ମିଶ୍ର, ଉମେଶ ମାଝୀ, ଭୀମସେନ ପରିଡ଼ା, ସତ୍ୟସୁନ୍ଦର ପାଣି, ଜିତେନ୍ଦ୍ର ନାୟକ, ଶଶିଶେଖର କରଶର୍ମା, ଅନିଲ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି।



ଧାମନଗର : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ସଂଗ୍ରାମୀ ବ୍ରଜକିଶୋର ରାଉତ ଭୁବନେଶ୍ୱର ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ବଡ଼ଗଡ଼ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ମିଳିତ ସହଯୋଗରେ ସମ୍ବର୍ଦ୍ଧିତ ହୋଇଛନ୍ତି

# ଚରମ୍ପା ରେଳ ଷ୍ଟେସନରେ ସ୍ୱାଗତ ସମ୍ବର୍ଦ୍ଧନା



ଭଦ୍ରକ, ୧୨।୧୦(ସମିସ): ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ଦ୍ୱାରା କ୍ଷେତ୍ରୀୟ ଜ୍ଞାନବିଜ୍ଞାନ ମେଳା ପୂର୍ବ କ୍ଷେତ୍ର (ଓଡ଼ିଶା, ଉତ୍ତର ବଙ୍ଗ, ଦକ୍ଷିଣ ବଙ୍ଗ, ଆଣ୍ଡମାନ ନିକୋବର, ସିକିମ) ଦ୍ୱାରା ଦକ୍ଷିଣ ବଙ୍ଗସ୍ଥ କାସିମ୍ ବଜାରରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ଓ ଶାରଦା ବିଦ୍ୟା ମନ୍ଦିରରେ ଆୟୋଜିତ ବିଜ୍ଞାନ ମେଳାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୁରୁଣା ବଜାରର ଛାତ୍ରୀ ସୁପ୍ରଭା ପରିଡ଼ା ବିଜ୍ଞାନ ପ୍ରୟୋଗ(ବାଲ୍ ବର୍ଗ)ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅଖିଳ ଭାରତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବାରୁ ସେ ନିଜ ବିଦ୍ୟାଳୟର ଶ୍ରୀବୃଦ୍ଧି କରିବା ସହ ଭଦ୍ରକ ଜିଲ୍ଲା, ପୂର୍ବୋତ୍ତର ସମ୍ଭାଗ ଓଡ଼ିଶା ସର୍ବୋପରି ପୂର୍ବ କ୍ଷେତ୍ରରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା କୁହାଯାଇଛି। ତାଙ୍କୁ ପୁରୁଣା ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ପରିଚାଳନା ସମିତିର ସଭାପତି ବିଜୟ କୁମାର ବହଳୀ, ସମ୍ପାଦକ ଶିବସୁନ୍ଦର ଦାସ, ଉପସଭାପତି ଦୁର୍ଗାପ୍ରସାଦ ପାଣିଗ୍ରାହୀ, ସହସମ୍ପାଦକ ପ୍ରିୟବ୍ରତ ବଳ, କୋଷାଧକ୍ଷ ଶକୁନ୍ତଳା ଦାସ, ପ୍ରଧାନଆଚାର୍ଯ୍ୟ ରାଜକିଶୋର ଦାସ, ସୁପ୍ରଭାଙ୍କ ମାତା ଜୟଶ୍ରୀ ମାଝୀ ଓ ପିତା ପ୍ରଶାନ୍ତ ପରିଡ଼ା ଏବଂ ଗଙ୍ଗାଧର ଗୁରୁଜୀଙ୍କ ସମେତ ଗୁରୁଜୀ, ଗୁରୁମା, ଆତ୍ମୀୟ ସ୍ୱଜନ ଭଦ୍ରକ ରେଳ ଷ୍ଟେସନରେ ପହଞ୍ଚି ସୁଶ୍ରୀ ସୁପ୍ରଭା ପରିଡ଼ାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ମା' ଭାରତୀ ତଥା ଅଖିଳ ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଆଗାମୀ ସଫଳତା ପାଇଁ ପ୍ରାର୍ଥନା କରିଥିଲେ।

# ଅଶ୍ଳୀଳ ଭିଡିଓ ଭାଇରାଲ କରି ୨ ଯୁବକ ଗିରଫ

ଦୋବଲ, ୧୨।୧୦(ସମିସ): ଧାମନଗର ଥାନାଞ୍ଚଳରେ ଗୋଟାଏ ଗ୍ରାମର ୨୦ରୁ ଅଧିକ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ୨ ଯୁବକ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ ଗିରଫ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ପ୍ରକାଶ ଜେନା ଓ ତା'ର ସହଯୋଗୀ ଗୌରାଙ୍ଗ ଜେନାକୁ ପୁଲିସ ଗିରଫ କରିଛି। ପ୍ରକାଶ ବିଂଝାରପୁର ବ୍ଲକ ଅଳକୁଣ୍ଡ ଥାନା ପ୍ରୀତିପୁର ସାହିନପଡ଼ା ଗ୍ରାମର ହୋଇଥିବା ବେଳେ ଗୌରାଙ୍ଗ ମଙ୍ଗଳପୁର ଥାନା ନନ୍ଦିପୁର ଗ୍ରାମ ଷଡ଼ଙ୍ଗୀ ସାହିର। ଉଭୟ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଏକ ଅଟା କମ୍ପାନୀରେ କାମ କରୁଥିଲେ। ଗୌରାଙ୍ଗ ଭିଡ଼ିଓ ତିଆରି କରୁଥିଲା। ପ୍ରକାଶ ତାହାକୁ ଭାଇରାଲ କରୁଥିଲା। ପ୍ରକାଶ ଧାମନଗର ଖଡ଼ିପଦା ପଞ୍ଚାୟତର ଅଭିଯୋକାରୀଙ୍କ ଝିଅର ଭାଇଙ୍କ ସହ ଅନଲାଇନ ଗେମ ଖେଳୁଥିଲା। ସେଇ ଗେମ୍ ମାଧ୍ୟମରେ ପ୍ରକାଶ ଓ ଗୌରାଙ୍ଗଙ୍କ ସହ ପରିଚୟ ହୋଇଥିଲା ଓ ଏହା ମାଧ୍ୟମରେ ଘରକୁ ଯିବା ଆସିବା ହୋଇ ଯୁବତୀ ସହିତ ଦେଖା ହୋଇଥିଲା। ପରେ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ; କିନ୍ତୁ ଯୁବତୀ ତାହାକୁ ମନା କରିଦେବାରୁ ସେ ରାଗିଯାଇ ଯୁବତୀଙ୍କର ଅସିଳ ଫଟୋ ଓ ଭିଡିଓ ତିଆରି କରି ଫେସବୁକ୍, ଇନଷ୍ଟାଗ୍ରାମ ଓ ୱାଟସାପରେ ଭାଇରାଲ କରୁଥିଲା। ଏହି ଘଟଣାକୁ ନେଇ ଯୁବତୀଙ୍କ ବାପା ଗତ ମାସ ୨୫ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏହି ଦୁଇ ଯୁବକ ଖାଲି ସେହି ଜଣଙ୍କର ନୁହଁ ଖଡିପଦା ପଞ୍ଚାୟତର ୨୦ରୁ ଅଧିକ ଝିଅଙ୍କ ଫଟୋକୁ ଫେସବୁକରୁ ନେଇ ଏଆଇ ଟୁଲ ଦ୍ୱାରା ଭିଡିଓ ଭାଇରାଲ କରୁଥିଲା। ନକଲି ଫେସବୁକ ଆଇଡ ବ୍ୟବହାର କରୁଥିଲେ। ବଦନାମ ହୋଇଯିବା ଭୟରେ ଗ୍ରାମର ଯୁବତୀମାନେ ଘରୁ ବାହାରକୁ ବହାରିପାରୁ ନଥିଲେ। ତଦନ୍ତକାରୀ ଅଫିସର ଏଏସଆଇ ନରେନ୍ଦ୍ର ରାଉତ ଗତ ୧୦ ତାରିଖ ବିଶାଖାପାଟଣା ଯାଇ ଉଭୟଙ୍କୁ ଗିରଫ କରି ଆଜି ଧାମନଗର ଥାନାକୁ ଆଣିଛନ୍ତି। ଆସନ୍ତାକାଲି ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ।

# ମା' ଭଦ୍ରକାଳୀ ପୀଠରେ ସେବାୟତ ବୈଠକ



ଭଦ୍ରକ, ୧୨।୧୦(ସମିସ): ଚଳିତ ବର୍ଷା ଅକ୍ଟୋବର ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା'ଭଦ୍ରକାଳୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। କାଳୀପୂଜା ଅବସରରେ ୭ ଦିନ ମଧ୍ୟରେ ମା'ଙ୍କର ସପ୍ତମାତୃକା ବେଶ ଅନୁଷ୍ଠିତ ହୋଇଥାଏ। ମା'ଙ୍କର ଏହି ବେଶକୁ ଦର୍ଶନ କରିବା ଲାଗି ଦୂରଦୁରାନ୍ତରୁ ଭକ୍ତଙ୍କ ଭିଡ଼ ଲାଗି ରହେ। ଚଳିତ ବର୍ଷ ପୀଠରେ ମହାଯଜ୍ଞ ଓ ମା'ଙ୍କ ସପ୍ତମାତୃକା ବେଶ ନିମନ୍ତେ ପୀଠରେ ସେବାୟତଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରଶାସନ ତରଫରୁ ସେବାୟତଙ୍କ ସହ ବିଭିନ୍ନ ବିଭାଗର ପ୍ରସାଶନିକ ଅଧିକାରୀଙ୍କୁ ନେଇ ଖୁବ୍ ଶୀଘ୍ର ଆଉ ଏକ ବୈଠକ ହେବାକୁ ଯାଉଛି। ବୈଠକରେ ପୂଜା ନୀତିକାନ୍ତି, ପ୍ରାତଃ ସାହାଣ ମେଲା, ଦର୍ଶନ ମଙ୍ଗଳ ଆଳତି, ପ୍ରାସାଦ ସେବନ, ଆଲୋକ ସାଜସଜ୍ଜା, ତୋରଣ, ମା'ଙ୍କ ବେଶ ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି। ଆସନ୍ତା ବର୍ଷ ୨୦୨୬କୁ ମହାଯଜ୍ଞର ୨୫ ବର୍ଷ ପୂର୍ତ୍ତି ଅବସରରେ ପୀଠରେ ମାଆଙ୍କର ସୁନାବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ପ୍ରସ୍ତାବ ପାରିତ ହୋଇଛି।



# ରାଜ୍ୟସ୍ତରୀୟ ସଂସ୍କୃତ ସଂସ୍କୃତି ମହୋତ୍ସବ ଉଦ୍‌ଯାପିତ



ଭଦ୍ରକ, ୧୨।୧୦(ସମିସ): ଗୀତା ଭବନରେ ଦ୍ୱିଦିବସୀୟ କର୍ମଶାଳା, ଗୀତାପାଠ ଭଦ୍ରକ କାଳୀ ପର୍ଯ୍ୟନ୍ତ ବିଶ୍ୱବନ୍ଧୁତ୍ୱ ପଦଯାତ୍ରା ମହାସମ୍ମେଳନର ଆବାହକ ପଣ୍ଡିତ ଦୟାନିଧି ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂସ୍କୃତ ବିଦ୍ୱାନ, ପଣ୍ଡିତ, ସଂସ୍କୃତି ପ୍ରିୟ ବ୍ୟକ୍ତିତ୍ୱ ଓ ସମାଜସେବୀମାନେ ଗୀତା ଭବନରୁ ଭଦ୍ରକ କାଳୀ ପର୍ଯ୍ୟନ୍ତ ବିଶ୍ୱ ବନ୍ଧୁତ୍ୱ ପଦଯାତ୍ରାକୁ ଆନୁଷ୍ଠାନିକ ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ପଣ୍ଡା ମହୋତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ପ୍ରଫେସର ମଧୁସୂଦନ ମିଶ୍ର, ମୁଖ୍ୟବକ୍ତା ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଅଧ୍ୟାପକ ନିରଞ୍ଜନ ବେହେରା, ସଞ୍ଜୟ କୁମାର ପଣ୍ଡା, ଗୋପାଳକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାଚୀନ ଅନୁଷ୍ଠାନ ଦାମୋଦର ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗୁରୁ ପୂଜନ କାର୍ଯ୍ୟକ୍ରମରେ ଭାବଗ୍ରାହୀ ମିଶ୍ର ଓ ପଣ୍ଡିତ ପଦ୍ମନାଭ ପଣ୍ଡାଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହାସମ୍ମେଳନର ସମ୍ପାଦକ ଡ଼. ନିତ୍ୟାନନ୍ଦ ମିଶ୍ର ସମ୍ପାଦକୀୟ ଉପସ୍ଥାପନ କରିଥିଲେ। ଉକ୍ତ ମହୋତ୍ସବରେ ବିଶିଷ୍ଟ ବିଦ୍ୱାନ ପଣ୍ଡିତ, ଗବେଷକ ଓ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା। ସହାସମ୍ମେଳନର କର୍ମକର୍ତ୍ତା ଦୈତାରି ଦୀକ୍ଷିତ, ଦେବଦର୍ଶନ ଦାଶ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଚନ୍ଦନ ଦାଶ, ମନୋରମା ଆଚାର୍ଯ୍ୟ, କରୁଣାକର ପଣ୍ଡା, ଅକ୍ଷୟ ପାଣିଗ୍ରାହୀ, ରାଧାକାନ୍ତ ଦୀକ୍ଷିତଃ, କୁଶ ମଲ୍ଲିକ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ସଭା ସଞ୍ଚାଳନ କରିଥିବା ବେଳେ ମହାସମ୍ମେଳନର ସଂଯୋଜକ ସନ୍ତୋଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା: ଅଭିଯୁକ୍ତର ଗିରଫ ଦାବି



ଭଦ୍ରକ, ୧୨।୧୦(ସମିସ): ପଶ୍ଚିମବଙ୍ଗ ରାଜ୍ୟ ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ଶଭାପୁର ନିକଟରେ ସ୍ଥାପିତ ଏକ ଘରୋଇ ଭେଷଜ ମହାବିଦ୍ୟାଳୟରେ ପାଠ ପଢୁଥିବା ଏମବିବିଏସ ୨ୟ ବର୍ଷର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ଓଡ଼ିଆ ଛାତ୍ରୀଙ୍କ ଦୁଷ୍କର୍ମକାରୀଙ୍କୁ ଅବିଳମ୍ବେ ଗିରଫ ସମେତ ଏହି ଘଟଣାର ନ୍ୟାୟିକ ତଦନ୍ତ କରିବା ଏବଂ ରାଜ୍ୟର ବିଭିନ୍ନ ଅନ୍ୟ ସ୍ଥାନରେ ଘଟି ଯାଇଥିବା ନାରୀ ନିର୍ଯାତନା ମାମଲାର ସମାଧାନ ଆଦି ଦାବି ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କମିଟି ବୈଠକ ଭଦ୍ରକ ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ସଂଗଠନର ଜିଲ୍ଲା ଉପସଭାନେତ୍ରୀ ସୁମତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ପଶ୍ଚିମବଙ୍ଗ ରାଜ୍ୟର ଓଡ଼ିଆ ଡାକ୍ତର ଛାତ୍ରୀଙ୍କୁ ନ୍ୟାୟ ନମିଳିଲେ ଓଡ଼ିଶାତମାମ ବୃହତ୍ତର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେବା ସଂଗେ ସଂଗେ ପଶ୍ଚିମବଙ୍ଗ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ସ୍ୱର ଉତ୍ତୋଳନ କରିଥିଲେ। ଓଡଶାରେ ଗତ ବର୍ଷକ ମଧ୍ୟରେ ୯୩ ଜଣ ମହିଳା ଧର୍ଷଣରେ ଶିକାର ହେବା ଏବଂ ୩୫୦୦ରୁ ଅଧିକ ନାରୀ ନିର୍ଯାତନା ବିରୋଧୀ ମାମଲା ବିଭିନ୍ନ ଥାନାରେ ରୁଜୁ ହେବା ଘଟଣା ଓଡ଼ିଶାରେ ନାରୀ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିବା ସହ ନାରୀ ନିର୍ଯାତନା ବିରୋଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲା ସମ୍ପାଦିକା ପ୍ରଭାତି ଯେନା ସଂଗଠନର କାର୍ଯ୍ୟ ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ଜିଲ୍ଲା କମିଟି ସଭ୍ୟା ସୀତା ଦାସ, ରୋଜାଲିନ ସାମ୍ୟବାଦୀ, ମଧୁସ୍ମିତା ପାକଳ, ପ୍ରତିମା ସ୍ୱାଇଁ, ଶାନ୍ତିଲତା ନାୟକ, ସବିତା ବିଶ୍ୱାଳ, ସଙ୍ଗୀତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ବେପରୁଆ ନାବାଳକଙ୍କ ହାତରେ ବାଇକ୍

# ଅଭିଭାବକଙ୍କ ସହ କର୍ତ୍ତୃପକ୍ଷ ବି ନିରବଦ୍ରଷ୍ଟା

## କାହାରିକୁ ମାନୁନାହାନ୍ତି; ସଚେତନତାରେ ଅଟକିଛି କାର୍ଯ୍ୟାନୁଷ୍ଠାନ

ବନ୍ତ/ଆଗରପଡ଼ା, ୧୨।୧୦(ସମିସ)



ଦିନକୁ ଦିନ ବେପରୁଆ ଗାଡ଼ି ଚାଳନା ବୃଦ୍ଧି ପାଇବାରେ ଲାଗିଛି। କାହାରିକୁ ନମାନି ବେପରୁଆ ଭାବେ ଦ୍ରୁତ ଗତିରେ ଗାଡ଼ି ଚଳାଇବାରେ ମୁଖ୍ୟତଃ ପିଲାମାନଙ୍କୁ ଦେଖିବାକୁ ମିଳୁଛି। ପିଲାଙ୍କ ହାତରେ ଅଭିଭାବକମାନେ ବାଇକ୍ ଚାବି ଧରାଇଦେବା ପରେ ସେମାନେ ଆଉ କାହାରିକୁ ମାନୁନାହାନ୍ତି। ନିୟମିତ ଏଭଳି ବାଇକ୍ ଚାଳନା ପାଇଁ ଅନ୍ୟ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ସଡ଼କ ଦୁର୍ଘଟଣା ସବୁଠି ଚିନ୍ତାର କାରଣ ହୋଇଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ବହୁ ବ୍ୟକ୍ତିଙ୍କ ଜୀବନ ମଧ୍ୟ ଏହି କାରଣରୁ ଯାଇଛି। ଖାସ୍ କରି ଦୁଇ ଚକିଆ ଯାନ ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଛି। ଏହା ପଛରେ ନାବାଳକଙ୍କ ହାତରେ ବାଇକ୍ ଏକ ପ୍ରମୁଖ କାରଣ ହୋଇଥିବା ଜଣାପଡ଼ିଛି। ସ୍କୁଲ୍ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ ବାଇକ୍ ଓ ସ୍କୁଟି ଚଳାଉଥିଲାବେଳେ ଏଥିପ୍ରତି କାହାରି ନିଘା ରହୁ ନଥିବା ଅଭିଯୋଗ ହେଉଛି। ବିଭିନ୍ନ ରାସ୍ତା ଘାଟ ସହ ଗାଁ ଗଣ୍ଡା ସବୁଠି ପିଲାଙ୍କ ହାତରେ ବାଇକ୍। ଗୋଟିଏ ଗୋଟିଏ ଗାଡ଼ିରେ ୨ରୁ ୩ ଜଣ ଲେଖାଏଁ ବସି ଅତି ବେପରୁଆ ଭାବେ ଅତି ଦ୍ରୁତଗତିରେ ତାହା ଚାଳନା କରୁଛନ୍ତି। ସରକାରୀ ନିୟମ ଅନୁସାରେ ନାବାଳକ ଓ ନାବାଳିକାଙ୍କୁ ଗାଡ଼ି ଚଳାଇବା ପାଇଁ ଲାଇସେନ୍ସ ପ୍ରଦାନ କରାଯାଇପାରିବ ନାହିଁ। ସେମାନେ ବାଇକ୍ ଓ ଗାଡ଼ି ଚଳାଇବା ବେଆଇନ୍ କିନ୍ତୁ ଅଭିଭାବକଙ୍କଠାରୁ ଆରମ୍ଭ କରି ପୁଲିସ ଓ ପ୍ରଶାସନ ଯାଏଁ କାହାରି ଏଥିପ୍ରତି ଦୃଷ୍ଟି ପଡୁନାହିଁ।

୨୦୧୯ର ସେକ୍ସନ୍ ୧୯୯(ଏ) ମୁତାବକ, ୧୮ ବର୍ଷରୁ କମ୍ ବୟସର ଯେ କୌଣସି ଭାରତୀୟ ନାଗରିକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ ହୋଇଥିବା ସତ୍ତ୍ୱେ ବିନା ଲାଇସେନ୍ସ ଓ ବିନା ହେଲ୍‌ମେଟରେ ଶତାଧିକ ପିଲା ଗାଡ଼ି ଚଳାଉଛନ୍ତି। ଆଇନ ଅନୁସାରେ, ନିୟମିତ ଉଲ୍ଲଙ୍ଘନକାରୀଙ୍କ ଅଭିଭାବକମାନେ ମଧ୍ୟ ଅକଳରେ ପଡ଼ିପାରନ୍ତି। ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକରେ ଏହାର କୌଣସି ପ୍ରଭାବ ପଡୁ ନଥିବା ଦେଖିବାକୁ ମିଳୁଛି।

ବନ୍ତରେ ଗତ ୨୦୨୧ ଓ ୨୨ରେ ୯, ୨୦୨୩ରେ ୮ ଓ ୨୦୨୪ ଡ଼ିସେମ୍ବର ୨୭ ତାରିଖ ସୁଦ୍ଧା ୧୨ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ ହୋଇଥିବା ବେଳେ ଆଗରପଡ଼ାରେ ୨୦୨୦ରେ୪, ୨୦୨୧ରେ ଜଣେ, ୨୦୨୨ରେ ୫, ୨୩ରେ୬ ଓ ୨୦୨୪ରେ ୪ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇ ଶତାଧିକ ଲୋକ ଆହତ ହୋଇଛନ୍ତି। ପ୍ରଶାସନ ଉକ୍ତ ସମସ୍ୟାକୁ ଗମ୍ଭୀରତାର ସହ ନେଇ ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରିବା ସହ ସଚେତନାର ବାର୍ତ୍ତା ପ୍ରଦାନ ପାଇଁ ପ୍ରୟାସ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ସେମାନେ ଯାହା କହନ୍ତି..



ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରବେଶପଥରେ ପୁଲିସ ମୁତୟନ ଅଛନ୍ତି। ଯଦି କୌଣସି ନାବାଳକ ଆଇନକୁ ଅବମାନନା କରୁଥିବା ଯାଞ୍ଚ ବେଳେ ଜଣାପଡ଼େ ତେବେ ସରକାରଙ୍କ ନିୟମାନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଦେବରାଜ ଜେନା, ଥାନାଧିକାରୀ, ଆଗରପଡ଼ା



ଅଭିଭାବକଙ୍କ ଇଚ୍ଛାଶକ୍ତିର ଅଭାବରୁ ଅନେକ ଏହାକୁ ମାନୁ ନଥିବାରୁ ଆଗାମୀ ଦିନରେ ଏହା ଏକ ବଡ଼ ସମସ୍ୟା ରୂପେ ଉଭା ହୋଇପାରେ। ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରାଯାଉ। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ହିଁ ଏହା ଉପରେ ରୋକ୍ ଲଗାଯାଇ ପାରିବ।

ବିନୋଦ ଧଳ ସାମନ୍ତ, ନିର୍ଦ୍ଦେଶକ କଳିଙ୍ଗ କମ୍ପ୍ୟୁଟର୍ସ, ଆଗରପଡ଼ା



ନାବାଳକଙ୍କ ହାତରେ ବାଇକ୍ ଚାବି ଦେବାରୁ ପ୍ରଥମେ ଅଭିଭାବକମାନେ ନିବୃତ ରହିବା ଆବଶ୍ୟକ। ସେମାନେ ନିଜ ଶିଶୁର ବୟସ ଅନୁସାରେ ତାର ଆବଶ୍ୟକତାକୁ ପୂରଣ କରିବା ଆବଶ୍ୟକ। ଏହିପରି କଲେ ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ସୃଷ୍ଟି ହୋଇପାରିବ।

ମନ୍ମଥ ଦାଶ, ଯୁବ ସମାଜସେବୀ, ଆଗରପଡ଼ା



ସରକାରୀ ସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+୨)ର ଛାତ୍ରଛାତ୍ରୀଙ୍କୁ ବାଇକ ଆଣି ବିଦ୍ୟାଳୟକୁ ଆସିବାରୁ ନିବୃତ୍ତ ରହିବା ପାଇଁ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷଙ୍କୁ କଡ଼ାକଡ଼ି ନିୟମ ପ୍ରଣୟନ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ।

ଫକିର ଚରଣ ଶଙ୍ଖୁଆ, ଅଧ୍ୟାପକ, ସୋସୋ ମହାବିଦ୍ୟାଳୟ

## ଘର ଗ୍ରୀଲ କାଟି ଚୋରି ଅଭିଯୋଗ

**ଚୌଦ୍ୱାର,୧୨।୧୦(ସମିସ):** ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ଚାଲିଥିବାବେଳେ ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ସୁଲତାନ ନଗରର ଜଣେ ବ୍ୟକ୍ତିଙ୍କ ଘରେ ଦୁର୍ବୃତ୍ତମାନେ ପଶି ବହୁ ମାତ୍ରାରେ ସୁନାରୂପା ଅଳଙ୍କାର ଓ ନଗଦ ୮୦ ହଜାର ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସୁଲତାନ ନଗରର ସୁରେଶ ଦାସ ଓ ତାଙ୍କ ପରିବାର ଲୋକେ ରୂପଯାତ୍ରା ଦେଖିବା ପାଇଁ ଶନିବାର ରାତିରେ ଚୌଦ୍ୱାର ତିନିକୋଣିଆସ୍ଥିତ ରୂପଯାତ୍ରା ପଡ଼ିଆକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରୀଲ କାଟି ଘର ଭିତରକୁ ପଶିବା ସହିତ ଘର ଭିତରେ ଥିବା ଆଲମିରାକୁ ଭାଙ୍ଗି ସେଥିରେ ଥିବା ବହୁ ସୁନା ଏବଂ ରୂପା ଅଳଙ୍କାର ଲୁଟି ନେଇଥିଲେ। ଏଥିସହ ଆଲମିରା ଲକ୍କର ଭିତରେ ଥିବା ନଗଦ ୮୦ ହଜାର ଟଙ୍କା ମଧ୍ୟ ଲୁଟ ହୋଇଥିବା ସୁରେଶ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

## ୪ ୱାରେଣ୍ଟି ଗିରଫ

**ସାଲେପୁର,୧୨।୧୦(ସମିସ):** ସାଲେପୁର ପୁଲିସ ବିଭିନ୍ନ କେସରେ ସଂପୃକ୍ତ ଥିବା ୪ ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ୨୦୦୪ ମସିହାରେ ହୋଇଥିବା ଏକ ଚୋରି ମାମଲାରେ ସଂପୃକ୍ତ ଥିବା ବଣହରା ଗ୍ରାମର କମଳାକାନ୍ତ ଜେନା ଓ ସେହିପରି ୨୦୦୭ ମସିହାରେ ଖଇରା ଗ୍ରାମର ପ୍ରଶାନ୍ତ କୁମାର ରାଉତରାୟ ଏବଂ କଲ୍ୟାଣପୁର ଗ୍ରାମର ବେଣୁ ଚରଣ ଦଉଙ୍କୁ ପୁରୁଣା ୱାରେଣ୍ଟି ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସେହିପରି ୨୦୧୧ମସିହାରେ ଚୋରା ମଦ ବିକ୍ରି ଅଭିଯୋଗରେ ଫେରାର ଥିବା ବାଲିଆ ଗ୍ରାମର ବେଣୁଧର ସାମଲଙ୍କୁ ମଧ୍ୟ ସାଲେପୁର ପୁଲିସ ପୁରୁଣା ୱାରେଣ୍ଟ ବଳରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ସାଲେପୁର ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି।

## ୨ ଗାଡ଼ି ସହ ମଦ ଜବତ, ଦୁଇ ଅଟକ

**ତ୍ରିଶୂଳିଆ,୧୨।୧୦(ସମିସ):** ଗୋଡିସାହି ଫାଣ୍ଡି ଅନ୍ତର୍ଗତ ମୁଣ୍ଡଳି ବ୍ୟାରେଜ ନିକଟରୁ ବେଆଇନ ଦେଶୀ ମଦ ଜବତ ଦୁଇ ଗାଡ଼ି ସହ ଦୁଇ ଜଣକୁ ଅଟକ କରିଛି ଗୋଡିସାହି ଫାଣ୍ଡି ପୁଲିସ। ସୂଚନାଯୋଗ୍ୟ ରବିବାର ସନ୍ଧ୍ୟାରେ ଗୋଡିସାହି ଫାଣ୍ଡି ପୁଲିସ ପାଟ୍ରୋଲିଂ କରିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଆଠଗଡ଼ ଅଞ୍ଚଳରୁ ମହାନଦୀ ମୁଣ୍ଡଳି ବ୍ୟାରେଜ ପାସ କରିବା ବେଳେ ଫାଣ୍ଡି ପୁଲିସ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଓଡି ୩୩ ଏଟି ୯୬୭୫ ଏବଂ ଓଡି ୦୫ବିଏଲ ୯୬୪୦ ଗାଡ଼ି ଦୁଇଟିରୁ ବେଆଇନ ୧୨୦ ଲିଟର ଦେଶୀ ମଦକୁ ଜବତ କରିବା ସହ ଦୁଇ ଜଣ ଯୁବକକୁ ଅଟକ ରଖିଛି। ଗୋଡିସାହି ଫାଣ୍ଡି ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଶରତ କରଙ୍କ ଶ୍ରାଦ୍ଧବାର୍ଷିକୀ

**ମାହାଙ୍ଗା,୧୨।୧୦(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ବଜାର ଠାରେ ଶରତ କର ଓ ଅନିମା କର ଫାଉଣ୍ଡେସନ ଆନୁକୂଲ୍ୟରେ ସ୍ୱର୍ଗତ ଶରତ କରଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜ୍ୟେଷ୍ଠ ପୁତ୍ର ସୁମନ କର, ରାମଚନ୍ଦ୍ର ବେହେରା, ରୁଦ୍ରନାରାୟଣ ସିଂହ, ରତ୍ନାକର ମହାନ୍ତି, ଅମୂଲ୍ୟ ସ୍ୱାଇଁ, ରାମଚନ୍ଦ୍ର ସ୍ୱାଇଁ, ହୃଷିକେଶ ବେହେରା, କାର୍ତ୍ତିକ ବିହାରୀ, ନେତ୍ରାନନ୍ଦ ଦାସ, ଅଶୋକ ନାଥ, ସମସର ଅଲ୍ଲୀ, ଦିଲ୍ଲୀପ ମହାନ୍ତି, ସୁରେନ୍ଦ୍ର ମଡେଇ, ଲବଙ୍ଗଲତା ରାଉତ, ଦୋଳଗୋବିନ୍ଦ ସାହୁ, ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ବହୁ ଶରତ ପ୍ରେମୀ ଉପସ୍ଥିତ ଶରତ କରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ପାଣି ସାହିତ୍ୟର ପଞ୍ଚମ ସନ୍ଧ୍ୟା**

# ଓଡ଼ିଆ ଜାତିର ନମସ୍ୟ ପୁରୁଷ ଥିଲେ ଗଣକବି

## ସାଧନା ପୀଠରେ ଗଣକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ



**ମାହାଙ୍ଗା,୧୨।୧୦(ସମିସ):** ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଗଣକବି ବୈଷ୍ଣବ ପାଣିଙ୍କ ୧୪୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ କବିଙ୍କ ସାଧନ ପୀଠ ସାରସ୍ୱତ ଭୂମି ମାଳିହତା ସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ପୁଣ୍ୟ ପୀଠରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାଳିହତା ଗାଁ' ବୈଷ୍ଣବ ପାଣିଙ୍କୁ ଜଣେ ସଫଳ ନାଟ୍ୟକାର, ପ୍ରଖ୍ୟାତ ନିର୍ଦ୍ଦେଶକ, ବିଖ୍ୟାତ ଅଭିନେତା ଭାବେ ପରିଚିତ କରିପାରିଥିବାରୁ, ସେହି ପଲ୍ଲୀ ଗାଁ'ର ମହାର୍ଘ୍ୟ ମାଟିକୁ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଭୁରି ଭୁରି ପ୍ରଶଂସା କରିଥିଲେ। ପ୍ରାଧ୍ୟାପକ ଡ. ଗିରିଜା ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ମାଧ୍ୟମରେ ସଂସ୍କୃତିକୁ ଗୌରବାନ୍ୱିତ କରିବା ବୈଷ୍ଣବ ପାଣିଙ୍କ ଭଳି କ୍ୱଚିତ ବ୍ୟକ୍ତିତ୍ୱଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଥିଲା। ଆମକୁ ଆମ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପ ନେବାକୁ ପଡିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ନଟବର ଶତପଥୀ କହିଲେ, ଗଣକବି ଓଡ଼ିଆ ଜାତିର ନମସ୍ୟ ପୁରୁଷ। ଗଣକବିଙ୍କ ନାଟକ ସମାଜର ସବୁ ବର୍ଗର ପାଠକ ଓ ଦର୍ଶକଙ୍କୁ ପ୍ରଭାବିତ କରିପାରିଛି। ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଅଭୟ ଦାସ ପାଣି ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଡ. ନିଖିଳେଶ ପଦ ମହାନ୍ତି କହିଲେ, ଆମ ମାଟିର ଅସୁମାରୀ କାହାଣୀ କହେ ଗଣକବିଙ୍କ ନାଟକର ବିଷୟବସ୍ତୁ। ସରଳ ତରଳ ସାବଲୀଳ ଭାଷାରେ ତାଙ୍କ ରଚିତ ଅନେକ ନାଟକକୁ ଗ୍ରାମୀଣ ଜନତା ଆଗ୍ରହର ସହିତ ଉପଭୋଗ କରୁଥିଲେ। ଉତ୍ସବରେ ଜିତେନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉମେଶ ଚନ୍ଦ୍ର ଭଞ୍ଜ, ମନୋରଞ୍ଜନ ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, ଅଭିନ ଜେନା, ତାରାକାନ୍ତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଞ୍ଚ ଉପରେ କଳାକାରଙ୍କୁ ଅସମ୍ମାନ ଭିଡିଓ ଭାଇରାଲ୍

**କଟକ,୧୨।୧୦(ସମିସ):** ଶନିବାର ସନ୍ଧ୍ୟାରେ କବିଙ୍କ ସାଧନା ପୀଠ ମାଳିହତାଠାରେ ଏହି ଜୟନ୍ତୀ ପାଳନ କରାଯିବା ନିମନ୍ତେ ପ୍ରସ୍ତୁତି ଶେଷ ହୋଇସାରିଥିଲା। ଏହି ଅବସରରେ ଅନୁଷ୍ଠିତ ସାହିତ୍ୟାଲୋଚନା କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟାରେ ଆରମ୍ଭ ହେବାର ରହିଥିଲା। ମାତ୍ର ସାହିତ୍ୟାଲୋଚନା କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନ ହୋଇ ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ସମସ୍ତ କାର୍ଯ୍ୟସୂଚୀ ଓଲଟପାଲଟ ହୋଇଯାଇଥିଲା। ସାହିତ୍ୟାଲୋଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ସ୍ଥାନୀୟ ଦିବ୍ୟଜ୍ୟୋତି ସାଂସ୍କୃତିକ ସଂସଦ କାଳିୟନ୍ତୀ ତରଫରୁ ସନ୍ଧ୍ୟା ୭ଟାରେ ଗୀତିନାଟ୍ୟ ଅମର ବିଳାଶ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ଏନେଇ ଦିବ୍ୟଜ୍ୟୋତି ସାଂସ୍କୃତିକ ପରିଷଦର କଳାକାରମାନେ ବେଶ ପୋଷାକରେ ସୁସଜ୍ଜିତ ହୋଇ ଗୀତିନାଟ୍ୟ ଅମର ବିଳାଶ ପରିବେଷଣ କରିବାକୁ ଆସିଥିଲା ବେଳେ ମଞ୍ଚ ଉପରେ ମାହାଙ୍ଗା ବିକାଶ ପରିଷଦର ଜଣେ କର୍ମକର୍ତ୍ତା କାର୍ଯ୍ୟକ୍ରମ ବିଳମ୍ବ ହୋଇଥିବା କାରଣରୁ କଳାକାରଙ୍କୁ ଗୀତିନାଟ୍ୟ ପରିବେଷଣକୁ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ କଳାକାର ଓ କର୍ମକର୍ତ୍ତାଙ୍କ ମଧ୍ୟରେ ମଞ୍ଚ ଉପରେ ବଚସା ହୋଇଥିଲା। ଏହି ବଚସା ଦୀର୍ଘ ସମୟ ଲାଗି ରହିଥିବା ହେତୁ କେହି ନିଜ ମୋବାଇଲରେ ଏହି ଦୃଶ୍ୟଟିକୁ କଏଦ କରିଥିଲେ। ଯେଉଁ ଭିଡିଓଟି ମାହାଙ୍ଗା ଅଞ୍ଚଳରେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ତେବେ ମଞ୍ଚ ଉପରେ କଳାକାରଙ୍କ ପ୍ରତି ଏପରି ଅସମ୍ମାନ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।



## ଭଙ୍ଗିମୁଣ୍ଡା ଗଜଲକ୍ଷ୍ମୀ ଯାତ୍ରା ଉଦ୍‌ଯାପିତ



**ଟାଙ୍ଗୀ,୧୨।୧୦(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଙ୍ଗିମୁଣ୍ଡା ଐତିହାସିକ ଗଜଲକ୍ଷ୍ମୀ ଯାତ୍ରା ମହୋତ୍ସବ ରବିବାର ଉଦଯାପିତ ହେବା ସହ ଭସାଣି ଉତ୍ସବ ଶେଷ ହୋଇଥିବା ଜଣାପଡିଛି। ଶନିବାର ସମସ୍ତ ୨୧ଟି ମେଢ଼ ହାଟ ପଡ଼ିଆରେ ଏକତ୍ର ହେବା ପରେ ରବିବାର ଭସାଣୀ କାର୍ଯ୍ୟକ୍ରମ ଦିବା ସମୟରେ ଆରମ୍ଭ ହୋଇ ରାତ୍ର ୧୦ ଘଟିକା ସମୟରେ ସଂପନ୍ନ ହୋଇଛି। ପ୍ରଥମେ ଥାନପତି ତେଲିସାହି ମା' ଦୁର୍ଗାଙ୍କ ମେଢ଼ ସମସ୍ତ ମେଢଙ୍କୁ ଭୋଗଦେବା ପରେ ପ୍ରଥମେ ଭସାଣୀ ଉତ୍ସବରେ ସାମିଲ ହେବା ଅନ୍ୟ ସମସ୍ତ ମେଢ଼ ଭସାଣୀରେ ସାମିଲ ହୋଇଥିବାବେଳେ ଶେଷରେ ନୃସିଂହ ମେଢ଼ ଭସାଣୀ ଉତ୍ସବ ସାମିଲ ହୋଇ ଯାତ୍ରା ପଡିଆ ନିକଟସ୍ଥ ବିରୂପା ନଦୀରେ ବିସର୍ଜିତ ହୋଇଥିଲେ। ଟାଙ୍ଗୀ ଥାନା ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିବା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି। ଯାତ୍ରାରେ ଶତାଧିକ ଘରକରଣା ସାମଗ୍ରୀ ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନ ଖୋଲିଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଯାତ୍ରାରେ ଶାନ୍ତି କମିଟି, ପରିଚାଳନା କମିଟି, ସମସ୍ତ ମେଢ଼ କମିଟିର ସମସ୍ତ ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଆଠଗଡ଼ ବ୍ଲକ୍ ବିଜେଡିର ଜନସଂପର୍କ ପଦଯାତ୍ରା




**ଆଠଗଡ,୧୨।୧୦(ସମିସ):** ଆଠଗଡ ବ୍ଲକ ବିଜେଡି ପକ୍ଷରୁ ରବିବାର ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ଆଠଗଡ ବ୍ଲକ ଜିଲ୍ଲା ପରିଷଦ ଜୋନ୍-୧ରେ ଏହି କାର୍ଯ୍ୟକ୍ରମ କୁଲାଇଲୋ ଗ୍ରାମ ଠାରୁ ଏକ ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇ ଦୋରଡ ଗ୍ରାମପଞ୍ଚାୟତର ଗୋପୀନାଥପୁର, ଇଶ୍ୱରାଛକ, ଦୋରଡ, ହେମମାଳପୁର, ସଠିଲୋ, ଶ୍ରୀରାମପୁର, କୁଆଁଳ, ସମସରପୁର, ଅମୃତମଣୋହୀ ପାଟଣା, ସମସରପୁର, ଚେରେଇପାଟଣା, ରଘୁନାଥପୁର ଗ୍ରାମ ପରିକ୍ରମା କରିଥିଲା। ଆଠଗଡ ବ୍ଲକ୍ ବିଜେଡି ସଭାପତି ରବିନ୍ଦ୍ର ନାଥ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରଥପ୍ରାନ୍ତ ସଭାରେ ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ କେନ୍ଦ୍ର ତଥା ରାଜ୍ୟର ତ୍ରୁଟିପୂର୍ଣ୍ଣ କୃଷି, ଶିକ୍ଷା ଅର୍ଥନୀତିକୁ ସମାଲୋଚନା କରିବା ସହିତ ସମ୍ପ୍ରତି ରାଜ୍ୟରେ ନାରୀ ନିର୍ଯାତନା, ହତ୍ୟା, ଦୁଷ୍କର୍ମ ବୃଦ୍ଧି, ସାର ଯୋଗାଣରେ ବିଭ୍ରାଟ, ନିର୍ବାଚନ ବେଳେ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ଫେଲ ମାରିବାକୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତିଲତା ବେହେରା, ବଳଭଦ୍ର ବାଘ, ସୁନୀଲ ପରିଡା, କଟକ ଜିଲ୍ଲା ବିଜେଡି ଉପସଭାପତି ନୃସିଂହ ଚରଣ ମହାପାତ୍ର, ପ୍ରଦିପ୍ତ ଦାସ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିତାଲି ରାଉତ, ଆଠଗଡ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତି ପ୍ରମୁଖ ଯୋଗଦେଇଥିଲେ।

## ମଣିଆ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ 'ସୁରଭି'



**ଟାଙ୍ଗୀ,୧୨।୧୦(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷା ମଣ୍ଡଳ ଅଧୀନସ୍ଥ ମଣିଆ ଆଞ୍ଚଳିକ ସାଧନ କେନ୍ଦ୍ର (କ୍ଲଷ୍ଟର) ପକ୍ଷରୁ କ୍ଷେତ୍ରପାଳ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ "ସୁରଭି' ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ସହ ପୁରସ୍କୃତ କରିବା ଚର୍ଚ୍ଚାକୁ ଆସିଛି। କ୍ଷେତ୍ରପାଳ ସମେତ ବଇଁଚୁଆ, କଡ଼େଇ, ମଣିଆ, ନିଶ୍ଚିନ୍ତା ଉଚ୍ଚ ପ୍ରାଥମିକ, ଦମକା, କାଳିଆପଲ୍ଲୀ ଓ ଉଚ୍ଚପଦା ପ୍ରାଥମିକ ଏବଂ ମହନ୍ତ ବିଦ୍ୟାପୀଠକୁ ମିଶାଇ ମୋଟ ୯ଟି ବିଦ୍ୟାଳୟର ପ୍ରାୟ ୨ ଶହ ଛାତ୍ରଛାତ୍ରୀ ମହୋତ୍ସବରେ ଅଂଶଗ୍ରହଣ ପୂର୍ବକ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୁଇଜ୍, ଚିତ୍ରାଙ୍କନ, ବକ୍ତୃତା, ବିତର୍କ, ସଂଗୀତ, ସୃଜନଶୀଳ ଲିଖନ, ପ୍ରବନ୍ଧ, ଓଡ଼ିଆ ହସ୍ତାକ୍ଷର, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ, ଚିତ୍ରକଳା ଓ ଶିଳ୍ପକଳାକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାବେଳେ ଚଳିତ ବର୍ଷ ଠାରୁ ଚିତ୍ରାଙ୍କନ ଓ ଗଣିତ ଦୌଡ଼ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସିଆରସିସି ଦୟାନିଧି ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ ପୂର୍ବାହ୍ନରେ ଉଦଘାଟନ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦଯାପନ ଉତ୍ସବରେ ଶିକ୍ଷାବିତ୍ ତଥା ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ ପ୍ରାକ୍ତନ ସିଆରସିସି ଦିଲ୍ଲୀପ ବାରିକ, ଶିକ୍ଷାବିତ ଧିରେନ୍ଦ୍ର ଜେଠୀ ଓ ସରପଞ୍ଚ ପ୍ରତିନିଧି ମାନସ ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦାନ ପୂର୍ବକ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। କାଳିଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦିପ୍ତ କୁମାର ବେହେରା ମହୋତ୍ସବ ପରିଚାଳନା କରିଥିବାବେଳେ ହରିହର ବେହେରା, ଭକ୍ତବତ୍ସଳ ଦାସ, ସବିତା ବେହେରା, ଜୟଶ୍ରୀ ବାରିକ, ଅନୁପମା ଲେଙ୍କା ଓ ମିଳି ନାୟକ ପ୍ରମୁଖ ସହାୟତା କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବିରୁଆ ଧନ୍ୟବାଦ ଦେଇଥିଲେ।

## ୪ଟି ପଞ୍ଚାୟତରେ ବିଜେଡିର ଜନସଂପର୍କ ପଦଯାତ୍ରା



**ଟାଙ୍ଗୀ,୧୨।୧୦(ସମିସ):** ସାଲେପୁର ନିର୍ବାଚନ ମଣ୍ଡଳୀ ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ସମେତ ଜରିପଡ଼ା, ଗୋବିନ୍ଦପୁର ଓ ଉଚ୍ଚପଦା ଆଦି ୪ଟି ପଞ୍ଚାୟତରେ ବିଜେଡିର ଜନସଂପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପୂର୍ବାହ୍ନରେ ଜରିପଡ଼ା ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମରୁ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ ଓ ବିଜେଡି ସଂଗଠକ ଅମୂଲ୍ୟ ବେଉରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସମର୍ଥକ ପଦଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଗୋବିନ୍ଦପୁର ପଞ୍ଚାୟତରେ ସମିତିସଭ୍ୟ ନିଧିରାମ ଦାସ, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦାସ, ବିଜେଡି ସଂଗଠକ ଦିଲ୍ଲୀପ ନାୟକ, ନରେନ୍ଦ୍ର ନାୟକ, ହୃଷିକେଶ ନାୟକ, ନାରୀନେତ୍ରୀ ସୁମତି ଚିନ୍ତାରା ଓ ହରପ୍ରିୟା ଦାସ ପ୍ରମୁଖ ପଦଯାତ୍ରା ପରିଚାଳନା କରିଥିଲେ। ପରେ ପରେ ଉଚ୍ଚପଦା ପଞ୍ଚାୟତ ପରିକ୍ରମା କରାଯାଇଥିଲା। ସରପଞ୍ଚ ପ୍ରତିନିଧି ମାନସ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସମର୍ଥକ ଦମକା ଗ୍ରାମରୁ ପଦଯାତ୍ରା ଆରମ୍ଭ ପୂର୍ବକ ଉଚ୍ଚପଦାରେ ଶେଷ କରିଥିଲେ। ପରେ ଅପରାହ୍ନରେ ଶାଳଗାଁ ପଞ୍ଚାୟତ କଉଡ଼ିଆପଡ଼ା ଗ୍ରାମ ନିକଟରୁ ପଦଯାତ୍ରା ବାହାରି ନେଳିଆ, ପଳାସିଆ, ଗୁଗୁଜଙ୍ଗ, ପଧାନିଆ, ଶାଳଗାଁ, ଭୟରପୁର, ମାଧପୁର, ଖାଇପଡ଼ିଆ ଓ ବମ୍ଭରୀ ଆଦି ଗ୍ରାମ ପରିକ୍ରମା କରିଥିଲା। ପଞ୍ଚାୟତ ବିଜେଡି ସଭାପତି ଉମେଶ ସ୍ୱାଇଁ ଓ ସଂଗଠକ ଦେବେନ୍ଦ୍ର ଜେଠୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ପଞ୍ଚାୟତସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ପ୍ରାକ୍ତନ ସମିତିସଭ୍ୟ ତଥା ଆମ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ପରମଜିତ ମହାନ୍ତି ଓ ବିଷ୍ଣୁ ଦାସ ପ୍ରମୁଖ ବହୁ ଆଗଧାଡ଼ିର କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଯୋଗ ସଂସ୍ଥାନ ପକ୍ଷରୁ ଯୋଗ ଦିବସ



**ତିଗିରିଆ,୧୨।୧୦(ସମିସ):** ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଭାରତୀୟ ଯୋଗ ସଂସ୍ଥାନର ୫୯ ତମ ଯୋଗ ଦିବସ ନୂଆପାଟଣା ଯୋଗ ଜିଲ୍ଲା ଆନୁକୂଲ୍ୟରେ ପାଳନ ହୋଇଯାଇଛି। ନୂଆପାଟଣା ଯୋଗ ଜିଲ୍ଲାର ଜିଲ୍ଲା ପ୍ରଧାନ ଦୁର୍ଯ୍ୟୋଧନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର, ସମ୍ମାନିତ ଅତିଥିଭାବେ ପ୍ରାନ୍ତ ସଦସ୍ୟ ରଘୁନାଥ ରେଙ୍ଗୀ, ଜିଲ୍ଲା ଉପ ପ୍ରଧାନ ପ୍ରଫୁଲ୍ଲ ସ୍ୱାଇଁ, ଜିଲ୍ଲା ସଂଗଠନ ମନ୍ତ୍ରୀ ପ୍ରଭାକର ରାଉତ, ତିଗିରିଆ କ୍ଷେତ୍ରର କ୍ଷେତ୍ର ମନ୍ତ୍ରୀ ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ସାଧକ, ସାଧିକାଙ୍କ ସହ ଯୋଗାଭ୍ୟାସ, ପ୍ରାଣାୟମ ଧ୍ୟାନ କରିଥିଲେ। ପରିବର୍ତ୍ତିତ ଜୀବନ ଶୈଳୀରେ ବିଭିନ୍ନ ପ୍ରକାରର ରୋଗରୁ ମୁକ୍ତି ପାଇଁ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ସଙ୍ଗଠନ ମନ୍ତ୍ରୀ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ତିଗିରିଆ ବ୍ଲକ୍‌ରେ ସ୍ୱଚ୍ଛ ଭାରତ ମିଶନ ଦିଗହରା

## ଏବେ ବି ଗାଁ ପୋଖରୀ ହୁଡ଼ା ଓ ଅବ୍ୟବହୃତ ପଡ଼ିଆରେ ଚାଲିଛି ମଳତ୍ୟାଗ



**ତିଗିରିଆ,୧୨।୧୦(ସମିସ):** ସ୍ୱଚ୍ଛ ଭାରତ ମିଶନ ଯୋଜନା ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଫି ବର୍ଷ କୋଟି କୋଟି ଟଙ୍କାର ବ୍ୟୟବରାଦ କରିବା ସହ ଭିନ୍ନ ଭିନ୍ନ ସମୟରେ ଗାଁ ଗଣ୍ଡା ସହରରେ ବିଭିନ୍ନ ପ୍ରକାର ସଚେତନତା ଧର୍ମୀ କାର୍ଯ୍ୟକ୍ରମ ହାତକୁ ନେଉଥିଲେ ହେଁ ତିଗିରିଆ ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ଦିଗହରା ହୋଇପଡ଼ିଛି। ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକର ୯୦ ଶତକଡା ପରିବାରକୁ ସ୍ୱଚ୍ଛ ଭାରତ ମିଶନ ଯୋଜନା ମାଧ୍ୟମରେ ପାଇଖାନା ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିଲେ ହେଁ ଆଜି ବି ଜନସାଧାରଣ ଗାଁ ଗଣ୍ଡାରେ ଥିବା ପୋଖରୀ, ପରିତ୍ୟକ୍ତ ପଡିଆରେ ମଳତ୍ୟାଗ କରୁଥିବାର ଦେଖିବାକୁ ମିଳିଛି। ଏହାର ନଗ୍ନ ରୁପ ଦେଖିବାକୁ ମିଳିଛି ତିଗିରିଆ ବ୍ଲକ ହେଡକ୍ୱାର୍ଟର ନିଜିଗଡ ପଞ୍ଚାୟତରେ। ୨୦୦୬ ରେ ଏହି ପଞ୍ଚାୟତର ଶତପ୍ରତିଶତ ପରିବାର ପାଇଖାନା କାର୍ଯ୍ୟାଦେଶ ପାଇ ନିଜ ନିଜର ପୈତୃକ ସ୍ଥାନରେ ପାଇଖାନା ନିର୍ମାଣ କରିଛନ୍ତି। ଏହି ରେକର୍ଡ ଅନୁଯାୟୀ ତିଗିରିଆ ନିଜିଗଡ ପଞ୍ଚାୟତକୁ ନିର୍ମଳ ଗ୍ରାମର ମାନ୍ୟତା ମଧ୍ୟ ମିଳିଛି। ମାତ୍ର କିଛି ପରିବାର ସେମାନଙ୍କ ପାଇଖାନାକୁ ବ୍ୟବହାର ନ କରି ଗାଁ ପୋଖରୀ ହୁଡା, ପରିତ୍ୟକ୍ତ ପଡିଆକୁ ମଳତ୍ୟାଗ କରୁଥିବାର ଲକ୍ଷ୍ୟ କରାଯାଇଛି। ଫଳରେ ସରକାରଙ୍କ ଏହି ସୁଦୂରପ୍ରସାରି ଯୋଜନା ଲକ୍ଷହୀନ ହୋଇପଡ଼ିଛି। ପଞ୍ଚାୟତର ନିଜିଗଡ ଗ୍ରାମରେ ଥିବା ଗଡପୋଖରୀଠାରୁ ଆରମ୍ଭ କରି ଯମୁନାବନ୍ଧ, ଖଣ୍ଡିଆବନ୍ଧ, ନୂଆଗଡବନ୍ଧ ଆଦି ନିରୋଳା ସ୍ଥାନମାନଙ୍କରେ ପ୍ରାତଃକାଳରୁ ମଳତ୍ୟାଗ ପାଇଁ ଶହ ଶହ ଲୋକ ଭିଡ ଜମାଉଛନ୍ତି। ଅନୁରୂପ ଭାବେ ସଂପ୍ରତି ବିଭିନ୍ନ ବିଲବାଡିରେ ଧାନଫସଲ ପାଇଁ ଚାଷୀମାନେ ବାରମ୍ବାର କ୍ଷେତ ହୁଡାକୁ ଯାତଯାତ କରିବାକୁ ବ୍ୟବହାର କରୁଥିବା ବେଳେ ବିଶୃଙ୍ଖଳିତ ଜନସାଧାରଣ ବିଲ ହୁଡାକୁ ମଳତ୍ୟାଗ ପାଇଁ ବ୍ୟବହାର କରୁଛନ୍ତି ଯାହାଦ୍ୱାରା କ୍ଷେତକୁ ଯାତଯାତ କରୁଥିବା ଚାଷୀମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଥିନେଇ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରଶାସନ ତଥା ନିଜିଗଡ ପଞ୍ଚାୟତ କର୍ତ୍ତୃପକ୍ଷ ଏନେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଘରୋଇ ଜମିରେ ରାସ୍ତା ନିର୍ମାଣ ଅଭିଯୋଗ

**ଦିଗପହଣ୍ଡି,୧୧।୧୦(ସମିସ):** ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ପୋଡାବାଡ଼ି ଗ୍ରାମରେ କାର୍ଯ୍ୟାଦେଶ ନଥାଇ ମନରେଗା ଯୋଜନାରେ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି । ଆର. ଡି ରାସ୍ତା ଠାରୁ ଗ୍ରାମର ବଣଡେପ ଯାଏଁ ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ଗଞ୍ଜାମ



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ.୫୪୩ ତା - ୩-୬-୨୦୨୫ କ୍ରମିକ ସଂଖ୍ୟା ୧୩୦ ଅନୁଯାୟୀ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାଦେଶ ଜାରି କରାଯାଇନାହିଁ । କିମ୍ବା ରାସ୍ତା ନିର୍ମାଣ ନକ୍ସା ଓ ପ୍ରକଳ୍ପ ବାବଦରେ ବ୍ୟୟ ବରାଦ ଅଦ୍ୟାବଧି ମଞ୍ଜୁର ହୋଇନଥିବା ବେଳେ କିଛି ବ୍ୟକ୍ତି ଜେସିବି ମେସିନ ସହାୟତାରେ ଘରୋଇ ଜମିରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ବେଆଇନ ଭାବେ ୪୬ ହଜାର ଟଙ୍କା ଉଠାଣ କରିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି । ଭିଜିଲାନ୍ସ ତଦନ୍ତ ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ରାସ୍ତା ନିର୍ମାଣ ପ୍ରକଳ୍ପ ଅନୁମୋଦନ କରିବା ପୂର୍ବରୁ ମନରେଗା ଯୋଜନାର ନୀତି ନିୟମକୁ ଉଲଙ୍ଘନ କରାଯାଇ ଏହି ରାସ୍ତା ନିର୍ମାଣ କରାଯାଉଥିବା ଗ୍ରାମର ସମ୍ବାରୁ ଦଳାଇ, ରାଜେଶ କୁମାର ଦଳାଇ, ସୀମାଞ୍ଚଳ ଗୌଡ଼, ରାମକୃଷ୍ଣ ଦଳାଇ, ଲକ୍ଷ୍ମଣ ଦଳାଇ, କୃଷ୍ଣ ଗୌଡ଼, ଜିଲୁ ଗୌଡ଼ ପ୍ରମୁଖଙ୍କ ସହ ବହୁ ସଂଖ୍ୟକ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଏନେଇ ବିଡ଼ିଓଙ୍କୁ ପଚାରିବାରୁ ସେ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁଜ କୁମାରଙ୍କୁ ପଚାରିବାରୁ ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ତଥ୍ୟ ନଥିବା କହିଛନ୍ତି । ମନରେଗା ଯୋଜନାର ବ୍ଲକ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ନିମନ୍ତେ ମଷ୍ଟରରୋଲ ପ୍ରସ୍ତୁତ କରାଯାଇ ଜବକାର୍ଡଧାରୀ ଶ୍ରମିକଙ୍କ ବ୍ୟାଙ୍କ ଜମାଖାତାକୁ ମଜୁରୀ ଅର୍ଥ ଦିଆଯାଇଥାଏ । କିନ୍ତୁ ଉକ୍ତ ରାସ୍ତା ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ । କିଏ କରିଛନ୍ତି ରାସ୍ତା ନିର୍ମାଣ ସେ ଏନେଇ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜଣାଇଛନ୍ତି ।କକପ

ବିଦ୍ୟାଳୟ ସମ୍ମିଶ୍ରଣ ବାଧକ

# ବାଳିକା ବିଦ୍ୟାଳୟରେ ଅବ୍ୟବସ୍ଥା

**ସୋରଡ଼ା,୧୨।୧୦(ସମିସ):**

ସରକାର ଝିଅ ମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ହେଲେ ସରକାରୀ ମିଶ୍ରଣ ପ୍ରକ୍ରିୟା ଏକ ବାଳିକା ସ୍କୁଲର ଅବସ୍ଥାକୁ କିପରି ଦୂରାବସ୍ଥା କରିଦେଇଛି ଦେଖିବାକୁ ମିଳିଛି ସୋରଡ଼ା ବ୍ଲକରେ । ସୋରଡା ବ୍ଲକ ନିକଟରେ ସ୍ୱତନ୍ତ୍ର ବାଳିକା ଶିକ୍ଷା ପାଇଁ ୧୯୬୪ ମସିହାରେ ଗଢ଼ି ଉଠିଥିବା ଏହି ବିଦ୍ୟାଳୟର ୟୁଡ଼ାଇସ କୋଡ୍ ଶଶୀ ଭୂଷଣ ଉଚ୍ଚ ବିଦ୍ୟାଳୟ ସହ ମିଶିଯିବାରୁ ଆଜକୁ ୫ ବର୍ଷ ହେଲା ଏହି ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଏହି ବିଦ୍ୟାଳୟ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ହୋଇ ରହିଥିବା ବେଳେ ବର୍ତ୍ତମାନ ଏହା ଶଶୀ ଭୂଷଣ ଉଚ୍ଚ ବିଦ୍ୟାଳୟର ସମ୍ମିଶ୍ରଣ ହେତୁ ନା ଆର୍ଥିକ ଅନୁଦାନ ମିଳୁଛି ନା ହେଉଛି ଉନ୍ନତି । ଏପରିକି ବର୍ତ୍ତମାନର ସରକାରଙ୍କ ନୂଆ ପଦକ୍ଷେପ ଭାବେ ଆରମ୍ଭ ହୋଇଥିବା ମଧ୍ୟାହ୍ନ ଭୋଜନ ମଧ ଅଧପନ୍ତରିଆ । କାରଣ ମଧ୍ୟାହ୍ନ ଭୋଜନ ଅନୁଦାନ ମଧ ଏଠାକୁ ଆସୁନି । ତେଣୁ ପ୍ରତ୍ୟେକ ଦିନ ଶତାଧିକ ଛାତ୍ରୀ ଜାତୀୟ ରାଜପଥଦେଇ ପ୍ରାୟ ଅଧା କିଲୋମିଟର ରାସ୍ତା ଚାଲି ଚାଲି ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟକୁ ଯିବା ଏବଂ ଖାଇସାରିଲା ପରେ ପୁଣି ଏହି ବିଦ୍ୟାଳୟକୁ ଫେରିବା କାଠିକର ପାଠ ହେଉଛି । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ବର୍ତ୍ତମାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏବେ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ସାମଗ୍ରୀ ପଠାଇଦିଆଯାଉଛି । କିନ୍ତୁ ବିଦ୍ୟାଳୟର ଆବଶ୍ୟକ ମୌଳିକ ସୁବିଧା ପାଇଁ ଆର୍ଥିକ ଅନୁଦାନ ଆସୁନି । ୬୧ ବର୍ଷ ହେଲା ବାଳିକାଙ୍କ ଉଚ୍ଚ ଶିକ୍ଷା ପାଇଁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଉଚ୍ଚ ଶିକ୍ଷା ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟରେ ସମ୍ମିଶ୍ରଣ ବିଦ୍ୟାଳୟ ହୋଇଥିବା ଯୋଗୁଁ ଦୁଇଟିଯାକ ବିଦ୍ୟାଳୟ ପାଇଁ ଗୋଟିଏ ଅନୁଦାନ ଆସୁଛି ଏବଂ ଏହି ଅନୁଦାନ ଶଶୀ ଭୂଷଣ ଉଚବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଅଧୀନରେ ରହୁଥିବାରୁ ଆବଶ୍ୟକ ଅନୁଦାନ ବାଳିକା ଉଚ୍ଚ ବିଦ୍ୟାଳୟକୁ ମିଳୁନି । ତେଣୁ ଏହି ବିଦ୍ୟାଳୟର ଆବଶ୍ୟକ ସୁବିଧା ଛାତ୍ରୀଙ୍କୁ ଦେବାରେ ସମସ୍ୟା ହେଉଛି । ଗତ ୩୦ ଅଗଷ୍ଟ ୨୦୧୭ ପତ୍ର ସଂଖ୍ୟା-୧୬୧୬୭ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସରକାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକର ସମ୍ମିଶ୍ରଣ ତାଲିକା ପ୍ରକାଶ କରିଲେ । ଯେଉଁଥିରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମିଶ୍ରଣ ହୋଇଥିବା କୌଣସି ସୂଚନା ନାହିଁ । କିନ୍ତୁ ସମ୍ମିଶ୍ରଣର ଦ୍ୱାହି ଦେଇ ତତ୍କାଳୀନ ସମୟରେ ଏହି ଅନୁଷ୍ଠାନରୁ ଅଷ୍ଟମ ଶ୍ରେଣୀକୁ ବାହାର କରି ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶାଇ ଦିଆଗଲା । ପରେ ମଧ ଏହି ବିଦ୍ୟାଳୟର ଉଡାଇସ (ୟୁନିଫାଇଡ ଡିଷ୍ଟ୍ରିକ୍ଟ ଇନଫରମେଟିଭ ସିଷ୍ଟମ ଅଫ ଏଡୁକେସନ) କୋଡ ୨୦୨୨ ମସିହା ପର୍ଯ୍ୟନ୍ତ ଚାଲୁଥିଲା । କିନ୍ତୁ ପରେ ବନ୍ଦ କରିଦିଆଗଲା । ଏହା ଜିଲ୍ଲା ଶିକ୍ଷାଧିକାରୀଙ୍କ କ୍ଷମତାଧିନ ଥିବା ଯୋଗୁଁ ବିଇଓ ମଧ ଚୁପ ରହୁଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଟାଟା କମ୍ପାନୀ ବିରୋଧରେ ଆନ୍ଦୋଳନ ପାଇଁ ସଜବାଜ



**ଗଞ୍ଜାମ,୧୨।୧୦(ସମିସ):** ଦିନକୁ ଦିନ ଟାଟା ବିଦ୍ୟୁତ କର୍ମଚାରୀଙ୍କ ମନମୁଖୀ ଶାସନରେ ଅତିଷ୍ଠ ହୋଇ ପଡିଲେଣି ବିଦ୍ୟୁତ ଉପଭୋକ୍ତା । ଏହାକୁ ବିରୋଧ କରି ରବିବାର ଖଣ୍ଡଦେଉଳୀ ସହିଦ ଭଗତ ସିଂ କଲେଜ ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ । ରାଜ୍ୟ ବରିଷ୍ଠ ସିପିଏମ ନେତା ଅଳିକିଶୋର ପଟ୍ଟନାୟକ, ଏଆଇକେଏସ ଜିଲ୍ଲା ସଭାପତି ପି.ହରେକୃଷ୍ଣ ରେଡି, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ ପ୍ରମୁଖ ଉପସ୍ଥିତ ରହି ଟାଟା କର୍ମଚାରୀଙ୍କ ଶୋଷଣ ନୀତିକୁ ବରଦାସ୍ତ କରାଯିବ ନାହିଁ ଏଥିପାଇଁ ଜନ ଆନ୍ଦୋଳନ କରାଯିବ ବୋଲି କହିଥିଲେ । ଗଞ୍ଜାମ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଲୋକଙ୍କୁ ସଚେତନତା କରାଯିବାକୁ ଆଲୋଚନା ହୋଇଥିଲା । ଏଥିରେ ଖଣ୍ଡଦେଉଳୀ ସରପଞ୍ଚ ବୈରାଗୀ ବେହେରା, ସନ୍ତୋଷପୁର ସରପଞ୍ଚ ପ୍ରତିନିଧି ଭୀମ ସେନ ସାହୁ, ସମିତି ସଭ୍ୟ ପ୍ରତିନିଧି ରାମଚନ୍ଦ୍ର ରେଡି, ଶିକ୍ଷାବିତ ରାମଚନ୍ଦ୍ର ଗୌଡ଼, ଖଲି ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ଅଜୟ ଗୌଡ଼, ପ୍ରଫୁଲ୍ଲ ମାଳି, ପାଲଙ୍ଗ ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ରେଡି, ପୂର୍ବତନ ସମିତି ସଭ୍ୟ କୃଷ୍ଣ ଚନ୍ଦ୍ର ମହାକୁଡ଼, କୁମୁଦ ସ୍ୱାଇଁଙ୍କ ସମେତ ଶତାଧିକ ବିଦ୍ୟୁତ ଉପଭୋକ୍ତା, ଜନସାଧାରଣ ଉପସ୍ଥିତ ଥିଲେ ।

# ଗଞ୍ଜାମ ପୁଲିସ ଜିଲ୍ଲା; ୧୯ ଏସ୍ଆଇ ହେଲେ ଇନ୍ସପେକ୍ଟର

**ଛତ୍ରପୁର,୧୨।୧୦(ସମିସ):** ଗଞ୍ଜାମ ପୁଲିସ ଜିଲ୍ଲାରେ କାର୍ଯ୍ୟରତ ୧୯ ଜଣ ଏସ୍ଆଇ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ହୋଇଛନ୍ତି । ଶୁକ୍ରବାର ରାଜ୍ୟ ପୁଲିସ ମୁଖ୍ୟାଳୟରୁ ପ୍ରକାଶତି ବିଜ୍ଞପ୍ତି ଅନୁସାରେ ଉପରୋକ୍ତ ପଦୋନ୍ନତି ହୋଇଥିବା ଜଣାପଡିଛି । ସେମାନେ ହେଲେ ବଂଶୀଧର ମଲ୍ଲିକ, ଶୁଭ୍ରଜିତ ସାମନ୍ତରାୟ, ଜ୍ଞାନରଞ୍ଜନ ସେଠୀ, ସମୀର କୁମାର ବେହେରା, ଅମରକାନ୍ତ ଷଡଙ୍ଗୀ, ଅଜିତ ପରିଡା, ଟୁନା ପୀଡ଼ିକା, ବିଶ୍ୱଜିତ ନାୟକ, ସଂଗ୍ରାମ ଦେହୁରୀ, ବିମଳ କୁମାର କହଁର, ବାଲ୍ମିକୀ ପ୍ରଧାନ, ଟୁଲୁରାମ ମାହାନନ୍ଦ, ଆରତୀ କୁମାରୀ ପରିଡା, ଅଭୟ କୁମାର ପ୍ରଧାନ, ସୁନିଲୋ କାଣ୍ଡଗୋରି, ପ୍ରିୟଙ୍କା ବେହେରା, ଶରଳତା ପ୍ରଧାନ, ଶୁଭଲକ୍ଷ୍ମୀ କହଁର ଓ କେଶବ ସରଙ୍ଗି ।

ଗଞ୍ଜେଇ ଚୋରା ଚାଲାଣ

# ମାଷ୍ଟରମାଇଣ୍ଡ ବିଟେକ୍ ଛାତ୍ର ଗିରଫ

**କୋରାପୁଟ,୧୨।୧୦(ସମିସ):** କୋରାପୁଟରେ ଗଞ୍ଜେଇ ଚୋରା ଚାଲାଣର ମାଷ୍ଟର ମାଇଣ୍ଡ ବିଟେକ ଛାତ୍ର ଗିରଫ ହୋଇଛି । ଗିରଫ ହୋଇଥିବା ଯୁବକ ଜଣଙ୍କ କୋରାପୁଟ ସଦର ଅନ୍ତର୍ଗତ ପିଡେଇ ଗ୍ରାମର ଦୈତାରୀ ଖେମୁଣ୍ଡୁ(୨୭ ବର୍ଷ) । ସେ ବିଟେକ୍ ପଢା ଶେଷ କରିବା ପରେ ୨ ବର୍ଷ ହେବ ରେଳ ଷ୍ଟେସନ ନିକଟସ୍ଥ ସୁନାପୁର ଠାରେ ରହି ମାଫିଆ ମାନଙ୍କୁ ଗଞ୍ଜେଇ ଯୋଗାଇ ଆସୁଥିଲେ । ଏକାଧିକ ଗଞ୍ଜେଇ ଚୋରା ଚାଲାଣରେ ତାର ସମ୍ପୃକ୍ତି ଥିବା ଅଭିଯୋଗରେ କୋରାପୁଟ ରେଳବାଇ ପୋଲିସ ତାକୁ ଆଜି ଗିରଫ କରିଛି । ସୂଚନା ଅନୁସାରେ ଗତ ଏପ୍ରିଲ ମାସରେ ଗଞ୍ଜେଇ ଚୋରା ଚାଲାଣ ନେଇ ରେଳବାଇ ଥାନା ରେ ଏକ ମାମଲା ରୁଜୁ ହୋଇଥିଲା । ଏହି




ଘଟଣାରେ ବିହାରର ଅରବିନ୍ଦ କୁମାର ଶର୍ମା ନାମକ ଜଣେ ଯୁବକକୁ ଗିରଫ କରାଯାଇଥିଲା । ସେ ପୋଲିସ ନିକଟରେ ଗଞ୍ଜେଇ ଯୋଗାଉଥିବା ବ୍ୟକ୍ତି ମାନଙ୍କ ବିଷୟରେ ସମସ୍ତ ତଥ୍ୟ ଦେଇଥିଲା । ଏହାକୁ ଆଧାର କରି ରେଳବାଇ ପୋଲିସ ପକ୍ଷରୁ ଗଞ୍ଜେଇ ଚୋରା ଚାଲାଣର ମାଷ୍ଟର ମାଇଣ୍ଡକୁ ଧରିବା ପାଇଁ ଜାଲ ବିଛା ଯାଇଥିଲା । ଆଜି ରେଳବାଇ ପୋଲିସ ଚୋରା ଚାଲାଣର ମାଷ୍ଟର ମାଇଣ୍ଡକୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ବିଭିନ୍ନ ସମୟରେ କୋରାପୁଟ ଜେଲରେ ଗଞ୍ଜେଇ ମାଫିଆଙ୍କ ସହିତ ମଧ ସାକ୍ଷାତ କରୁଥିଲେ । ରେଳ ଷ୍ଟେସନର ପଛ ପାଖରେ ସିସିଟିଭି ନ ଥିବାର ସୁଯୋଗ ନେଇ ସେ ଟ୍ରେନ ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲା । ଏହି ଗଞ୍ଜେଇ ଚୋରା ଚାଲାଣ କାରବାରରେ ତାର ଆଉ ୨ ସହଯୋଗୀ ଏବେ ଜେଲରେ ରହିଛନ୍ତି । କୋରାପୁଟ ରେଳବାଇ ପୋଲିସ ବିଟେକ ଛାତ୍ର ଦୈତାରୀ ଖେମୁଣ୍ଡୁକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସନ୍ତୋଷୀ ମହାନ୍ତ ସୂଚନା ଦେଇଛନ୍ତି ।

# ବାଇକ୍କୁ ପିଟିଲା କାର୍, ଚାଳକ ମୃତ

**କାକିରିଗୁମା,୧୨।୧୦(ସମିସ):** କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର କାକିରିଗୁମ୍ମା ଥାନା ତୁନୁପାର ଛକ ନିକଟରେ ଏକ କାର ସମ୍ମୁଖରୁ ଆସୁଥିବା ଏକ ବାଇକ୍କୁ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ଜଣକ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁସୁମୁଗୁଡା ଗ୍ରାମର ଡମ୍ବରୁ ବିଶୋଇ ବୋଲି ଜଣାପଡ଼ିଛି । ଶ୍ରୀ ବିଶୋଇ ନିଜ ଘରକୁ ମୋଟର ସାଇକଲ ଯୋଗେ କୁସୁମୁଗୁଡା ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର ଧକ୍କା ଦେଇଥିଲା । ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସପିଟାଲକୁ ନେଇଥିଲେ କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସୂଚନା ପାଇ କାକିରିଗୁମା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ି ଜବତ୍ କରି ମାମଲା ରୁଜୁ କରିଛି । ଉତ୍ୟକ୍ତ ଗ୍ରାମବାସୀ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ । ପୁଲିସ୍ ବୁଝାସୁଝା ରାସ୍ତା କରାଇବା ପରେ ଅବରୋଧ ହଟିଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।

# ଗୀତା ଆବୃତ୍ତି ପ୍ରତିଯୋଗିତା



**ପାରଳାଖେମୁଣ୍ଡି,୧୨।୧୦ (ସମିସ):** ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ୪ ବିଭାଗ କରାଯାଇ ବିଭିନ୍ନ ବିଦ୍ୟାଳୟର ୬୫ ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିଲା । ପ୍ରଥମେ ଦେବୀମଠ ମହନ୍ତ ମହାରାଜ ରମାନନ୍ଦ ଦାସଜୀ ଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ପଣ୍ଡିତ ସୁଦର୍ଶନ ତ୍ରିପାଠୀଙ୍କ ନେତୃତ୍ୱରେ ୧୨ ଜଣ ବିଚାରକ ଥିଲେ । ଏଥିରେ ପଣ୍ଡିତ କୁମୁଦ ରଞ୍ଜନ ଦାସ ଓ ପ୍ରଜ୍ଞାନ ମିଶନର ଜିଲ୍ଲା ସଂଯୋଜକ ଓ କର୍ମକର୍ତ୍ତା ସହଯୋଗ କରିଥଲେ । ଦ୍ୱିତୀୟ ପର୍ଯ୍ୟାୟରେ ପଣ୍ଡିତ ପ୍ରସାଦ ନାୟକଙ୍କ ଅଧକ୍ଷତାରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ପରେ ଜିଲ୍ଲାସ୍ତର ପାଇଁ କୃତିତ୍ୱ ହାସଲ କରିଥିବା ୧୨ଜଣଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ସହିତ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ପ୍ରଜ୍ଞାନ ମିଶନର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଗୀତାପ୍ରେମୀ ଶ୍ୟାମସୁନ୍ଦର ଗନ୍ତାୟତ ଆଗାମୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଓ ଗୀତା ଜ୍ଞାନ ପରୀକ୍ଷା ବିଷୟରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବାଳ-ମୁକୁନ୍ଦ କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା କରିଥିଲେ ଏବଂ ଶେଷରେ 'ଗୀତା ସୁଗୀତା କର୍ତ୍ତବ୍ୟା' ବାର୍ତ୍ତାକୁ ଉପସ୍ଥାପନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ଇଞ୍ଜିନିୟରିଂ ୱାର୍କଚାର୍ଜଡ୍ କର୍ମଚାରୀ ଫୋରମର ସାମ୍ବାଦିକ ସମ୍ମିଳନୀ



**କୋରାପୁଟ,୧୨।୧୦(ସମିସ):** ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ଠାରେ ରାଜ୍ୟ ଇଞ୍ଜିନିୟରିଂ ୱାର୍କଚାର୍ଜଡ୍ ନିୟମିତ ସେବା ନିବୃତ୍ତ କର୍ମଚାରୀ ଫୋରମ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ରାଜ୍ୟ ଇଞ୍ଜିନିୟରି ୱାର୍କଚାର୍ଜଡ଼ ନିୟମିତ ସେବା ନିବୃତ୍ତ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା ୨୨୭୬୪/୧୯୯୭ ଅନୁସାରେ ୧୦ ବର୍ଷ ଏବଂ ୱାର୍କଚାର୍ଜଡ୍ ନିୟମ ସର୍ତ୍ତାବଳୀ ଅନୁସାରେ ୫ ବର୍ଷ ଚାକିରି ପୂରଣ ହୋଇ ସାରିଥିବା ଇଞ୍ଜିନିୟରି ବିଭାଗର ପେନସନ ଯୋଗ୍ୟ ଅବହେଳିତ ବ୍ରଟ ଓଭର ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀଙ୍କ ସମୁଦାୟ ଚାକିରି କାଳକୁ ହିସାବକୁ ନେଇ ପେନସନ ନିୟମ ୧୯୯୨ ଭୁକ୍ତ କରି ଅବସରକାଳୀନ ପେନସନ ସହିତ ଗ୍ରାଚ୍ୟୁଇଟି ଅଧିନିୟମ ୧୯୭୨ପ୍ରଦାନ କରିବା ପାଇଁ ଦାବି ହୋଇଛି । ୩୦ରୁ ୪୦ ବର୍ଷ ନିରବଚ୍ଛିନ୍ନ ଚାକିରି କରିଥିବା ଇଞ୍ଜିନିୟରି ବିଭାଗର ବ୍ରଟଓଭର ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀ ଅବସର ପରେ କୌଣସି ସାମାଜିକ ନିରାପତ୍ତା ବା ସାମାଜିକ ସୁରକ୍ଷା ପାଇ ପାରୁନାହାନ୍ତି । ଯାହା ଫଳରେ ସେମାନେ ଅଭାବ ଅନାଟନରେ ଜୀବନ ଅତିବାହିତ କରୁଛନ୍ତି । ରାଜ୍ୟରେ ସରକାର ରାଜ୍ୟ ଇଞ୍ଜିନିୟରି ୱାର୍କଚାର୍ଜଡ଼ ନିୟମିତ ସେବା ନିବୃତ୍ତ କର୍ମଚାରୀ ଫୋରମଙ୍କ ଦୁଃଖ ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି । ରାଜ୍ୟ ସରକାର ଅବସରକାଳୀନ ପେନସନ ସହିତ ଗ୍ରାଚ୍ୟୁଇଟି ପ୍ରଦାନ କରିବା ପାଇଁ ଦାବି ହୋଇଛି । ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ସଂଘର ସଭାପତି ରଣଜିତ ମହାନ୍ତି, ନଗର ଉନ୍ନୟନ ବିଭାଗ କର୍ମଚାରୀ ସଂଘ ର ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ଅଶୋକ କୁମାର ମୁଦୁଲି, ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଂଘ ର ସଭାପତି କୃଷ୍ଣଚନ୍ଦ୍ର ନାୟକ, ସମ୍ପାଦକ ଚିତ୍ତ ରଞ୍ଜନ ମହାରଣା, ଜଳ ସମ୍ପଦ ବିଭାଗ କର୍ମଚାରୀ ସଂଘ ସଭାପତି ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ଅଜିତ କୁମାର ଦାସ, ପଞ୍ଚାୟତରାଜ ଜିଲ୍ଲା ସଭାପତି କ୍ଷିତୀଶ ମିତ୍ର, ସମ୍ପାଦକ ଆଶିଷ ନନ୍ଦ, ପୂର୍ତ୍ତ ବିଭାଗ ସଂଗଠନ ର ସଦସ୍ୟ କପିଳେଶ୍ୱର ବାରିକ, କଲ୍ୟାଣ ମହାରଣା, ସୁକାନ୍ତ ମହାରଣା, ପ୍ରଦୀପ କୁମାର ନିଶା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମହାରଣା ସହଯୋଗ କରିଥିଲେ ।

# ମହାସଭାକୁ ନିର୍ବାଚିତ ସଭ୍ୟ ସଭ୍ୟାଙ୍କୁ ସମ୍ବର୍ଦ୍ଧନା



**କୋରାପୁଟ,୧୨।୧୦(ସମିସ):** ଜଇଲୁମ ଅନ୍ତର୍ଗତ କୋରାପୁଟ ପ୍ରଧାନ ମଣ୍ଡଳୀ ଚାପଶିଲ ଗୀର୍ଜା ଗୃହ ଠାରେ ମହାସଭାକୁ ନିର୍ବାଚିତ ହୋଇଥିବା ସଭ୍ୟ ସଭ୍ୟା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଛି । ରେଭ ପାଳକ ବିରଞ୍ଚି ଖୋସଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଖ୍ରୀଷ୍ଟଧର୍ମ ନିୟମ ଅନୁଯାଇ ବାଇବଲ ପଠନ କରି ପ୍ରାର୍ଥନା ସହ ନିର୍ବାଚିତ ହୋଇଥିବା ସଭ୍ୟ ସଭ୍ୟା ମାନଙ୍କୁ ପରାମର୍ଶ ଦେଇ ଆଗାମୀ ଦିନରେ ତାଙ୍କ କାର୍ଯ୍ୟ ଶୁଭଙ୍କର ହେବା ନିମନ୍ତେ ପ୍ରଭୁ ଯୀଶୁ ଠାରେ ପ୍ରାର୍ଥନା କରିଥିଲେ । ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାଳକ ରଶ୍ମି ରଞ୍ଜନ ଲିମା, ପାଳକ କୁନ୍ତଳା ଖୋସଲା, ପାଳକ ବିପିନ ମୟୁର, ବସନ୍ତ ନିଧି ଖୋସଲା, କୁମାର ହିଆଲ, ଯୀଶୁଦାନ ଖୋସଲା, ମୁନା କୁଳିଦୀପ, ମହେନ୍ଦ୍ର କୁଲଦୀପ, ବାବୁଲା ବେନିୟା, ମୁକ୍ତାମଣି ଖରା, ଶେଫାଳି ବେନ୍ୟା, ପ୍ରବୀଣ ନାଗ, ନଜରୀତା ଖୋସଲା, ପ୍ରଫୁଲ୍ଲ ବାଘ, ଅନିଲ ଖୋସଲା, ପ୍ରଧାନମଣ୍ଡଳୀର ପରାମର୍ଶ ଦାତା ଜଗଦୀଶ ଖୋସଲାଙ୍କ ସମେତ ଗ୍ରାମ୍ୟ ମଣ୍ଡଳୀର କର୍ମକର୍ତ୍ତା ଉପସ୍ଥିତ ଥିଲେ । ବର୍ତ୍ତମାନ ସେଣ୍ଟ୍ରାଲ ଅନ୍ତର୍ଗତ ଜଇଲୁ ମଣ୍ଡଳୀ (ଅନୁଷ୍ଠାନ) ସ୍ଥିତି ଅତି ଶୋଚନୀୟ ଅବସ୍ଥା ଅଛି । ସେଥିପାଇଁ ଯେଉଁ ଆଠଟି ତାଲୁକ ମଣ୍ଡଳୀ ଆମକୁ ନିର୍ବାଚିତ କରି ମହାସଭାକୁ ପ୍ରେରଣ କରିଥିବା ହେତୁ ଆଠଟି ତାଲୁକ ମଣ୍ଡଳୀର ସମସ୍ତ ସଭା ସଭ୍ୟାଙ୍କୁ ଧନ୍ୟବାଦ ଦେଇ. ଜଇଲୁମ ଅନୁଷ୍ଠାନର ସ୍ୱଚ୍ଛ ଓ ଉନ୍ନତି ଦିଗରେ କାଯ୍ୟ କରିବାକୁ ନିର୍ବାଚିତ ସଭ୍ୟ ସଭ୍ୟା ମାନେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଗ୍ରାମ୍ୟ ମଣ୍ଡଳୀର ସଭାପତି ଯୀଶୁଦାନ ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ମା'ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



**ପଦ୍ମପୁର,୧୨।୧୦(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଶ୍ରୀ ଗିରିଧାରୀ ମହାପ୍ରଭୁଙ୍କ ନିକଟରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଚାଲିଥିଲା । ଏହାର ଭସାଣି ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ୫ଦିନ ଧରି ଚାଲିଥିବା ଏହି ପୂଜାରେ ପ୍ରତ୍ୟେକ ଦିନ ବେଦପାଠ ସହ ବିଶିଷ୍ଟ ସାଧୁ ମଦନମୋହନ ଦାସଜୀ ମହାରାଜ୍ଙ୍କ ଦ୍ୱାରା ସନ୍ଧ୍ୟାରେ ଭାଗବତ କଥାମୃତ ଲୋକଙ୍କୁ ବିମୋହିତ୍ କରିଥିଲା । ଠିକ୍ ସେହିପରି ପଦ୍ମପୁର ମୁଖ୍ୟ ବଜାର ଶାନ୍ତି ମାର୍କେଟ ଠାରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ମଧ ଗଜଲକ୍ଷ୍ମୀ ପୂଜା ଧୁମ୍ ଧାମରେ ପାଳନ ହୋଇଥିଲା । ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଶହଶହ ଭକ୍ତ ପ୍ରତ୍ୟେକ ଦିନ ଏଠାରେ ସମାଗମରେ ହୋଇ ମା'ଙ୍କ ଆଶୀର୍ବାଦ ନେବା ସହ ପ୍ରତ୍ୟେକ ଦିନ ଭକ୍ତ ମାନଙ୍କୁ ସାମୂହିକ ପ୍ରସାଦ ସେବନ ପୂଜା କମିଟି ପକ୍ଷରୁ କରାଯାଇଥିଲା । ଠିକ୍ ସେହିପରି ଜାଡିଲି ଗ୍ରାମରେ ମଧ ଖୁବ୍ ଧୁମଧାମରେ ଗଜଲକ୍ଷ୍ମୀ ପୂଜା କରାଯାଇଥିଲା ।

# ଭାଗବତ ସତ୍ସଙ୍ଗ ଟୁଙ୍ଗୀର ଉଦ୍ଘାଟନ ଉତ୍ସବ



**କୋରାପୁଟ,୧୨।୧୦(ସମିସ)** କୋରାପୁଟ ବ୍ଲକ ଅନ୍ତର୍ଗତ କେନ୍ଦାର ଗ୍ରାମପଞ୍ଚାୟତର ଫୁଲପଦର ଗ୍ରାମ ଠାରେ ଶ୍ରୀ ପଦ୍ମାବତୀ ନାମ ସଂକୀର୍ତ୍ତନ ଭାଗବତ ସତ୍ସଙ୍ଗ ଟୁଙ୍ଗୀର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଡମ୍ବରୁଧର ନାୟକ, ବ୍ଲକ ସଭାପତି ଯୋଗେଶ ଖିଲ, ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ଉପସଭାପତି ମାଧବ ପୂଜାରୀ କୋଷାଧ୍ୟକ୍ଷ ଟଙ୍କଧର ମୁଖୀ ଓ ବ୍ଲକ କମିଟିର ସମସ୍ତ ସଦସ୍ୟ ଏବଂ ସଂକୀର୍ତ୍ତନ ମଣ୍ଡଳୀର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ । ଗ୍ରାମର ଶତାଧିକ ପୁରୁଷ ମହିଳା ଉପସ୍ଥିତ ରହି ଉଦଘାଟନ ଉତ୍ସବରେ ଭାଗ ନେବା ସହିତ ସଂକୀର୍ତ୍ତନରେ ଯୋଗ ଦେଇଥିଲେ ।

# ୮ ନୀଳଗିରି ଗଛ ଜବତ

**ଜୟପୁର,୧୨।୧୦(ସମିସ):** କୋରାପୁଟ ଜିଲ୍ଲା ଜୟପୁର କୁମୁଲିପୁଟ ଗ୍ରାମପଞ୍ଚାୟତର ଡାଙ୍ଗରା ଗ୍ରାମ ଠାରେ ଗ୍ରାମ୍ୟ ଜଙ୍ଗଲରୁ ୮ଟି ନୀଳଗିରି ଗଛ ବିନା ଅନୁମତିରେ କଟାଇଯାଇଥିବା ନେଇ ଗ୍ରାମର ଗୋଟିଏ ଗୋଷ୍ଠୀର ଲୋକମାନେ ଅଭିଯୋଗ କରିଥିଲେ । ଖବରପାଇ ଆଜି ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କଟାଯାଇ ଗ୍ରାମ୍ୟ ଜଙ୍ଗଲରେ ରଖାଯାଇଥିବା ଉକ୍ତ ଗଛ ଗୁଡିକକୁ ଜବତ କରିବା ସହ ଜୟପୁର ବନ ବିଭାଗ ରେଞ୍ଜର କାର୍ଯ୍ୟାଳୟରେ ରଖିଛନ୍ତି । ଗ୍ରାମ୍ୟ ଜଙ୍ଗଲ ଜମି ରାଜସ୍ୱ ବିଭାଗର ଅଧିନରେ ରହିଥିବା ଯୋଗୁଁ ବନ ବିଭାଗ ଏବଂ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ତହସିଲଦାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବେ । କିନ୍ତୁ ଏହିପରି ନୀଳଗିରି ଗଛ ବିନା ଅନୁମତିରେ ଗ୍ରାମର ଗୋଟିଏ ଗୋଷ୍ଠୀ ପକ୍ଷରୁ କଟାଯାଇଛି ବୋଲି ଅନ୍ୟ ଗୋଷ୍ଠୀ ଅଭିଯୋଗ କରିବା ସହ ତୁରନ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଗୋଟିଏ ଗୋଷ୍ଠୀ ପକ୍ଷରୁ ପୂର୍ବରୁ ଗ୍ରାମ୍ୟଜଙ୍ଗଲ ଜମିରୁ ଏହିପରି ଗଛ କାଟିବା ସହ ମନ୍ଦିର ନିର୍ମାଣ ପାଇଁ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲେ ସୁଦ୍ଧା ଉକ୍ତ ଟଙ୍କା ମନ୍ଦିର ନିର୍ମାଣ ପାଇଁ ପ୍ରଦାନ କରାଯାଇନାହିଁ । ପୁଣି ଗତକାଲି ୮ଟି ନୀଳଗିରି ଗଛ କାଟିବା ଯୋଗୁଁ ଗ୍ରାମ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଏହିପରି ଗଛ କଟାଯାଇ ରଖାଯାଇଥିବା ବେଳେ ଅନ୍ୟ ଗୋଷ୍ଠୀର ଲୋକ ମାନେ ବନ ଏବଂ ରାଜସ୍ୱ ବିଭାଗକୁ ସୂଚନା ଦେବା



ପରେ ଘଟଣାସ୍ଥଳରେ ଉଭୟ ବିଭାଗ ପହଞ୍ଚି ତଦନ୍ତ କରିବା ସହ ବନବିଭାଗ ପକ୍ଷରୁ କଟାଯାଇଥିବା ଗଛ କାଠ ଜବତ କରାଯାଇଛି । ଏଥିନେଇ ଡେପୁଟି ରେଞ୍ଜର ମାନସ ରଞ୍ଜନ ନାୟକ କହିଛନ୍ତି ଯେ, ଖବର ପାଇବା ପରେ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରାଯାଇଥିଲା । ଗ୍ରାମ୍ୟ ଜଙ୍ଗଲରେ ବିନା ଅନୁମତିରେ କଟାଯାଇଥିବା ଗଛ ଗୁଡ଼ିକ ପଡରହିଥିଲା । ତେଣୁ ତୁରନ୍ତ ଏହାକୁ ଜବତ କରାଯାଇଛି । ଏଥିନେଇ ତହସିଲଦାରଙ୍କ ରିପୋର୍ଟ ପ୍ରଦାନ କରାଯିବ ଏବଂ ଗଛ କାଟିଥିବା ଲୋକଙ୍କୁ ଠାବ କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି ।

# ନୈତିକ ଶିକ୍ଷା ଓ ସ୍ୱଦେଶୀ ବୈଠକ

**ଗୁଡ଼ାରୀ,୧୨।୧୦(ସମିସ):** ଗୁଡ଼ାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗୁଣୁପୁର ସଙ୍କୁଳସ୍ତରୀୟ ବନ୍ଦନା ଅଭ୍ୟାସ, ନୈତିକ ଶିକ୍ଷା ଓ ସ୍ୱଦେଶୀ ବୈଠକ ରବିବାର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୭ଟି ଶିଶୁ ବିଦ୍ୟା ମନ୍ଦିରର ମୋଟ ୨୪ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଉପସ୍ଥିତ ଥିଲେ । ୭ଜଣ ପ୍ରଧାନ ଆଚାର୍ଯ୍ୟ ଭାଗ ନେଇଥିଲେ । ୧୧ ଓ ୧୨ ତାରିଖ ଦୁଇ ଦିନି ମଧ୍ୟରେ ପ୍ରଶିକ୍ଷଣ ଶିବିରଟି ଅନୁଷ୍ଠିତ ହୋଇଛି । ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ. ସତୀଶ ସାହୁ ମୁଖ୍ୟ ଅତିଥି ଭାବେ ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ମଞ୍ଚାସୀନ ରହିଥିଲେ ସଙ୍କୁଳ ସଂଯୋଜକ ପ୍ରଫୁଲ୍ଲ କୁମାର ଶତପଥୀ, ଶିଶୁ ମନ୍ଦିର, ଗୁଡ଼ାରୀ ସଭାପତି କୃଷ୍ଣ ପ୍ରସାଦ ସାହୁ , ସମ୍ପାଦକ ପ୍ରଫୁଲ୍ଲ ଦେଓ , ଯୁଗ୍ମ ସମ୍ପାଦକ ନୀଳାମ୍ବର ଶବର, ଉପସଭାପତି ଗୋପୀନାଥ ଗୌଡ଼ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁ ମଞ୍ଚାସିନ ଅଧିକାରୀ ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନରେ ଗୁଡ଼ାରୀ ଶିଶୁ ମନ୍ଦିର ସଭ୍ୟା ନିୟତି ଜେନା, ମାତୃ ଭାରତୀ ସଭାପତି ବବିତା ତୁଳ ଓ ରାୟଗଡ଼ା ଜିଲ୍ଲା ସହପ୍ରମୁଖ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।

ସକାଳ THE SAKALA



# ଜିଲ୍ଲାସ୍ତରୀୟ ଯାଦବ ସମ୍ମିଳନୀ



ବିଞ୍ଝାରପୁର,୧୨।୧୦(ସମିସ): ବିଞ୍ଝାରପୁର କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ଯାଦବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯାଦବ ମହାସଭାର ସଭାପତି ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ଯାଦବ ସଭାପତି ଶିଶିର କୁମାର ଦାସ ଅତିଥି ପରିଚୟ କରିଥିଲେ। ଏଥିରେ ଯାଦବ ମହାସଭାର ମୁଖ୍ୟ ଉପଦେଷ୍ଟା ପଦ୍ମାକର ଗୁରୁ ଅତିଥି ଭାବେ ଯୋଗଦେଇ ଯାଦବ ସମାଜ ପ୍ରତି ଅଣଦେଖାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ସଭାରେ ପ୍ରାରମ୍ଭିକ ଅଭିଭାଷଣ ମୁଖ୍ୟ ଉପଦେଷ୍ଟା ଶଶାଙ୍କ ଶେଖର ଖିଲାର ପ୍ରଦାନ କରିଥିଲେ। ବିଞ୍ଝାରପୁର ମଣ୍ଡଳ ସଭାପତି ନାରାୟଣ ଚନ୍ଦ୍ର ଦାସ ଯାଦବ ସମାଜର ଗୌରବମୟ ଐତିହ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ନିର୍ମଳ କୁମାର ଯତି, ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ଜିଲ୍ଲା ଯାଦବ ମହାସଭାର ଯୁବ ସଭାପତି ପ୍ରସନ୍ନ କୁମାର ବେହେରା, ମହିଳା ସଭାନେତ୍ରୀ ଓ ସେହ୍ନଲତା ବାରିକ, ଧୂଳେଶ୍ୱର ଦାସ, ଗନ୍ଧର୍ବ ଦାସ, ସରୋଜ ନାୟକ, ବିଜୟ କୁମାର ଦାସ, ବସନ୍ତ କୁମାର ଦାସ, ପ୍ରକାଶ ବେହେରା, ଉଦକର ପଲେଇ, ପ୍ରଦୀପ ଚନ୍ଦ୍ର ଦାସ, ରାମଚନ୍ଦ୍ର ମହାକୁଡ଼, ଶରତ ଚନ୍ଦ୍ର ଦାସ, ଅଞ୍ଜନ କୁମାର ବାରିକ, ପ୍ରଶାନ୍ତ ଦାସ, ବିଷ୍ଣୁ ଚରଣ ବାରିକ, ମୁରଲୀ ଦାସ, ଅଭୟ କୁମାର ଦାସ, ବାଇନ ଦାସ, ପ୍ରଫୁଲ ଦାସ, ଗୌରାଙ୍ଗ ପରିଡା, ନମିତା ବାରିକ, ପ୍ରଦୀପ କୁମାର ପରିଡା, ଗୀତାଞ୍ଜଳୀ ଦାସ, ଲବଙ୍ଗଲତା କବିଙ୍କ ସମେତ ଜିଲ୍ଲାର ଦଶଗୋଟି ବ୍ଲକର ସଭାପତିମାନେ ଯୋଗଦେଇଥିଲେ। ବ୍ରତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶା କୃଷକ ବିକାଶ ପରିଷଦର ସମ୍ମିଳନୀ



ଧର୍ମଶାଳା/ବରୀ,୧୨।୧୦(ସମିସ): ଓଡିଶା କୃଷକ ବିକାଶ ପରିଷଦର ବନ୍ଧୁମିଳନ ଓ ସାମ୍ବାଦିକ ସମ୍ମିଳନୀ ରସୁଲପୁର ବ୍ଲକ ବାରବାଟୀ ଭଗବାନ ଶ୍ରୀରାମ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସଭାପତି ଦେବବ୍ରତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ଦଶଟି ବ୍ଲକ ଓ ଦୁଇଟି ପୌର ପରିଷଦର ଶତାଧିକ ସଭ୍ୟସଭ୍ୟା ଯୋଗଦେଥିଲେ। ରାଜ୍ୟ ଉପଦେଷ୍ଟା କମିଟି ଅଧ୍ୟକ୍ଷ ପବିତ୍ର ମୋହନ ଦାଶ ମୁଖ୍ୟଅତିଥି, ସମାଜସେବୀ କାହ୍ନୁଚରଣ ଦାଶ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ସଂଗଠନ ସମ୍ବନ୍ଧୀୟ ବହୁ ଉପାଦେୟ ମତ ରଖିଥିଲେ। ଜିଲ୍ଲା ମିଡିଆ ସେଲ୍ ଅଧ୍ୟକ୍ଷ ଶୁଭକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କାର୍ଯ୍ୟକାରୀ ସଭାପତି ଅମର ବଲ୍ଲଭ ସାହୁ, ରାଜ୍ୟ ସଭାପତି ଦେବବ୍ରତ ଦାଶ, ଉପସଭାପତି ବିଜୟ କୁମାର ଦେବତା, ଜିଲ୍ଲା ସଭାପତି ପ୍ରସନ୍ନ ବରାଳ ପ୍ରମୁଖ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ମଙ୍ଗଳପୁର ମହିଳା କଲେଜରେ ଏନ୍‌ଏସ୍‌ଏସ୍ ଶିବିର




କୟାଁଗୋଲା,୧୨।୧୦(ସମିସ): ଦଶରଥପୁର ବ୍ଲକ ସ୍ଥିତ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସଏସ୍ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୌତମ ରାୟ, ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍‌ର ଜିଲ୍ଲା ସଂଯୋଜକ ଯୋଗଦେଇଥିଲେ। ଆଗାମୀ ସପ୍ତାହ ଯାଏଁ ଏନ୍‌ଏସ୍‌ଏସ୍ ଶିବିର ଅନୁଷ୍ଠିତ ହେବ। ଯେଉଁ ଶିବିରରେ ସାଇବର କ୍ରାଇମ, ଫାୟାର ସେଫଟି, ମହିଳା ରୋଗ, ଗାଁ ସଫେଇ ଭଳି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଶିବିରରେ ୫୦ ଜଣ ଛାତ୍ରୀ ଭାଗ ନେଇଥିବା ବେଳେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ରହିଛି। ଶନିବାର ମହାବିଦ୍ୟାଳୟ ପରିସର ଏବଂ ଫାଟକ ସାମ୍ନା ସଫାଇ ସହ ରବିବାର ନିଶାମୁକ୍ତି ଅଭିଯାନ କରାଯାଇଛି। ମହାବିଦ୍ୟାଳୟରୁ ଛାତ୍ରୀ ମାନେ ନିଶା ନିବାରଣ ଲାଗି ସ୍ଲୋଗାନ ଦେଇ ଶ୍ରୀରାମପୁର ଗ୍ରାମ ଯାଏଁ ଯାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଏନ୍‌ଏସଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରମିଳା ବାଇ, ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ବ୍ରଜକିଶୋର ସାହୁ ଉପସ୍ଥିତି ଥିଲେ।

# ଏସ୍‌ଆଇ ବିଭୁତି ମହାପାତ୍ରଙ୍କ ପଦୋନ୍ନତି

ମଙ୍ଗଳପୁର,୧୨।୧୦(ସମିସ): ମଙ୍ଗଳପୁର ଥାନାରେ ବର୍ତ୍ତମାନ କାର୍ଯ୍ୟରତ ଏସଆଇ ବିଭୁତି ଭୂଷଣ ମହାପାତ୍ରଙ୍କ ଇନ୍‌ସ୍‌ପେକ୍ଟର ପଦକୁ ପଦୋନ୍ନତି ହୋଇଛି। ଶ୍ରୀଯୁକ୍ତ ମହାପାତ୍ର ୨୦୧୭ରେ ପୁଲିସ ବିଭାଗରେ ଯୋଗ ଦେଇଥଲେ। ମଙ୍ଗଳପୁର ଅଞ୍ଚଳରୁ ବିଭିନ୍ନ ଚୋର, ଡକାୟତ ମାନଙ୍କ ରାକେଟ ଠାବ କରିବା ସହିତ ଆନ୍ତଃରାଜ୍ୟ ଲୁଟେରାମାନଙ୍କୁ ଧରିବାରେ ମଧ୍ୟ ସଫଳତା ପାଇଛନ୍ତି।

### ଯାଜପୁରରେ ପଲ୍ସ ପୋଲିଓ ଆରମ୍ଭ

# ଜିଲ୍ଲାର ୧.୮୦ ଲକ୍ଷ ଶିଶୁ ଖାଇବେ ପୋଲିଓ ବୁନ୍ଦା

ଯାଜପୁର, ୧୨।୧୦(ସମିସ):

ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଲସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ରଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି। ପ୍ରଥମ ଶିଶୁ ସାଇ ଅର୍ଜିତାଙ୍କୁ ଡା. ମିଶ୍ର ପଲସ ପୋଲିଓ ବୁନ୍ଦା ପ୍ରଦାନ କରଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ଟୋବର ୧୨, ୧୩, ଏବଂ ୧୪ ତାରିଖ ପର୍ଯ୍ୟନ୍ତ ସାରା ଜିଲ୍ଲାରେ ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଜିଲ୍ଲାପାଳ ଅମ୍ବର କୁମାର କର ଏହି ଅଭିଯାନର ସଫଳ ରୂପାୟନ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ କାମନା କରିବା ସହ ବ୍ଲକ୍‌ସ୍ତରରେ ଏହାର ସଫଳ ପରିଚାଳନା କରି ଜିଲ୍ଲାକୁ ପୋଲିଓ ମୁକ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ ସମୁଦାୟ ୧,୮୦,୪୬୬ ଜଣ ଜନ୍ମରୁ ୫ ବର୍ଷ ବୟସର ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏଥିପାଇଁ ମୋଟ ୮୪୬ଟି ପୋଲିଓ ବୁଥ, ୩,୩୮୪



ଜଣ ପଲ୍ସ ପ୍ରଦାନକାରୀ (ଭାକ୍ସିନେଟର), ୧୬୫ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଆଜି ୮୪୬ଟି ବୁଥରେ ପୋଲିଓ ବୁନ୍ଦା ଦିଆଯାଉଛି। ଜିଲ୍ଲାର ମୋଟ ୩,୯୦,୧୮୧ଟି ପରିବାରରେ ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆଯିବ। ଏଥିପାଇଁ ୨୭ଟି ଟ୍ରାଞ୍ଜିଟ ପଏଣ୍ଟ ଥିବା ବେଳେ ୨୬୧ଟି ସବ୍‌ସେଣ୍ଟର୍, ୩୬ଟି ମୋବାଇଲ ଟିମ୍ ନିୟୋଜିତ ଅଛନ୍ତି। ସୂଚନା ପ୍ରଚାର ପ୍ରସାର ନିମନ୍ତେ ପ୍ରତ୍ୟେକ ପଲସ୍ ପୋଲିଓ ବୁଥ୍ ପାଇଁ ବ୍ୟାନର ଓ ପୋଷ୍ଟର ପ୍ରଦାନ କରାଯାଇଛି। ଏହା ସହିତ ବ୍ଲକସ୍ତରରେ ପ୍ରଚାର କରାଯିବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମର ଅଧିକାଂଶ ଭାକ୍ସିନେଟର ହେଉଛନ୍ତି ଆଶା ଏବଂ ଅଙ୍ଗନବାଡି କର୍ମୀ। ଏହା ସହିତ ଅନ୍ୟମାନେ ହେଉଛନ୍ତି ଭଲ୍ୟୁଣ୍ଟିୟର। ଏହି ଜିଲ୍ଲାସ୍ତରୀୟ ଉଦଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ସୁପରିଣ୍ଟେଣ୍ଡେଣ୍ଟ ଡା. ମନୋଜ ସେନାପତି, ଏଡିଏମଓ ପରିବାର କଲ୍ୟାଣ ତଥା ଇମ୍ୟୁନାଇଜେସନ ଅଫିସର ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ସମାଜସେବୀ କାର୍ତ୍ତିକ ଚନ୍ଦ୍ର ନାୟକ, ସ୍ମୃତିଲତା ବିଶ୍ୱାଳ, ଶୁଭ୍ରଜିତ୍ ପୃଷ୍ଟି, ରମେଶ କୁମାର ମିଶ୍ର, ମିଲନ ପଢ଼ିଆରି, ରାକେଶ ପଣ୍ଡା, ରମାକାନ୍ତ ବାରିକ, ଡିପିଏମ୍ ବିଶ୍ୱରଞ୍ଜନ ରଥ, ସମସ୍ତ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ଧର୍ମଶାଳା ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଧର୍ମଶାଳା, ୧୨।୧୦ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ଗ୍ରାମର ମଜାର ପଡ଼ିଆରେ ଚାଲିଥିବା ଧର୍ମଶାଳା ପ୍ରିମିୟର ଲିଗ୍ ଆଜି ଉଦଯାପିତ ହୋଇଯାଇଛି। ଧର୍ମଶାଳା ଇଲେଭେନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଆଜି ଫାଇନାଲ ମ୍ୟାଚରେ କେସିସି ସୁଙ୍ଗୁଡା ଓ ଚୋରମୁହାଁ ୟୁଥ କ୍ଲବ ପରସ୍ପରକୁ ଭେଟିଥିଲେ। ଚୋରମୁହାଁ ୟୁଥ କ୍ଲବ ଟସ୍ ଜିତି ଫିଲଡିଂ କରିବାକୁ ନିଷ୍ପତି ନେଇଥିଲା। କେସିସି ସୁଙ୍ଗୁଡା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବିକୁ ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ବିପକ୍ଷ ଚୋରମୁହାଁ ଟିମର ବିଜୟ ଦାସ ୩ଟି କୁବେଲ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଚୋରମୁହାଁ ୟୁଥ କ୍ଲବ ବ୍ୟାଟିଂ କରି ୧୧ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ବିପିନ ନାୟକ ସର୍ବାଧିକ ୪୪ ରନ ଓ ଶେଖର ଦାସ ୩୬ ରନ ସଂଗ୍ରହ କରିଥିଲେ। ଆଜିର ମ୍ୟାଚକୁ ଦୀପକ ମହାନ୍ତି ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ। ଧର୍ମଶାଳା ଇଲେଭେନ କ୍ଲବର ସଭାପତି ପଙ୍କଜ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚୋରମୁହାଁ ୟୁଥ କ୍ଲବକୁ ଚମ୍ପିଆନ ଓ କେସିସି ସୁଙ୍ଗୁଡା ଟିମକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣୀ ଉତ୍ସବରେ ଚୋରମୁହାଁ ପଞ୍ଚାୟତ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ଚହଟା ସମିତିସଭ୍ୟା ସସ୍ମିତା ନାୟକ, ଚୋରମୁହାଁ ଗ୍ରାମକମିଟି ସମ୍ପାଦକ ରବିନ୍ଦ୍ର କୁମାର ମହାନ୍ତି, ସମାଜସେବୀ ମଦନ ମୋହନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ବିଷ୍ଣୁଚରଣ ସ୍ୱାଇଁ, ବସନ୍ତ ମହାନ୍ତି, ସେକ ଅବଦୁଲ୍ଲା, ସୂର୍ଯ୍ୟକାନ୍ତ ରାଉତ, ସୁମନ ଦାସ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।




# ଚୋରାରେ ବାଣ ବିକ୍ରି ପାଇଁ ବ୍ୟବସାୟୀଙ୍କ ସଜବାଜ

କୟାଁଗୋଲା,୧୨।୧୦(ସମିସ): ଆଗାମୀ ଦୀପାବଳି ପାଇଁ ଦଶରଥପୁର ବ୍ଲକର ବିଭିନ୍ନ ବଜାର ମାନଙ୍କରେ ବାଣ ବିକ୍ରି ନିମନ୍ତେ ବ୍ୟବସାୟୀମାନେ ସଜବାଜ ହେଉଥିବାର ଜଣାପଡ଼ିଛି। ସରକାରଙ୍କ ନିୟମ ଅନୁଯାୟୀ ବାଣ ବିକ୍ରି ନିମନ୍ତେ ପ୍ରଶାସନ ଠାରୁ ଅନୁମତି ଆଣିବା ପରେ ବ୍ୟବସାୟୀ ବାଣ ବିକ୍ରି କରିପାରିବ। ହେଲେ ଦଶରଥପୁର ବ୍ଲକର ବ୍ୟବସାୟୀମାନେ ପ୍ରଶାସନର ବିନା ଅନୁମତିରେ ଛତୁ ଫୁଟିଲା ପରି ମାଳ ମାଳ ବାଣ ଦୋକାନ ଖୋଲି ବେନିୟମ ଭାବେ ବ୍ୟବସାୟ କରିଥାଆନ୍ତି। ଗୋଟେ ଗୋଟେ ବଜାରରେ ଜଣେ ଦୁଇଜଣ ବ୍ୟବସାୟୀ ଅନୁମତି ଆଣିଥିବା ବେଳେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଚୋରା ବ୍ୟବସାୟୀ ବିନା ଅନୁମତିରେ ଚୋରାରେ ବାଣ ବିକ୍ରି କରିଥାଆନ୍ତି। ନିୟମ ଅନୁଯାୟୀ ବଜାର ମଧ୍ୟରେ ଜନଗହଳି ପୂର୍ଣ୍ଣ ସ୍ଥାନରେ ବାଣ ଦୋକାନ ଖୋଲାଇବାକୁ ଅନୁମତି ନଥିବା ବେଳେ ଏହାକୁ ଭୃକ୍ଷେପ ନ କରି ଏହି ବ୍ୟବସାୟୀମାନେ ବଜାର ମଧ୍ୟରେ ଏପରି ବେନିୟମ ବାଣ ଦୋକାନ ଖୋଲିଥାଆନ୍ତି। ବ୍ଲକର ପ୍ରମୁଖ ବଜାର ମଙ୍ଗଳପୁର, ଝୁମ୍ପୁରୀ, ବଉଳାଙ୍ଗ, କାଟିଆ, ଅହିୟାସ, ବୈଷପାନ, ରାମବାଗ, ଦକ୍ଷିଣବନ୍ଧ, କୟାଁଗୋଲା, ଛତ୍ରପଡ଼ା, ବିରିପଡ଼ା, ଖାନନଗର, ପାରିପଦା, ନନ୍ଦିପୁର, ମନ୍ଦାରଖଣ୍ଡ, ରଙ୍ଗପୁର, ଚିତାଳୋ ପ୍ରଭୃତି ଛକ ମାନଙ୍କରେ ଏପରି ମାଳମାଳ ବେଆଇନ ବାଣ ଦୋକାନ ବିନା ଅନୁମତିରେ ପ୍ରତିବର୍ଷ ବ୍ୟବସାୟୀମାନେ ଖୋଲି ଥାଆନ୍ତି। ଚଳିତ ବର୍ଷ ଏହି ବେଆଇନ ଚୋରା ବାଣ ବିକ୍ରିକୁ ପ୍ରଶାସନ ପକ୍ଷରୁ ଦୃଢ଼ଭାବେ ନଜର ରଖି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଲୋକେ ଦାବି କରିଛନ୍ତି।

# ଠାକୁରବାଡ଼ି ମହାସଂଘ ପକ୍ଷରୁ ସଭା

ଧର୍ମଶାଳା,୧୨।୧୦(ସମିସ): ଶ୍ରୀଶ୍ରୀରାଧାକୃଷ୍ଣଜୀଉ ଠାକୁରବାଡି ମହାସଂଘ ପକ୍ଷରୁ ଏକ ବୈଠକ ବ୍ରାହ୍ମଣଦା ଭାତୁରିପଶି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି କୁଳମଣି ବରାଳ, ସମ୍ପାଦକ ଜୟନାରାୟଣ ଶତପଥୀଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାରୁ ୯୦ଟି ଠାକୁରବାଡିର ସଭ୍ୟମାନେ ଯୋଗ ଦେଇଥିଲେ। ଏହି ସଭାରେ ଚଳିତ ବର୍ଷ ଶ୍ରୀଶ୍ରୀ ରାଧାକୃଷ୍ଣଜୀଉଙ୍କ ମିଳନ ଉତ୍ସବ କିପରି ପାରମ୍ପରିକ ଓ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ଉକ୍ତ ବିଷୟରେ ଆଲୋଚନା ହୋଇଥିଲା। ହିମାଂଶୁ ବରାଳ, ରମାକାନ୍ତ ମହାନ୍ତି, ନାରାୟଣ ସାହୁ ଓ ବିଦ୍ୟାଧର ସାମଲ ପ୍ରମୁଖ ଏହି ସଭାକୁ ପରିଚାଳନାରେ ସହାୟତା କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

# ଗୀତା ଆବୃତ୍ତି ପ୍ରତିଯୋଗିତା

ଯଖପୁରା,୧୨।୧୦(ସମିସ): ଯଖପୁରା ସ୍ଥିତ ସେଣ୍ଟ ଜାଭିଏର ହାଇସ୍କୁଲରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସପ୍ତମ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କୃତି ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗୀତାରେ ଭାଗ ନେବେ। ପ୍ରଜ୍ଞାନ ମିଶନ ରାଜ୍ୟ ସଂଯୋଜକ ସ୍ୱାମୀ ସୁଗୀତାନନ୍ଦ ଗିରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ପ୍ରହଲ୍ଲାଦ ମୁଦୁଲି, କୁଳମଣି ମୁଦୁଲି, ବିପ୍ରବର ଦଳାଇ, ଝୁନୁବାଳା ଜେନା, ପ୍ରିୟଦର୍ଶିନୀ ନାୟକ, ରୋଜାଲିନ ପାତ୍ର, ସ୍ମୃତିରେଖା ସେଠୀ ଓ ସୁଧାଂଶୁ ବିଶ୍ୱାଳ ବିଚାରକ ଭାବେ ଉପସ୍ଥିତ ଥିଲେ। ପ୍ରଜ୍ଞାନ ମିଶନ ଯାଜପୁର ଜିଲ୍ଲା ସଂଯୋଜକ ପ୍ରହଲ୍ଲାଦ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗୀତାରେ ସେଣ୍ଟ ଜାଭିଏର ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀମାନେ ସଫଳ ସହଯୋଗ କରିଥିଲେ। ଶେଷରେ ବିଜେତାମାନଙ୍କୁ ପ୍ରଜ୍ଞାନ ମିଶନ ପକ୍ଷରୁ ମାନପତ୍ର ଓ ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ।

### ■ ନୂଆଁଖାଇ ଭେଟଘାଟରେ ଦୁଲୁକିଲା ମଞ୍ଚ

# ରଙ୍ଗବତୀ, ଡାଲଖାଇ, ରସଲକେଲି ନୃତ୍ୟଗୀତରେ ଝୁମିଲେ ଦର୍ଶକ



ବ୍ୟାସନଗର,୧୨।୧୦(ସମିସ): ବ୍ୟାସନଗର ସଂସ୍କୃତି ଭବନଠାରେ ରବିବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବାସୀ ପଶ୍ଚିମ ଓଡ଼ିଶାର ପ୍ରାୟ ୪୦୦ ସଦସ୍ୟ ଉପସ୍ଥିତ ଥିଲେ। ଉମାରାଣୀ ଦେବତା, ଶ୍ୱେତାଲିନା ମହାପାତ୍ର, ସୁବୋଧ ପଣ୍ଡା, ଦୀପକ ନାଏକ ଓ ସଂସ୍କୃତି ପଣ୍ଡାଙ୍କ ସଂଯୋଜନାରେ ଢୋଲ, ନିଶାନ, ତାସା, ମହୁରୀ ଆଦି ବାଦ୍ୟର ତାଳେତାଳେ ସଂଗୀତ ପରିବେଷଣ କରିଥିଲେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପୁଅ ପ୍ରଭାତ କୁମାର ହରିପାଲ। ତାଙ୍କ ସୁମଧୁର କଣ୍ଠରେ ମହୁଲ ଝରେ ବରସିଲା ପାନିରେ.... ସମ୍ବଲପୁରୀ ଗୀତ ସମେତ ରଙ୍ଗବତୀ, ଡାଲଖାଇ, ରସଲକେଲି ଆଦି ନୃତ୍ୟଗୀତର ତାଳେତାଳେ ପରିବାରର ସଦସ୍ୟାଙ୍କ ସହ କୁନିକୁନି ପିଲାମାନଙ୍କ ଦ୍ୱାରା ନାଚଗୀତ ମନ ମୋହିଥିଲା। ଏହାପରେ ସମ୍ବଲପୁର ରଙ୍ଗଫରୁଆ ସାଂସ୍କୃତିକ ଦଳର ମୁଖ୍ୟ ଦୁର୍ଗାପ୍ରସାଦ ଦାସଙ୍କ ନେତୃତ୍ୱରେ କଳାକାରମାନଙ୍କ ଛାଦାୟିତ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ। ଏହି ଅବସରରେ ପ୍ରକାଶ ରାଉତ, ଶରତ ପଥାଳ, ବିଜୟକୁମାର ସାହୁ, ଯଜ୍ଞଦତ୍ତ ତ୍ରିପାଠୀ, ପବିତ୍ର ରଞ୍ଜନ ମହାନ୍ତି, ଶୁଭାଶିଷ ରାଉତ, ଅଭିଳାସ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁରରୋଡ ଥାନାଧିକାରୀ ଆଶିଷ କୁମାର ସାହୁଙ୍କୁ ମଧ୍ୟ ପରିବାର ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁମନ୍ତ ପଣ୍ଡା, ରାଧାକାନ୍ତ ସାହୁ, ନିଳକଣ୍ଠ ପଧାନ, ମନବୋଧ ବେହେରା, ପୂର୍ଣ୍ଣେନ୍ଦୁ ଶୁକ୍ଳା, ବାଙ୍କବିହାରୀ ମିଶ୍ର, ରତନ ସାହୁ, ପ୍ରମୋଦ ପଣ୍ଡା, ସୀତାରାମ ମିଶ୍ର, ଶାଶ୍ୱତ ପଧାନ, ସୁବଳ ପଧାନ, ନରେନ୍ଦ୍ର ପଧାନ, ପ୍ରୀତିଶ ଗଡତ୍ୟା, ରବି ବିଶ୍ୱକର୍ମା, ମୁକେଶ ଭଗତ, ଦୀପାଂଶୁ ପଣ୍ଡା, ସୀତାରାମ ମିଶ୍ର, ରବୀନ ପଣ୍ଡା, ପ୍ରମୁଖ ସହଯୋଗ କରିଥିଲେ।

# ଜଳବନ୍ଦୀ ଜୀବନ କାଟୁଛନ୍ତି ଲକ୍ଷ୍ମୀସାହି ବାସିନ୍ଦା

ଧର୍ମଶାଳା, ୧୨।୧୦(ସମିସ):

ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତ ଲକ୍ଷ୍ମୀସାହି ବାସିନ୍ଦା ବର୍ଷା ଦିନେ ଜଳବନ୍ଦୀ ଭବେ ଜୀବନ ବିତାଉଛନ୍ତି। ବର୍ଷା ଦିନରେ ଗାଁ ରାସ୍ତାରେ ପାଣି ଜମି ରହିବା ଫଳରେ ଯାତାୟାତରେ ଅନେକ ସମସ୍ୟା ଦେଖାଦେଉଛି। ଏହି ଗାଁରେ ୮୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଲୋକସଂଖ୍ୟା ଦୁଇ ଶହରୁ ଊର୍ଦ୍ଧ୍ୱ। ମୁଖ୍ୟତଃ ଏହି ଗାଁରେ ୧୫୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ମା'ଲକ୍ଷ୍ମୀଙ୍କ ପୂଜା ହୋଇଆସୁଛି। ସେଥିପାଇଁ ଲକ୍ଷ୍ମୀସାହି ନାମରେ ଗାଁ ବେଶ ପରିଚିତ। କିନ୍ତୁ ଗାଁରେ ରହିଛି ଅନେକ ସମସ୍ୟା। ଏହି ଗାଁ ମଧ୍ୟକୁ ପ୍ରବେଶ କରିବା ପାଇଁ ଚାରୋଟି ସରକାରୀ ରାସ୍ତା ରହିଛି। ଏହି ଗାଁର ଗୋଟିଏ ପାଶ୍ୱର୍ କେଲୁଅ ନଦୀ ବନ୍ଧକୁ ସ୍ପର୍ଶ କରୁଥିବା ବେଳେ ବନ୍ଧ କଡ଼ ରାସ୍ତା ଗାଁକୁ ସଂଯୋଗ କରାଯାଇଛି। କିନ୍ତୁ ବର୍ଷା ଦିନେ ପାଣି ନିଷ୍କାସିତ ନ ହୋଇ ରାସ୍ତା ଉପରେ ଜମିରହୁଛି। ଯାହା ଫଳରେ ଯାତାୟାତ କରିବା ସମ୍ଭପର ହେଉନାହ। ସେହିପରି ବିପରୀତ ପାଶ୍ୱର୍ କାଏମା



ବଜାର ରାସ୍ତାକୁ ସଂଯୋଗ କରୁଛି; ଯାହାର ମଧ୍ୟ ଭାଗରେ ରହିଛି ତିନୋଟି ପୋଖରୀ। ଏହି ପୋଖରୀର ପାଶ୍ୱର୍ରେ ସରକାରୀ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ବର୍ଷା ଦିନେ ପୋଖରୀ ପାଣି ବୃଦ୍ଧି ପାଇବା ଯୋଗୁ ରାସ୍ତା ଉପରକୁ ପାଣି ମାଡ଼ି ଆସି ରାସ୍ତାରେ ପାଣି ଜମିରହେ। ତେଣୁ ଗାଁ ମଧ୍ୟକୁ ସଂଯୋଗ କରୁଥିବା ଏହି ଦୁଇ ରାସ୍ତା ଉପରେ ପାଣି ମାଡ଼ିଯିବା ଫଳରେ ଲୋକେ ଯାତାୟାତ କରି ପାରନ୍ତି ନାହିଁ। ଅନ୍ୟ ଏକ ରାସ୍ତା ଉପରେ ସମସ୍ତ ପରିବାର ନିର୍ଭର କରିଥାନ୍ତି। କିନ୍ତୁ ତାହା ମଧ୍ୟ ଏବେ ମରାମତି ଅଭାବରୁ ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି। ତେଣୁ ଗାଁ ଲୋକଙ୍କୁ ବର୍ଷା ଦିନେ ଭୋଗିବାକୁ ପଡେ ନାନା ସମସ୍ୟା। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗାଁ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସରକାରୀ ସ୍ତରରେ କଂକ୍ରିଟ ରାସ୍ତା କରାଯାଇଛି ସତ; କିନ୍ତୁ ରାସ୍ତା ଉଚ୍ଚତା କମ ଥିବାରୁ ବର୍ଷା ଦିନେ ନିକଟରେ ଥିବା ପୋଖରୀ ପାଣି ରାସ୍ତା ଉପରକୁ ମାଡ଼ିଆସେ। ଯାହା ଫଳରେ ରାସ୍ତା ଓ ପୋଖରୀ ପାଣି ସମାନ ହୋଇ ଯାଏ। ତେଣୁ ଏହି ରାସ୍ତାରେ ଯିବା ସମ୍ଭବ ହୋଇ ନଥାଏ। ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା କାରଣରୁ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମିରହିଛି। ଅନ୍ୟ ପକ୍ଷରେ ଦିନକୁ ଦିନ ଲୋକ ସଂଖ୍ୟା ବଢିବା ସଙ୍ଗେ ସଙ୍ଗେ ନୂତନ ଘର ନିର୍ମାଣ ବଢ଼ିବାରେ ଲାଗିଛି। ଯାହା ଫଳରେ ବିଲ ବାଡି ଭଳି ଫାଙ୍କା ସ୍ଥାନ ଗୁଡ଼ିକ ପୋତା ଯାଉଛି। ପାଣି ଯିବା ପାଇଁ ସଠିକ୍ ବ୍ୟବସ୍ଥା ରହୁନାହିଁ। ଯାହା ପାଇଁ ରାସ୍ତା ଉପରେ ପାଣି ଜମି ରହୁଛି। ଏହି ବିଷୟରେ ଗାଁ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରଭାବ ପଡୁନାହିଁ। ତେଣୁ ଏହି ରାସ୍ତା ଗୁଡ଼ିକର ଉଚ୍ଚତା ବଢ଼ାଇବା ସହ ପୋଖରୀ ପାଶ୍ୱର୍ରେ ୱାଲ୍ ନିର୍ମାଣ କରିବା ପାଇଁ ଗାଁ ଲୋକେ ଦାବି କରିଛନ୍ତି।

# ଚୋରା ମଦ କାରବାର ପ୍ରତିବାଦରେ ବିକ୍ଷୋଭ

ସିଂହପୁର,୧୨।୧୦(ସମିସ): ପୁଲିସ ପ୍ରଶାସନର ସ୍ଥାଣୁତା ଓ ଅସାଧୁ ନୀତି ଯୋଗୁଁ ଗ୍ରାମାଞ୍ଚଳରେ ଚୋରା ମଦ ଏବେ କାୟାବିସ୍ତାର କରିଛି। ଫଳରେ ମହିଳାମାନେ ଏବେ ରାଜରାସ୍ତାକୁ ଓହ୍ଲାଇଲେଣି। ଏହିପରି ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଫାଣ୍ଡି ଅଧୀନସ୍ଥ ଜରି ଅଢ଼େଇସାହି ଗ୍ରାମରେ। ଏହି ଗ୍ରାମର କିଛି ଚୋରା ମଦ ବେପାରୀ ବିପୁଳ ପରିମାଣରେ ମଦ ଆଣି ଗ୍ରାମରେ ବିକ୍ରି କରୁଛନ୍ତି। ଫଳରେ ଗ୍ରାମରେ ଅଶାନ୍ତି ଓ ଭୟ ସୃଷ୍ଟି ହେଉଛି। ବହୁ ପରିବାର ସର୍ବସ୍ୱାନ୍ତ ହେଉଛନ୍ତି। ମହିଳାମାନେ ସନ୍ଧ୍ୟାରେ ରାସ୍ତାରେ ଚାଲିବାକୁ ଅସୁରକ୍ଷିତ ମଣୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପୁଲିସ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆନଯିବାରୁ ବେପାରୀ ମାନେ ଖୁଲମ୍‌ଖୁଲା ମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଫଳରେ ଆଜି ସ୍ଥାନୀୟ ମହିଳା ମାନେ ହନୁମାନ ଛକ ନିକଟ ମଦ ବେପାରୀଙ୍କ ଘର ନିକଟରେ ବିକ୍ଷୋଭ କରିଥିଲେ। ଖୁବ୍‌ଶୀଘ୍ର ମଦ ବିକ୍ରି ବନ୍ଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ଆବଶ୍ୟକ ବୋଲି ସଂପୃକ୍ତ ମହିଳାମାନେ କହିଛନ୍ତି।

# ନଦୀରେ ବୁଡ଼ି ନାବାଳିକା ମୃତ

ସିଂହପୁର,୧୨।୧୦(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ନାଉବାଙ୍କ ଗ୍ରାମର କୈଳାସ ମଲ୍ଲିକଙ୍କ ଦେଢ଼ ବର୍ଷର ଝିଅ ଶୁଭଲକ୍ଷ୍ମୀ ମଲ୍ଲିକ ନୂଆମାହାର ନଦୀରେ ବୁଡ଼ିଯିବାରୁ ତାର ମୃତ୍ୟୁ ହୋଇଯାଇଛି। ଆଜି ଅପରାହ୍ନରେ ପିଲାଟିକୁ ଖୋଜା ଖୋଜି କରି ଉଦ୍ଧାର କରି ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଛି। କୈଳାଶ ଜଣେ ଗରିବ ଦଳିତ ପରିବାର ହୋଇଥିବାରୁ ସରକାର ତୁରନ୍ତ ସାହାଯ୍ୟ ଯୋଗାଇ ଦେବାକୁ ଜରି ସରପଞ୍ଚ ନନ୍ଦକିଶୋର ମଲିକ, ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ଶୁଭ୍ରାଂଶୁ ନାୟକ, ସମାଜସେବୀ ପ୍ରତାପ ପାତ୍ର, ସୌଭାଗ୍ୟ ପାତ୍ର, ଧୀରେନ୍ଦ୍ର ସାମଲ, ଘନଶ୍ୟାମ ନାୟକ, ରାମଚନ୍ଦ୍ର ମଲିକ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଗୋପବନ୍ଧୁ ପାଠାଗାରର ବାର୍ଷିକୋତ୍ସବ

# 'ଯନ୍ତ୍ରଶାସିକ୍ତ ମଣିଷକୁ କେବଳ ସାହିତ୍ୟ ହିଁ ଆନନ୍ଦ ଦେଇପାରେ'

ରାଉରକେଲା,୧୨।୧୦(ସମିସ):



ଗୋପବନ୍ଧୁ ପାଠାଗାରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସର ପ୍ରାତଃଅଧିବେଶନକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପାଠାଗାରର ଉପସଭାପତି ଶର୍ମିଷ୍ଠା କବି ଶତପଥୀଙ୍କ ଅଧ୍ୟକ୍ଷତାରେ ଏବଂ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ଯନ୍ତ୍ରଶାସିକ୍ତ ମଣିଷକୁ କେବଳ ସାହିତ୍ୟ ହିଁ ଆନନ୍ଦ ଦେଇପାରେ ବୋଲି କହିଥିଲେ। ନାଟ୍ୟକାର ତଥା କବି ରାଜୀବ ପାଣି କହିଲେ ଯେ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମକୁ ସକାରାତ୍ମକ ଜୀବନ ଜୀଇଁବାକୁ ହେବ। ସମ୍ମାନିତ ଅତିଥି ଭାବେ ଅଜିତ ମୋହନ ପୂଜାରୀ ଯୋଗ ଦେଇଥିଲେ। ଏହି ଅବସରରେ କବି ନିରୁପମା ପତିଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। କୋଷାଧ୍ୟକ୍ଷ ଲକ୍ଷ୍ମଣ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଦିବସର ସାନ୍ଧ୍ୟ ଅଧିବେଶନକୁ ରଘୁନାଥପାଲିର ବିଧାୟକ ଦୁର୍ଗାଚରଣ ତନ୍ତୀ ଉଦ୍‌ଘାଟନ କରିଥିଲେ। ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ବକ୍ତା ଭାବେ ହାଇଟେକ୍ ମେଡିକାଲ୍ କଲେଜର ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମିହିର ରାୟ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମହେଶ ପ୍ରସାଦ ଲକ୍ଷ୍ମୀ ଚାନ୍ଦ, ବୁଦ୍ଧ ଦେବ ମାଝୀ ଏବଂ କାର୍ତ୍ତିକ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ଦ୍ୱାରା ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧନା ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ହରିହର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପସଭାପତି ଡଃ ଗିରିଜା ଶଙ୍କର ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମଣ ନାଥ ଦାସ, ବିଶ୍ୱନାଥ ଜେନା, ଚିନ୍ମୟୀ ପୁରୋହିତ, ହରିହର ନାୟକ, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ସହାୟତା କରିଥିଲେ।

## ଏନ୍‌ଆଇଟି ରାଉରକେଲାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ରାଉରକେଲା,୧୨।୧୦(ସମିସ): ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲାରେ ପ୍ରତିଷ୍ଠାନ ପରାମର୍ଶ ସେବା ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଏନ୍‌ଆଇଟି ରାଉରକେଲାର ଛାତ୍ର କଲ୍ୟାଣର ଡିନ୍ ପ୍ରଫେସର ନିରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ପ୍ରଫେସର ପଣ୍ଡା ମାନସିକ ସୁସ୍ଥତା ସୁନିଶ୍ଚିତ କରିବାରେ ସହାନୁଭୂତି ଏବଂ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଇନଷ୍ଟିଚ୍ୟୁଟ୍ ପରାମର୍ଶ ସେବାର ମୁଖ୍ୟ ପ୍ରଫେସର ଆର. କେ. ବିଶ୍ୱାଳ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଆଇସିଏସଇ ପରାମର୍ଶଦାତା ଡକ୍ଟର ଏକତା ସାଂଘି ଆନୁଷ୍ଠାନିକ ଭାବରେ ତାଙ୍କର ନୂତନ ପୁସ୍ତକ 'ଫ୍ରମ୍ ଷ୍ଟ୍ରଗଲ୍ସ ଟୁ ଷ୍ଟ୍ରେଙ୍ଗ୍‌ଥସ୍' ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଏସ୍‌ଇ ଫ୍ୟାକଲ୍ଟି ଆଡଭାଇଜର ପ୍ରଫେସର ଯୁଧିଷ୍ଠିର ମହାପାତ୍ର ଯୋଗ ଦେଇଥିଲେ।

## ଆଇଜିଏଚ୍‌ର ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ସୁସ୍ଥହେଲେ ଗୁରୁତର କୋମା ରୋଗୀ



ରାଉରକେଲା,୧୨।୧୦(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ର ଉତ୍ସର୍ଗୀକୃତ ଚିକିତ୍ସକ ଦଳ ସମନ୍ୱିତ ବହୁବିଧ ଚିକିତ୍ସା ମାଧ୍ୟମରେ ଜଣେ ଗୁରୁତର କୋମା ରୋଗୀଙ୍କୁ ସୁସ୍ଥ କରାଇଛନ୍ତି। ୭୧ ବର୍ଷୀୟ ଅବସରପ୍ରାପ୍ତ ପ୍ରଫେସର ୪୮ ଘଣ୍ଟାରୁ ଅଧିକ ସମୟ ଧରି ଚେତାଶୂନ୍ୟ ରହିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଆଇଜିଏଚ୍‌ର କାଜୁଆଲ୍ଟିକୁ ଅଣାଯାଇଥିଲା। ତାଙ୍କୁ ନ୍ୟୁରୋସର୍ଜରୀ ବିଭାଗ ଅଧୀନରେ ଭର୍ତ୍ତି କରାଯାଇଥିଲା। ମସ୍ତିଷ୍କର ସିଟି ସ୍କାନ୍ ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ଡାକ୍ତରଖାନାରେ ରୋଗୀଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଥିଲା। ପରେ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା। ନ୍ୟୁରୋସର୍ଜରୀର ବରିଷ୍ଠ ପରାମର୍ଶଦାତା ଡକ୍ଟର ମନୋଜ କୁମାର ଦେଓଙ୍କ ଦ୍ୱାରା ଏକ ବରହୋଲ୍ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଏଥିରେ ସିଷ୍ଟର ଅର୍ଚ୍ଚନା ଓଟିରେ ସହାୟତା ପ୍ରଦାନ କରିଥିଲେ। ବରିଷ୍ଠ ବିଶେଷଜ୍ଞ ଡକ୍ଟର ଗିରିଜା ଶଙ୍କର ସାହୁ ଏବଂ ପ୍ଲାଷ୍ଟିକ୍ ସର୍ଜରୀର ବରିଷ୍ଠ ପରାମର୍ଶଦାତା ଡକ୍ଟର ରୁବି ସିଂହଙ୍କ ଦ୍ୱାରା ଉଭୟ ତଳ ଅଙ୍ଗର ସେଲୁଲାଇଟିସ୍ ପ୍ରଭାବଶାଳୀ ଭାବରେ ପରିଚାଳନା କରାଯାଇଥିଲା। ରୋଗୀ ପ୍ରାୟ ଗୋଟିଏ ମାସ ପର୍ଯ୍ୟନ୍ତ ଆଇସିୟୁ ଭେଣ୍ଟିଲେଟରରେ ରହିଥିଲେ। ଯେଉଁଠାରେ ତାଙ୍କୁ ଅତିରିକ୍ତ ସିଏମ୍‌ଓ, ଆନାସ୍ଥେସିଆ ଏବଂ ଆଇସିୟୁ ମୁଖ୍ୟ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ଦ୍ୱାରା ସ୍ୱତନ୍ତ୍ର ଯତ୍ନ ନିଆଯାଇଥିଲା। ଭେଣ୍ଟିଲେଟରରୁ ସଫଳତାର ସହ ବାହାରିବା ପରେ ତାଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ୭୦ ଦିନ ହସ୍ପିଟାଲରେ ରହିବା ପରେ ସେ ଏବେ ସୁସ୍ଥ ହୋଇଛନ୍ତି।

## ମାଛ ଧରିବାକୁ ଯାଇ ଯୁବକ ନିଖୋଜ

ବଣାଇଁ,୧୨।୧୦(ସମିସ): ବଣାଇଁ ଥାନା ଜକେଇକଲା ଗ୍ରାମ ସବର ସାହିର ଜଣେ ଧିବର ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇ ନିଖୋଜ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଶନିବାର ରାତିରେ ଗୁରୁଚରଣ ସବର (୫୫)ନିକଟରେ ଥିବା ବ୍ରାହ୍ମଣୀ ନଦୀର ଜଲୁଆ ଘାଟକୁ ମାଛ ଧରିବାକୁ ଯାଇଥିଲା। ସେଠାରେ ସେ ମାଛ ଧରିବା ସମୟରେ ଅସାବଧାନତା ଯୋଗୁଁ ପାଣିରେ ବୁଡ଼ି ଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ରବିବାର ସକାଳ ପର୍ଯ୍ୟନ୍ତ ଗୁରୁ ନିଜ ଘରକୁ ଫେରି ନଥିବାରୁ ପରିବାର ଲୋକେ ବ୍ରାହ୍ମଣୀ ନଦୀକୁ ଯାଇ ବହୁ ଖୋଜାଖୋଜି କରିବା ପରେ ମଧ କୌଣସି ଖୋଜ ଖବର ପାଇ ନଥିଲେ। ଫଳରେ ବଣାଇଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବଣାଇଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯାଇ ବହୁ ଖୋଜାଖୋଜି କରିବା ପରେ ମଧ କୌଣସି ସନ୍ଧାନ ପାଇ ନଥିବା ଜଣାପଡ଼ିଛି।

# ସଙ୍ଗୀତରେ ସଙ୍ଗୀତ ସାମ୍ରାଜ୍ଞୀଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା,୧୨।୧୦(ସମିସ): ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଲତା ମଙ୍ଗେସ୍କର ଫ୍ୟାନ୍ସ କ୍ଲବ୍ ଆନୁକୂଲ୍ୟରେ କିମ୍ବଦନ୍ତୀ କଣ୍ଠଶିଳ୍ପୀ କୋକିଳକଣ୍ଠୀ ଲତା ମଙ୍ଗେସ୍କରଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ "ମେରି ଆୱାଜ୍ ହିଁ ପେହଚାନ ହେ' ନାମରେ ଏକ ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଏବଂ କଳାକାରମାନେ ସଙ୍ଗୀତ ମାଧ୍ୟମରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇସ୍ପାତ ନଗରୀର ପ୍ରତିଭାବାନ କଣ୍ଠଶିଳ୍ପୀମାନେ ଶତାବ୍ଦୀର ଶ୍ରେଷ୍ଠ ସଙ୍ଗୀତ ଶିଳ୍ପୀଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ତାଙ୍କର ଅନେକ ଚିର ଅଭୁଲା ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଡକ୍ଟର ପ୍ରତିଜ୍ଞା ପଲାଇ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଆର୍‌ଏମ୍‌ଏଚ୍‌ପି ବିଭାଗର ସିଜିଏମ ଏସ୍‌ଏସ୍ ରାୟଚୌଧୁରୀ, ସୋମା ରାୟଚୌଧୁରୀ, ଉଦ୍ୟୋଗପତି ତଥା ସମାଜସେବୀ କମଲ ଅଗ୍ରୱାଲ, ଅନିତା ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ଅବସରରେ ଆର୍‌ଏସ୍‌ପିର ବହୁ ସିଜିଏମ୍ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ସଙ୍ଗୀତ ସନ୍ଧ୍ୟାକୁ ଉପଭୋଗ କରିବା ପାଇଁ ଇସ୍ପାତ ସହରର ବହୁ ଶ୍ରୋତା ତଥା ଦର୍ଶକଙ୍କ ଭିଡ଼ ହୋଇଥିଲା।

ଇସ୍ପାତ ସହରର ସାଂସ୍କୃତିକ ଅନୁଷ୍ଠାନ ଲତା ମଙ୍ଗେସ୍କର ଫ୍ୟାନ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ "ମେରି ଆୱାଜ ହି ପେହଚାନ ହେ' ସଙ୍ଗୀତ ସନ୍ଧ୍ୟାର ଅଷ୍ଟମ ସଂସ୍କରଣ ଅବସରରେ ବଲଜିତ ସିଂହ ବଂଶୀ ବାଦ୍ୟଯନ୍ତ୍ରରେ ସତୁରୀ ଦଶକର ସୁପରହିଟ ସିନେମା ସତ୍ୟମ୍ ଶିବମ ସୁନ୍ଦରମ୍ ଚଳଚ୍ଚିତ୍ରର ଟାଇଟଲ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଆ ସିନେମାର ପ୍ରଚ୍ଛଦପଟ୍ଟ ଗାୟିକା ବାସବଦତ୍ତାଙ୍କ କଣ୍ଠରେ ଲତା ମଙ୍ଗେସ୍କରଙ୍କ "ଅଭିମାନ' ଚଳଚ୍ଚିତ୍ରର "ନଦିୟା କିନାରେ'ର ମନଛୁଆଁ ଗୀତ ବେଶ୍ ଆକର୍ଷଣୀୟ ହୋଇଥିଲା। ବଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ବିନୟ ମହାନ୍ତି ଅନ୍ୟତମ ଆକର୍ଷଣ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ଅର୍ଚ୍ଚନା ଶତପଥୀ, ଇତି ପଟ୍ଟନାୟକ, ଶୁଭସ୍ମିତା ଦାସ, ଆକାଂକ୍ଷିକା, ଦେବଜିତ ରାଭା, ସତ୍ୟବ୍ରତ ମିଶ୍ର, ସୁଖପାଲ ସିଂହ, ସୁରେଶ ଝୁନ୍‌ଝୁନ୍‌ୱାଲା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଶ୍ୟାମ ପଟୋଡିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ପଟ୍ଟନାୟକ ଉଦ୍‌ଘାଟନୀ ସମାରୋହକୁ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିଅନ୍‌ସିପ୍ ନେଇ ପ୍ରସ୍ତୁତି ବୈଠକ



ବଣାଇଁ,୧୨।୧୦(ସମିସ): ବଣାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ସୁନ୍ଦରଗଡ଼ ଜିଲ୍ଲା ବିଦ୍ୟାଳୟ ଖେଳ ସଂଘ ତରଫରୁ ରାଜ୍ୟ ସ୍ତରୀୟ ୬୯ ତମ ବିଦ୍ୟାଳୟ ସ୍ତରୀୟ କବାଡି ଚମ୍ପିୟାନସିପର ପ୍ରସ୍ତୁତି ବୈଠକ ସୁନ୍ଦର ଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ବୈଠକରେ ସୁନ୍ଦର ଗଡ଼ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ, ବଣାଇ ଗୋଷ୍ଠି ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ, ଲହୁଣୀପଡ଼ା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରହରି କିସାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ବେହେରା, କୁତ୍ରା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଭୀଷଣ ବାରିକ ଯୋଗ ଦେଇ କବାଡି ଚମ୍ପିୟାନସିପର ପ୍ରସ୍ତୁତି ବିଷୟରେ ଆଲୋକପାତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ନଭେମ୍ବର ୧୮ ଠାରୁ ନଭେମ୍ବର ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ରତି ଜିଲ୍ଲାରୁ ଆସିବାକୁ ଥିବା ୧୨୦୦ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ମାନଙ୍କର ରହିବା, ଖାଇବା, ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ଯୋଜନା ପ୍ରସ୍ତୁତ ହୋଇଥିଲା କ୍ଷ ଏହି ବୈଠକରେ ବଣାଇ ଉପଖଣ୍ଡ ଅଧିନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ପ୍ରମୁଖ ଉପସ୍ଥିତ ରହିଥିଲେ କ୍ଷ ଗୋଗୁଆ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

# ପିଏମ୍ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ



ରାଉରକେଲା,୧୨।୧୦(ସମିସ): : ସୁନ୍ଦରଗଡ଼ ସଂସ୍କୃତି ଭବନ ଠାରେ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ଶସକ୍ତୀକରଣ ବିଭାଗ, ସୁନ୍ଦରଗଡ଼ର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରାଯାଇଛି।

ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନ ସଭାର ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଏହି ପିଏମ ଧନଧାନ୍ୟ ଯୋଜନାର ସୁଫଳ ଚାଷୀଭାଇମାନଙ୍କୁ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ(ଜଳ ବିଭାଜିକା) ପ୍ରସନ୍ନ କୁମାର ପାତ୍ର, ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶ ସୁକାନ୍ତ ନାଏକ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ (କୃଷି) ପରମାନନ୍ଦ ପ୍ରଧାନ, ଡିଏମ୍‌ଏଫର ସ୍ୱତନ୍ତ୍ର ପ୍ରକଳ୍ପ ଅଧିକାରୀ(ଜିବୀକା) ଅନୁପମ୍ ଘୋଷ ଚୌଧୁରୀ, ଓରମାସର ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ ଚନ୍ଦ୍ର ଝା, କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ଧୀରେନ୍ଦ୍ର କୁମାର ନାଏକ, ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟପୋ, ଆଞ୍ଚଳିକ କୃଷି ଓ ଗବେଷଣା ଉପକେନ୍ଦ୍ର, କିରେଇର ମୁଖ୍ୟ ଡଃ. ସଜୀବ କୁମାର ବିଶ୍ୱାସୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ଲକ୍ଷ୍ମୀପ୍ରିୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ଲିପିକା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ।

## ପାଟୁଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ରିୟାନ୍ସ ଇଲେଭେନ୍ ଚାମ୍ପିଅନ୍

କୋଇଡ଼ା,୧୨।୧୦(ସମିସ): କୋଇଡ଼ା ବ୍ଲକ୍ ପାଟମୁଣ୍ଡା ପଞ୍ଚାୟତ ପାଟୁଳି ମିନି ଷ୍ଟାଡିୟମଠାରେ ଦୁଇ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଜେଜେପି ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମୁକାବିଲା ରିୟାନ୍ସ ଇଲେଭେନ୍ ବନାମ୍ ଡେଙ୍ଗୁଲା ୟୁଥ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରିୟାନ୍ସ ଇଲେଭେନ୍ ଏଥିରେ ଚାମ୍ପିଅନ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଇଡ଼ା ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ପୂର୍ବତନ ବିଜେଡି ଜିଲ୍ଲା ଯୁବ ସଭାପତି ତଥା ସରପଞ୍ଚ ଅବିନାଶ ସୁମନ ବାଗେ, କୋଇଡ଼ା ପୂର୍ବତନ ସରପଞ୍ଚ ନାକୁ ନାଏକ, ସମାଜସେବୀ ଡ. ବାଦଲ ବାରିକ, ଜନ୍ ଡୁଙ୍ଗଡୁଙ୍ଗ, ବୁଧୁ ପାତ୍ର, ମଧୁସୂଦନ ନାଏକ, ପରମେଶ୍ୱର ବାରିକ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିଅନ୍ ଦଳକୁ ୩୦ ହଜାର ଅର୍ଥରାଶି ସହ ଟ୍ରଫି, ରନର୍ସପ ଦଳକୁ ୨୦ ହଜାର ନଗଦ ଅର୍ଥ ସହ ଟ୍ରଫି, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧୫ ହଜାର ଅର୍ଥରାଶି ସହ ଟ୍ରଫି ଓ ଚତୁର୍ଥ ସ୍ଥାନ ଦଳକୁ ୧୦ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବ୍ ପକ୍ଷରୁ ସଭାପତି ରାଧା ନାଏକ, ସମ୍ପାଦକ ହରେଶ ନାଏକ, ମୁଖ୍ୟ ଭାବରେ ବିଜୟ ଦେହୁରୀ, ଡମ୍ବରୁ ଦେହୁରୀ, ରଞ୍ଜିତ ନାଏକ, ମହେନ୍ଦ୍ର ନାଏକ, ଆଶୁତୋଷ ନାଏକ ଓ ଅନ୍ୟାନ୍ୟ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। କ୍ଷୀରୋଦ ଗିରି ଓ ବୁଲବୁଲ ଆପଟ ଧାରାବିବରଣୀ ପ୍ରଦାନ କରିଥିଲେ।



## ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନର ନାଟକ ପ୍ରତିଯୋଗିତା

# ତୃତୀୟ ସନ୍ଧ୍ୟାରେ 'ମନ୍ ଜାନୁଛେ ମନ୍‌ର କଥା' ମଞ୍ଚସ୍ଥ

ରାଉରକେଲା,୧୨।୧୦(ସମିସ):





ସ୍ଥାନୀୟ ସେକ୍ଟର -୬ ସ୍ଥିତ ଏଚ୍ ବ୍ଲକ ଦୁର୍ଗା ପୂଜା ପଡ଼ିଆ ଠାରେ ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନ ପକ୍ଷରୁ ୨୫ ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟାରେ କୋଶଲ ନାଟକ ପରିଷଦର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ସମ୍ବଲପୁରୀ ନାଟକ 'ମନ୍ ଜାନୁଛେ ମନ୍‌ର କଥା'। ପଦ୍ମବର୍ଣ୍ଣା ଅନୁଷ୍ଠାନର ଅଧ୍ୟକ୍ଷ ମିହିର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନାଟକ ସନ୍ଧ୍ୟାକୁ ସୁନ୍ଦରଗଡ଼ର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ କୁମାର ବେହେରା, ଡାକ୍ତର ଜ୍ଞାନ ରଞ୍ଜନ ଗିରି, ସମାଜ ସେବୀ ନିହାର ରାୟ, ପ୍ରଶାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ ସରୋଜ ନାୟକଙ୍କୁ ସଂଗଠନ ତରଫରୁ ନିଶା ନିବାରଣ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେକ୍ଟର- ୬ ମାର୍କେଟ କମିଟିର ସଭାପତି ଗଣେଶ୍ୱର ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ସଧାରଣ ସମ୍ପାଦକ ବିଘ୍ନେଶ୍ୱ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ଅଜିତ୍ ସେନାପତି, ପାଣ୍ଡବ ଲେଙ୍କା, ସୁଦାମ ସାହୁ, ଅଜୟ ରାୟ, ଅଜୁ ଦାସ, ମନୁଆ ବାରିକ, କିଶୋର ମହାପାତ୍ର ପ୍ରମୁଖ ସହଯୋଗ କରିଥଲେ। ଡାକ୍ତର ହେଉଛନ୍ତି ସାକ୍ଷାତ ଭଗବାନ ସଦୃଶ। ଯିଏକି ରୋଗୀକୁ ମରଣ ମୁହଁରୁ ବଞ୍ଚାଇଥାନ୍ତି। ଆଉ ଡାକ୍ତରଖାନା ହେଉଛି ମନ୍ଦିର ସଦୃଶ। ହେଲେ ସେଇଭଳି ଏକ ସ୍ଥାନରେ ଗଣଦୁଷ୍କର୍ମ ଏବଂ ନିର୍ମମ ହତ୍ୟା ପରି ଜଘନ୍ୟ ଘଟଣା ଘଟୁଛି ଯାହାକି ମାନବୀୟ ମୂଲ୍ୟବୋଧର କ୍ଷୁର୍ଣ୍ଣ ହେଉଛି। ଏଭଳି ଏକ ସତ୍ୟ ଘଟଣା ଉପରେ ଆଧାରିତ ସମ୍ବେଦନଶୀଳ ବିଷୟକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ମନ୍ ଜାନୁଛେ ମନ୍ ର କଥା'। ନାଟ୍ୟକାର ଗୌତମ ମହାନନ୍ଦ ଉକ୍ତ ନାଟକକୁ ରଚନା କରିଥିଲା ବେଳେ ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱନାଥ ସରକାର।

୧୨/୧୦/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୦୩,୮୧୯/- ସୁନା: ୦୧.୩୬୦ ଗ୍ରାମ୍ ରୁପା: ୨୬.୭୦୦ ଗ୍ରାମ୍





### ବାଙ୍କୀ ମୁହାଁଣ ପାଲଟିଛି ଦୁର୍ଗନ୍ଧ କୁଣ୍ଡ

# ନାଁକୁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ; ସମୁଦ୍ରରେ ମିଶୁଛି ବର୍ଜ୍ୟଜଳ

ପୁରୀ,୧୨।୧୦(ସମିସ)

ପୁରୀର ବିକାଶ ପାଇଁ ଅନେକ ପ୍ରକଳ୍ପ ଏବଂ ଯୋଜନା କରାଯାଉଛି। କିଛି ବାସ୍ତବତାର ରୂପ ନେଇଥିଲେ ହେଁ ଅନେକ ବାକି ରହିଛି। ହେଲେ ଏହି ବିକାଶ ମାନଚିତ୍ରରେ ସ୍ଥାନ ପାଉନି ବାଙ୍କୀ ମୁହାଁଣ। ମୋଟାମୋଟି କହିବାକୁ ଗଲେ ବାଙ୍କୀ ମୁହାଁଣ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦିଆଯାଇଛି। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କେବଳ କାମଚଳା ଭାବେ ଚାଲୁଥିବା ବେଳେ ସହରର ଆବର୍ଜନା ପାଣି ସିଧାସଳଖ ସମୁଦ୍ରରେ ମିଶୁଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଠିକ୍ ଭାବେ କେମିକାଲଯୁକ୍ତ ପାଣି ସିଞ୍ଚନ ପ୍ରକ୍ରିୟା (ଏନ୍‌ଜାଇମ୍ ଡୋଜିଂ) ହେଉ ନ ଥିବାରୁ ଏହା ସଂଲଗ୍ନ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ହେଉଛି। ଫଳରେ ଚକ୍ରତୀର୍ଥ ରୋଡ୍ ଦେଇ ଯିବାଆସିବା କରୁଥିବା ପର୍ଯ୍ୟଟକ ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଛନ୍ତି।

ପୁରୀ ସହରର ବର୍ଜ୍ୟଜଳ ବିଶୋଧନ ପାଇଁ ସଂସ୍କୃତି ଭବନ ନିକଟରେ ୧୯୯୮ରେ ଉଦ୍‌ଘାଟିତ ହୋଇଥିଲା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଜଳ ବିଶୋଧନ କେନ୍ଦ୍ର)। ସହରର ବର୍ଜ୍ୟଜଳକୁ ଏଠାରେ ଟ୍ରିଟ୍‌ମେଣ୍ଟ କରି ବାଙ୍କୀ ମୁହାଁଣ ଦେଇ ସମୁଦ୍ରକୁ ଛାଡ଼ିବା ଥିଲା ଏହାର ଉଦ୍ଦେଶ୍ୟ। ହେଲେ ଅନେକ ସମୟରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଅଚଳ ରହିବା ଏବଂ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ବର୍ଜ୍ୟଜଳ ସିଧା ସମୁଦ୍ରରେ ମିଶୁଛି। ଏହାଦ୍ୱାରା ସମୁଦ୍ର ପାଣି ପ୍ରଦୂଷିତ ହେଉଥିବାବେଳେ ବାଙ୍କୀ ମୁହାଁଣ ସଂଲଗ୍ନ ଅଞ୍ଚଳର ଭୂତଳ ଜଳ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ସମୁଦ୍ର କୂଳରେ ୯ ବର୍ଷ ତଳେ ଡ୍ରେନେଜ୍ ବିଭାଗ ପକ୍ଷରୁ ବର୍ଷାଜଳ ନିଷ୍କାସନ ନଳା ନିର୍ମାଣ କରାଯାଇଛି। ତେବେ ଏହି ବର୍ଷାଜଳ ନିଷ୍କାସନ ନଳାରେ ବହୁ ହୋଟେଲର ଯାବତୀୟ ମଇଳା ପାଣି ଛଡ଼ାଯାଉଛି। ଏହି ବର୍ଜ୍ୟଜଳ ବାଙ୍କୀ ମୁହାଁଣ ଦେଇ ସମୁଦ୍ରକୁ ଯାଉଛି। ବାଙ୍କୀ ମୁହାଁଣ ଏକପ୍ରକାର ଆବର୍ଜନା କୁଣ୍ଡରେ ପରିଣତ ହୋଇଛି ବୋଲି କହିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଏନ୍‌ଜାଇମ୍ ଡୋଜିଂ କରାଯାଉଥିବା ନେଇ ଯାହା କୁହାଯାଉଛି ତାହା କେବଳ ନାଁକୁ ମାତ୍ର। କେମିକାଲଯୁକ୍ତ ପାଣି ସିଞ୍ଚନ କରି ଟ୍ରିଟ୍‌ମେଣ୍ଟ ହୋଇଗଲା ବୋଲି କୁହାଯାଇ କେବଳ ଲୋକଙ୍କୁ ଭୂଆଁ ବୁଲାଯାଉଛି। ଯଦି ଠିକ୍ ଭାବେ ବିଶୋଧନ କରାଯାଇ ପାଣି ସମୁଦ୍ରକୁ ଛଡ଼ାଯାଆନ୍ତା ଏମିତି ଦୁର୍ଗନ୍ଧ ହୁଅନ୍ତା ନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।



ଅନ୍ୟପକ୍ଷରେ ଏନ୍‌ଜାଇମ୍ ଡୋଜିଂ ମାଧ୍ୟମରେ ବର୍ଜ୍ୟଜଳକୁ ଟ୍ରିଟ୍‌ମେଣ୍ଟ କରାଯାଉଛି ବୋଲି ପ୍ଲାଣ୍ଟ ପକ୍ଷରୁ କୁହାଯାଉଛି। ପ୍ରତିମାସରେ ପାଣିର ବିଓଡି (ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ) ମପାଯାଉଛି। ବିଓଡିର ମାତ୍ରା ୩୦ ମଧ୍ୟରେ ରହିଲେ ତାହା ସମୁଦ୍ର ପାଣି ଖରାପ କରିବ ନାହିଁ। ଏଠାରେ ଟ୍ରିଟ୍‌ମେଣ୍ଟ ପରେ ବିଓଡି ଏହା ତଳେ ରହୁଛି। ହେଲେ ପାଣି ଦୁର୍ଗନ୍ଧ ହେବାର ଅନେକ କାରଣ ରହୁଛି। ଲୋକେ ସେମାନଙ୍କ ପାଇଖାନା ନଳାକୁ ଡ୍ରେନ୍ ସହିତ ସଂଯୋଗ କରିଛନ୍ତି। ଫଳରେ ଅଧିକ ମାତ୍ରାରେ ମଇଳା ପାଣି ଆସୁଛି। ଏଥିପାଇଁ ମଝିରେ ମଝିରେ କେମିକାଲଯୁକ୍ତ ପାଣି ସିଞ୍ଚନ କରି ମୁହାଁଣକୁ ଛଡ଼ାଯାଉଛି। କିନ୍ତୁ ବର୍ଜ୍ୟଜଳ ଟ୍ରିଟ୍‌ମେଣ୍ଟ ପରେ ବାଙ୍କୀ ମୁହାଁଣ ପର୍ଯ୍ୟନ୍ତ ଯାଇଥିବା ଜଳାଧାରରେ ଅନେକ ବସ୍ତିବାସିନ୍ଦା ସେମାନଙ୍କ ପାଇଖାନା ପାଣି ଛାଡୁଛନ୍ତି। ଏହାଦ୍ୱାରା ମଇଳା ପାଣି ସିଧା ସମୁଦ୍ରକୁ ଯାଉଛି। ବାଙ୍କୀ ମୁହାଁଣର ଏଭଳି ସ୍ଥିତି ସମ୍ପର୍କରେ ଭୂତତ୍ତ୍ୱ ବିଜ୍ଞାନୀଙ୍କ ମତରେ ସମୁଦ୍ର ପାଣି ପ୍ରଦୂଷିତ ହେଉଥିବାରୁ ଏହା ଜଳଜୀବଙ୍କୁ ମଧ୍ୟ ପ୍ରଭାବିତ କରିବ। ଦୀର୍ଘଦିନ ଧରି ଯଦି ଏପରି ବର୍ଜ୍ୟଜଳ ପ୍ରବାହିତ ହୁଏ ତେବେ ଏହା ଭୂତଳ ଜଳକୁ ମଧ୍ୟ ପ୍ରଦୂଷିତ କରିବ। ତେଣୁ ଅତ୍ୟାଧୁନିକ ପ୍ଲାଣ୍ଟ ବସାଯାଇ ସହରର ବର୍ଜ୍ୟଜଳକୁ ଭଲ ଭାବେ ଟ୍ରିଟ୍‌ମେଣ୍ଟ କରି ସମୁଦ୍ର ଭିତରେ ନେଇ ଛଡ଼ାଯିବା ଦରକାର।

### • ଶ୍ରୀମନ୍ଦିରରେ ରବିବାରିଆ ଭିଡ଼

## ସୁରକ୍ଷା କର୍ମୀଙ୍କ ବ୍ୟବହାରକୁ ନେଇ ଉଦ୍‌ବେଗ



ପୁରୀ,୧୨।୧୦(ସମିସ): ଚାଲିଛି ଧର୍ମମାସ କାର୍ତ୍ତିକ। ତା'ସାଙ୍ଗକୁ ରବିବାର। ତେଣୁ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ତେବେ ମନ୍ଦିର ପ୍ରବେଶକୁ ନେଇ ବ୍ୟାରିକେଡ୍‌ରେ ଅପେକ୍ଷା କରିଥିବା ଶ୍ରଦ୍ଧାଳୁଙ୍କ ସହ ଜଣେ ସୁରକ୍ଷା କର୍ମୀଙ୍କ ବ୍ୟବହାରକୁ ନେଇ ଭକ୍ତ ଉଦ୍‌ବେଗ ପ୍ରକାଶ କରିଥିଲେ।

ଏବେ ଚାଲିଛି କାର୍ତ୍ତିକ ମାସ। ଏଥିପାଇଁ ଶ୍ରୀମନ୍ଦିରରେ ସାଧାରଣ ଭକ୍ତଙ୍କ ସହିତ ହବିଷ୍ୟାଳି ମା'ମାନଙ୍କର ଗହଳି ହେଉଛି। ଏମିତି ବି ରବିବାର ଯୋଗୁଁ ଅଧିକ ସଂଖ୍ୟାରେ ଭକ୍ତ ଆସିଥିଲେ। ସକାଳୁ ଧୀରେ ଧୀରେ ଗହଳି ବଢ଼ିଥିଲା। ତେଣୁ ସୁରକ୍ଷା କର୍ମୀମାନେ ଭକ୍ତଙ୍କୁ ଦଫା ଦଫା କରି ଭିତରକୁ ଛାଡୁଥିଲେ। ଏହି ସମୟରେ ବ୍ୟାରିକେଡ୍‌ରେ ଅପେକ୍ଷାରତ ଭକ୍ତଙ୍କ ସହିତ ଜଣେ ସୁରକ୍ଷା କର୍ମୀଙ୍କ ଯୁକ୍ତିତର୍କ ହୋଇଥିଲା। ସମ୍ପୃକ୍ତ ସୁରକ୍ଷା କର୍ମୀ ଶ୍ରଦ୍ଧାଳୁଙ୍କୁ ଉତ୍‌କ୍ଷିପ୍ତ ହୋଇ କିଛି କହୁଥିବାର ଭିଡିଓ ଭାଇରାଲ ହେଉଛି, ଯାହାକୁ ନେଇ ଅନ୍ୟ ଭକ୍ତମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଥିବା ସୁରକ୍ଷାକର୍ମୀଙ୍କ ଏପରି ବ୍ୟବହାରକୁ ନେଇ ଅନ୍ୟମାନେ ଅସନ୍ତୋଷବ୍ୟକ୍ତ କରିଥିଲେ।

## ଷ୍ଟେସନ୍‌ରୁ ୭.୫ କେଜି ଗଞ୍ଜେଇ ଜବତ

ପୁରୀ,୧୨।୧୦(ସମିସ): ପୁରୀ ରେଳ ଷ୍ଟେସନରୁ ୭ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଆର୍‌ପିଏଫ୍ କର୍ମଚାରୀମାନେ ବିହାର ଭୋଜପୁରର ବିକୁ କୁମାରଙ୍କୁ ଧରି ଜିଆର୍‌ପି ଥାନାର ଜିମା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଆର୍‌ପିଏଫ୍ ଇନ୍‌ସପେକ୍ଟର ଡି.କେ. ଶର୍ମାଙ୍କ ନିର୍ଦ୍ଦେଶ ମୁତାବକ ଏସ୍‌ଆଇ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ଅନ୍ୟ ଆର୍‌ପିଏଫ୍ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ପାର୍ସଲ ଅଫିସ ପାଖରେ ଜଣେ ଯୁବକ ପୁଲିସକୁ ଦେଖି ଦୌଡ଼ିବାକୁ ଲାଗିଥିଲା। ସୁରକ୍ଷା କର୍ମୀ ତାକୁ ପିଛା କରି ପାର୍ସଲ ଅଫିସ ପ୍ରବେଶ ଫାଟକ ନିକଟରେ ଧରିଥିଲେ। ପଚରାଉଚରା ପରେ ସେ ନିଜର ପରିଚୟ ଦେଇଥିଲା। ତା' ପାଖରେ ଥିବା ବ୍ୟାଗ୍ ଭିତରେ ୬ଟି ପ୍ୟାକେଟ୍‌ରେ ଗଞ୍ଜେଇ ଥିଲା। ସେ ଟ୍ରେନ୍‌ରେ ଦିଲ୍ଲୀ ଯିବା ପାଇଁ ଷ୍ଟେସନକୁ ଆସିଥିଲା। ଆର୍‌ପିଏଫ୍ କର୍ମଚାରୀ ଗଞ୍ଜେଇ ସହ ତାକୁ ଧରି ଜିଆର୍‌ପି ଥାନା ଜିମା ଦେଇଥିଲେ। ଜିଆର୍‌ପି ଥାନା ଏକ ମୋକଦ୍ଦମା ରୁଜୁ କରି ଗଞ୍ଜେଇକୁ ଜବତ କରିଥିଲା। ଏଥିସହ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା, ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଜବତ ହୋଇଥିବା ଗଞ୍ଜେଇକୁ ସେ ସମୁଦ୍ରକୂଳ ନିକଟରୁ ଜଣେ ଅଚିହ୍ନା ଲୋକଙ୍କ ପାଖରୁ କିଣିଥିବା ମାନିଥିଲେ। ତାକୁ ଧରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ ବିକ୍ରି କରିଥିବା ବ୍ୟକ୍ତିଙ୍କୁ ପାଇ ନ ଥିଲା। ତେବେ ମୁଖ୍ୟ ଅଭିଯୁକ୍ତକୁ ଧରାଯିବ ବୋଲି ଜିଆର୍‌ପି ଥାନା ଆଇଆଇସି ସନ୍ତୋଷ କୁମାର ବାହିନୀପତି କହିଛନ୍ତି। ସୂଚନାଥାଉ କି, ଅଭିଯୁକ୍ତ ବିକୁ ପୂର୍ବରୁ ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଧରାପଡ଼ିଥିବାରୁ ଗିରଫ ହୋଇ ଜେଲ୍‌କୁ ଯାଇଥିଲା। ଜେଲ୍‌ରୁ ଆସିବା ପରେ ପୁଣି ଗଞ୍ଜେଇ ବେପାର କରି ଧରାପଡ଼ିଛି।

### • ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ

## ଜିଲ୍ଲାର ୧.୮୬ ଲକ୍ଷ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା

ପୁରୀ,୧୨।୧୦(ସମିସ)

ପେଣ୍ଠକଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ ରବିବାର ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପକେନ୍ଦ୍ର), ଜିଲ୍ଲାର ନିର୍ଦ୍ଦିଷ୍ଟ ସମସ୍ତ ବିଦ୍ୟାଳୟ ତଥା ଅଙ୍ଗନବାଡ଼ି କେନ୍ଦ୍ରରେ ରବିବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଥିପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିନିମନ୍ତେ ୫୬ଟି ଟ୍ରାଞ୍ଜିଟ୍ ପଏଣ୍ଟ ଚିହ୍ନଟ କରାଯାଇଥିଲା ଓ ୨୪ଟି ମୋବାଇଲ୍ ଟିମ୍ ନିୟୋଜିତ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇଛନ୍ତି। ରବିବାର ପ୍ରଥମ ଦିବସରେ ୭୬୬ଟି ପୋଲିଓ ବୁଥ୍‌ରେ ଟିକାକରଣ କାର୍ଯ୍ୟକ୍ରମ ଚାଲିଥିଲା। ପରବର୍ତ୍ତୀ ଦୁଇଦିନରେ ଜିଲ୍ଲାର ସମସ୍ତ ଗୃହ ପ୍ରଦର୍ଶନ କରାଯାଇ ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁରୀ ଜିଲ୍ଲାର ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ମୋଟ୍ ୧ ଲକ୍ଷ ୮୬ ହଜାର ୮୫୯ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ୩ ଲକ୍ଷ ୮୫ ହଜାର ୬୮୫ଟି ଗୃହ ପରିଦର୍ଶନ କରାଯାଇ ସମସ୍ତ ଶିଶୁଙ୍କୁ ମଧ୍ୟ ଚିହ୍ନଟ କରାଯାଇ ପୋଲିଓ ବୁନ୍ଦା ଦିଆଯିବ। ରବିବାର ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ଡ. ଲାଲ ମୋହନ ହୋ, ସୌମ୍ୟାଶ୍ରୀ ମହାରଣା, କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାଶ, ଲୋକନାଥ ମହାପାତ୍ର, ବେଣୁଧର ନାୟକ, ସନ୍ଦୀପ ବରଣ ଓଝା, ପ୍ରତୀକ ଶ୍ରୀଚନ୍ଦନ, ଆଲୋକ ସେନାପତି, ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡିଭିଏଲ୍‌ଏମ୍ ତ୍ରିଲୋଚନ ପରିଡ଼ା କାର୍ଯ୍ୟକ୍ରମକୁ ସଫଳତାର ସହିତ ପରିଚାଳନା କରିଥିଲେ।

### ଶ୍ରୀସଦାଶିବ ପରିସରରେ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଘାଟିତ

## ରାଷ୍ଟ୍ରୀୟ ଶିକ୍ଷା ନୀତି ଉପରେ ଆଲୋଚନା

ପୁରୀ,୧୨।୧୦(ସମିସ)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଓ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ନୂଆଦିଲ୍ଲୀର ମିଳିତ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ସଦାଶିବ ପରିସରରେ ରବିବାର ଉଦ୍‌ଘାଟିତ ହୋଇଛି। ଏଥିରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ପରିଚିତ କରାଇଥିଲେ। ଶିକ୍ଷା ସଂସ୍କୃତି ଉତ୍ଥାନ ଟ୍ରଷ୍ଟ ଓଡ଼ିଶାର ରାଜ୍ୟ ସଂଯୋଜକ ବିଶ୍ୱରଞ୍ଜନ ମିଶ୍ର, ସଂଯୋଜକ ହେମନ୍ତ ଜେନା ଏବଂ ଡ. ବିକାଶ କୁମାର ଅତିଥିମାନଙ୍କୁ ଉପଢୌକନ ଏବଂ ମହାପ୍ରଭୁଙ୍କ ଫଟୋଚିତ୍ର ପ୍ରଦାନ କରି ମଞ୍ଚରେ ସ୍ୱାଗତ କରିଥିଲେ। ଶିକ୍ଷା ସଂସ୍କୃତି ଉତ୍ଥାନ ଟ୍ରଷ୍ଟ ଅଧ୍ୟକ୍ଷ ଡ. ପଙ୍କଜ ମିତ୍ତଲ ଟ୍ରଷ୍ଟର କାର୍ଯ୍ୟ ଏବଂ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ବୈଠକର ଉଦ୍‌ଘାଟନୀ ଅଧିବେଶନରେ "ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ପରିପ୍ରେକ୍ଷୀରେ ଭାରତୀୟ ଜ୍ଞାନ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଦକ୍ଷତା ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ ସଂସ୍କୃତ ଭାଷାର ଗରିମା ସମ୍ପର୍କରେ ଚର୍ଚ୍ଚା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ସଂସ୍କୃତି ଉତ୍ଥାନ ଟ୍ରଷ୍ଟର ଜାତୀୟ ସଚିବ ଡ. ଅତୁଲ କୋଠାରୀ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରି ଭାରତୀୟ ଜ୍ଞାନ ପରମ୍ପରାର ଆବଶ୍ୟକତା ଉପରେ ମତ ଉପସ୍ଥାପନା କରିଥିଲେ। ସେ କହିଥିଲେ ଯେ, ଶିକ୍ଷା ନୀତି ଯଦି ସଠିକ୍ ଭାବେ କାର୍ଯ୍ୟକାରୀ ହୁଏ ତେବେ ଏକ ବିକଶିତ ଭାରତର ମୂଳଦୁଆ ସ୍ଥାପନ କରିବାରେ ତାହା ସକ୍ଷମ ହେବ। ସଂସ୍କୃତ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସେ କହିଥିଲେ ଯେ ଟ୍ରଷ୍ଟ ରାଷ୍ଟ୍ରୀୟ ଶିକ୍ଷାନୀତି ଏବଂ ଭାରତୀୟ ଜ୍ଞାନ ପରମ୍ପରାର କାର୍ଯ୍ୟାନ୍ୱୟନ ପାଇଁ ମଧ୍ୟପ୍ରଦେଶ ସରକାର ଏବଂ ଶିକ୍ଷା ବିଭାଗ ସହିତ ସହଯୋଗରେ କାର୍ଯ୍ୟ କରିଆସୁଛି। ସେହିପରି ଓଡ଼ିଶାରେ ମଧ୍ୟ ଏହା କରିବାକୁ ପ୍ରସ୍ତୁତ ଏବଂ ଯେଉଁଠାରେ ଆବଶ୍ୟକତା ପଡ଼ିବ ସେଠାରେ ଟ୍ରଷ୍ଟ ଏହି କାର୍ଯ୍ୟରେ ନିୟୋଜିତ ହେବ। ଶେଷରେ ଶ୍ରୀସଦାଶିବ କ୍ୟାମ୍ପସର ବରିଷ୍ଠ ଆଚାର୍ଯ୍ୟ ପ୍ରଫେସର ଲଳିତ କୁମାର ସାହୁ ମଞ୍ଚରେ ଉପସ୍ଥିତ ସମସ୍ତ ଅତିଥି, ଟ୍ରଷ୍ଟର ବରିଷ୍ଠ କର୍ମୀ, ଶିକ୍ଷାବିତ୍ ଏବଂ ଅଧ୍ୟାୟୀଙ୍କ ବ୍ୟତୀତ, ସଭାରେ ଉପସ୍ଥିତ ଦେଶ ସାରାର ଗବେଷକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ମହାମାୟା ଗଜଲକ୍ଷ୍ମୀ ପୂଜା କମିଟିର ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଯାପିତ



ପୁରୀ,୧୨।୧୦(ସମିସ): ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ବାଲିଘାଟ ଜାଗେଶ୍ୱରୀ ଛକସ୍ଥିତ ଶ୍ରୀଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ତିନିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଦେଶକୁ ସ୍ୱାଧୀନ ଓ ସୁରକ୍ଷା ଦେଇ ବୀରଗତି ପାଇଥିବା ସୈନିକଙ୍କ ସମ୍ମାନ ଉଦ୍ଦେଶ୍ୟରେ ଜନଗଣ ମନ ସହ ଯା ଦେବୀ ସର୍ବଭୂତେଷୁ ଗାନ ପରିବେଷଣ କରାଯାଇଥିଲା। ଅନ୍ତିମ ସନ୍ଧ୍ୟାର ଆକର୍ଷଣ ସାଜିଥିଲେ ସୁଜ୍ଞାନୀ ମହାପାତ୍ର ଓ ତାଙ୍କ ମହାରାଜା ବ୍ୟାଣ୍ଡ ଗ୍ରୁପ୍। ସୁଜ୍ଞାନୀ ଓ ସାଥୀ କଳାକାର ମନଛୁଆଁ ସଙ୍ଗୀତ ସାଙ୍ଗକୁ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଅଭିମନ୍ୟୁ, ପରଦେଶିଆ ଭଳି ଅନେକ ଲୋକପ୍ରିୟ ଗୀତରେ ଝୁମି ଉଠିଥିଲେ ଦର୍ଶକ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ପୌରାଧ୍ୟକ୍ଷ ଗୌରହରି ପ୍ରଧାନ, ଶାନ୍ତିଲତା ପ୍ରଧାନ, କ୍ରୀଡ଼ା ସଂଗଠକ ରବିଶଙ୍କର ପ୍ରତିହାରୀ, ପବ୍ଲିକ୍ ପ୍ରସିକ୍ୟୁଟର ଭଗବାନ ପଡ଼ିଆରୀ, ଯୁବନେତା ଅମରେଶ ପାଇକରାୟ, ଶିଳ୍ପପତି ମାଧବାନନ୍ଦ ଖୁଣ୍ଟିଆ, ପୌର ଅଧିକାରୀ ଅଭିମନ୍ୟୁ ବେହେରା, ସିପିଏସ୍ ଫାର୍ମାସୀ କଲେଜର ଡାଇରେକ୍ଟର ରୋଜା ପ୍ରିୟଦର୍ଶୀ ମିଶ୍ର, ଆଇଏମ୍‌ଟି ଫାର୍ମାସୀ କଲେଜର ଡାଇରେକ୍ଟର ମନୋଜ ରଥ, ପୂର୍ବତନ ଜିଲ୍ଲା ପରିଷଦ ସୁବାସ ସ୍ୱାଇଁ, ସୋମନାଥ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିଭୂତିଭୂଷଣ ସେଠୀ, ମୁଖ୍ୟ ଉପଦେଷ୍ଟା ଭାଗିରଥି ପ୍ରଧାନ, ଉପସଭାପତି ସୁନିଲ ମହାରଣା, ସମ୍ପାଦକ ସୁଜିତ୍ ସାହୁ, ଅଶୋକ ସୁବୁଦ୍ଧି, ସଞ୍ଜିତ୍ ସାହୁ, ହିମାଂଶୁ ମୁଦୁଲି, ଭିକାରୀ ସାହୁ, ରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧ୍ୟାହ୍ନଭୋଜନ ପାଚିକା ସଂଘ ସମ୍ମିଳନୀ

ପୁରୀ,୧୨।୧୦(ସମିସ): ଚନ୍ଦନପୁର ପୋଲାଙ୍ଗ ତୋଟାରେ ରବିବାର ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସଂଘ (ସିଆଇଟିୟୁ) ପୁରୀ ସଦର ବ୍ଲକ୍ ଶାଖାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ପୁରୀ ଜିଲ୍ଲା ପାଚିକା ସଂଘର ସଭାପତି ପୀତବାସ ବେହେରା। ଏହି ସମ୍ମିଳନୀରେ ୮୫ ଜଣ ପାଚିକା ଯୋଗଦେଇଥିଲେ। ଏଥିରେ ୩ ବର୍ଷର ସାଂଗଠନିକ ରିପୋର୍ଟ ଆଲୋଚନା କରାଯାଇଥିଲା। ଶେଷରେ ୨୫ ଜଣିଆ କମିଟି ଗଠନ କରାଗଲା। ଉପଦେଷ୍ଟା ଭାବେ ତରୁଲତା ମିଶ୍ର, ସଭାନେତ୍ରୀ ତିଲୋତ୍ତମା ତ୍ରିପାଠୀ, ସମ୍ପାଦିକା ସାବିତ୍ରୀ ମହାପାତ୍ର, ଉପସଭାପତି ସଂଯୁକ୍ତା ସାହୁ, ସହସମ୍ପାଦିକା ନିଳୀମା ସାହୁ ଓ କୋଷାଧ୍ୟକ୍ଷ ଭାବେ ସଂଯୁକ୍ତା ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ୩ ବର୍ଷ ପାଇଁ ମନୋନୀତ କରାଗଲା। ଅନ୍ୟ ସଭ୍ୟାମାନେ ହେଲେ ଝରଣା ପତି, ଶାନ୍ତିଲତା ଜେନା, ଅବନ୍ତି ପଟ୍ଟନାୟକ, ରୂପାଲି ସ୍ୱାଇଁ, ଅଞ୍ଜଳି ଜେନା, ତିଲୋତ୍ତମା ପ୍ରଧାନ, ସ୍ୱର୍ଣ୍ଣପ୍ରଭା ଜେନା, କବିତା ମହାପାତ୍ର, ନାଣ୍ଡି ବିଶ୍ୱାଳ, କୁନା ବେହେରା, ସଂଯୁକ୍ତ ବେହେରା, ଉର୍ମିଳା ସ୍ୱାଇଁ, ଉର୍ମିଳା ନାୟକ ଓ ଲକ୍ଷ୍ମୀପ୍ରିୟା ଜେନାଙ୍କୁ ଆଗାମୀ ୩ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା।



### ଆନ୍ତଃଜିଲ୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁସ୍ତି ପ୍ରତିଯୋଗିତା

# ବାଳକରେ ସୁରଜମଲ୍ଲ, ବାଳିକାରେ ବିରେନ ଚାମ୍ପିଅନ

ପୁରୀ,୧୨।୧୦(ସମିସ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ସୁରଜମଲ୍ଲ ସାହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁସ୍ତି କ୍ରୀଡ଼ା ପ୍ରତିଯୋଗିତା ବାରବାଟୀ ଜାଗା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ୟୂନ ୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଏବଂ ବାରବାଟୀ ଜାଗା ସଭାପତି ଗୋପାଳ ମହାସୁଆର, ସମ୍ପାଦକ ମଦନ ମୋହନ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ପଦ୍ମନାଭ ମହାସୁଆର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବାଳିକା ବର୍ଗ ୫୦ କେଜିରେ ଖ୍ରୀଷ୍ଟ କଲେଜର ଶୁଭଲକ୍ଷ୍ମୀ ପାଲ୍, ୫୩ କେଜିରେ ବିରେନ ମିତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକର ଅନ୍ନପୂର୍ଣ୍ଣା ନାୟକ, ୫୫ କେଜିରେ ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋରନ୍ଦାର ସୁନିତା ବେହେରା, ୬୮ କେଜିରେ ଗୋପୀନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତାପ ପୁରୁଷୋତ୍ତମପୁରର ହରପ୍ରିୟା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବର୍ଗ ୫୭ କେଜିରେ ରଘୁନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକର ରୋହିତ ସାମଲ, ୬୧ କେଜିରେ ଗୋପୀନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଭାସ ରଞ୍ଜନ ପ୍ରଧାନ, ୬୫ କେଜିରେ ବ୍ରହ୍ମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନ୍ଦୀପ କୁମାର ବେହେରା, ୭୦ କେଜିରେ ସୁରଜମଲ୍ଲ ସାହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଶୁତୋଷ ମଙ୍ଗରାଜ, ୭୯ କେଜି, ୮୬ କେଜି, ୯୭ କେଜି ଓ ୯୭ କେଜିରୁ ଊର୍ଦ୍ଧ୍ୱରେ ସୁରଜମଲ୍ଲ ସାହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାଧବାନନ୍ଦ ରଣା, ସରୋଜ କୁମାର ସାହୁ, ରାଜ କୁମାର ପଟ୍ଟନାୟକ, ବିଷ୍ଣୁପ୍ରସାଦ ଗୁମାନସିଂ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ଦଳଗତ ଭାବେ ବାଳକ ବିଭାଗରେ ସୁରଜମଲ୍ଲ ସାହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରୀ ଚାମ୍ପିଅନ ହୋଇଥିବାବେଳେ ବାଳିକା ବିଭାଗରେ ବିରେନ ମିତ୍ର ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ ହୋଇଛି।

ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ପରିଷଦର ସିଲେକ୍ଟର ସୁରଜମଲ୍ଲର କ୍ରୀଡ଼ା ଶିକ୍ଷକ ହରିହର କର, କ୍ରୀଡ଼ା ବିଭାଗର ଉପସଭାପତି ଡ. ଦୀପ୍ତି ମହାନ୍ତି, କ୍ରୀଡ଼ା କମିଟିର ଅନ୍ୟ ସଦସ୍ୟ ଅଧ୍ୟାପକ ରବୀନ୍ଦ୍ର ପ୍ରଧାନ, ଡ. ଦୁର୍ଯ୍ୟୋଧନ ଜେନା, ଜ୍ୟୋତିର୍ମୟୀ ଦାଶ, ସୁବ୍ରତ ବିଶ୍ୱାଳ ପରିଚାଳନା କରିଥିଲେ। ବିଚାରକ ଭାବେ ଏନ୍‌ଆଇଏସ୍ କୋଚ୍ ଶ୍ୟାମସୁନ୍ଦର ମହାପାତ୍ର, ରାମଚନ୍ଦ୍ର ପ୍ରତିହାରୀ, କୃଷ୍ଣଚନ୍ଦ୍ର ଦାଶ, ଆଲୋକ ଦଳେଇ, ପୂଜା ମହାରଣା, ବଳଭଦ୍ର ମଲ୍ଲିକ, ଜମ୍ବେଶ୍ୱର ସୁବୁଦ୍ଧି ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 ଅନୁଯାୟୀ) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମ୍‌ଏମ୍‌ଜିଏସ୍-II | 30 |

ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 ଅନୁଯାୟୀ) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମ୍‌ଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମ୍‌ଏମ୍‌ଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମ୍‌ଏମ୍‌ଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

### କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନା

# ବର୍ଜ୍ୟବସ୍ତୁ ପରିବହନ ପାଇଁ ନିଜସ୍ୱ ମଟରଗାଡ଼ି ଦାବି

କରଞ୍ଜିଆ,୧୨।୧୦(ସମିସ):



କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନା ଜିଲ୍ଲାର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାରୁ ଉପଖଣ୍ଡର ୫ଟି ବ୍ଲକ୍ ସହିତ ପଡୋଶୀ କେନ୍ଦୁଝର ଜିଲ୍ଲା ଏବଂ ନିକଟ ଝାଡ଼ଖଣ୍ଡ ରାଜ୍ୟର କିଛି ଅଞ୍ଚଳ ଏହା ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟେହ ଏକହଜାର ପାଖାପାଖି ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଡାକ୍ତରଖାନାରେ ପ୍ରାୟ ଦେଢ଼ଶହରୁ ଦୁଇଶହ ରୋଗୀ ବିଭିନ୍ନ ୱାର୍ଡରେ ରହି ଚିକିତ୍ସିତ ହୋଇଥାନ୍ତି। ଏଣୁ ଡାକ୍ତରଖାନାର ସ୍ୱଚ୍ଛତା ଓ ପରିମଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟେଣ୍ଡର ମାଧ୍ୟମରେ ସଫେଇ କାର୍ଯ୍ୟ କରାଇଥାନ୍ତି। ସଫେଇ କର୍ମଚାରୀ ଡାକ୍ତରଖାନାର ବିଭିନ୍ନ ୱାର୍ଡ, ଡାକ୍ତରଖାନା ପରିସର ଓ ବିଭିନ୍ନ ଗୃହ ସବୁ ସଫେଇ କରିଥାନ୍ତି। ସଫେଇ ପରେ ବର୍ଜ୍ୟବସ୍ତୁଗୁଡିକୁ ଡାକ୍ତରଖାନା ଭିତରେ ଏକାଠି କରି ଭିନ୍ନଭିନ୍ନ ବର୍ଜ୍ୟବସ୍ତୁକୁ ଡଷ୍ଟବିନରେ ରଖିଥାନ୍ତି। ଏନ୍ଏସି (ବର୍ତ୍ତମାନର ମ୍ୟୁନସିପାଲଟି)ର ସଫେଇ କର୍ମଚାରୀ ଉକ୍ତ ବର୍ଜ୍ୟ ସାମଗ୍ରୀକୁ ଏଠାରୁ ଉଠାଇ ଗ୍ରୀଡ଼ ପାଖରେ ଥିବା ଗାର୍ବେଜ ପିଟ୍‌ରେ ପକାଇଥାନ୍ତି। ତେବେ ମ୍ୟୁନସିପାଲଟି ପକ୍ଷରୁ ସବୁଦିନେ ଏହି ବର୍ଜ୍ୟବସ୍ତୁକୁ ନେବା ସମ୍ଭପର ହୋଇନଥାଏ। ଦୁଇ ତିନି ଦିନ ଅନ୍ତରରରେ ଏହି ବର୍ଜ୍ୟବସ୍ତୁକୁ ଉଠାଇବା ଫଳରେ ଡାକ୍ତରଖାନା ଭିତରେ ଏକ ଅଭାବନୀୟ ପରିସ୍ଥିତି ଦେଖାଦେଇଥାଏ। ଅନେକ ସମୟରେ ଏହି ବର୍ଜ୍ୟବସ୍ତୁଗୁଡିକ ପରିବେଶକୁ ଦୂଷିତ କରିବା ସହିତ ଡାକ୍ତରଖାନାଟି ଦୁର୍ଗନ୍ଧମୟ ହୋଇପଡିଥାଏ ଏବଂ ଦେଖିବାକୁ ଘୃଣା ଆସିଥାଏ। ଏହି ବର୍ଜ୍ୟବସ୍ତୁଗୁଡିକୁ ଡାକ୍ତରଖାନାରୁ ଉଠାଉବା ପାଇଁ ଏକ ମଟରଗାଡିର ଆବଶ୍ୟକତା ହେଉଛି। ଏଣୁ ସ୍ୱାସ୍ଥ୍ୟ ବିଭାଗ କିମ୍ବା ବିଧାୟକ, ସାଂସଦ ସେମାନଙ୍କ ପାଣ୍ଠିରୁ ଗୋଟିଏ ମଟରଗାଡ଼ି ଯୋଗାଇଦେଲେ ତାହା ପ୍ରତିଦିନ ପରିବହନ କାର୍ଯ୍ୟରେ ଲାଗିପାରନ୍ତା। ଏଥିରେ ସମଗ୍ର ଉପଖଣ୍ଡବାସୀ ଉପକୃତ ହୁଅନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେବେ ଅନେକ ପରିବେଶବିତ ଡାକ୍ତରଖାନାର ସଫେଇ ପାଇଁ ଗୋଟିଏ ମଟରଗାଡ଼ି ଦାବି କରିଥିବା ଜଣାପଡ଼ିଛି।

# ଭଞ୍ଜସେନା ତରଫରୁ 'ମୁଁ ସ୍ୱାବଲମ୍ବୀ ହେବି' ଆନ୍ଦୋଳନ




ବାରିପଦା,୧୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟସ୍ଥଳୀ ଗୁଡିକର ଉନ୍ନତିକରଣ କରି ପରିବେଶକୁ କୌଣସି କ୍ଷତି ନ ପହଞ୍ଚାଇ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ତଥା ହସ୍ତତନ୍ତ କୁଟୀର ଶିଳ୍ପ ମାଧ୍ୟମରେ କିପରି ଜିଲ୍ଲାବାସୀ ସ୍ୱାବଲମ୍ବୀ ହୋଇପାରିବେ ଏବାବଦରେ ଭଞ୍ଜସେନା ତରଫରୁ 'ମୁଁ ସ୍ୱାବଲମ୍ବୀ ହେବି' ନାମକ ସ୍ଲୋଗାନ ନେଇ ଆରମ୍ଭ ହୋଇଛି ଆନ୍ଦୋଳନ। ଆଉ ଏହି ପ୍ରସଙ୍ଗ ପ୍ରତି ଆକର୍ଷିତ ହୋଇ ରବିବାର ଭଞ୍ଜସେନା ଶାମାଖୁଣ୍ଟା ବ୍ଲକ ଉପସଭାପତି ଜିତୁ ସିଂଙ୍କ ନେତୃତ୍ୱରେ ପାଖାପାଖି ୭ଶହରୁ ଅଧିକ ଯୁବ ଛାତ୍ର ସଂଗଠକମାନେ ସଂଗଠନରେ ସାମିଲ ହୋଇଛନ୍ତି। ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଅଧକ୍ଷ ସଂଜୀବ ରାଉତ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସକେ ରାଜାଖାନ, ଶାମାଖୁଣ୍ଟା ବ୍ଲକ ସଭାପତି ଶୁଭମ ସିଂ, ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ ବେହେରା, ଯୁବ ନେତା ଜୁଜୁ ବେହେରା, ପଙ୍କଜ କରଣ, ମୁକ୍ତିଦତ୍ତ ପରିଡା, ଚନ୍ଦନ ସାହୁ, ସଞ୍ଜୟ ମହାନ୍ତ, ସଞ୍ଜୟ ମାହାର୍ଣ୍ଣା, ସୌମ୍ୟରଞ୍ଜନ ଦାସବାବୁ, ସମ୍ପଦ ପ୍ରୁଷ୍ଟି, ଶମ୍ଭୁ ରଣା, ସତ୍ୟ ପୃଷ୍ଟି, ମହିଳା ଶାଖା ସହର ସଭାପତି ରୂପାଲି ରୁପନୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମିଲ ହୋଇଥିବା ପ୍ରମୁଖ ଯୁବ ଛାତ୍ର ସଂଗଠକ ମାନଙ୍କ ମଧ୍ୟରେ ଦିପୁ ଦାସ୍, ଶିବ ବଗାଳ, ମାନସ ମହାନ୍ତ, ବାପୁନ ମହାନ୍ତ, ପ୍ରବୀର ମହାନ୍ତ, ଅଜୟ ସିଂ, ସୁସାନ୍ତ ସିଂ, ମନୋଜ ମହାନ୍ତି, ଆକାଶ୍ ମହାପାତ୍ର, ରୁଦ୍ର ମହାନ୍ତ, ରାଜା ବେହେରା, ଫାୟାର୍ ମଣ୍ଡଳ ଓ ପିଣ୍ଟୁ ସିଂ ପ୍ରମୁଖ ବିଦ୍ଧିବଦ୍ଧ ଭାବେ ଭଞ୍ଜସେନା ସହ ଯୋଗଦାନ କରିଛନ୍ତି। ଚଳିତ ଅକ୍ଟୋବର ମାସ ୧୭ ଏବଂ ୧୮ ତାରିଖ ଦୁଇଦିନ ଧରି ହେବାକୁ ଥିବା କର୍ମଶାଳା ଲଘୁଚାପ ଜନିତ ବର୍ଷା ଆଶଙ୍କା ଯୋଗୁଁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ପାଗ ଭଲ ହେବାପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ସଂଗଠନ ପକ୍ଷରୁ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ନବ ନିର୍ମାଣ କୃଷକ ସଂଗଠନର ବୈଠକ

ବଡ଼ସାହି,୧୨।୧୦(ସମିସ): ବଡ଼ସାହି ବ୍ଲକ୍ ମ.ଇ ସ୍କୁଲ ପଡିଆରେ ନବ ନିର୍ମାଣ କୃଷକ ସଂଗଠନର ପ୍ରସ୍ତୁତି ବୈଠକ ଅନଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ସଭାପତି ରାମକୃଷ୍ଣ ନାଏକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲ୍ଲା ପ୍ରଭାରୀ ଚିନୁ ଦାସ, ଜିଲ୍ଲା ସଭାପତି ପ୍ରାଣକୃଷ୍ଣ ପଲେଇ, ଗୋପବନ୍ଧୁନଗର ବ୍ଲକ୍ ସଭାପତି ରବିନ୍ଦ୍ରନାଥ ପୁଥାଲ, ବେତନଟୀ ବ୍ଲକ୍ ସଭାପତି ପ୍ରଶାନ୍ତ କରଣ ପ୍ରମୁଖ ଯୋଗଦେଇ ଗୋଆଧାରିତ ଗ୍ରାମ୍ୟ ବିକାଶ, ପାରମ୍ପାରିକ କୃଷି ଆୟୁର୍ବେଦ



ଓ ପଞ୍ଚଗବ୍ୟ ଚିକିତ୍ସା ଓ କୁଟୀର ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଚାଷୀ ଓ ଚାଷର ଉନ୍ନତି କରିବା, ଯୁବବର୍ଗଙ୍କୁ ରୋଜଗାର ମିଳିବା ନେଇ ଗ୍ରାମ ସ୍ୱରାଜ ପ୍ରତିଷ୍ଠା ଉପରେ ବକ୍ତବ୍ୟ ରଖିଥିଲେ। ଏତଦବାଦ ଧାନମଣ୍ଡିମାନଙ୍କରେ ହେଉଥିବା ମନଇଚ୍ଛା କଟନୀଛଟନୀକୁ କିପରି ରୋକାଯାଇପାରିବ ଓ ପଞ୍ଚାୟତ ଏବଂ ବ୍ଲକ୍‌ସ୍ତରରେ ହେଉଥିବା ବ୍ୟାପକ ଦୁର୍ନୀତିକୁ କିପରି ହଟାଯିବ ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶର ସରେନ, ରାଇମଣୀ ବିଶ୍ୱାଳ, ରାମସାଇ ହେମ୍ବ୍ରମ୍, ପଦ୍ମଲୋଚନ ମହାନ୍ତ, କୃଷ୍ଣମହୋନ ମହାନ୍ତ ଓ ମନେରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜଙ୍ଗଲରୁ ଦୁଇ ଛୁଆକୁ ଉଦ୍ଧାର କଲେ ଗ୍ରାମବାସୀ



ମୋରଡା,୧୨।୧୦(ସମିସ): ଜଙ୍ଗଲରୁ ଦୁଇ ଛୁଆକୁ ଉଦ୍ଧାର କଲେ ଗ୍ରାମବାସୀ। ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡା ଡୁମୁରଡିହା ଗ୍ରାମର ଗୋବିନ୍ଦଚନ୍ଦ୍ର ମହାନ୍ତ ରବିବାର ୧୦ଟା ବେଳେ ନିଜ ଗ୍ରାମର ଶିବ ମହାନ୍ତ, ମଙ୍ଗଳୀ ମହାନ୍ତ ଏବଂ ଅନ୍ୟ ଗ୍ରାମବାସୀଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିଲେ। ତେବେ ଦିନ ପ୍ରାୟ ୧୨ଟା ବେଳେ ଘରକୁ ଫେରିବା ସମୟରେ ଜଙ୍ଗଲ ମଝି ଦେଇଯାଇଥିବା ସୁବର୍ଣ୍ଣରେଖା କେନାଲ ଉପରେ ୩ ବର୍ଷର ପୁଅ ଏବଂ ଅଢେଇ ବର୍ଷର ଝିଅ ଛୁଆ ବସିଥିବାର ଦେଖିବାକୁ ପାଇଥିଲେ। ତେବେ କିଛି ସମୟ ପରେ ଉକ୍ତ ଦୁଇଛୁଆ ପାଣି ପିଇବାକୁ କେନାଲକୁ ଓହ୍ଲାଇ ଥିବାର ଦେଖି ଗୋବିନ୍ଦ କେନାଲକୁ ଯାଇ ଉଭୟଙ୍କୁ ଉଦ୍ଧାର କରି ନିଜ ଘରକୁ ଆଣିଥିଲେ। ତେବେ ଚିତ୍ରଡାକୁ ଆସିଥିବା କିଛି ଲୋଧା ଜନଜାତିର ଲୋକେ ଉକ୍ତ ଦୁଇ ଛୁଆକୁ ଦେଖି ଚିହ୍ନି ପାରିଥିଲେ ଏବଂ ଏମାନେ ମୋରଡା ବ୍ଲକ ଅଧୀନ ବରକନ୍ଦ ପଞ୍ଚାୟତ ଟିଆଁସୀ ଗ୍ରାମର ବାପି ମଲ୍ଲିକଙ୍କ ପୁଅ ଓ ଝିଅ ବୋଲି କହିଥିଲେ। କିଛି ସମୟରେ ଉକ୍ତ ଦୁଇ ଭାଇଭଉଣୀଙ୍କୁ ନେବାକୁ ଜେଜେ ବାପା ମୁନ୍ସୀ ମଲ୍ଲିକ ଆସିଥିଲେ ମଧ ଭାଇଭଉଣୀ ତାଙ୍କ ସହିତ ଯାଇ ନଥିଲେ। ଖବର ପାଇ ଅଙ୍ଗନବାଡି କର୍ମୀ ଜୟନ୍ତୀ ନାଏକ ଏବଂ ଲୋଧା ଉନ୍ନୟନ ସଂସ୍ଥାର ପୋଷଣ ସହାୟିକା ଅରୁଣା ପ୍ରଜାପତି ଗୋବିନ୍ଦଙ୍କ ଘରେ ପହଞ୍ଚି ଘଟଣା ବାବଦରେ ବୁଝିଥିଲେ ଏବଂ ଉପରୋକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ତେବେ ଉଦ୍ଧାର ଦୁଇ ଭାଇଭଉଣୀଙ୍କୁ ଅଙ୍ଗନବାଡି କର୍ମୀ ଜୟନ୍ତୀ ତାଙ୍କ ଘରେ ରଖିଛନ୍ତି। ଏବାବଦରେ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟଙ୍କୁ ପଚାରିବାରୁ ବାପା ବାପି ମଲ୍ଲିକ ଉକ୍ତ ଦୁଇ ଭାଇଭଉଣୀଙ୍କୁ ଜଙ୍ଗଲରେ ଅମାନୁଷିକ ଭାବେ ଛାଡିଛନ୍ତି। ଆସନ୍ତାକାଲି ଦୁଇ ଛୁଆକୁ ସିଡବ୍ଲ୍ୟୁସିକୁ ପଠାଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବାପି ଦ୍ୱିତୀୟ ବିବାହ କରିଛନ୍ତି ଏବଂ ଉକ୍ତ ଦୁଇ ଭାଇଭଉଣୀ ତାଙ୍କର ପ୍ରଥମ ପତ୍ନୀଙ୍କ ପିଲା। ବାପିଙ୍କ ପ୍ରଥମ ସ୍ତ୍ରୀ ଦୁଇ ମାସ ତଳେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

# ମଦ୍ୟପ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୁଣ୍ଡ ଫାଟିଲା

ମହୁଲଡିହା,୧୨।୧୦(ସମିସ): ମହୁଲଡିହା ଥାନା ସାତକୋଶିଆ ପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ଚିଆଁବେଡା (ବାଉଁଶ କୁଦୁର) ସାହିରେ ମଦ୍ୟପ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୁଣ୍ଡ ଫାଟି ଡାକ୍ତରଖାନାରେ ଭର୍ତ୍ତିହୋଇଥିବା ଜଣାପଡ଼ିଛି। ସୂଚନାନୁସାରେ, ଶନିବାର ରାତିରେ ସାତକୋଶିଆକୁ ଯାତ୍ରା ଦେଖିବାକୁ ସ୍ୱାମୀସ୍ତ୍ରୀ ଯାଇ ରବିବାର ସକାଳୁ ଘରକୁ ଫେରିଥିଲେ। ପରେ କୌଣସି କରାଣ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ ଦୁମ୍ବି ହାଇବୁରୁ(୫୫) ଉତ୍ୟକ୍ତ ହୋଇ ସ୍ତ୍ରୀ ସୁରୁକୁ କାଠଫାଳିଆରେ ବାଡ଼େଇ ମୁଣ୍ଡଫଟାଇ ଦେଇଥିଲା। ସୁରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ସହିତ ଚିକିତ୍ସା ପାଇଁ ଚାଲିଚାଲି ମହୁଲଡିହା ଆସୁଥିବା ସମୟରେ ହନୁମାନ ଛକ ନିକଟରେ ରାସ୍ତା ଉପରେ ଅଚେତ ଅବସ୍ଥାରେ ପଡ଼ିଯାଇଥିଲେ। ଖବର ପାଇ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି।

# ଗୋପବନ୍ଧୁନଗର ବ୍ଲକ୍‌ରେ ୫୬୯୩ ଶିଶୁଙ୍କୁ ପୋଲିଓ ବୁନ୍ଦା



କୁଆମରା,୧୨।୧୦(ସମିସ): ଆଜି ଠାରୁ ପଲ୍ସ ପୋଲିଓ ବୁନ୍ଦା ଅଭିଯାନ ଆରମ୍ଭ ହୋଇଛି। ଏହା ତିନିଦିନ ପର୍ଯ୍ୟନ୍ତ ଚାଲିବ। ତେବେ ଆଜି ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ପୋଲିଓ ବୁନ୍ଦା ଶିଶୁମାନଙ୍କୁ ଦିଆଯାଉଥିବା ବେଳେ ଆସନ୍ତାକାଲିଠାରୁ ୨ ଦିନ ଧରି ଘରକୁ ଘର ବୁଲି ଯେଉଁ ଶିଶୁ ପୋଲିଓ ବୁନ୍ଦା ଖାଇ ନଥିବ ସେଠାରେ ସ୍ୱାସ୍ଥ୍ୟ କର୍ମୀ ପହଞ୍ଚି ବୁନ୍ଦା ଖୁଆଇବାକୁ ପରାମର୍ଶ ଦିଆଯାଇଛି। ଗୋପବନ୍ଧୁ ନଗର ବ୍ଲକର ୮୧,୯୬୧ ଜନ ସଂଖ୍ୟା ଥିବା ବେଳେ ଜନ୍ମରୁ ୫ ବର୍ଷ ମଧ୍ୟରେ ଶିଶୁଙ୍କ ସଂଖ୍ୟା ୫୬୩ ଥିବାର ସୂଚନା ରହିଛି। ତେବେ ପୋଲିଓ ବୁନ୍ଦା ପାଇଁ ୧୩ ଟି ପଞ୍ଚାୟତର ମୋଟ ୩୨ଟି କେନ୍ଦ୍ର ଖୋଲା ଯାଇଥିବା ବେଳେ ଖୁଣ୍ଟା ବସ୍‌ଷ୍ଟାଣ୍ଡରେ ଗୋଟିଏ କେନ୍ଦ୍ର ଉପଲବ୍ଧ ହୋଇଛି। ଶତ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖାଯାଇଥିବା ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସତ୍ୟଜିତ ଦାସ ସୂଚନା ଦେଇଛନ୍ତି। ତେବେ ଏଥି ନିମନ୍ତେ ସୁପରିଚାଳନା ପାଇଁ ମୋଟ ୧୩୨ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଥିବା ବେଳେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ପୋଲିଓ ବୁନ୍ଦା କାର୍ଯ୍ୟକ୍ରମକୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡା. ସାକିଲା ମୁର୍ମୁ ଓ ଜିଲ୍ଲା ସ୍ୱାସ୍ଥ୍ୟ ପରିଚାଳିକା ଏଲିନା ସାମଲ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

# ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

କୁଆମରା,୧୨।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ପଞ୍ଚାୟତ ବିପ୍ରଚରଣ ପୁର ଗ୍ରାମର ହୀରା ମୁର୍ମୁ (୫୫) ନାମକ ମହିଳାଙ୍କ ମୃତଦେହକୁ ଆଜି ନାଲୁହା ନଦୀରୁ ଉଦ୍ଧାର କରିଛି ପୁଲିସ। ଶନିବାର ହୀରା ନଦୀର ସେପାରିକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ତେବେ କାଠନେଇ ଘରକୁ ଫେରୁଥିବା ବେଳେ ଅସାବଧାନତା ବଶତଃ ନଦୀର ଗଭୀର ଜଳ ମଧ୍ୟକୁ ଯାଇ ସମ୍ଭବତଃ ଆଉ ଆସି ପାରି ନଥିଲେ। ତେବେ ଅପରାହ୍ନ ସୁଦ୍ଧା ହୀରା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମାତ୍ର କୈଣସି ସନ୍ଧାନ ପାଇ ନଥିଲେ। ତେବେ ଆଜି ସକାଳେ ସ୍ଥାନୀୟ ଲୋକେ ନଦୀକୁ ଯାଇଥିବା ବେଳେ ପାଣିରେ କେହି ଭାସୁଥିବାର ଦେଖିବାକୁ ପାଇ ନଦୀପଠାକୁ ଆଣିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉଦଳା ପାଇଥିବା ବେଳେ ଏନେଇ ୬୮/୨୫ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା



ବାରିପଦା,୧୨।୧୦(ସମିସ): ଏଆଇଡିଏସଓ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ରବିବାର ବାରିପଦା ସ୍ଥିତ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ସ୍ଥଳରେ ଏକ ସଭା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ସମସ୍ତ ପରିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ ଏଆଇଡିଏସଓ ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ସିଦ୍ଧାର୍ଥ ରଥ ମୁଖ୍ୟଅତିଥି ବିଜୟ କୁମାର ଗିରି ଓଡ଼ିଶା ମୟୂରଭଞ୍ଜ କ୍ରୀଡା ଓ କଳା ଶିକ୍ଷକ ସଂଘର ରାଜ୍ୟ ସମ୍ପାଦକ। ସଂଗଠନର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହର୍, ଜିଲ୍ଲା ଅଫିସ୍ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ ସିଂରାୟ ଦେଓଗାମ, ମାନସିଂ ହୋ, ବିନୋଦ ନାଏକ, ବାପୁନ୍ ବାନରା, ରଜତ ଉଗ୍ରସାଣ୍ଡି, ବିର୍ସା ଦାସ ଓ ସଦସ୍ୟା ରଶ୍ମିତା ନାଏକ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ୫ ମାସ ହେଲା ଫରେଷ୍ଟର ପଦ ଫାଙ୍କା

କୁଆମରା,୧୨।୧୦(ସମିସ): ଉଦଳା ରେଞ୍ଜ ଅଧୀନ କୁଆମରା ଫରେଷ୍ଟ ଅଫିସରେ ୫ ମାସ ହେଲା ଫରେଷ୍ଟର ପଦ ଫାଙ୍କା ପଡିଛି। ଫଳରେ ସମସ୍ୟା ଦେଖାଦେଇଛି। କୁଆମରା ଫରେଷ୍ଟ ଅଧୀନରେ ଧାଉଁଡିଆ ଓ ଦାମାସାହି ଦୁଇଟି ବିଟ୍ ହାଉସ୍ ରହିଛି। ତେବେ ୧୨ଶହ ହେକ୍ଟରରୁ ଅଧିକ ଜଙ୍ଗଲ ଜମି ରହିଥିବା ବେଳେ ତାହାକୁ ଜଗିବା ପାଇଁ ମାତ୍ର ଦୁଇ ଜଣ ଫରେଷ୍ଟ ଗାର୍ଡ ରହିଛନ୍ତି। ଏଣୁ କିପରି ଜଙ୍ଗଲକୁ ସୁରକ୍ଷା ଦେଉଥିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାମାସାହି ବିଟ୍ ହାଉସରେ ଦୀର୍ଘଦିନ ଧରି କର୍ମଚାରୀ ପଦ ଫାଙ୍କାପଡିଛି। ଫଳରେ ମାଫିଆଙ୍କ ରାଜ ବଢି ଚାଲିଛି ବୋଲି ଅଭିଯୋଗ ହେଉଛି। ପ୍ରତ୍ୟହ ଜଙ୍ଗଲରୁ କିଛି ନା କିଛି ସ୍ଥାନରୁ ମାଫିଆମାନେ କାଠକାଟୁଥିବାର ଲକ୍ଷ୍ୟ କରାଯାଉଛି। ତତ୍‌ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ମଧ୍ୟ ବାଜି ଲାଗୁଛି। ରାତିରେ ପିକଅପ୍ ଯୋଗେ ଏହି ରାସ୍ତା ଦେଇ ପଡୋଶୀ ଜିଲ୍ଲାକୁ ଅବାଧରେ ଚାଲାଣ ହେଉଛି ମୂଲ୍ୟବାନ କାଠ ବୋଲି ମଧ୍ୟ ଅଭିଯୋଗ ହେଉଛି। ମୟୂରଭଞ୍ଜ ଓ ବାଲେଶ୍ୱର ସୀମାରେ ଏହା ଅବସ୍ଥାପିତ ହୋଇଥିବା ବେଳେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଜଙ୍ଗଲର ସ୍ୱାର୍ଥ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ଫରେଷ୍ଟର ପଦ ପୂରଣ କରିବା ସହ ଆବଶ୍ୟକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଜଙ୍ଗଲ ପ୍ରେମୀମାନଙ୍କ ପକ୍ଷରୁ ଦାବି ହେଉଛି।

# କୃଷି ବିଜ୍ଞାନ କେନ୍ଦ୍ରରେ ସଚେତନତା ସଭା

କରଞ୍ଜିଆ,୧୨।୧୦(ସମିସ): ଅକ୍ଟୋବର ୧୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ କୃଷି ବିଜ୍ଞାନ ପରିସରରୁ ଟେଲିଭିଜନ ଯୋଗେ ସିଧାପ୍ରସାରଣରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ଯଶିପୁର କୃଷି ବିଜ୍ଞାନକେନ୍ଦ୍ରରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଶତାଧିକ ଚାଷୀ ଭାଇଭଉଣୀ ଦେଖିଥିଲେ। କେନ୍ଦ୍ରର ବୈଜ୍ଞାନିକ ମୁଖ୍ୟ ଡ. ଦୀପକ କୁମାର ମହାନ୍ତି ସେଥିରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଯଶିପୁର ବ୍ଲକ ଉପାଧ୍ୟକ୍ଷା କନକଲତା ଦାସ୍, ଯଶିପୁର ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଲିଙ୍ଗରାଜ ମହାନ୍ତ, କୁସୁମୀ ବ୍ଲକ ବିଡିଓ ତଥା ଭାରପ୍ରାପ୍ତ ରାଇରଙ୍ଗପୁର ଏସ୍‌ଡିଭିଓ ଡ. ପ୍ରେମାନନ୍ଦ ଶତପଥି ଓ ବୈଜ୍ଞାନିକ ଡ. ଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ଆର୍ଥିକ ଉନ୍ନତି ସମ୍ପର୍କରେ ସଚେତନ କରାଇଥିଲେ। କୃଷି ଉତ୍ପାଦିତ ସାମଗ୍ରୀରୁ କେନ୍ଦ୍ର ସରକାର ଜିଏସ୍‌ଟି ଛାଡ କରିଥିବାରୁ ଚାଷୀମାନେ ଖୁବ୍ ଲାଭବାନ ହୋଇପାରିବେ ବୋଲି ମଧ ସଚେତନତା ସଭାରେ ଅବଗତ କରାଯାଇଥିଲା। ସାମ୍ବାଦିକ ଦିଲୀପ କୁମାର ସାହୁ ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇଥିଲେ। ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ବିଦ୍ୟୁତଲତା ମଲ୍ଲିକ, କର୍ମଚାରୀ ସତ୍ୟ ନିରଞ୍ଜନ ମିଶ୍ର, ଦେବାଶିଷ ପଣ୍ଡା, ସାମସୁଲ ହୋଦା, ସଦାନନ୍ଦ ମହାନ୍ତ, ଦିପ୍ତୀରଞ୍ଜନ ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ■ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

# ଲିଙ୍ଗଗତ ବୈଷମ୍ୟତା ଦୂରହେଲେ କନ୍ୟା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବେ



ବାରିପଦା,୧୨।୧୦(ସମିସ):

ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ତରଫରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବାରିପଦାସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଲିଙ୍ଗଗତ ବୈଷମତାକୁ ଦୂର କରିବା ଓ ମହିଳା ତଥା କନ୍ୟା ସନ୍ତାନମାନେ କିପରି ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଅଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୧୧ ତାରିଖରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କନ୍ୟା ସନ୍ତାନମାନେ କିପରି ସମାଜରେ ଆଗକୁ ଆସି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ଓ ସମାଜ ତଥା ପରିବାରରେ ଲିଙ୍ଗଗତ ବୈଷମତାକୁ ଦୂର କରି କିପରି ସବୁ ଝିଅମାନେ ପାଠପଢି ଆଗକୁ ଯାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ସେ ସମ୍ପର୍କରେ ସମସ୍ତ ଅତିଥି ବୃନ୍ଦ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୨୬ଟି ବ୍ଲକରୁ ୧୨୦ ଜଣ ବାଳିକା ଯୋଗଦେଇଥିଲେ। ବାଳିକାମାନଙ୍କ ଦ୍ୱାରା ଗୀତ, ନାଚ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମୟୂରଭଞ୍ଜର ଗର୍ବ ରଗ୍‌ବି ଫୁଟବଲ ଖେଳାଳି ପାର୍ବତୀ ହାଁସଦାଙ୍କୁ ସମ୍ମାନିତ କରାଯାଇଥିଲା। ଗଳ୍ପକାନ୍ଥ ମାଧ୍ୟମରେ ବାଳିକାମାନେ ନିଜ ନିଜର ସଫଳ କାହାଣୀ ଓ ନିଜ ଜୀବନର ଲକ୍ଷ୍ୟ ଓ ଚିତ୍ର ମାଧ୍ୟମରେ ବାଳିକା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଡିପିଓମାନେ ଯୋଗଦେଇଥିଲେ। ମହିଳା ସଶକ୍ତିକରଣ କେନ୍ଦ୍ରର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରଗ୍‌ବି ଖେଳାଳି ପାର୍ବତୀ ହାଁସଦା ସମ୍ମାନିତ**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।**

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ପ୍ରଧାନଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



ଢେଙ୍କାନାଳ,୧୨ ।୧୦(ସମିସ): ସଦର ବ୍ଲକ ବାରଦା ଲଛମନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦେବୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ଚନ୍ଦ୍ରଶେଖର ବରାଳ ମୁଖ୍ୟଅତିଥି, ବିଦ୍ୟାଳୟ କମିଟିର ଶିକ୍ଷାବିତ ଅନ୍ତର୍ଯ୍ୟାମୀ ବେହେରା ସମ୍ମାନିତ ଅତିଥି, ଅନୁଷ୍ଠାନର ଡୋନର ସଦସ୍ୟ ରସାନନ୍ଦ ସ୍ୱାଇଁ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଧୀରେନ୍ଦ୍ର କୁମାର ନନ୍ଦ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ପୁରାତନ ସହଯୋଗୀ କର୍ମୀ ହରିହର ସ୍ୱାଇଁ, କୈଳାସ ସ୍ୱାଇଁ, ଚକ୍ରଧର ବରାଳ, ଉଦୟନାଥ ନାୟକ, ନଟବର ସାମଲ, ପୁରଷ୍ତମ ସାମଲ ପ୍ରମୁଖ ଯୋଗଦେଇଥିଲେ । ଅତିଥି, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥଇଲେ । ଅନୁଷ୍ଠାନର ଉଦ୍ୟୋଗୀ ଛାତ୍ର ଜଗବନ୍ଧୁ ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ଫାର୍ମହାଉସ୍‌ରୁ ଲୁଟପାଟ

କାମାକ୍ଷାନଗର,୧୨ ।୧୦(ସମିସ): ଫାର୍ମ ହାଉସରେ ପଶି ଦୁର୍ବୃତ୍ତଙ୍କ ଆତଙ୍କରାଜ । ମାଲିକଙ୍କୁ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ଲୁଟିନେଇଛନ୍ତି ଟଙ୍କା ସହ ଅନ୍ୟ ଆସବାବପତ୍ର । କାମାକ୍ଷାନଗର ଥାନା ରାଇବୋଲ ପଞ୍ଚାୟତ କଙ୍କଣା ଗ୍ରାମରେ ଏହି ଘଟଣା ଘଟିଛି । ସୂଚନା ଅନୁସାରେ ଭୁବନ ଥାନା ଯମୁନାକୋଟ ଗ୍ରାମର ନରେନ୍ଦ୍ର ସାହୁ କଙ୍କଣା ଗ୍ରାମରେ ଏକ ଫାର୍ମହାଉସ କରିଛନ୍ତି । ଦୀର୍ଘଦିନ ଧରି ନରେନ୍ଦ୍ର ସେଠାରେ ରହି ଫାର୍ମହାଉସ୍‌ର ଦେଖାଶୁଣା କରିଆନ୍ତି । ତେବେ ରବିବାର କେତେଜଣ ଦୁର୍ବୃତ୍ତ ନରେନ୍ଦ୍ରଙ୍କ ଫାର୍ମ ହାଉସରେ ପଶି ବନ୍ଧୁକ ଓ ମରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହ ସେଠାରେ ଥିବା ୪୦ ହଜାର ଟଙ୍କା, କମ୍ପ୍ୟୁଟର ଓ ଅନ୍ୟ ବୈଦ୍ୟୁତିକ ସାମଗ୍ରୀ ଲୁଟି ନେଇଛନ୍ତି । ଏ ନେଇ ନରେନ୍ଦ୍ର ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି କିଛି ଦୁର୍ବୃତ୍ତଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଓ ବନ୍ଧୁକ ଜବତ କରିଛି । ସେହିପରି ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ଏକ ଅଲ୍‌ଟୋ କାର ମଧ୍ୟ ଜବତ କରିଛି ପୁଲିସ । ଏ ନେଇ ନରେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି ।

## କେନାଲରେ ବୁଡ଼ି ଯୁବକ ମୃତ

କାମାକ୍ଷାନଗର,୧୨ ।୧୦(ସମିସ): କାମାକ୍ଷାନଗର ଥାନା ବାଙ୍ଗୁରା ଗାଁରେ କେନାଲରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବାଙ୍ଗୁରା ଗାଁର ମନୋଜ ଦେହୁରୀ (୪୨) । ମନୋଜ କେନାଲକୁ ଶୌଚ ପାଇଁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ବୁଡ଼ିଯାଇଥିଲେ । ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ମେଡିକାଲ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବୋଲେରୋ ଧକ୍କାରେ ବାଇକ ଆରୋହୀ ମୃତ

ଢେଙ୍କାନାଳ,୧୨ ।୧୦(ସମିସ): ପରଜଙ୍ଗ ଥାନା ରତ୍ନପୁର ଗ୍ରାମ ନିକଟରେ ବୋଲେରୋ ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରେଣ୍ଟାପାଟ ପଞ୍ଚାୟତ ଗେଙ୍ଗୁଟିଆ ଗାଁର ତପନ ନାଏକ । ତପନ ଏବଂ ତାଙ୍କ ସହଯୋଗୀ ଜଗୁ ନାଏକ ବାଇକ୍‌ରେ ମୁକ୍ତାପଶି ଆଡୁ ଘରକୁ ଫେରୁଥିବା ବେଳେ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତପନଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଜଗୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅଟୋ ଯୋଗେ ପରଜଙ୍ଗ ମେଡିକାଲ ପଠାଇଥିଲେ । ଦୁର୍ଘଟଣା ଘଟାଇ ବୋଲେରୋ ଗାଡ଼ି ଫେରାର ହୋଇଯାଇଛି । ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ସଂକୀର୍ତ୍ତନ କଳାକାରଙ୍କ ଏକାଦଶାହରେ ଶୋକ



ପରଜଙ୍ଗ,୧୨ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ କୈବର୍ତ୍ତ ସାହିର ସଂକୀର୍ତ୍ତନ କଳାକାର (ବାୟକ) କୈଳାସ ଚନ୍ଦ୍ର ସେଠୀଙ୍କ ଏକାଦଶାହରେ ଶନିବାର ଶୋକସଭା ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ସଂକୀର୍ତ୍ତନ ମଣ୍ଡଳୀ ମହାସଂଘ ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ତଥା ଉପଦେଷ୍ଟା ହୃଦୟ ଚନ୍ଦ୍ର ଚମ୍ପତସିଂହ, ସମ୍ପାଦକ ଅଶୋକ କୁମାର ଦଳବେହେରା, କୋଷାଧ୍ୟକ୍ଷ ଅଭୟ କୁମାର ସାହୁ, ବରିଷ୍ଠ କଳାକାର ମାଧବ ବିଶ୍ୱାଳ, ଗୋକୁଳ ଚନ୍ଦ୍ର ମହାଳିକ, ନିରଞ୍ଜନ ବେହେରା, ବଂଶୀଧର ମହାଳିକ, ବରୁଣ ମହାଳିକଙ୍କ ସମେତ ବହୁ ସଂକୀର୍ତ୍ତନ କଳାକାର ଯୋଗଦେଇ ସ୍ୱର୍ଗତ ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ମହାସଂଘ ପକ୍ଷରୁ କୈଳାସଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

**ହାତୀ ଆକ୍ରମଣରେ ଜଣେ ମୃତ; ୨ ଦିନରେ ୨ ମୃତ୍ୟୁ**

# ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ହିନ୍ଦୋଳ,୧୨ ।୧୦(ସମିସ):





ହାତୀ ଆକ୍ରମଣରେ ବାଲିମି ଥାନା ବାଲିମି ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ନରୋତ୍ତମ ବେହେରା (୫୨) । ଏହି ଅଞ୍ଚଳରେ ଗତ ୨ଦିନ ମଧ୍ୟରେ ୨ ଜଣଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଉତ୍ତ୍ୟକ୍ତ ଗ୍ରାମବାସୀ ଗୁଡ଼ିଆକାଟେଣୀ-ସାତମାଇଲ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ ।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳେ ନରୋତ୍ତମଙ୍କୁ ତାଙ୍କ ଘର ପାଖରେ ଏକ ହାତୀ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ଶନିବାର ଗାଲପଡ଼ା ଭାନୁପଡ଼ାଠାରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା । ଆଜିର ଘଟଣା ପରେ ବନ ବିଭାଗ କର୍ମଚାରୀ ଗାଁରେ ପହଞ୍ଚିଥିଲେ । ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରିବାର ଲୋକେ ଗୁଡ଼ିଆକାଟେଣୀ-ସାତମାଇଲ ରାସ୍ତାର ବାଲିମି ଛକରେ ମୃତଦେହ ରଖି ରାସ୍ତାରୋକ କରିଥିଲେ । ଫଳରେ ରାସ୍ତାର ଉଭୟ ପାଖରେ ଶହ ଶହ ଗାଡ଼ି ଅଟକି ରହିଥିଲା । ଖବର ପାଇ ବାଲିମି ଥାନାଧିକାରୀ, ହିନ୍ଦୋଳ ଭାରପ୍ରାପ୍ତ ରେଞ୍ଜର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ରାଶି ଯୋଗାଇଦେବା ସହ ହାତୀ ଦାଉରୁ ଗ୍ରାମକୁ ସୁରକ୍ଷା ଦେବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ସାଂସଦ ରୁଦ୍ରନାରାୟଣ ପାଣି ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ଆରସିସିଏଫ ସଞ୍ଜୟ ସ୍ୱାଇଁ, ପିସିସିଏଫ ପ୍ରେମକୁମାର ଝାଙ୍କ ସହ ଏ ସମ୍ପର୍କରେ କଥା ହୋଇ ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ଆର୍ଥିକ ସହାୟତା ପ୍ରଦାନ କରିବା, ଜଙ୍ଗଲ ନିକଟ ଗ୍ରାମଗୁଡ଼ିକରେ ଆଲୋକ ବ୍ୟବସ୍ଥା ସହିତ ହିନ୍ଦୋଳ ବନାଞ୍ଚଳରେ ଧନଜୀବନ ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

■ ଢେଙ୍କାନାଳ ଲୋକକଳା ମହୋତ୍ସବ

## ଅଧିକ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯିବ



ଢେଙ୍କାନାଳ,୧୨ ।୧୦(ସମିସ): ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଆଜି ୮ମ ଢେଙ୍କାନାଳ ଜିଲ୍ଲା ଲୋକକଳା ମହୋତ୍ସବର ଉଦଘାଟିତ ହୋଇଛି । ମହିଷାପାଟସ୍ଥିତ ପଲ୍ଲିଶ୍ରୀମେଳା ପଡ଼ିଆରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ଢେଙ୍କାନାଳ ହେଉଛି କଳା ଓ ସଂସ୍କୃତିର ମାଟି । କଳାକାରମାନେ ପ୍ରଶଂସାର ପାତ୍ର । ଢେଙ୍କାନାଳ ଜିଲ୍ଲା କୃଷି, ଶିଳ୍ପ, ଗମନାଗମନ ଆଦି କ୍ଷେତ୍ରରେ ଦ୍ରୁତ ବିକାଶ କରୁଥିବାରୁ ଲୋକକଳା ମାଧ୍ୟମରେ ଏହାର ପ୍ରଚାରପ୍ରସାର ହେବା ଆବଶ୍ୟକ ବୋଲି କହିଥିଲେ । ଜିଲ୍ଲାର ପଞ୍ଜିକୃତ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏଥିସହିତ ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଆୟୋଜନ କରାଯିବ ଓ ଜିଲ୍ଲାର କଳା ସଂସ୍କୃତିକୁ ଅଧିକ ଋଦ୍ଧିବନ୍ତ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ କଳାକାରମାନଙ୍କୁ ସାଧୁବାଦ ଜଣାଇବା ସହ କଳା ଓ ସଂସ୍କୃତିର ଉନ୍ନତି କାମନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସମସ୍ତ ବ୍ଲକ କଳା ପରିଷଦର ଉପସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବନୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟଠାରୁ କଳାକାରମାନେ ବିରାଟ ଶୋଭାଯାତ୍ରାରେ ବାହାରି ପଲ୍ଲିଶ୍ରୀ ମେଳା ପର୍ଯ୍ୟନ୍ତ ଯାଇଥିଲେ ।

## ସଙ୍କୁଳର ଶିକ୍ଷା ପରିଷଦ ବୈଠକ

ଢେଙ୍କାନାଳ,୧୨ ।୧୦(ସମିସ): ସ୍ଥାନୀୟ ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଙ୍କୁଳର ବରିଷ୍ଠ ଓ ଅଭିଜ୍ଞ ଗୁରୁଜୀଗୁରୁମାଙ୍କ ଉପସ୍ଥିତିରେ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ସମ୍ପାଦକ ଗଗନ ବିହାରୀ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା ସଭାପତିତ୍ୱ କରି ଜାତୀୟ ଶିକ୍ଷାନୀତି ଆଧାରରେ ଶିକ୍ଷାଦାନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ସମ୍ମିଳନୀର



ଉଦ୍ଦେଶ୍ୟ କଥନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିବା ପର୍ଯ୍ୟାୟ ଶୈକ୍ଷିକ ପ୍ରମୁଖ ମଧୁସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ୯ଟି ବିଦ୍ୟାଳୟରୁ ୧୧୦ ଜଣ ଗୁରୁଜୀ ଗୁରୁମା ଯୋଗଦେଇଥିଲେ । ଶିଶୁ ବିଦ୍ୟା ମନ୍ଦିରର ପର୍ଯ୍ୟାୟ ପ୍ରମୁଖ ଗାୟତ୍ରୀ ସାହୁ, ସସ୍ମିତା ରଥ, ରଶ୍ମିବାଳା ଦାସ, ଅନୀତା ସ୍ୱାଇଁ, ମମତା ନାୟକ, ସ୍ମୃତିପ୍ରିୟା ଦାଶ ଓ ନିବେଦିତା ଦାଶଙ୍କ ସହ ଅନ୍ୟ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା



ଢେଙ୍କାନାଳ,୧୨ ।୧୦(ସମିସ): ପରଜଙ୍ଗ ଥାନା ଆମ୍ବପଳାସ ଗାଁରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ମୃତକ ହେଲେ ଆମ୍ବପଳାସ ଗାଁର କାବୁନା ନାଏକ । ଶନିବାର ରାତି ୯ଟାରେ କାବୁନା ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ । ରବିବାର ସକାଳେ ତାଙ୍କ ମୃତଦେହ ଘର ପାଖ ରାସ୍ତା କଡ଼ରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । କାବୁନାଙ୍କୁ କେହି ଦୁର୍ବୃତ୍ତ ଠେଙ୍ଗାରେ ପିଟିବା ସହ ମୁଣ୍ଡକୁ ବଡ଼ ପଥରରେ ଛେଚି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି । ତେବେ କିଏ ଏବଂ କାହିଁକି କାବୁନାଙ୍କୁ ଏପରି ନିର୍ମମ ଭାବେ ହତ୍ୟା କରିଛି ତାହା ଜଣାପଡ଼ିନାହିଁ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ପରଜଙ୍ଗ,୧୨ ।୧୦(ସମିସ): ପରଜଙ୍ଗ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ ବାରିହାପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏବିଇଓ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କଷ୍ଟର ଅଧୀନରେ ଥିବା ୧୦ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଏବିଇଓ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଭୁତିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ସାହୁ, ଏଫଏଲଏନ ଶିକ୍ଷକ ପ୍ରଦୀପ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସିଆରସିସି ଅଜିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ବଡ଼ଝରା ବିଦ୍ୟାଳୟର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା । ଶିକ୍ଷକ ବରୁଣ କୁମାର ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଦିଲୀପ କୁମାର ବେହେରା ସହଯୋଗ କରିଥିଲେ । ସିଆରସିସି ଅଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ନେଇ ମହାଲକ୍ଷ୍ମୀ ପୂଜା

ଢେଙ୍କାନାଳ,୧୨ ।୧୦(ସମିସ): ଢେଙ୍କାନାଳର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ କଳାକୁ ନେଇ ଖମାରସାହି ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା ଅନୁଷ୍ଠାନ ପକ୍ଷରୁ ନିଆରା ଢଙ୍ଗରେ ୪୨ତମ ପୂଜା ଆୟୋଜନ କରାଯାଇଛି । ଢେଙ୍କାନାଳ ରାଜବଂଶର ପ୍ରତିଷ୍ଠାତା ରାଜା ହରସିଂହ ଢେଙ୍କା ଶବରନାଳୀରେ ନିଜ ଗଡ଼ ସ୍ଥାପନା କରିଥିଲେ । ପରବର୍ତ୍ତୀ ସମୟରେ ଢେଙ୍କାନାଳୀ ଓ ପରେ ଢେଙ୍କାନାଳ ଭାବେ ଏହି ଅଞ୍ଚଳ ପରିଚିତ ହୋଇଥିଲା । ଏହାର ନିଛକ ଝଲକ ସ୍ୱରୂପ ଶବରରାଜା ଢେଙ୍କା, ଶବରରାଣୀ, ଶବରରାଜମାତା, ଶବର ଯୁବରାଜ ସାଙ୍ଗକୁ ଶବରମାନେ ବଣ ଜଙ୍ଗଲଭରା ଶବରପଲ୍ଲୀରେ ମା' ଗଜଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରୁଛନ୍ତି । ଖମାରସାହି ଅଞ୍ଚଳ ଏବେ ବି ଶବର ବସ୍ତି ଭାବେ ରହିଆସିଛି । ଏହି ମେଢ଼ ଢେଙ୍କାନାଳର ମୁଖ୍ୟ ଆକର୍ଷଣ ହୋଇଛି । ପୁରୀ ଶ୍ରୀକ୍ଷେତ୍ରରୁ ପଣ୍ଡିତ ସୁଦର୍ଶନ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଅଜିତ ମିଶ୍ର, ପଣ୍ଡିତ ତାପସ ମିଶ୍ର ମଣ୍ଡପରେ ପ୍ରତ୍ୟହ ପୂଜାର୍ଚ୍ଚନା କରୁଛନ୍ତି । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୁକାନ୍ତ ମିଶ୍ର, ଉପସଭାପତି ବସନ୍ତ ରଥ, ପ୍ରମୋଦ ଲେଙ୍କା, ଅଶୋକ ନନ୍ଦ ସମ୍ପାଦକ ସୁଶାନ୍ତ ସାହୁ, ଯୁଗ୍ମ ସମ୍ପାଦକ ଗୌରୀ ମିଶ୍ର, ମଧୁସୂଦନ ରାଉତ, ପ୍ରଭାତ ସାହୁ, ସର୍ବେଶ୍ୱର ପତ୍ରୀ, ସର୍ବେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ବଳରାମ ବାରିକ, ସଦସ୍ୟ ଚକ୍ରଧର ରାଉତ୍‌, ଭଗବାନ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହେଉଛି ।

## ବେଗାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ






ଗଁଦିଆ,୧୨ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବେଗା ପଞ୍ଚାୟତ ଗୋଠତଳାଠାରେ ୨୭ତମ ବାର୍ଷିକ ଗୋଠତଳ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ପାତ୍ର ଗୋଠତଳ ଷ୍ଟାଡିୟମ ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ । ଏଥିସହ ସେ ଗୋଠତଳ ସ୍କୁଲ୍ ପାଚେରି ନିର୍ମାଣ ଓ ଅଞ୍ଚଳର ବିକାଶ ନିମନ୍ତେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଦଣ୍ଡଧର ସାହୁ, ରତିକାନ୍ତ ସାହୁ, ପ୍ରଦୀପ କୁମାର ଦାସ, ରାହୁଲରାୟ ମହାଳିକ, ଏମ୍‌ଜେ ମହିମା, ନରେନ୍ଦ୍ର ଶୁଣ୍ଡି, ଶତ୍ରୁଘ୍ନ ରାଉତ, ଦୀପକ କୁମାର ଦାସସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ରଘୁନାଥପୁର ମେଡିକାଲ ପାଚେରି କଡ଼ରେ ଫଳ ଓ ଅଣ୍ଡା ଦୋକାନ

# ଉଚ୍ଛେଦ ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ

**ରଘୁନାଥପୁର,୧୨।୧୦ (ସମିସ):** ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କଟକ-ପାରାଦୀପ ରାସ୍ତା କଡ଼ରେ ଅବସ୍ଥିତ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଦିନ ରଘୁନାଥପୁର, ବିରିଡ଼ି, କଟକ ସଦର ଓ ନିଶ୍ଚିନ୍ତକୋଇଲିର ୫ ହଜାରରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରିଥାଏ। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି କଡ଼ରେ ଅଣ୍ଡା ଓ ଫଳ ଦୋକାନ କରାଯାଇଛି। ଅନ୍ୟ କେତେକ ବ୍ୟବସାୟୀ ସେଠାରେ ପସରା ମେଲାଇଛନ୍ତି। ଏହା ପରିବେଶକୁ ନଷ୍ଟ କରୁଛି। ପ୍ରତିଦିନ ଦୋକାନରୁ ବାହାରୁଥିବା ପଚା ଅଣ୍ଡା ଓ ଫଳ ଗଦା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପଡୁଥିବାରୁ ସେଥିରୁ ଦୁର୍ଗନ୍ଧ ବାହାରି ରୋଗୀ ଓ ଡାକ୍ତରଙ୍କୁ ଆକ୍ରାନ୍ତ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏପରିକି ଦୋକାନ ଆଗରେ ପଡ଼ିଥିବା କଦଳୀ ଚୋପାରେ ଗୋଡ଼ ଖସି ଲୋକେ ଆହତ ହୋଇ ଦୀର୍ଘଦିନ ପଡ଼ି ରହିବା ନଜିର ମଧ୍ୟ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଦୋକାନ କରିଥିବା ବ୍ୟବସାୟୀଙ୍କ ମଧ୍ୟରୁ କେତେକ ଗୁଣ୍ଡା ଶ୍ରେଣୀର ଲୋକ ହୋଇଥିବାରୁ ତହସିଲ କର୍ମଚାରୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଭୟ କରୁଛନ୍ତି। ଏଠାରୁ ଅଣ୍ଡା ଓ ଫଳ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସିଡିଏମ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିବା ସହିତ ରୋଗୀଙ୍କୁ ସ୍ୱାସ୍ଥ୍ୟକର ପରିବେଶ ସୁନିଶ୍ଚିତ କରିବା ନିମନ୍ତେ ବୁଦ୍ଧିଜୀବୀ ଅନୁରୋଧ କରିଆସୁଛନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେବେ ଗଣମାଧ୍ୟମରେ ଏ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ରଘୁନାଥପୁର ତହସିଲଦାର ଘଟଣାର ସତ୍ୟାସତ୍ୟ ଅନୁଭବ କରି ଉକ୍ତ ଅଣ୍ଡା ଓ ଫଳ ଦୋକାନକୁ ସ୍ଥାନାନ୍ତର ନୋଟିସ ପ୍ରଦାନ କରିଛନ୍ତି। ଏ ନେଇ ଅଞ୍ଚଳବାସୀ ତହସିଲଦାରଙ୍କୁ ସାଧୁବାଦ ଜଣାଇଛନ୍ତି।

# ଶେଷ ହେଲା ନବାପାଟଣା ଗଜଲକ୍ଷ୍ମୀ ପୂଜା







**ଜଗତସିଂହପୁର,୧୨।୧୦(ସମିସ)**

ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ନବାପାଟଣା ଗ୍ରାମ ଗଜଲକ୍ଷ୍ମୀ ପୂଜା ରବିବାର ଶେଷ ହୋଇଛି। ଚଳିତବର୍ଷ ଆକର୍ଷଣୀୟ ତୋରଣ ସାଙ୍ଗକୁ ସଜାସଜା ବେଶ ଚିତ୍ତାକର୍ଷକ ହୋଇଥିଲା। ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ବିଭିନ୍ନ ମେଢ଼ ବୁଲି ମା'ଙ୍କ ଦର୍ଶନ ଲାଭ କରିଥିଲେ। ଶବର ସାହି, ଥାନପତି ସେକପାଟଣା, ଦୋଳ ମଣ୍ଡପ ସାହି, ମାଟିସାହି, ସାହୁସାହି, ଗୋଦାମ ସାହି, ହଂସିସାହି, ତାମିଲିସାହି, ମଙ୍ଗଳାବାଗ, ଭାଗବତ ସାହି, ମାଟି ମଣ୍ଡପ ସାହି ଆଦି ୧୯ଟି ମେଢ ଏଥିରେ ସାମିଲ ହୋଇଥିଲେ। ଏହି ପୂଜା ଦେଖିବା ପାଇଁ ଜଗତସିଂହପୁର ଜିଲ୍ଲା ସମେତ ପଡ଼ୋଶୀ କଟକ ଓ କେନ୍ଦ୍ରାପଡା ଜିଲ୍ଲାର ଶ୍ରଦ୍ଧାଳୁ ନବାପାଟଣା ଲକ୍ଷ୍ମୀପୂଜାରେ ସାମିଲ ହୋଇ ମା'ଙ୍କ ଦର୍ଶନ କରିଥିଲେ। ୭ ଦିନ ଧରି ଚାଲିଥିବା ଏହି ଉତ୍ସବରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ମୀନା ବଜାର ପାଇଁ ବେଶ ଭିଡ଼ ଲାଗି ରହିଥିଲା। ରବିବାର ସନ୍ଧ୍ୟାରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ ମେଢ଼କୁ ବିଭିନ୍ନ ସାହି ପକ୍ଷରୁ ଶୋଭାଯାତ୍ରାରେ ଜୁଆଳିଆସ୍ଥ ମେଳଣ ପଡ଼ିଆକୁ ନିଆଯିବା ପରେ ସେଠାରୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିସର୍ଜନ କରାଯାଇଥିଲା। ଏହି ଗଜଲକ୍ଷ୍ମୀ ପୂଜା ଓ ଭସାଣି ଉତ୍ସବରେ ପ୍ରାୟ ୩୦ ହଜାରରୁ ହଜାର ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଗତସିଂହପୁର ପୁଲିସ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହିତ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ପଞ୍ଚାୟତସ୍ତରୀୟ ମେଧା ପ୍ରତିଯୋଗିତା



**ଏରସମା,୧୨।୧୦(ସମିସ):** ଦଶହରା ଛୁଟି ଯୋଗୁଁ ଚଳିତ ମାସ ୨ ତାରିଖରେ ହେବାକୁ ଥିବା ମହାତ୍ମା ଗାନ୍ଧୀ ମେଧା ପ୍ରତିଯୋଗିତା ସ୍ଥଗିତ ରହିଥିଲା। ଆଜି ଏହି ପଞ୍ଚାୟତସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏରସମା ବ୍ଲକ୍ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତ ପକ୍ଷରୁ ନ'ମୌଜା ଉଚ୍ଚବିଦ୍ୟାଳୟରେ ଏହି ପ୍ରତିଯୋଗିତ ଅନୁଷ୍ଠିତ ହୋଇଛି। ସକାଳ ୮ରୁ ୯ଟା ଗଣିତ, ମାନସିକ ଦକ୍ଷତା ପରୀକ୍ଷା ଓ ୯.୩୦ରୁ ୧୦.୩୦ ଇଂରାଜୀ, ସାଧାରଣ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି। କୃତି ଛାତ୍ରଛାତ୍ରୀଙ୍କୁ ଆଗାମୀ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ ପୁରସ୍କାର ପ୍ରଦାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଆଗାମୀ ଏପ୍ରିଲ-ମେ ମାସରେ ଅନୁଷ୍ଠିତ ହେବ। କୃତି ଛାତ୍ରଛାତ୍ରୀଙ୍କୁ ଅଗଷ୍ଟ ୧୫ ତାରିଖରେ ପୁରସ୍କୃତ କରାଯିବ। ପ୍ରତିବର୍ଷ ଦୁଇଟି ପର୍ଯ୍ୟାୟରେ ମହାତ୍ମା ଗାନ୍ଧୀ ପଞ୍ଚାୟତସ୍ତରୀୟ ମେଧା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ, ପୂର୍ବତନ ପ୍ରଧାନଶିକ୍ଷକ ମନୋଜ ସାର, ପୂର୍ବତନ ଶିକ୍ଷକ ଭରତ ସାର, ରାଧାପଦ୍ମ ଉ.ପ୍ରା ବିଦ୍ୟାଳୟର ପୂର୍ବତନ ଶିକ୍ଷକ ମାନସ ସାର ଓ ଏକଘରିଆ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଦୀପକ ସାର ସହଯୋଗ କରିଥିଲେ। ଜୁନିୟର ବିଭାଗ (୪ର୍ଥ ଓ ପଞ୍ଚମ) ରେ ୩୧ଜଣ, ସିନିୟର (୬ଷ୍ଠ ଓ ୭ମ)ରେ ୩୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଗାମୀ ଦିନରେ ଏହାକୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପରିଣତ କରିବା ପାଇଁ ପ୍ରୟାସ କରାଯିବ ବୋଲି ଜିରାଇଲୋ ସରପଞ୍ଚ ଭାରତୀ ସାହୁ ଓ ସମିତି ସଭ୍ୟ ରଘୁନାଥ ସ୍ୱାଇଁ ପ୍ରକାଶ କରିଛନ୍ତି।

# ନାଉଗାଁ ଥାନା ଅଞ୍ଚଳରେ ସିରିଜ୍ ଚୋରି

**ନାଉଗାଁ,୧୨।୧୦(ସମିସ):** ଗତକାଲି ରାତିରେ ନାଉଗାଁ ଥାନା ଅଞ୍ଚଳରୁ ସିରିଜି ଚୋରି ହୋଇଛି। ଏ ନେଇ ପୁଲିସର ତଦନ୍ତ ଜାରି ରହିଛି। ନାଉଗାଁ ବଜାରରେ ଥିବା ପ୍ରକାଶ ମହାନ୍ତିଙ୍କ ପରିବା ଗୋଦାମରେ ଥିବା ସ୍କାଇଲାଇଟ୍ ଭାଙ୍ଗି ପସି ସିସିଟିଭି ଅଚଳ କରି ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ନେଇ ଗୋଦାମ ମାଲିକ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗଜରାଜପୁର ନିକଟରେ ଥିବା ମା' ଓଷାଦେବୀଙ୍କ ମନ୍ଦିରରୁ ମା'ଙ୍କ ଗହଣା ଓ ସୁନା ଆଖି ଲୁଟ ହୋଇଥିବା ନେଇ ପୂଜକ ନିରଞ୍ଜନ ପଣ୍ଡା ଅଭିଯୋଗ କରିଛନ୍ତି। ନାଉଗାଁ ପୁଲିସ ଅଭିଯୋଗ ଆଧାରରେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ କୋକିଡିଅ ନିକଟରେ ଥିବା ଅନନ୍ତ ବାସୁଦେବଙ୍କ ମନ୍ଦିରରୁ ରୁପା ମୁକୁଟ ଚୋରି ହୋଇଥିବା ନେଇ ନିଲୁ ଚରଣ ସାହୁ ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି। ରାତ୍ର ପାଟ୍ରୋଲିଂର ଅଭାବରୁ ନାଉଗାଁ ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଇଥିବା ସାଧାରଣରେ ଅଭିଯୋଗ ହେଉଛି।

## ବଜାରରେ ଟଳିପଡ଼ିଲେ ବୃଦ୍ଧ

**ବାଲିକୁଦା,୧୨।୧୦(ସମିସ):** ମାଧୁରୀ ବଜାରରେ ଛିଡ଼ା ହୋଇ କଥା ହେଉଥିବାବେଳେ ଟଳିପଡ଼ିଲେ ବୃଦ୍ଧ। ଏଭଳି ଘାଟଣା ଘଟିଛି ବାଲିକୁଦା ଥାନା ଅନ୍ତର୍ଗତ ଇଛାପୁର ପଞ୍ଚାୟତ ମାଧୁରୀ ବଜାରରେ। ଗୋପାଳପୁର ଗ୍ରାମର ୬୦ ବର୍ଷୀୟ ପୁରସ୍ତମ ସ୍ୱାଇଁ କୌଣସି କାମରେ ମାଧୁରୀ ବଜାରକୁ ଆସିଥିଲେ। ସକାଳ ପ୍ରାୟ ୯ ଟା ସମୟରେ ଏକ କ୍ଷୀର ଷ୍ଟୋର ସମ୍ମୁଖରେ ଠିଆ ହୋଇ କଥା ହେଉଥିବାବେଳେ ହଠାତ୍ ଚିତ୍କାର କରି ଟଳିପଡିବା ସହ ବେହୋସ ହୋଇଯାଇଥିଲେ। ତାଙ୍କୁ ଜଗତସିଂହପୁର ମେଡିକାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନଗର ବିଜେଡି ପକ୍ଷରୁ ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା



**ପାରାଦୀପ, ୧୨।୧୦(ସମିସ):** ବିଜେଡି ପକ୍ଷରୁ ନବନିଯୁକ୍ତି ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକଙ୍କୁ ଆଜି ପାରାଦୀପ ନଗର ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଦଳର ବହୁ ନେତା, କର୍ମକର୍ତ୍ତା ଓ ମହିଳା ନେତ୍ରୀ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗକୁ ପାରାଦୀପ ନିର୍ବାଚନମଣ୍ଡଳୀରେ କିଭଳି ଦଳକୁ ଆହୁରି ଅଧିକ ସଂଗଠିତ କରାଯାଇପାରିବ, ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ସମସ୍ୟା ବୁଝାଯିବା ସହ ବିଜେପିର କୁଶାସନ ଓ ବିଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ପୁନର୍ବାର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରେ ବସାଇବା ପାଇଁ ତାଙ୍କର ଚେଷ୍ଟା ଜାରି ରହିବ ବୋଲି ସେ ଆଜି ତାଙ୍କ ପ୍ରତିକ୍ରିୟାରେ ଉପସ୍ଥିତ ଦଳୀୟ ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ଏଥିସହିତ ବିଜେପି ବନ୍ଦର ସହର ପାରାଦୀପରେ ଯେଉଁଭଳି ଭାବେ ଅରାଜକତା ସୃଷ୍ଟି କରୁଛି, ତା'ର ଜବାବ ଦିଆଯିବ। ପ୍ରଶାସନକୁ ଲଗାଇ ବିଜେପି ସବୁ ସଂଗଠନରେ ଯେଉଁଭଳି ବିଶୃଙ୍ଖଳା ସୃଷ୍ଟି କରୁଛି, ତା'ର ମଧ୍ୟ ଜବାବ ଦିଆଯିବା ସହିତ ଦଳ ରାଜରାସ୍ତାକୁ ଓହ୍ଲାଇବ। ଦଳର ସୁପ୍ରିମୋ ତାଙ୍କ ଉପରେ ଭରଷା କରି ପୁନର୍ବାର ରାଜ୍ୟ ସମ୍ପାଦକ ଦାୟିତ୍ୱ ଦେଇଥିବାରୁ ସେ ନିଶ୍ଚୟ ତାଙ୍କର ସେବା ଓଡ଼ିଶାବାସୀଙ୍କ ପାଇଁ ନିୟୋଜିତ କରିବେ ବୋଲି କହିଥିଲେ।

ବରିଷ୍ଠ ବିଜେଡି ନେତା କୁମରବର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ବାପି ସର୍ଖେଲ, ନାରୀନେତ୍ରୀ ସବିତା ମହାପାତ୍ର, ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଜ୍ୟୋତିକାନ୍ତ ପରିଡା, ରାଜା ଭୂୟାଁ, ସୁଶୀଲ ମହାପାତ୍ର, ସୁରେଶ ବରାଳ, ମାନସ ବିଶ୍ୱାଳ, ରଶ୍ମିରଞ୍ଜନ ପରିଡା, ଅନୁପ ସାହାଣୀ, ସମୀର ବିଶ୍ୱାଳ, ମନୋଜ ନାୟକ, ଗଦାଧର ଦାସ, ବିକ୍ରମ ମହାନ୍ତି, ଚିନ୍ମୟ ପରିଡା, ରମାକାନ୍ତ ସ୍ୱାଇଁ, ଅଶୋକ ସାହୁ, ଦୀପକ ସ୍ୱାଇଁ, ପ୍ରକାଶ ଲେଙ୍କା, ଦୀପ୍ତିଭାନୁ ପାଣି, ଦୀପକ ବେହେରା, ଝାଡ଼େଶ୍ୱର ମାନ୍ନା, ଲପନ ପରିଡା, ପ୍ରଭାତୀ ନାୟକ, ଶୁକ୍ରମଣି ନାଗ, ଅନୀତା ସ୍ୱାଇଁ ପ୍ରମୁଖଙ୍କ ସହିତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ନେତ୍ରାନନ୍ଦ ରାୟ ସ୍ମୃତି ମେଧା ସମ୍ମାନ ପ୍ରଦାନ



**ଜଗତସିଂହପୁର, ୧୨।୧୦(ସମିସ):** ବିରିଡ଼ି ବ୍ଲକ୍ ଅଞ୍ଚଳର ମାଟ୍ରିକ୍ ପରୀକ୍ଷାରେ ଏ-ୱାନରେ ପାସ କରିଥିବା ଦୁଇ କୃତୀ ଛାତ୍ରଙ୍କୁ ନେତ୍ରାନନ୍ଦ ରାୟ ସ୍ମୃତି ମେଧା ସମ୍ମାନରେ ସମ୍ମାନିତ କରାଯାଇଛି। ସମାଜସେବୀ ଲିଙ୍ଗରାଜ ମଲ୍ଲଙ୍କ ସଂଯୋଜନାରେ ଆୟୋଜିତ ମେଧା ବୃତ୍ତି ପ୍ରଦାନ ଉତ୍ସବରେ ଉକୁନ୍ଦରାର ମା' ରାମଚଣ୍ଡୀ ବିଦ୍ୟାନିକେତନର ଅଲିଭା ପାତ୍ର ଓ ପୂରଣ ଉଚ୍ଚବିଦ୍ୟାଳୟର ଶୁଭଙ୍କର ପାଢୀଙ୍କୁ ସ୍ୱର୍ଗତ ରାୟଙ୍କ ପୁତ୍ର ଡକ୍ଟର ଶ୍ରୀମତ ରାୟ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୂରଣ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ମାଦେଳିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱର୍ଗତ ରାୟଙ୍କ ପୁତ୍ର ଡକ୍ଟର ଶ୍ରୀମତ ରାୟ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ବିଆରସିସି ପ୍ରକାଶ ଦାଶ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମଣ୍ଡାସାହିରେ ଉଜ୍ଜ୍ୱଳ ଆଲୋକ ଲୋକାର୍ପିତ



**ଜଗତସିଂହପୁର,୧୨।୧୦(ସମିସ):** ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ମଣ୍ଡାସାହି ପଞ୍ଚାୟତର ମା' ନାରାୟଣୀ ଠାକୁରାଣୀ, ବିରଞ୍ଚି ନାରାୟଣ ଶିବ ମନ୍ଦିର ଓ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡାସାହି ସରପଞ୍ଚ ପୁଷ୍ପଲତା ଦାସ, ସମିତିସଭ୍ୟା କଳ୍ପନା ଭୋଇ, ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଶାରଦା ପ୍ରସାଦ ପ୍ରଧାନ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅଶୋକ ଦାସ, ସାରଙ୍ଗ ପାଇଟାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଚେସ୍ ଉଦ୍‌ଯାପିତ; ଏ ଧନୁଜ ଚାମ୍ପିଅନ୍



**ପାରାଦୀପ,୧୨।୧୦(ସମିସ):** ଜଗତସିଂହପୁର ଜିଲ୍ଲା ଚେସ ଆସୋସିଏସନ, କିଟ୍ ଓ କିସ୍ ସହାୟତାରେ ସରସ୍ୱତୀ ବିଦ୍ୟାମନ୍ଦିରରେ ଆୟୋଜିତ ଜିଲ୍ଲା ସ୍ତରୀୟ ଚେସ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଚେସ ଆସୋସିଏସନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିଶୁ ବିଦ୍ୟାମନ୍ଦିରର ଉପାଧ୍ୟକ୍ଷା ମମତା କର ଯୋଗଦେଇଥିଲେ। ଜିଲ୍ଲାର ୫୪ ଜଣ ଚେସ ଖେଳାଳି ଏହି ପ୍ରତିଯୋଗିତାର ଅଂଶଗ୍ରହଣ କରିଥିଲେ। ୩୦ ହଜାର ଟଙ୍କାର ପୁରସ୍କାର ଜିଲ୍ଲା ଚେସ ସଂଘ ପକ୍ଷରୁ ଖେଳାଳିଙ୍କୁ ପ୍ରଦାନ କରାଯାଇଥିଲା। ଏ. ଧନୁଜ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କୁଜଙ୍ଗର ଜ୍ଞାନରଞ୍ଜନ ସେଠୀ ଦ୍ୱିତୀୟ ଓ ଚନ୍ଦନ ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭବେସ ମହାନ୍ତି, ସୁବାଶିଷ ପଟ୍ଟନାୟକ, ଅମର ମହାନ୍ତି ଓ ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ଶାଶ୍ୱତ ଭାରତୀୟ, ପ୍ରଦୀପ୍ତ ପଲେଇ, ପ୍ରଦୀପ ନାୟକ, ପ୍ରଭାକର ପରିଡ଼ା ଓ ନିକଦେବ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାଟି ଜିଲ୍ଲା ଚେସ ଆସୋସିଏସନ ସମ୍ପାଦକ ଡକ୍ଟର ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

**କଟକ ଦକ୍ଷିଣ ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ**

# 'ଡାକ ବିଭାଗ ହିଁ ଦେଶର ସବୁଠୁ ଭରସାଯୋଗ୍ୟ ଓ ପୁରୁଣା ସଂସ୍ଥା'

**ଜଗତସିଂହପୁର,୧୨।୧୦(ସମିସ)**

କଟକ ଦକ୍ଷିଣ ଡାକମଣ୍ଡଳର ୪୫ତମ ପ୍ରତିଷ୍ଠା ଦିବସ ଜଗତସିଂହପୁର ସଦର ମହକୁମାର ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ପାଳିତ ହୋଇଛି। ଡାକ ବିଭାଗ ଦେଶର ସବୁଠୁ ଭରସାଯୋଗ୍ୟ ଓ ପୁରୁଣା ସଂସ୍ଥା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୧୯୮୦ରେ କଟକ ଦକ୍ଷିଣ ଡାକମଣ୍ଡଳ ପ୍ରତିଷ୍ଠା ହୋଇଥିଲା।



ଆଜି ସଭାରେ କଟକ ଦକ୍ଷିଣ ଡାକମଣ୍ଡଳର ଡାକ ଅଧୀକ୍ଷକ ପରମେଶ୍ୱର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ପରିମଣ୍ଡଳର ମହାଡାକପାଳ ନିର୍ମଳଜିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ସବୁଠାରୁ ଭରସାଯୋଗ୍ୟ ଓ ପୁରୁଣା ସଂସ୍ଥା ଡାକ ବିଭାଗର ଭବିଷ୍ୟତ ଉଜ୍ଜ୍ୱଳମୟ। ଚଳିତ ବର୍ଷ ଅଗଷ୍ଟ ୪ ତାରିଖରେ ଡାକ ବିଭାଗ ନିଜସ୍ୱ ଡିଜାଇନ ସହ ଆଧୁନିକ ଡାକ ବ୍ୟବସ୍ଥା ଓ ପ୍ରଯୁକ୍ତି (ଆଇଟି ୨.୦) ସଫ୍ଟୱେୟାର ଦ୍ୱାରା ଡାକସେବା ଅଧିକ ତ୍ୱରାନ୍ୱିତ ହେବା ସଙ୍ଗେ ସଙ୍ଗେ ଲୋକଙ୍କ ସମସ୍ୟା ସହଜରେ ସମାଧାନ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ କଟକ ଦକ୍ଷିଣ ଡାକମଣ୍ଡଳ ନିଜର ଜାତୀୟ ସଞ୍ଚୟ ଯୋଜନାର ସଫଳ ରୂପାୟନ ଓ ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦ୍ୱାରା ସାରା ଓଡିଶା ପୋଷ୍ଟାଲ ଡିଭିଜନ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସୂଚନା ଦେବା ସହିତ ଏଥିପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ମୁଖ୍ୟବକ୍ତା ଭାବେ କବି ଡକ୍ଟର ତୃପ୍ତିରଞ୍ଜନ ଦାସ ଯୋଗଦେଇ ପୋଷ୍ଟାଲ ଡିଭିଜନର ଭିତ୍ତିଭୂମି ସବୁବେଳେ ସୁଦୃଢ ରହିଛି। ଏହା ଉପରେ ସବୁବେଳେ ଲୋକଙ୍କ ଆସ୍ଥା ରହିଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ପରିମଣ୍ଡଳର ଡାକ ଲେଖା ନିର୍ଦ୍ଦେଶକ ରିଜୱାନ ଅହେମଦ, ସହାୟକ ନିର୍ଦ୍ଦେଶକ ଗଜେନ୍ଦ୍ର ପ୍ରସାଦ କର ଓ ପୂର୍ବତନ କଟକ ନଗର ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ଯୋଗଦେଇ ଚିଠିର ଚାହିଦା କିପରି ରହିଥିଲା ଓ ତା'ସହିତ ଭାରତର ସର୍ବପୁରାତନ ସଂସ୍ଥା ପୋଷ୍ଟ ଅଫିସ ଲୋକଙ୍କ ସହ ସବୁବେଳେ ରହି ଆସିଛି ଓ ଆଧୁନିକ ଟେକ୍ନୋଲୋଜି ସହ ତାଳ ଦେଇ ପୋଷ୍ଟ ଅଫିସ କାମ କରୁଛି ବୋଲି କହିଥିଲେ। ପରେ କଟକ ଦକ୍ଷିଣ ଡାକ ମଣ୍ଡଳର ୨୦୨୪-୨୫ ବିତ୍ତୀୟ ବର୍ଷରେ ଉତ୍ତମ ପ୍ରଦର୍ଶନ କରିଥିବା ଡାକ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହୃଷିକେଶ ବେହେରା ଓ ଇପ୍‌ସାପ୍ରଜ୍ଞା ପଣ୍ଡା ପରିଚାଳନା କରିଥିବାବେଳେ ମଣ୍ଡଳର ସହକାରୀ ଡାକ ଅଧୀକ୍ଷକ ଶପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଡାକ କର୍ମଚାରୀଙ୍କ ଦ୍ୱାରା ଡ୍ରାମା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମାରୋହରେ ମଣ୍ଡଳର ସହକାରୀ ଡାକ ଅଧୀକ୍ଷକ ମୋନାଲିସା ଦାସ, ଡାକ ନିରୀକ୍ଷକ ମଧୁସ୍ମିତା ମଲ୍ଲ, ଅମୂଲ ରଥ, ବିକାଶ ପରିଡା, ଅନୁପ କୁମାରଙ୍କ ସହିତ ସମସ୍ତ ଡାକ କର୍ମଚାରୀ, ପୋଷ୍ଟାଲ ଏଜେଣ୍ଟ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଇନ୍‌ଭର୍ଟର ବ୍ୟାଟେରି ଜବତ, ୩ ଗିରଫ



**ଜଗତସିଂହପୁର,୧୨।୧୦(ସମିସ):** ଏସଭିଏମ୍ କଲେଜରୁ ଚୋରି ହୋଇଥିବା ଇନଭର୍ଟର ବ୍ୟାଟେରି ସଦର ଥାନା ପୁଲିସ ଜବତ କରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି। ଜଗତସିଂହପୁର ସଦର ଥାନା ଆଇଆଇସି ସରୋଜ ସାମଲଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ୪ ଦିନ ତଳେ ଏସଭିଏମ୍ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗରେ ଲାଗିଥିବା ଇନଭର୍ଟରର ବ୍ୟାଟେରିକୁ ଘର କବାଟ ତାଡି କେହି ଚୋରି କରିଥିବା ଜଣାପଡିଥିଲା। ଘଟଣା ସମ୍ପର୍କରେ କଲେଜ ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ଏହି ଚୋରି ମାମଲାରେ ସମ୍ପୃକ୍ତ ଥିବା ଲଲାସାହି ଗ୍ରାମର ସୁନାକର ଗୋଛାୟତ, ମାଣପୁର ଗ୍ରାମର ବିଜୟ ମହାରଣା ଓ ଦେଉଳି ଗ୍ରାମେଶ୍ୱର ଗ୍ରାମର ଇସ୍ତକ ଆଲାମକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ବନ ବିଭାଗ ଦ୍ୱାରା ୨ ଶିକାରୀ ଗିରଫ



**ରିଆମାଳ, ୧୨।୧୦(ସମିସ):** ରିଆମାଳ ରେଞ୍ଜ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅଧୀନ କପାଗୋଲା ଜଙ୍ଗଲରେ ରବିବାର ସକାଳୁ ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ତାର ବିଛାଉଥିବା ବେଳେ ବନ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ସେମାନେ କପାଗୋଲା ଗାଁରେ ବିଦ୍ୟାଧର ପ୍ରଧାନ (୪୦) ଓ ଚନ୍ଦୁ ସାହୁ(୩୨) ବୋଲି ଜଣାପଡ଼ିଛି। ତାଙ୍କ ପାଖରୁ ବିଦ୍ୟୁତ ତାର, କାଠ, ଟାଙ୍ଗିଆ ଜବତ କରି ତଦନ୍ତ କରାଯାଇଥିଲା। ତେବେ ଘଟଣା ସ୍ଥଳରୁ ୩ ଜଣ ଫେରାର ମାରିଥିବା ବେଳେ ସେମାନଙ୍କୁ ଖୋଜାଖୋଜି କରି ତୁରନ୍ତ ଗିରଫ କରାଯିବ ବୋଲି ରେଞ୍ଜର ନିରଞ୍ଜନ ଧରୁଆ ସୂଚନା ଦେଇଛନ୍ତି। ତଦନ୍ତ ବେଳେ ଗିରଫ ହୋଇଥିବା ୨ ଶିକାରୀଙ୍କୁ ସାକ୍ଷ୍ୟ ପ୍ରମାଣ ସହ କୋର୍ଟ ଚାଲାଣ କରାଯାଇ ଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ବିପିଏମ୍ ହାଇସ୍କୁଲର ପୂର୍ବତନ ଛାତ୍ରଛାତ୍ରୀଙ୍କ ବୈଠକ



**ଝାରସୁଗୁଡ଼ା, ୧୨।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଭଅଁରଖୋଲ ସ୍ଥିତ ବିପିଏମ ହାଇସ୍କୁଲ ଭଅଁରଖୋଲର ପୂର୍ବତନ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ଡିସେମ୍ବର ମାସ ୨୦ ଏବଂ ୨୧ ତାରିଖ ବିପିଏମ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନର ରୂପରେଖ ବିଷୟରେ ଆଜିର ବୈଠକରେ ଆଲୋଚନା କରାଯାଇଛି। ବିଶେଷ କରି ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପ୍ରସ୍ତୁତି ନେଇ ଆଜିର ବୈଠକରେ ଆଲୋଚନା କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଞ୍ଚଳବାସୀ ଏହି ସ୍ମରଣିକା ପାଇଁ ବିପିଏମ ହାଇସ୍କୁଲ ସମ୍ବନ୍ଧିତ ନିଜ ନିଜ ଲେଖା ଗଳ୍ପ, ଗୀତ, ପ୍ରବନ୍ଧ ମାଧ୍ୟମରେ ସ୍ମରଣୀକା କମିଟି ପାଖକୁ ଅକ୍ଟୋବର ୨୦ ତାରିଖ ସୁଦ୍ଧା ପଠାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ବରଗଡ଼-ଝାରସୁଗୁଡ଼ା ସୀମାନ୍ତରେ ସ୍ୱତନ୍ତ୍ର ବ୍ଲକ୍ ଦାବି

ଝାରସୁଗଡ଼ା, ୧୨।୧୦(ସମିସ)

ଭୁକ୍ତା ବଜାର ପ୍ରାଙ୍ଗଣରେ ନୂତନ ବ୍ଲକ ଗଠନ ପାଇଁ ରବିବାର ଉଭୟ ଜିଲ୍ଲାର ଶତାଧିକ ସୀମାନ୍ତ ବାସୀଙ୍କ ବିରାଟ ମିଳିତ ସଭା ଆୟୋଜିତ ହୋଇଯାଇଛି। ଏଥିରେ ଉଭୟ ଜିଲ୍ଲାର ଶତାଧିକ ପ୍ରତିନିଧି, ଜନସାଧାରଣ, ବୁଦ୍ଧିଜୀବୀ ଏବଂ ଯୁବ ସମାଜ ଅଂଶଗ୍ରହଣ କରି ନିଜ ନିଜର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଉଭୟ ଜିଲ୍ଲାର ସୀମାନ୍ତ ଅଞ୍ଚଳବାସୀ ନିଜକୁ ଅବହେଳିତ ଏବଂ ଉପେକ୍ଷିତ ମନେ କରନ୍ତି। ପ୍ରଶାସନ ଏମାନଙ୍କ ପାଖରେ ପହଞ୍ଚି ପାରୁନାହିଁ ବୋଲି ବାରମ୍ବାର ଅଭିଯୋଗ ହୋଇ ଆସିଛି। ତେଣୁ ବରଗଡ଼ ଜିଲ୍ଲା ସୀମାନ୍ତ ବାସୀ ଭୁକ୍ତା, କପାଶିରା, ରୁଚିଦା, ଭୈନାତୋରା, କୁମୋ, ଦ୍ୱାରି ପ୍ରଭୃତି ୬ଟି ପଞ୍ଚାୟତ ଏବଂ ଝାରସୁଗୁଡା ଜିଲ୍ଲାର ସୀମାନ୍ତ ୧୯ ଖଣ୍ଡ ମୌଜା ଅଧୀନ ରେମତା, କଣ୍ଢେଇକେଲା, ଚାରପାଳି ଏବଂ ପୀଥିଣ୍ଡା ପଞ୍ଚାୟତକୁ ନେଇ ବରଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ପ୍ରକାଶପୁର ଭୁକ୍ତା ବ୍ଲକ ଗଠନ କରିବା ପାଇଁ ୧୯ ଖଣ୍ଡ ମୌଜା ବାସୀଙ୍କ ସମର୍ଥନ ଲୋଡିଥିଲେ। ତେବେ ଝାରସୁଗୁଡା ଜିଲ୍ଲା ସୀମାନ୍ତ ୧୯ ଖଣ୍ଡ ମୌଜାର ପ୍ରତିନିଧି ମାନେ ନିଜ ଅଞ୍ଚଳରୁ ଝାରସୁଗୁଡା ଜିଲ୍ଲା ହେଡକ୍ୱାର୍ଟରରୁ ୧୦୦ କିମି ଦୂରତା ଥିବାରୁ ଏବଂ ବରଗଡ଼ ଜିଲ୍ଲା ହେଡକ୍ୱାର୍ଟର ମାତ୍ର ୫୦ କିମି ପଡୁଥିବାରୁ ଯଦିଓ ବରଗଡ଼ ଜିଲ୍ଲାରେ ମିଶିବା ପାଇଁ ନିଜର ସହମତି ପ୍ରଦାନ କରିଥିଲେ, କିନ୍ତୁ ୧୯ ଖଣ୍ଡ ମୌଜାରେ ଥିବା ଉପରୋକ୍ତ ବଡ ବଡ ୪ଟି ପଞ୍ଚାୟତକୁ ୮ଟି ପଞ୍ଚାୟତରେ ବିଭକ୍ତ କରି ଏକ ସ୍ୱତନ୍ତ୍ର ୧୯ ଖଣ୍ଡ ମୌଜା ବ୍ଲକ ଗଠନ ପାଇଁ ନିଜର ମତ ପୋଷଣ କରିଥିଲେ। କାରଣ ୧୯ ଖଣ୍ଡ ମୌଜାର ପୂର୍ବ



ଦକ୍ଷିଣ ଓ ଉତ୍ତର ଦିଗକୁ ହୀରାକୁଦ ଜଳଭଣ୍ଡାର ଘେରି ରହିଥିବା ବେଳେ ପଶ୍ଚିମ ଦିଗକୁ ଛତିଶଗଡ଼ ରହିଛି। ଏହି ସ୍ୱତନ୍ତ୍ର ଭୂଖଣ୍ଡ ଓଡ଼ିଶା ଠାରୁ ଦୀର୍ଘ ଦିନ ଧରି ବିଚ୍ଛିନ୍ନ ରହିଯାଇଥିବାରୁ ଏ ଅଞ୍ଚଳବାସୀ ବିକାଶ ଠାରୁ ବହୁ ଦୂରେଇ ଯାଇଛନ୍ତି। ଯଦିଓ ବର୍ତ୍ତମାନ ଏ ଅଞ୍ଚଳ ଅମାପାଲି ଏବଂ ମହୁଲ ପାଲି ବ୍ରିଜ ଯୋଗୁଁ ଓଡ଼ିଶା ସହ ଯୋଡି ହୋଇଛି ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଅନ୍ୟ ପ୍ରଶାସନିକ ସୁବିଧା ଉପଲବ୍ଧ ହେଇ ପାରିନାହିଁ। ଆଜିବି କୌଣସି ସରକାରୀ କର୍ମଚାରୀ ଏ ଅଞ୍ଚଳରେ ପୋଷ୍ଟିଂ ହେଲେ ପନିସମେଣ୍ଟ ପୋଷ୍ଟିଂ ବୋଲି ଭାବୁଛନ୍ତି ଏବଂ ଜଏନ କରିବା ପରଠାରୁ କୌଣସି ପ୍ରକାରେ ଏଠାରୁ ଟ୍ରାନ୍ସଫର ପାଇଁ ଲାଗି ପଡନ୍ତି। ଯଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ବର୍ଷ ବର୍ଷ ଧରି ମୌଳିକ ସେବା ପାଇ ପାରନ୍ତି ନାହିଁ। ଲଖନପୁର ବ୍ଲକ ମୁଖ୍ୟାଳୟ ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଏ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଆଜି ବି ଦୈନିକ ୧୩୦ କିମି ଯିବାଆସିବା କରିବାକୁ ପଡେ। ଏ ସବୁ ସମସ୍ୟା ପାଇଁ ୧୯ ଖଣ୍ଡ ମୌଜାକୁ ନେଇ ଏକ ସ୍ୱତନ୍ତ୍ର ବ୍ଲକ ଗଠନ ହିଁ ସେମାନଙ୍କ ମୁଖ୍ୟ ଦାବି ବୋଲି ନିଜର ମତାମତ ଜଣାଇଥିଲେ। ଏହାକୁ ବରଗଡ଼ ଜିଲ୍ଲାର ସୀମାନ୍ତ ବାସୀ ମଧ୍ୟ ସମର୍ଥନ କରିଥିଲେ। କିନ୍ତୁ ବିକଳ୍ପ ଭାବେ ଯଦି ତାହା ସମ୍ଭବ ନ ହୁଏ ତାଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରକାଶପୁର ବ୍ଲକରେ ମିଶିବା ପାଇଁ ଆହ୍ୱାନ ଦେଇଥିଲେ।

ସଭାରେ ମଞ୍ଚାସିନ ଅତିଥି ଭାବେ ଭୁକ୍ତା ଅଞ୍ଚଳର ଡ.ଚିନ୍ତାମଣି ପଟେଲ, ନିରଞ୍ଜନ ପଟେଲ, ୧୯ ଖଣ୍ଡ ମୌଜାର କଣ୍ଢେଇକେଲା ସମିତି ସଭ୍ୟ ଅନିଲ ବାରିକ, ରେମତା ସରପଞ୍ଚ ପ୍ରଫୁଲ୍ଲ ସିଂ, ପୂର୍ବତନ ସରପଞ୍ଚ ପ୍ରଦୀପ ବିଶ୍ୱାଲ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଭୋଇ, ଚତୁର୍ଭୁଜ ପଧାନ, ପ୍ରମୋଦ ସା ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ପଧାନ, ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ପ୍ରମୁଖ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯ ଖଣ୍ଡ ମୌଜାରୁ ପ୍ରଫୁଲ୍ଲ ସାହୁ, ଜଗବନ୍ଧୁ ସା, ସଦାନନ୍ଦ ପଧାନ, ସରୋଜ ବେହେରା, ରଞ୍ଜନ ଭୋଇ, ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର ବେହେରା, ସୁଶାନ୍ତ ଭୋଇ, ଗଜାନନ ପଧାନ, ରୁପାନନ୍ଦ ବିଶ୍ୱାଲ, ରାମ ପଧାନ, ସାହିତ୍ୟ ମେହେର, ଲିଙ୍ଗରାଜ ପଧାନଙ୍କ ସହ ପ୍ରାୟ ୫୦ ଜଣ ଉପସ୍ଥିତ ହୋଇ ୧୯ ଖଣ୍ଡ ଅଞ୍ଚଳର ସମସ୍ୟା ଉପରେ ଆଲୋକପାତ କରିଥିଲେ। ବରଗଡ଼ ଅଞ୍ଚଳରୁ ମଧ୍ୟ ଶତାଧିକ ବ୍ୟକ୍ତି ଉଭୟ ଜିଲ୍ଲା ସୀମାନ୍ତ ଅଞ୍ଚଳର ଏଭଳି ସମସ୍ୟା ପ୍ରତି ସରକାର ସହାନୁଭୂତିଶୀଳ ହୋଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରିଥିଲେ।

## କୋରେଇ ବିଧାୟକଙ୍କ ରାମଚଣ୍ଡୀ ଓ ଝାଡ଼େଶ୍ୱର ମନ୍ଦିର ଦର୍ଶନ

**ଝାରସୁଗୁଡ଼ା, ୧୨।୧୦(ସମିସ):** ଓଡ଼ିଶା ସିନେ ତାରକା ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହିତ ବ୍ରଜରାଜନଗର ରାମଚଣ୍ଡୀ ମନ୍ଦିର ଓ ଝାରସୁଗୁଡ଼ାର ଝାଡେଶ୍ୱର ମନ୍ଦିର ଦର୍ଶନ କରିଛନ୍ତି। ଉଭୟ ବିଧାୟକ ମିଶି ରବିବାର ପୂର୍ବାହ୍ନରେ ବ୍ରଜରାଜନଗରର ପ୍ରସିଦ୍ଧ ଚଣ୍ଡୀ ମନ୍ଦିର ଦର୍ଶନ କରିବା ସହିତ ମନ୍ଦିରର ଐତିହ୍ୟ ବିଷୟରେ ପଚାରି ବୁଝିଥିଲେ। ଏହାପରେ ଅପରାହ୍ଣରେ ଝାରସୁଗୁଡ଼ା ଝାଡେଶ୍ୱର ମନ୍ଦିର ଯାଇ ଝାଡେଶ୍ୱର ବାବାଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମୟରେ ଦୁଇ ବିଧାୟକଙ୍କ ସମେତ ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଲ, ବିବେକ ଶ୍ରୀବାସ, ସୋନୁ ଥିରାନୀ, ପ୍ରେମସେନ ରାୟ, ବିଶ୍ୱଜିତ ଷଡଙ୍ଗୀ, ରାଜେନ୍ଦ୍ର ସା, ସୁବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ବନ୍ଧବାହାଲ ଡିଏଭି ସ୍କୁଲରେ ଗଣଦୌଡ଼




**ବନ୍ଧବାହାଲ/ଝାରସୁଗୁଡ଼ା, ୧୨।୧୦(ସମିସ):** ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ଡିଏଭି ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ରବିବାର 'ଗଣଦୌଡ଼' ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରାତଃ ସମୟରେ ବିଶେଷ କରି ବିଦ୍ୟାଳୟର ସ୍କାଉଟ, ଗାଇଡ୍ ଓ ଏନ୍‌ସିସି ବିଭାଗର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହୋତା ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ବିଦ୍ୟାଳୟ ସମ୍ମୁଖ ରାସ୍ତାରୁ ଛାତ୍ରଛାତ୍ରୀ ଦୌଡ଼ ଆରମ୍ଭ କରି ସ୍ଥାନୀୟ ଜଗନ୍ନାଥ ମନ୍ଦିର, ଏମ୍‌ସିଏଲ୍ କଲୋନୀ, ଡାକଘର ମାର୍ଗ ଦେଇ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ବରପାଲି, ୧୨।୧୦(ସମିସ):** ବରପାଲି ବ୍ଲକ ବିଭିନ୍ନ ପଞ୍ଚାୟତରେ ମମତା ଜାଗୃତି, ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରିବା ଏବଂ ସାମଗ୍ରିକ ସମ୍ପ୍ରଦାୟ କଲ୍ୟାଣକୁ ପ୍ରୋତ୍ସାହନ ଯୋଗାଇବା। କାର୍ଯ୍ୟକ୍ରମକୁ ମାନସିକ ରୋଗ ସାମାଜିକ କର୍ମୀ ଫକୀର ମୋହନ ବାଗ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂଯୋଜକ ଅଦିତି ଜାନା, ବ୍ଲକ ପର୍ଯ୍ୟବେକ୍ଷକ ସୌମ୍ୟ ବାରିକ ଏବଂ ଯଶୋବନ୍ତ ପୂଜାରୀ ପ୍ରମୁଖଙ୍କ ସହାୟତାରେ ପରିଚାଳିତ ହୋଇଥିଲା। ଆଉଟରିଚ୍ କର୍ମୀ ଆଲୋକ ମେହେର, ଘନଶ୍ୟାମ ଭୋଇ, ମୁକେଶ ଚୌହାନ, ଜୀବର୍ଦ୍ଧନ ସାହା, ପ୍ରହଲ୍ଲାଦ ପାଣିଗ୍ରାହି, କ୍ଷୀରୋଦ୍ରି ପ୍ରଧାନ, କ୍ଷୀରସିନ୍ଧୁ ଭୋଇ ଏବଂ ମହାଦେବ ଭୁଏ ପ୍ରମୁଖ ସହଯୋଗ କରିଥିଲେ। ମାନସିକ ସ୍ୱାସ୍ଥ୍ୟ ଏବଂ ପୁନର୍ବାସ ସେବା ବିଷୟରେ ସମ୍ପ୍ରଦାୟ ବୁଝାମଣାକୁ ସୁଦୃଢ଼ କରିବା, ପଦାର୍ଥ ଅପବ୍ୟବହାର ମାମଲା ଗୁଡିକର ଶୀଘ୍ର ଚିହ୍ନଟ ପ୍ରକ୍ରିୟାକୁ ଉତ୍ସାହିତ କରିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ପାଇଁ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରସବ ପୂର୍ବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଏହାର ବିପଦ କାରଣ ଏବଂ ସମ୍ଭାବ୍ୟ ପ୍ରତିରୋଧକ ପଦକ୍ଷେପକୁ ନେଇ ଆଲୋଚନା ହୋଇଥିଲା। ମାନସିକ କଷ୍ଟ କିମ୍ବା ନିଶାର ପ୍ରାରମ୍ଭିକ ଲକ୍ଷଣ ଦେଖା ଯାଉଥିବା ବ୍ୟକ୍ତିମାନଙ୍କୁ ସହାୟତା କରିବା ପାଇଁ ଏକ ସ୍ୱତନ୍ତ୍ର ପରାମର୍ଶ ଅଧିବେଶନର ଆୟୋଜନ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ କିଶୋର, ବୟସ୍କ, ପିତାମାତା, ଶିକ୍ଷକ, ସମ୍ପ୍ରଦାୟ ସଦସ୍ୟ ଏବଂ ପିଆରଆଇ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଯୋଗେଶ୍ୱର ଶିବମୁନି ମହାରାଜଙ୍କ ଜୟନ୍ତୀ



**ଝାରସୁଗୁଡ଼ା, ୧୨।୧୦(ସମିସ):** ଲଖନପୁର ବ୍ଲକ ଅଧୀନ ଜୟବୁଡିଆ ଗାଁରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଆଦି ମୁନିଶ୍ୱର ଯୋଗେଶ୍ୱର ଶିବମୁନି ମହାରାଜଙ୍କ ୧୪୨ ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗତ ୭ ତାରିଖ ଏକ କାର୍ମଶାଳା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ଉପାଧ୍ୟକ୍ଷ ଯୋଗାଚାର୍ଯ୍ୟ ମୀନକେତନ ମୁନିଙ୍କ କରକମଳରେ ସତ୍ୟ ପତକା ଉତ୍ତୋଳନ ପରେ ଯୋଗ କାର୍ମଶାଳା ଆରମ୍ଭ ହୋଇଥିଲା। ଏଥିରେ ୧୦ ଜଣ ଯୋଗ ଶିକ୍ଷକ ସମେତ ଆଜୀବନ ସଦସ୍ୟ ଓ ସଦସ୍ୟା ଯୋଗଦାନ ପୂର୍ବକ ଅଷ୍ଟାଙ୍ଗ ଯୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ଜୟବୁଡିଆ, ବଞ୍ଜାରୀ, କୁଡାଲୋଇ ଆଦି ସ୍ଥାନୀୟ ମୁନି ସମାଜର ମୁନିମତିମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଜୟବୁଡିଆ ଶାଖାର ସଭାପତି ଯୋଗୀ ନରେନ୍ଦ୍ର ରାଉତ, ଗଣେଶରାମ କଣ୍ଟା, ଧ୍ରୁବ ଚରଣ ମୁନିଙ୍କ ସମେତ ରଘୁ, ସୌକି, ମୁକ୍ତେଶ୍ୱର, ତ୍ରିଲୋଚନ, ସମାରୁ, ଗୁଣନିଧି, ରଣଜିତ ପ୍ରମୁଖ ମୁନି ଓ ମୁନିମତି ମମତା ଆୟୋଜନରେ ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ





### ଛିନ୍ଦେଇକେଲା ହାଇସ୍କୁଲ

ପାଇକମାଳ, ୧୨।୧୦(ସମିସ)

ପାଇକମାଳ ବ୍ଲକ ଛିନ୍ଦେଇକେଲା ହାଇସ୍କୁଲରେ ପ୍ରଧାନଶିକ୍ଷକ କାହ୍ନୁଚରଣ ମେହେରଙ୍କ ସଭାପତିତ୍ୱରେ ମାଲପଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁଭାଷିନୀ ନନ୍ଦ ଓ ସମ୍ମାନିତ ଅତିଥି ଭାବେ ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର, ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ସାହୁ, ନାଏବ ସରପଞ୍ଚ ମାଳତୀ କୁଅଁର, ରତିକାନ୍ତ ସାହୁ, ସିଆରସିସି ସୁଜାତା ଧରୁଆ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି ସନ୍ତୋଷ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବିଇଓ ଅଦନ ସୁନା ଓ ସମ୍ମାନିତ ଅତିଥି ଭାବେ ଏବିଇଓ ଯୁବରାଜ ବେଶ୍ରା, ଏବିଇଓ ଚକାମନ ସୁନା, ସଂଯୋଜକ ତଥା ସିଆରସିସି ସନ୍ତୋଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କ୍ଲଷ୍ଟରର ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଫକୀର ମୋହନ ବାରିକ ସଭା ପରିଚାଳନା କରିଥିଲେ। ମାଲପଡ଼ା କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା ସହଯୋଗ କରିଥିବା ବେଳେ ହେମସାଗର ସାହୁ ଧନ୍ୟବାଦ ଦେଇଥିଲେ।

### ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

**ଅତାବିରା:** ଅତାବିରା ବ୍ଲକ ପାହାଡଶ୍ରୀଗିଡା କ୍ଲଷ୍ଟର୍ ଅଧୀନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସିଆରସିସି ସୁବାଷ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ପ୍ରଧାନଶିକ୍ଷୟିତ୍ରୀ ପ୍ରବୀଣା ସୁନାଙ୍କ ସଭାପତିତ୍ୱରେ କ୍ଲଷ୍ଟର୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲଷ୍ଟର୍ ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ବିଭାଗରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତା ଯଥା ତର୍କ, ବକ୍ତୃତା, କୁଇଜ୍, ସୃଜନାତ୍ମକ ଲିଖନ, ହସ୍ତାକ୍ଷର ଲିଖନ, ଗଣିତ ଦୌଡ, ଗଣିତ କୁଇଜ୍, ଗଳ୍ପକଥନ, ଶିଳ୍ପକଳା, ଚିତ୍ରକଳା, ସଙ୍ଗୀତ, ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ରବୀନ୍ଦ୍ରନାଥ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ସୁବାଷ ମହାନନ୍ଦ ସୁରଭି କାର୍ଯକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ରାଜେଶ ପଟେଲ ଓ ଜିତୁ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ସାହୁ, ମୁଖ୍ୟ ଅତିଥି ରୂପେ ସରପଞ୍ଚ ଅମଲିପାଲି ପଞ୍ଚାୟତ ସୁନନ୍ଦା ବିଶ୍ୱିଲ, ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟି ସଭାପତି ଅଶୋକ ସାହୁ, ପାହାଡଶ୍ରୀଗିଡା କେନ୍ଦ୍ର ପଣ୍ଡିତ ସୁଶୀଲ ସେଟ୍ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର୍ ଅଧୀନ ସମସ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପେଢøକନ ପ୍ରଦାନ କରାଯାଇଥିଲା। ଅମଲିପାଲି ଗାଁବାସୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା, ବିଦ୍ୟାଳୟର ଶିକ୍ଷକ ରିକୁନାଥ ଦାସ, ଗୁଣମଣି ଲୁହା, ସଞ୍ଜୟ ଭୋଇ, ରାକେଶ ଧାରୁଆ, ଶିକ୍ଷୟିତ୍ରୀ ଗିରିଜା ପ୍ରଧାନ, ରୀତା ପ୍ରଧାନ, ଗୀତା ପ୍ରଧାନ ତଥା ମଧୁସୂଦନ ରଣା ଓ ତୁଳାରାମ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ଜଗନ୍ନାଥ ପ୍ରଧାନ, ପଙ୍କଜିନୀ ଟପ୍, ଶିବଶଙ୍କର ମେହେର ଓ ଗୋପିକା ସେଟ୍ କାର୍ଯ୍ୟ ତୁଲାଇଥିଲେ। ସମସ୍ତ ବିଭାଗର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ଆସନ୍ତା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶେଷରେ ଶିକ୍ଷକ ଜୟଦେବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସବ୍‌ଜୋନ୍ ସ୍ତରୀୟ ଫୁଟବଲ ପ୍ରତିଯୋଗିତା

**ଝାରସୁଗୁଡ଼ା, ୧୨।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଛୁଆଲିବେର୍ଣ୍ଣା ନରସିଂହ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଛାତ୍ରମାନଙ୍କ ମନୋନୟନ ଉଦ୍ଦେଶ୍ୟରେ ବେଲପାହାଡ ସବଜୋନ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମିର୍ଦ୍ଧାଡେରା ସନରାଇଜ୍ କ୍ଲବ୍‌ର ସଭାପତି ମନବୋଧ ଭଇଁସାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନରସିଂହ ଉଚ୍ଚ ବିଦ୍ୟାଳୟ ଛୁଆଲିବେର୍ଣ୍ଣା, ବିଆର ଉଚ୍ଚ ବିଦ୍ୟାଳୟ ବେଲପାହାଡ ଓ ପିଏମ୍‌ଶ୍ରୀ ଜିଏଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡ ଏହିଭଳି ୩ ଟି ବିଦ୍ୟାଳୟର ମୋଟ ୪୫ ଜଣ ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣ ଛାତ୍ର ଆସନ୍ତା ମଙ୍ଗଳବାର ପିପିଲିମାଲ ଠାରେ ଆୟୋଜିତ ହେବାକୁଥିବା ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜନ୍ମଜୟ ବାଦି, ମଙ୍ଗଳ ଡିଗି ଓ ଅରୁଣ ପାଢ଼ୀ ରେଫରୀର ଦାୟିତ୍ୱ ତୁଲାଇଥିବା ବେଳେ କ୍ରୀଡ଼ା ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ, ଦେବେନ୍ଦ୍ର ବେହେରା ଓ ଲୋଚନ କାଣ୍ଡରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ସକାଳ THE SAKALA



# ବିଭିନ୍ନ ମୌଳିକ ସମସ୍ୟା ନେଇ ସ୍ୱର ଉଠାଇଲା ସମ୍ବଲପୁର ସଂଗ୍ରାମ ସମିତି

**ସମ୍ବଲପୁର, ୧୨।୧୦ (ସମିସ)**

ସ୍ଥାନୀୟ ନାରୀସେବା ସଦନ ଠାରେ 'ସମ୍ବଲପୁର ସଂଗ୍ରାମ ସମିତି'ର ପ୍ରଥମ କର୍ମଶାଳା କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଛି। ସମ୍ବଲପୁର ମହାନଗର ବସ୍ତିବାସିନ୍ଦା ମହାସଂଘ, ସମ୍ବଲପୁର ମହାନଗର ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ସମିତି ଓ ଯୁବ ସମ୍ବଲପୁର ଦ୍ୱାରା ତଥା ସମ୍ବଲପୁର ମହାନଗରର ସାମାଜିକ କର୍ମକର୍ତ୍ତା ଓ ସଚେତନ ନାଗରିକଙ୍କ ପୃଷ୍ଠପୋଷକତ୍ୱରେ 'ସମ୍ବଲପୁର ସଂଗ୍ରାମ ସମିତି' ଗଠନ କରାଯାଇଛି। ଏହି ସଂଗଠନ ସମ୍ବଲପୁରର ସ୍ୱାଭିମାନ, ସମ୍ବଲପୁରର ମା', ମାଟି ଓ ମଣିଷର ହକ୍ ଅଧିକାର ନିମନ୍ତେ ଲଢ଼େଇ କରିବ। ସମ୍ବଲପୁର ମହାନଗର ଅଧୀନ ୪୧ଟି ୱାର୍ଡରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ସମ୍ବଲପୁର ସଂଗ୍ରାମ ସମିତିର ପ୍ରଥମ କର୍ମଶାଳାରେ ଯୋଗ ଦେଇଥିଲେ।

ସମ୍ବଲପୁର ସଂଗ୍ରାମ ସମିତିର ମୁଖ୍ୟ ପୃଷ୍ଠପୋଷକ ଓ ଉପଦେଷ୍ଟା ଭାବେ ବରିଷ୍ଠ ନେତା ଇଂ. ସିଦ୍ଧାର୍ଥ ଦାସ ରହିଥିବାବେଳେ ସମ୍ବଲପୁର ସଂଗ୍ରାମ ସମିତିର ସଭାପତି ଭାବେ ବରିଷ୍ଠ ନେତା ଦେବେନ୍ଦ୍ର କିଶୋର ପତି ମନୋନୀତ ହୋଇଛନ୍ତି। ସମ୍ବଲପୁର ସଂଗ୍ରାମ ସମିତିର କାର୍ଯ୍ୟକାରୀ ସଭାପତି ଭାବେ କବିତା ପୁରୋହିତ, ସୁଶାନ୍ତ ପାଣିଗ୍ରାହୀ (ବୁଲୁ ବାବୁ), ଅଶୋକ ମହାକୁର, ଦିଲୀପ ଦାଶ, ଶୋଭନ ପଟ୍ଟନାୟକ, ନିଶାନ୍ତ ଦୀକ୍ଷିତ ରହିଛନ୍ତି। ଉପସଭାପତି ଭାବେ ଶ୍ରୀ ଲିଙ୍ଗରାଜ ତ୍ରିପାଠୀ (ରାଜୁ), ରାଜେଶ ଗୁପ୍ତା, ସୁଶାନ୍ତ ଡନସନା, ସୀତାକାନ୍ତ ପଣ୍ଡା, ନାସିର ଖାଁ, ରଚିନ୍ଦ୍ର କୁଅଁର ମନୋନୀତ ହୋଇଥିଲାବେଳେ ସାଧାରଣ ସମ୍ପାଦକ (ସଂଗଠନ) ଇଂ. ଦୀନେଶ ସେଠ, ସାଧାରଣ ସମ୍ପାଦକ (ଗଣମାଧ୍ୟମ ତଥା ପ୍ରବକ୍ତା) ଇଂ. ନିଶିଥ ଆକାଶ, ସାଧାରଣ ସମ୍ପାଦକ (ମହିଳା ଏସ୍‌ଏଚ୍‌ଜି) ମିତାଲି ସାହୁ, ସାଧାରଣ ସମ୍ପାଦକ (ବସ୍ତିବାସିନ୍ଦା ସଂଯୋଜନା) ରାଖୀ ମୁଣ୍ଡା, ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ଯାମିନୀ ବହିଦାର, ସାଧାରଣ ସମ୍ପାଦକ (ସଂଖ୍ୟାଲଘୁ ବ୍ୟାପାର) ଜଲ୍‌ଫିକର




ଅଲି ଭୁଟ୍ଟୋ, ସାଧାରଣ ସମ୍ପାଦକ (କ୍ରୀଡ଼ା ଓ ବସ୍ତିବାସିନ୍ଦା) ବିନୋଦ ଟପ୍ପୋ, ସାଧାରଣ ସମ୍ପାଦକ (ଛାତ୍ର ବ୍ୟାପାର) ଅଭିନାଶ ବେହେରା ମନୋନୀତ ହୋଇଛନ୍ତି। ସମ୍ପାଦକ ଭାବେ ଭରତ ସୁନା, ଧରତୀ ଛତ୍ରପାଲ, ଦିବ୍ୟଜ୍ୟୋତି ଦାନୀ, ମହମ୍ମଦ ସୋହେବ, ଏତୁଆ ଖଡ଼ିଆ, ସୁବର୍ଣ୍ଣ ନାୟକ, ଅଭିମନ୍ୟୁ ରାଉତ, ଲଳିତା କୁମାରୀ, ଆଇନଜୀବୀ ଦେଓନିଶ ଲୁଗୁନ ମନୋନୀତ ହୋଇଛନ୍ତି। ଏଡଭୋକେଟ ସିଦ୍ଧାର୍ଥ ଶଙ୍କର ମିଶ୍ରଙ୍କୁ ଆର୍.ଟି.ଆଇ ସେଲ୍‌ର ଚେୟାରମ୍ୟାନ ଭାବେ ଦାୟିତ୍ୱ ଦିଆଯାଇଛି।

ସମ୍ବଲପୁର ସଂଗ୍ରାମ ସମିତିର ପ୍ରଥମ କର୍ମଶାଳାରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଛି। ତନ୍ମଧ୍ୟରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ୩୧ ଜାନୁଆରୀ ୨୦୨୬ ମଧ୍ୟରେ କରାଯାଉ ନଚେତ୍ ଏହି ମହାନଗର ନିଗମକୁ ଭାଙ୍ଗିଦିଆଯାଇ ପୂର୍ବାବସ୍ଥାକୁ ଫେରାଇ ଅଣାଯାଉ। ଏହି ମହାନଗରରେ ମିଶିଥିବା ୧୨ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଭାବରେ ଅବହେଳିତ। ମହାନଗରରେ ରକ୍ଷଣାବେକ୍ଷଣ, ସଡ଼କ, ନାଳ ଓ ପାନୀୟଜଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିଫଳ। ଆଗାମୀ ଦୁଇମାସ ମଧ୍ୟରେ ସମ୍ବଲପୁର ମହାନଗରର ସମସ୍ତ ନାଳ, ରାସ୍ତା ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥାର ପ୍ରବନ୍ଧନ, ସମସ୍ତ ରାସ୍ତାରେ ଷ୍ଟ୍ରିଟ ଲାଇଟ୍‌ର ପ୍ରବନ୍ଧନ କରାନହେଲେ ଜାନୁଆରୀ ୨୦୨୬ରୁ ଆନ୍ଦୋଳନ କରାଯିବ। ବିଗତ ସରକାର ସମୟରେ ସମ୍ବଲପୁର ମହାନଗରର ୪୧ଟି ୱାର୍ଡରେ ସର୍ଭେ କରାଯାଇ ପ୍ରାୟ ୪୦ ହଜାର ବାସହୀନ ପରିବାରଙ୍କୁ ଭୂମି ଅଧିକାର ସତ୍ତ୍ୱ ବା ଏଲ.ଆର.ସିରେ ସାମିଲ କରାଯାଇଥିଲା ସେମଧ୍ୟରୁ କେବଳ ପ୍ରାୟ ୧୨ହଜାର ଜଣଙ୍କୁ ନିର୍ବାଚନ ଆଗରୁ ଏଲ.ଆର.ସି ବା ଭୂମି ଅଧିକାର ସତ୍ତ୍ୱ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କୁ ଅବିଳମ୍ବେ ଏହା ବଣ୍ଟନ କରାଯାଉ। ବୁର୍ଲାରେ ଯୋଉମାନଙ୍କର ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଉଚ୍ଛେଦ କରାଯାଇଥିଲା, ସେମାନଙ୍କୁ ବିକଳ୍ପ ସ୍ଥାନ ଯୋଗାଇ ଦେବାର ସରକାରୀ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ବୁର୍ଲା ଭିମସାରକୁ ଏମ୍ସ ଢାଞ୍ଚାରେ ସମ୍ପୂର୍ଣ୍ଣ ସ୍ୱୟଂଶାସିତ ଓ ବିକଶିତ କରାଯାଉ। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମ୍ସର ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା କରାଯାଉ। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ। ପୂର୍ବ ସରକାରଙ୍କ ସମୟରେ ସମ୍ବଲପୁର ଭିଏସଏସ ଷ୍ଟାଡିୟମର ବିକାଶ ନିମନ୍ତେ ହୋଇଥିବା ପରିକଳ୍ପନାକୁ ଅବିଳମ୍ବେ ଚାଲୁ କରିବା ସହ ମହାନଦୀର ଅପରପାର୍ଶ୍ୱରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ମଦଲିଆ ଖେଳପଡ଼ିଆର ବିକାଶ ଓ କାଇଁଶୀରଠାରେ ଏକ ମିନି ଷ୍ଟାଡିୟମ କରାଯାଉ। ହୀରାକୁଦ ଓ ବୁର୍ଲା ମଧ୍ୟରେ ଏକ ପ୍ରକଳ୍ପିତ ସେତୁ ତଥା ବୁର୍ଲାଠାରୁ ପ୍ରକଳ୍ପିତ ଦ୍ୱିତୀୟ ରିଂରୋଡର ନିର୍ମାଣ ଅବିଳମ୍ବେ ସମ୍ପୂର୍ଣ୍ଣ କରାଯାଉ। ହିଣ୍ଡାଲ୍‌କୋ ପକ୍ଷରୁ ତାଙ୍କର ହୀରାକୁଦ ପ୍ଲାଣ୍ଟ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ମାଲ ପରିବହନ ପଥ ନିର୍ମାଣ କରାଯାଉ। ସମ୍ବଲପୁର ଜିଲ୍ଲାରେ ଥିବା ସମସ୍ତ ବୃହତ ଶିଳ୍ପାନୁଷ୍ଠାନରେ ୧୦୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ଦିଆଯାଉ। ବାହାରିଆ ଠିକାଦାର-ଟ୍ରାନ୍ସପୋର୍ଟର ମାନଙ୍କୁ ହଟାଯାଉ। ଏହି ସମସ୍ତ ପ୍ରସଙ୍ଗ ଉପରେ ସମ୍ବଲପୁର ସଂଗ୍ରାମ ସମିତି ଆଗାମୀ ଦିନରେ ବ୍ୟାପକ ଅଭିଯାନ ଆରମ୍ଭ କରିବ।

## ୬୩୦ ଫୁଟ୍‌ରେ ହୀରାକୁଦ ଜଳସ୍ତର

**ସମ୍ବଲପୁର, ୧୨।୧୦ (ସମିସ) :** ପୂର୍ଣ୍ଣଗର୍ଭା ହୋଇଛି ହୀରାକୁଦ ଜଳଭଣ୍ଡାର। ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ରହିଛି ଜଳସ୍ତର। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଛନ୍ତି। ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିଭଳି ମୋଟ ୩ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୫, ୫୩୧ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯, ୩୨୦ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୬୦୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪, ୩୭୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୮, ୦୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୪, ୮୩୫ ଘନଫୁଟ, ଖଇରମାଲଠାରେ ୧, ୨୪, ୦୦୦ ଘନଫୁଟ, ବାରମୁଲଠାରେ ୧, ୦୫, ୦୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୧, ୫୮, ០୬୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୬୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୦୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୯୩ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ସମ୍ବଲପୁରୀ କବିତା ସଂକଳନ ଇ'ଖେପି ଉନ୍ମୋଚିତ




**ସମ୍ବଲପୁର, ୧୨।୧୦ (ସମିସ) :** କଲମ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ସଭାରେ କବି ଲୋକନାଥ ନାଗଙ୍କ ସମ୍ବଲପୁରୀ କବିତା ସଂକଳନ ଇ'ଖେପି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡଃ ଶୁକମୁନି ମେହେର, ସମ୍ମାନିତ ଅତିଥି ଭାବରେ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବରେ କଳାପାଣି ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହନ ସାହୁ ଯୋଗ ଦେଇଥିଲେ। ସମ୍ପାଦକ କ୍ଷେତ୍ରମଣୀ ବିଭାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। 'କଲମ'ର ସଭାପତି ତଫିଜୁଲ ହୁସେନ ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ ଦେଇଥିବାବେଳେ ଡଃ ସୁଧାଂଶୁ ଷଣ୍ଢ କବିତା ସଂକଳନର ସମୀକ୍ଷା କରିଥିଲେ। ସ୍ରଷ୍ଟା କବି ଲୋକନାଥ ନାଗ ସାମାଜିକ ବ୍ୟବସ୍ଥାରେ ଜାତିପ୍ରଥା ଦ୍ୱାରା ମଣିଷ ଭିତରେ ଘଟିଯାଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବାଲ୍ୟକାଳରୁ ବିଭିନ୍ନସ୍ତରରେ ସାମ୍ନା କରିଆସିଥିବା ଘଟଣା ହିଁ ଏହି କବିତା ଲେଖିବା ପ୍ରେରଣା ଦେଇଛି ବୋଲି କହିଥିଲେ। ସଭାପରେ ବହୁଭାଷୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଉପଲକ୍ଷେ ଖାଦ୍ୟ ବଣ୍ଟନ

**ସମ୍ବଲପୁର, ୧୨।୧୦ (ସମିସ) :** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମାଜସେବୀ ତଥା ବିଜୁ ଜନତା ଦଳର ସଦସ୍ୟ ହର୍‌ଦିପ ସିଂ ଭୂର୍ଜି (ବବି)ଙ୍କ ସୌଜନ୍ୟତାରେ ମୁଦିପଡ଼ାସ୍ଥିତ ସମ୍ବଲପୁର ଜିଲ୍ଲା



ମୁଖ୍ୟ ଚିକିତ୍ସାଳୟରେ ଧନ୍ ଧନ୍ ଶ୍ରୀ ଗୁରୁ ତେଗବାହାଦୁର ଜୀଙ୍କ ୩୫୦ ତମ ସହିଦ ଦିବସକୁ ସମର୍ପିତ ଏବଂ ବିଜୁ ଜନତା ଦଳର 'ଜନ ସମ୍ପର୍କ ପଦଯାତ୍ରା' ଉପଲକ୍ଷେ ରୋଗୀମାନଙ୍କ ପରିଜନ ମାନଙ୍କୁ ବିଜୁ ଜନତା ଦଳ ସମ୍ବଲପୁରର ଶତାଧିକ ନେତୃବୃନ୍ଦ ଏବଂ ସଦସ୍ୟଙ୍କ ଉପସ୍ଥିତିରେ ମଧ୍ୟାହ୍ନ ଭୋଜନ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ସୁରୁବାବୁ ମେହେର, ବେଣୁଧର ଦାସ, ଏମ୍‌ଡି ସନାଉଲ୍ଲା, ପ୍ରଫୁଲ୍ଲ ଦାସ, ସତ୍ୟେନ୍ଦ୍ର ଦାସ, ସୁବାସ ଜେନା, ପ୍ରଶାନ୍ତ ଥାପା, ପ୍ରହଲ୍ଲାଦ ଗୁରୁ, ପ୍ରଦୋଷ ମହାନ୍ତି, ରୁଦ୍ର ଷଡ଼ଙ୍ଗୀ, ଦେବାଶିଷ ପରିଡ଼ା, ସିପ୍ରା ମହାନ୍ତି, ଉଷା ପ୍ରଧାନ, ସଂଯୁକ୍ତା ମେହେର, ସଙ୍ଗୀତା ସ୍ୱାଇଁ, ସୌରୀ ପାଣଗ୍ରାହୀ, ଶୁକେଶ ସିଂ, ଦୁଲାଲ ରାୟ, ଶେଷଦେବ ଗୁରୁ, ସନ୍ତୋଷ ମହାନ୍ତି, ଶୁଭେନ୍ଦୁ ସାହୁ, ଅନମୋଲ ଦାସ, ବୁବୁ ବେହେରା, ପ୍ରଶାନ୍ତ ନାୟକ, କାଳିଆ କୁସୁମ, ସୁଧାଂଶୁ ପୂଜାରୀ, ଗଣେଶ କରାଲି, ଫିରୋଜ ରାଜା, ତପନ ମେହେର, ସଞ୍ଜୟ ବର୍ମା, ଗୁରୁ ଚରଣ ସିଂ, ମୋହନ ସିଂ, ରଞ୍ଜିତ ସିଂ, ଭଗତ ସିଂ, ସୁନ୍ଦର ସିଂ, ପରମଜିତ କୌର, ନନ୍ଦିନୀ ପ୍ରଧାନ, ସୁଭାଷିନୀ ଓରାମ, ଅନିତା ଓରାମ, ପାର୍ବତୀ ସାହା, ସୁନନ୍ଦା ଚଇନି, ସରିତା ଦାସ, ମମତା ମହାନ୍ତି, ସବନା ବେଗମ, ମୁନି ବେଗମ, ଖତିଯା ବେଗମ, ପୂଜା ଦେବୀ, ମାମି ଆୟାନ, ଶିବପ୍ରିୟା ସାହୁଙ୍କ ସମେତ ବହୁସଂଖ୍ୟାରେ ନେତୃବୃନ୍ଦ ଏବଂ କର୍ମୀ ଉପସ୍ଥିତ ରହି ଭୋଜନ ବଣ୍ଟନ କରିଥିଲେ।

## ପଲ୍ସ ପୋଲିଓ ଟିକାକରଣ

**ସମ୍ବଲପୁର, ୧୨।୧୦ (ସମିସ) :** ସମ୍ବଲପୁର ଜିଲ୍ଲାରେ ରବିବାର ପଲ୍ସ ପୋଲିଓ ଟିକାକରଣ ଆରମ୍ଭ ହୋଇଛି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ



ପୋଲିଓ ଟୀକା ଦେଇ ସେମାନଙ୍କୁ ସୁରକ୍ଷିତ କରିବା। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏମ୍‌ସିଏଚ୍‌ଠାରେ ଡା. ସୁଧାଂଶୁ ଶେଖର ପଣ୍ଡାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସମାରୋହରେ ଡା. ପ୍ରମୋଦ ବିଶ୍ୱାଳ, ଡବ୍ଲୁଏଚ୍‌ଓ, ସର୍ଭିଲାନ୍ସ ମେଡିକାଲ ଅଫିସର ଡା. ଅବନୀନ୍ଦ୍ର ସାହୁ, ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଡିଏମ୍‌ଆର୍‌ସିଏଚ୍ ଭବାନୀ ଶଙ୍କର ସାହ ଏବଂ ଡିଆଇପିଆର୍‌ଓ ସଞ୍ଜୁକ୍ତା କୁଲ୍ଲୁ ଉପସ୍ଥିତ ଥିଲେ। ଜିଲ୍ଲାରେ ମୋଟ ୮୮୨ଟି ପଲ୍ସ ପୋଲିଓ ବୁଥ୍ ସ୍ଥାପିତ କରାଯାଇଛି। ଏହି ଅଭିଯାନରେ ୪୧ଟି ଟ୍ରାନଜିଟ୍ ଟିମ୍, ୨୧ଟି ମୋବାଇଲ୍ ଟିମ୍ ଏବଂ ୯୧ ଜଣ ସୁପରଭାଇଜରଙ୍କ ସହିତ ମୋଟ ୧୯୭୯ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ସୂଚନା ଅନୁଯାୟୀ ଯେଉଁ ଶିଶୁମାନେ ଆଜି ଟୀକା ନେଇନାହାନ୍ତି, ସେମାନଙ୍କୁ ୧୩ ଓ ୧୪ ତାରିଖ ଘରକୁ ଘର ଯାଇ ଚିକିତ୍ସା ଦଳ ପୋଲିଓ ଡ୍ରପ୍ ଦେବେ। ଚଳିତବର୍ଷ ସମ୍ବଲପୁର ଜିଲ୍ଲାର ବାମରା ବ୍ଲକରେ ୬୬୫୩ ଜଣ ଶିଶୁଙ୍କୁ ପୋଲିଓ ଟୀକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଧନକଉଡ଼ା ବ୍ଲକରେ ୩୬୨୪ ଶିଶୁ, ଜମନକିରା ବ୍ଲକରେ ୫୫୬୬ ଶିଶୁ, ଯୁଯୋମୁରା ବ୍ଲକରେ ୭୦୪୩ ଶିଶୁ, କୁଚିଣ୍ଡା ବ୍ଲକରେ ୩୮୦୯ ଶିଶୁ, କୁଚିଣ୍ଡା ଏସ୍‌ଡିଏଚ୍‌ରେ ୧୦୨୦ ଶିଶୁ, ମାନେଶ୍ୱର ବ୍ଲକରେ ୩୬୭୪ ଶିଶୁ, ନାକଟିଦେଉଳ ବ୍ଲକରେ ୫୫୭୦ ଶିଶୁ, ରେଢ଼ାଖୋଲ ବ୍ଲକରେ ୪୭୭୮ ଶିଶୁ, ରେଢ଼ାଖୋଲ ଏସ୍‌ଡିଏଚ୍‌ରେ ୧୩୨୭ ଶିଶୁ, ରେଙ୍ଗାଲି ବ୍ଲକରେ ୭୧୩୬ ଶିଶୁ ଏବଂ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୨୯୭୯୦ ଜଣ ଶିଶୁ ଏହିଭଳି ଜିଲ୍ଲାରେ ମୋଟ ୭୯୯୯୦ ଜଣ ଶିଶୁଙ୍କୁ ପୋଲିଓ ଟୀକା ଦିଆଯିବ ବୋଲି ଜଣାପଡ଼ିଛି।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ

**ଜମନକିରା, ୧୨।୧୦ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ସମାରୋହ ପାଳନ ଗୁଣ୍ଡୁରୁଚୁଆ ମଣ୍ଡଳର ସରେଇ ଗଜଲକ୍ଷ୍ମୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ



ନାଏକ, ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱର ବେହେରା ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ ସଭାପତି, ସମ୍ମାନୀତ ଅତିଥି ଭାବରେ ଡ. କାର୍ତ୍ତିକେଶ୍ୱର ପଧାନ, ଆରୋଗ୍ୟ ଭାରତୀ ସମ୍ପାଦକ ଓ ସଂଘ ସଞ୍ଚାଳକ ଯୋଗ ଦେଇଥିଲେ। ମନୋଜ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଅନୀଲ କୁଅର, ପିଣ୍ଟୁ ମଟାରି, ପପୁନ ନାଗ, ରିଶବ ପଟେଲ, କପିଳାସ ମଟାରୀ, ହେମନ୍ତ ବନଛୋର, ବିଜୟ କୁଅଁର ପ୍ରମୁଖ ସହଯୋଗ କରିଥିଲେ।

## ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନର କାର୍ଯ୍ୟକାରିଣୀ ବୈଠକ

**ଜମନକିରା, ୧୨।୧୦ (ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସମ୍ମିଳନୀକକ୍ଷରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସାମ୍ବାଦିକ ୟୁନିଅନର ପୂର୍ବତନ ସାଧାରଣ ସମ୍ପାଦକ ତଥା ଟ୍ରିବୁନାଲ ଅଧ୍ୟକ୍ଷ ଅଶୋକ ନନ୍ଦ ମୁଖ୍ୟ ଅତିଥି ଓ ମିଶ୍ର, ସମ୍ପାଦକ ମନୋଜ ରାଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାଏକ ଓ ବରିଷ୍ଠ ସାମ୍ବାଦିକ ହରିହର ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। କୁଚିଣ୍ଡା, ଜମନକିରା, ରେଢ଼ାଖୋଲ, ନାକଟିଦେଉଳ, ଯୁଯୁମୁରା, ରେଙ୍ଗାଲି, ଧନକଉଡ଼ା, ମାନେଶ୍ୱର ଓ ବାମରା ବ୍ଲକର ସଦସ୍ୟମାନେ ଯୋଗଦେଇଥିଲେ। ଟୋଲ ଗେଟ୍‌ରେ ସାମ୍ବାଦିକଙ୍କ ନିଶୁଳ୍କ ପ୍ରବେଶ ଦାବିନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି ହୋଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ସୁଶିଲ କର, ବିରଞ୍ଚି ଦର୍ଜୀ, ଜୈନେନ୍ଦ୍ର ଚୌଧୁରୀ ଓ ଗଣନାଥ ମହାପାତ୍ରଙ୍କୁ ସମ୍ମାନିତ




ଓୟୁଜେ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ଓ ସ୍ୱାସ୍ଥ୍ୟ ବୀମାରେ ପିତା ମାତାଙ୍କୁ ସାମିଲ କରିବା ପାଇଁ ଏହି ବୈଠକରେ ଦୃଢ଼ ଦାବି ହୋଇଥିଲା। ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ଶରତ ପ୍ରଧାନ ବିବରଣୀ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ହେମନ୍ତ ରାଉତ ଆୟବ୍ୟୟ ଉପସ୍ଥାପନ କରିଥିଲେ। ବାମରା ବ୍ଲକ ୟୁନିଟ୍ ସଦସ୍ୟ କ୍ଷୀରୋଦ ସା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବାମରା ବ୍ଲକ ସଭାପତି ସନ୍ତୋଷ ଶୁକ୍ଳା ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଦିନେଶ ମାହାନା, ସତୀଶ କରାଯାଇଥିଲା। ଜମନକିରା ବ୍ଲକ ସଭାପତି କ୍ଷିତିରଞ୍ଜନ ପଧାନ, ରେଢ଼ାଖୋଲ ବ୍ଲକ ସଭାପତି ପ୍ରସନ୍ନ ପଧାନ, ନାକଟିଦେଉଳ ବ୍ଲକ ସଭାପତି କନ୍ଦର୍ପ ବେହେରା, ରେଙ୍ଗାଲି ବ୍ଲକ ସଭାପତି ମନୋଜ ମୁଦୁଲି, କୁଚିଣ୍ଡା ବ୍ଲକ ସଭାପତି ଦିନେଶ ନନ୍ଦ, ମାନେଶ୍ୱର ବ୍ଲକ ସଭାପତି ଭଗବାନ ପୁରୋହିତ, ଯୁଯୁମୁରା ବ୍ଲକ ସଭାପତି ରାଧାମୋହନ ଷଡ଼ଙ୍ଗୀ, ବାମରା ବ୍ଲକ ସମ୍ପାଦକ ସୁଧୀର ରାଏ ରିପୋର୍ଟ ଉପସ୍ଥାପନ କରିଥିଲେ। ବାମରା ବ୍ଲକ ସାମ୍ବାଦିକ ୟୁନିଅନର ପ୍ରମୋଦ ଦୀକ୍ଷିତ, ସୁରେଶ ଘୋଷ ପ୍ରମୁଖ ସହଯୋଗ କରିଥିଲେ। ରାଜା ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକସେବା ଦଳର ଚାରାରୋପଣ

**ସମ୍ବଲପୁର, ୧୨।୧୦ (ସମିସ) :** ପରିବେଶ ସୁରକ୍ଷା ଓ ହରିତ୍‌କରଣ ପ୍ରତି ସଚେତନତା ବୃଦ୍ଧି ପାଇଁ ଆଜି ଲୋକସେବା ସମ୍ବଲପୁର ଦଳ ଦ୍ୱାରା ଇକୋ ପାର୍କ, ସମ୍ବଲପୁରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଲୋକ, ଯୁବ ତଥା ପରିବେଶ ପ୍ରେମୀଙ୍କ ସହଭାଗିତା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଲୋକସେବା ସମ୍ବଲପୁର ଦଳର ସଦସ୍ୟ ମାସୁଦ ଆଲମ, ସାହିଲ ଦାସ, ସୁଶାନ୍ତ କେୱଟ୍, ବିକାଶ ରାଣା, ଗୋପରଞ୍ଜନ କୁମ୍ଭାର, ଏସ୍‌କେ ଫୈଜାନ, ନୂରାନୀ, ଗୁଲଜାର ଓ ଜ୍ୟୋତିରାଦିତ୍ୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## 'ସେତୁ'ର ସ୍ୱନକ୍ଷତ୍ର ଦିବସ ଓ ସାଧାରଣ ପରିଷଦ ବୈଠକ

**ସମ୍ବଲପୁର, ୧୨।୧୦ (ସମିସ) :** ସମ୍ବଲପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେତୁ'ର ୨୮ତମ ସ୍ୱନକ୍ଷତ୍ର ଦିବସ ଏବଂ ସାଧାରଣ ପରିଷଦ ବୈଠକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି। ସ୍ୱନକ୍ଷତ୍ର ଦିବସ



ଅବସରରେ ଯୁଗ୍ମ ସମ୍ପାଦିକା ଗୀତାରାଣୀ ମିଶ୍ର ଓ ଅନନ୍ୟା ବେହେରାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏହାପରେ ସଭାପତି ଡ. ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ସମ୍ପାଦକ ସୁକାନ୍ତ କୁମାର କର ଗତବର୍ଷ ବିବରଣୀ ତଥା କାର୍ଯ୍ୟକାରିଣୀର ଉପଲବ୍ଧି ବିଷୟରେ ଉଲ୍ଲେଖ କରିଥିଲେ। କୋଷାଧ୍ୟକ୍ଷ ରବିନାରାୟଣ ପ୍ରଧାନ ୨୦୨୪-୨୫ର ଆୟବ୍ୟୟ ଅଡିଟ୍ ହିସାବ ଏବଂ ୨୦୨୫-୨୬ର ବଜେଟ୍ ଉପସ୍ଥାପନ କରିଥିଲେ। ଏହାପରେ କାର୍ଯ୍ୟକାରିଣୀକୁ ଭଙ୍ଗ କରାଗଲା। ନୂତନ କାର୍ଯ୍ୟକାରିଣୀ ଗଠନ ପ୍ରକ୍ରିୟାରେ ବରିଷ୍ଠ ସଭ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତି ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବାବେଳେ ବିଦ୍ୟାର୍ଣ୍ଣ ପଣ୍ଡା ସହଯୋଗ କରିଥିଲେ। ସଭାପତି ଭାବେ ଡଃ ମୀନକେତନ ପାଠୀ ଓ କୋଷାଧ୍ୟକ୍ଷ ଭାବେ ରବିନାରାୟଣ ପ୍ରଧାନ ପୁନଃ ମନୋନୀତ ହୋଇଛନ୍ତି। ନୂତନ ଉପସଭାପତି ଭାବେ ଡଃ କାମଦେବ ସାହୁ, ସମ୍ପାଦକ ଭାବେ ହରିନାରାୟଣ ପଣ୍ଡା ଏବଂ ଯୁଗ୍ମ ସମ୍ପାଦକ ଭାବେ ସରୋଜ କୁମାର ମିଶ୍ର ଓ ଡ. ସ୍ୱୟଂପ୍ରକାଶ ପଣ୍ଡାଙ୍କୁ ମନୋନୟନ କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଡା. ରମାବଲ୍ଲଭ ମିଶ୍ର, ଡଃ ଶଙ୍କର ପ୍ରସାଦ ପତି, ଡଃ ପ୍ରସନ୍ନ କୁମାର ମିଶ୍ର, ସୁକାନ୍ତ କୁମାର କର, ଜୟକୃଷ୍ଣ ବେହେରା, ଗୀତାରାଣୀ ମିଶ୍ର, ଡଃ ସିଦ୍ଧାର୍ଥ ପଣ୍ଡା, ଦେବାର୍ଚ୍ଚନ ଠାକୁର, ଇଂ. ସୁଶାନ୍ତ କୁମାର ଗୁରୁ ଓ ସୁବ୍ରତ ପଟ୍ଟନାୟକ ରହିଛନ୍ତି। ପୁନଃମନୋନୀତ ସଭାପତି ଡଃ ପାଠୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ପ୍ରକାଶ କରିବାସହ 'ସେତୁ' ପୂର୍ବଭଳି ସାମାଜିକ ଦାୟିତ୍ୱବୋଧ ସହ ଶିକ୍ଷା ଓ ଶିକ୍ଷଣ କ୍ଷେତ୍ରରେ କାର୍ଯ୍ୟ ଜାରି ରଖିବ ବୋଲି କହିଥିଲେ। ନୂତନ ସମ୍ପାଦକ ଶ୍ରୀ ପଣ୍ଡା 'ସେତୁ'ର କାର୍ଯ୍ୟ ପରିସର ଅଧିକରୁ ଅଧିକ ସମାଜ ସହ ଜଡ଼ିତ ହେବ ବୋଲି କହିବାସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଦାୟୀ ସମ୍ପାଦକ ସୁକାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୧୨।୧୦ (ସମିସ)**

ମା' ସମଲେଶ୍ୱରୀଙ୍କ ମହିମା ଓ ଭକ୍ତି ସଙ୍ଗୀତର ସ୍ୱରରେ ରବିବାର ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଭକ୍ତିମୟ ପରିବେଶରେ ଭରିଯାଇଥିଲା। ମା'ଙ୍କ ମହିମାଗାନରେ ଭକ୍ତମାନେ ଲୀନ ହୋଇ ଯାଇଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଆୟୋଜନ କରାଯାଇଥିବା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ କୁମାର ଆଜମେରିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ବିଶ୍ୱେଷ ପଣ୍ଡାଙ୍କ



'ଝିପଝିପି ବରଷାରେ ଯା' ନା ଲୋ ମନ୍ଦିର', ପ୍ରଣତି ମିଶ୍ରଙ୍କ 'ସିଂହବାହିନୀ ଶକ୍ତି ପ୍ରଦାୟିନୀ ମାଁ', ଶ୍ରୀକାନ୍ତ ବାରିକଙ୍କ 'ମା ତୁମେ ଜଗତର ସାହା ଭରସା' ଓ ରୀତା ମିଶ୍ରଙ୍କ 'ମାଁଲୋ ମହିମାମୟୀ ଆଶିଷଦାୟିନୀ' ଶ୍ରୋତାଙ୍କୁ ଭକ୍ତିରସରେ ପ୍ଲାବିତ କରିଥିଲା। ରାଜକୁମାର ଜାଲ, ବିଶ୍ୱେଷ ପଣ୍ଡା, ଚେତନାମୟୀ ବେହେରା, ପ୍ରୀତିନନ୍ଦା ମିଶ୍ର, ପ୍ରଣତି ମିଶ୍ର, ରୀତା ମିଶ୍ର, ସ୍ୱାଗତ ମହାପାତ୍ର, ସୁଧାଂଶୁ ଜାଲ, ଈଶ୍ୱରୀ ବେହେରା ପ୍ରମୁଖ ଗୀତ ପରିବେଷଣ କରିଥିଲେ। ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ ନୀତିଶ ଗୁରୁ, ଗୌରବ ମହାନନ୍ଦ, କେଶବ ତାନ୍ତି, କାହ୍ନା ହରିପାଲ, ନକୁଳ ମହାନନ୍ଦ, ଦେବାଶିଷ ପାଢ଼ୀ, ଭାଗିରଥୀ ସିଂଦେଓ, ସୁରେନ୍ଦ୍ର ବାଗ, ଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ। ଗୁରୁ ତ୍ରିଲୋଚନ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମାନସ କୁମାର ମିଶ୍ର ଉପସ୍ଥାପନା କରିଥିଲେ। ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ନିୟମିତ ଭାବେ 'ଭଜନ ସନ୍ଧ୍ୟା' ଆୟୋଜନ କରାଯିବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି।

## ବରଗଡ଼ ଜିଲ୍ଲା ଅଲ୍ ସୋସିଆଲ ମିଡିଆର ଜରୁରୀ ବୈଠକ




ଜରିଆରେ ଆସନ୍ତା ନଭେମ୍ବର ମାସ ୧୬ ତାରିଖରେ ପ୍ରଥମ ଥର ପାଇଁ ବରଗଡ଼ରେ କ୍ରିଏଟର ମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ୫୦୦୦ରୁ ଉର୍ଦ୍ଧ୍ୱ ଫଲୋଅର୍ସ ଥିବା କ୍ରିଏଟର ମାନେ ୫୦୦ ଟଙ୍କା ଦେଇ ଯୋଗଦେଇ

**ବରଗଡ଼, ୧୨।୧୦(ସମିସ):** ବରଗଡ଼ ଡିଷ୍ଟ୍ରିକ ଅଲ ସୋସିଆଲ ମିଡିଆ କ୍ରିଏଟର ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ବରଗଡ଼ର କ୍ରିଏଟର ମାନଙ୍କ ଦ୍ୱାରା ଏହି ସାମ୍ବାଦିକ ସମ୍ମିଳନୀ ପାରିବେ ବୋଲି ସୂଚନା ରହିଛି। ସାମ୍ବାଦିକ ସମ୍ମିଳନୀରେ ମୁନ୍ନା ସାହୁ, ଟ୍ୱିଙ୍କଲ ମଣ୍ଡଳ, ରିତୁ ପିପଲାନି ସାନନ, ସ୍ନେହା ନାୟକ, ପପୁନ ଷଡଙ୍ଗୀ, ଦ୍ୟୁତି କ୍ରିଷ୍ଣା ଦାସ, ଜ୍ଞାନରଞ୍ଜନ ସାହୁ, ଆକାଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ସଭା

**ସମ୍ବଲପୁର, ୧୨।୧୦ (ସମିସ) :** ସମ୍ବଲପୁରରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୩ତମ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ଗୋକୁଳ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପସ୍ଥିତ ବ୍ୟକ୍ତିମାନେ ଜୟପ୍ରକାଶ ନାରାୟଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସଭାରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଓ ଶ୍ରମିକ ନେତା ଗଦାଧର କୁଅଁର ଲୋକନାୟକ ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଉପରେ ଆଲୋକପାତ କରଥିଲେ। ରାଧାକାନ୍ତ ବହିଦାର, ମହମ୍ମଦ ସନଉଲ୍ଲା, କବିତା ପୁରୋହିତ, ଅଶୋକ ପଟେଲ, ବିଜୟ ଅଜମେରିଆ, ତ୍ରିନାଥ ରଣବିଡା, ବାଲ୍ମିକୀ ନାୟକ, ମାନଭଞ୍ଜନ ପଶାୟତ, ସୁକେଶ ସିଂ, ବିଜୟ ସାହୁ ପ୍ରମୁଖ ଯୋଗଦେଇ ଲୋକନାୟକଙ୍କ ସ୍ମୃତିଚାରଣ କରିଥିଲେ।

# ନବୀନ ଜୈନଙ୍କ ପିଛା ଛାଡୁନି ବିବାଦ

**ବଲାଙ୍ଗିର/ଟିଟିଲାଗଡ଼, ୧୨।୧୦(ସମିସ)**

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସହରର ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଓ ତାଙ୍କ ସ୍ତ୍ରୀଙ୍କୁ ବ୍ଲାକମେଲ ଘଟଣାରେ ଦିନିକିଆ ରିମାଣ୍ଡରେ ଯାଇଥିବା ବିଜେପି ନେତା ଅଙ୍କର ଅଗ୍ରୱାଲଙ୍କ ଅବଧି ସରିଛି। ପୁଲିସ ଅଙ୍କୁରକୁ ବିଭିନ୍ନ ସଙ୍ଗିନ ମାମଲାରେ ପଚରାଉଚୁରା କରିଛି। ଅଙ୍କୁର ପଛରେ ସ୍ଥାନୀୟ ବିଧାୟକ ନବୀନ ଜୈନଙ୍କ ଆଶୀର୍ବାଦ ରହିଥିବା ଆଲୋଚନା ହେଉଛି। ଏନେଇ ଟିଟିଲାଗଡ଼ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ଅଭିଯୋଗ କରିବା ସହ ତାଙ୍କ ଗିରଫ ଦାବି କରିଥିଲେ। ଏମିତିରେ ଏହି ବିବାଦୀୟ ବିଧାୟକଙ୍କ ବିବାଦ ତାଲିକା ବେଶ ଲମ୍ବା; ଯାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାର ବିଭିନ୍ନ ରାଜନୈତିକ ଦୃଷ୍ଟିକୋଣକୁ ନେଇ ମଧ୍ୟ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି।

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବିଧାନସଭା ଆସନରୁ ଗତ ସାଧାରଣ ନିର୍ବାଚନରେ ବିଜେପିର ନବୀନ ଜୈନ ବିଜୟୀ ହୋଇଥିଲେ। ସେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ତାଙ୍କ ପଛରେ ବିବାଦ ଲାଗିରହିଛି। ଗତ ନଭେମ୍ବର ମାସରେ ବିଧାୟକ ଶ୍ରୀ ଜୈନଙ୍କ ଶଳାଭାଉଜ ନିର୍ଯାତନା ଅଭିଯୋଗ ଆଣିଥିଲେ। କୁଆଡେ ବିଧାୟକ ଶ୍ରୀ ଜୈନ ତାଙ୍କ ଶାଳକଙ୍କ ବିବାହ ଜଣେ ନାବାଳିକାଙ୍କ ସହ କରାଇଥିଲେ। ପରେ ତାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ଏଣୁ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଉପରେ ଚାପ ପକାଇ ବିଧାୟକ ନିଜ ଶଳାକୁ ସୁରକ୍ଷା ଦେଇଥିବା ମହିଳା ଜଣକ ଅଭିଯୋଗ କରିଥିଲେ। ସେହିପରି କିଛି ମାସ ପୂର୍ବରୁ ଶ୍ରୀ ଜୈନ ଆଉ ଏକ ବିବାଦ ସୃଷ୍ଟି କରିଥିଲେ। ସିଧାସଳଖ ଦଳୀୟ ସାଂସଦଙ୍କ ବିରୋଧରେ ସେ ବିଷୋଦଗାର କରିଥିଲେ। ଏଏକ ସମୀକ୍ଷା ବୈଠକରେ ଯୋଗଦେବାକୁ ଆସିଥିବା ମନ୍ତ୍ରୀଙ୍କ ଆଗରେ ଶ୍ରୀ ଜୈନ ଦଳ ଭିତରେ ଥିବା କନ୍ଦଳ ବିଷୟ ସାମ୍ନାକୁ ଆଣିଥିଲେ। ତାଙ୍କର ଓ ସାଂସଦଙ୍କ ଭିତରେ ଥିବା ମନୋମାଳିନ୍ୟ ଲୋକଙ୍କ ସାମ୍ନାକୁ ଆଣିଥିଲେ। ବିଧାୟକଙ୍କ ଏହିଭଳି ବ୍ୟବହାରକୁ ନେଇ କର୍ମୀ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଏବେ ଆଉ ଏକ ସଙ୍ଗିନ ବିବାଦରେ ଶ୍ରୀ ଜୈନ ଛନ୍ଦି ହୋଇଛନ୍ତି। ତାଙ୍କ ପୁଅଙ୍କ ଘନିଷ୍ଠ ବନ୍ଧୁ ତଥା ବିଧାୟକଙ୍କ ସବୁକିଛି କାରବାର ବୁଝୁଥିବା ଅଙ୍କୁର ଅଗ୍ରୱାଲ ଗିରଫ ହେବା ପରେ ଶ୍ରୀ ଜୈନଙ୍କ କାର୍ଯ୍ୟକଳାପକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ଅଙ୍କୁର ନାମରେ ହତ୍ୟା ଉଦ୍ୟମ, ନକଲି ସିମ ବ୍ୟବହାର କରି ବ୍ଲାକମେଲ ଅଭିଯୋଗ ହୋଇଛି। ଅଙ୍କୁର ବିଧାୟକଙ୍କ ଛତ୍ରଛାୟାରେ ରହି ଏହି ସବୁ କାରବାର ଚଳାଇଥିବା ବିଜେଡି ଅଭିଯୋଗ କରିଛି। କେବଳ ଏତିକି ନୁହେଁ; ଶ୍ରୀ ଜୈନ ବିଧାୟକ ହେବା ପରେ ତାଙ୍କ ଛତ୍ରଛାୟାରେ ରହି ଅଙ୍କୁର ଧମକଚମକ ଦେବା, ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିଥିବା ନେଇ ଆଲୋଚନା ହେଉଛି। ବିଧାୟକ ଶ୍ରୀ ଜୈନଙ୍କ ନାମରେ ମଧ୍ୟ ପୂର୍ବରୁ ଅନେକ ଜମି ଓ ବ୍ୟବସାୟିକ ବିବାଦ ରହିଛି। ତେବେ ଏହି ବିବାଦୀୟ ବିଧାୟକଙ୍କ ଏକାନ୍ତ ଅନୁଗତଙ୍କ ଏହିଭଳି ଅପରାଧିକ କାର୍ଯ୍ୟକଳାପ ଓ ପୁଲିସ ଏହି ମାମଲାକୁ ଅଧିକ ଗୁରୁତ୍ୱ ଦେଇ ଛାନଭିନ ଚଳାଇବା ପଛରେ ମଧ୍ୟ ମଧ୍ୟ ତାଙ୍କ ରାଜନୈତିକ ବାଦ ବିବାଦ ରହିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଗତ ୨୮ ତାରିଖ ଘଟଣାକୁ ପୂର୍ବରୁ ଅଣଦେଖା କରିବା ପରେ ହଠାତ ଏହି ମାମଲାକୁ ପୁଲିସ ଗୁରୁତର ସହ ନେଇ ଛାନଭିନ କରିବା ପଛରେ ରାଜନୈତିକ ହସ୍ତକ୍ଷେପ ରହିଥିବା ଚର୍ଚ୍ଚା ହେଉଛି।

**ଅଙ୍କୁର ଅଗ୍ରୱାଲ ଗିରଫ ମାମଲାରେ ବଦନାମ**

**ପୂର୍ବରୁ ଶଳା ଭାଉଜ ଆଣିଥିଲେ ଅଭିଯୋଗ**

**ଦଳୀୟ ସାଂସଦଙ୍କ ବିରୋଧରେ ବିଷୋଦଗାର କରିଥିଲେ**

### ■ ବେକାର ଯୁବକ, ଯୁବତୀଙ୍କୁ ଶୋଷୁଛନ୍ତି ଆଉଟ୍‌ସୋର୍ସିଂ ସଂସ୍ଥା

# ସରକାରୀ ଚାକିରି ନାଁରେ ଠକୁଛନ୍ତି ବେନାମୀ ସଂସ୍ଥା

**ବଲାଙ୍ଗିର, ୧୨।୧୦(ସମିସ):** ବଲାଙ୍ଗିର ଜିଲ୍ଲାରେ ଆଉଟସୋର୍ସିଂ ଚାକିରି ନାମରେ ଠକେଇର ଶିକାର ହେଉଛନ୍ତି ବେକାର ଯୁବକ ଓ ଯୁବତୀ। ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟ କରିବା ପାଇଁ ଆଉଟସୋର୍ସିଂ ସଂସ୍ଥାମାନଙ୍କୁ ନିୟୋଜିତ କରାଯାଉଛି। ପ୍ରଶାସନିକ ବ୍ୟବସ୍ଥାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିଚାଳନା ପାଇଁ ଡାଟା ଏଣ୍ଟ୍ରି ଅପରେଟରଠାରୁ ଆରମ୍ଭ କରି ସୁରକ୍ଷା କର୍ମୀ ପର୍ଯ୍ୟନ୍ତ ବିଭିନ୍ନ ପଦବୀରେ ଆଉଟସୋର୍ସିଂ ସଂସ୍ଥାକୁ ନିୟୋଜିତ କରାଯାଇଛି। ଏହି ସଂସ୍ଥାମାନେ କିଛି ବର୍ଷ କାମ କରିବା ପରେ ପୁଣି ଏକ ନୂଆ ସଂସ୍ଥା କର୍ମଚାରୀ ନିୟୋଜିତ କରିବାକୁ ଟେଣ୍ଡର ପାଉଥିବା ବେଳେ ପୁରୁଣା ସଂସ୍ଥାର କର୍ମଚାରୀଙ୍କୁ ଛଟେଇ କରୁଥିବା ବେଳେ ଅନେକ ସମୟରେ ସମ୍ପୃକ୍ତ କର୍ମଚାରୀମାନଙ୍କ ପୁନଃ ନିଯୁକ୍ତି କରିବା ପାଇଁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଟେଣ୍ଡର ଅବଧି ସରିଯିବା ପରେ ଆଉଟସୋର୍ସିଂ କମ୍ପାନୀ ଅଧିକାରୀ ଆଉ ଧରାଛୁଆଁ ଦେଉନାହାନ୍ତି। ଚାକିରି ଲୋଭ ଦେଖାଇ ଏହି ଆଉଟସୋର୍ସିଂ ସଂସ୍ଥାଗୁଡ଼ିକ ବହୁ ପରିମାଣର ଟଙ୍କା ନେଉଥିବା ବେଳେ ଦରମା ଟଙ୍କା ବି ତାକୁ ଭରଣା କରିପାରୁନାହିଁ। ଏହିଭଳି ଭାବେ ଅନେକ ବେକାର ଯୁବକ ଯୁବତୀ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଥାଏ। ଆନ୍ଦୋଳନ କରିବା ପଛରେ ଏକ ବଡ଼ କାରଣ ରହିଥିବା ବେଳେ ଅନେକ ସମୟରେ ପ୍ରଶାସନିକ ଅଧିକାରୀମାନେ ତାହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ବନ, ଯୋଗାଣ, ପଞ୍ଚାୟତିରାଜ, ନଗର ଉନ୍ନୟନ ଭଳି ବିଭିନ୍ନ ସରକାରୀ ବ୍ୟବସ୍ଥାରେ ଥିବା କାର୍ଯ୍ୟାଳୟରେ ଆଉଟସୋର୍ସିଂରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହି କର୍ମଚାରୀମାନେ ନାମକୁ ସରକାରୀ କାର୍ଯ୍ୟାଳୟରେ କାମ କରିଥିବା ବେଳେ ଏମାନଙ୍କ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ହିଁ ସର୍ବେସର୍ବା। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ଶତାଧିକ ଆଉଟସୋର୍ସିଂ କର୍ମଚାରୀ କାମ କରୁଥିବା ବେଳେ ଅନେକ ବେକାର ଯୁବକ ଯୁବତୀ ଏହି ଆଉଟସୋର୍ସିଂ ଚାକିରି ନାମରେ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। କିଛି ବର୍ଷ ପୂର୍ବରୁ ବନ ବିଭାଗରେ କାମ କରୁଥିବା ବନ୍ୟପ୍ରାଣୀ ସୁରକ୍ଷା କର୍ମୀମାନେ ନିଯୁକ୍ତି ଦେଇଥିବା ସଂସ୍ଥା ନାମରେ ସାଙ୍ଘାତିକ ଅଭିଯୋଗ ଆଣିଥିଲେ। ସଂସ୍ଥା ସେମାନଙ୍କ ଇପିଏଫ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରିଥିଲେ। ସେହିପରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଆଉଟସୋର୍ସିଂ ସୁରକ୍ଷା କର୍ମୀ, ସହାୟକ, ସଫେଇ କର୍ମଚାରୀ ଠକେଇର ଶିକାର ହେଉଥିବା ଅଭିଯୋଗ ଆଣିଥାନ୍ତି। ବର୍ତ୍ତମାନ ବେକାର ଯୁବକ ଯୁବତୀଙ୍କ ସରକାରୀ ଚାକିରି କରିବା ନାମରେ ଏହି ଆଉଟସୋର୍ସିଂ ସଂସ୍ଥା ଠକେଇ ଚାଲିଥିବା ଅଭିଯୋଗ ହୋଇଛି। ଜିଲ୍ଲା ଓ ରାଜ୍ୟସ୍ତରରେ ଅନେକ ଏହିଭଳି ସଂସ୍ଥା ରହିଛନ୍ତି ଯେଉଁମାନେ କି ଏହିଭଳି କର୍ମଚାରୀ ନିଯୁକ୍ତି ଟେଣ୍ଡର ପାଇଛନ୍ତି। ଜିଲ୍ଲାସ୍ତରରେ ମଧ୍ୟ ସେମାନଙ୍କ ଦଲାଲ ମାଧ୍ୟମ ରେ ଏହି ସଂସ୍ଥା ଅଧିକାରୀମାନେ ବେକାର ଯୁବକ ଯୁବତୀଙ୍କୁ ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ତେବେ ଏହି ଚାକିରି ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ହୋଇଥିବା ସତ୍ତ୍ୱେ ଚାକିରି ନିଶାରେ ଠକେଇର ଶିକାର ହେଉଥିବା ଦେଖିବାକୁ ମିଳିଛି। ତେବେ ଏହିଭଳି ଏକ ଠକେଇ କାରବାର ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ବେଳେ ଏଥିପ୍ରତି କାହାର ନଜର ନାହିଁ; ଯାହାକି ଠକେଇ କରିଥିବା ସଂସ୍ଥା ଅଧିକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଏମିତିରେ ଜିଲ୍ଲା ପ୍ରଶାସନ ଓ ପୁଲିସ ମିଳିତ ଭାବେ ଏହିଭଳି ଠକ୍ ସଂସ୍ଥାକୁ ଠାବ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦୌ ଚିନ୍ତା ବି କରୁନି।

## ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଚିତ୍ରାଙ୍କନ ପ୍ରତିଯୋଗିତା




**ସମ୍ବଲପୁର, ୧୨।୧୦ (ସମିସ) :** ଆନ୍ତର୍ଜାତୀୟ ବାଳିକା ଶିଶୁ ଦିବସ ପାଳନ ଉପଲକ୍ଷେ ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ସମ୍ବଲପୁରର ଛାତ୍ରଛାତ୍ରୀମାନେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଏବଂ ଏହି କାର୍ଯ୍ୟ ପାଇଁ ସେମାନଙ୍କ ସୃଜନଶୀଳତା ଓ ସମର୍ଥନ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ବିଜେତାମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରମାଣପତ୍ର ଦିଆଯାଇଥିଲା। ଏହି ପ୍ରତିଯୋଗିତା ବ୍ୟତୀତ, ଇଣ୍ଟରାକ୍ଟ କ୍ଲବ୍‌ରେ ଆନୁଷ୍ଠାନିକ ଭାବରେ ୧୦ ଜଣ ନୂତନ ସଦସ୍ୟଙ୍କୁ ସାମିଲ କରାଯାଇଥିଲା, ଯାହା କ୍ଲବର ଅଭିବୃଦ୍ଧି ଏବଂ ପ୍ରସାର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସଭାପତି ଆହାନ ଅଗ୍ରୱାଲ ଏବଂ ସମ୍ପାଦିକା ବଂଶିକାଙ୍କ ନେତୃତ୍ୱରେ, ପୂର୍ବତନ ସଭାପତି ରୋଟାରିଆନ୍ ବିଲାଲ୍ ଏବଂ ସ୍କୁଲର ଇଣ୍ଟରାକ୍ଟ ମୁଖ୍ୟ ଜସ୍ୱିନ ପାତ୍ରୋଙ୍କ ମାର୍ଗଦର୍ଶନରେ ସମଗ୍ର କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା।

## ଭୁକ୍ତା ଓ ୧୯ ଖଣ୍ଡ ମୌଜା ମିଳିତ ବ୍ଲକ୍ ପାଇଁ ବୈଠକ



**ଅମ୍ବାଭୋନା, ୧୨।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଭୁକ୍ତା ଜୋନ୍‌ର ଗ୍ରାପ ଏବଂ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ୧୯ ଖଣ୍ଡ ମୌଜା ନୂତନ ବ୍ଲକ ଗଠନ ପାଇଁ ଭୁକ୍ତା ମାର୍କେଟ୍ ୟାଡ୍‌ରେ ପ୍ରଥମ ଅଧିବେଶନ ବୈଠକ ଡ.ଚିନ୍ତାମଣି ପଟେଲଙ୍କ ସଭାପତିତ୍ୱରେ ସମ୍ପନ୍ନ ହୋଇଛି। ଏହି ସମାବେଶରେ ମୁଖ୍ୟତଃ ୧୯ ଖଣ୍ଡ ମୌଜାରୁ ଜିଲ୍ଲା ସଦର ମହକୁମା ଝାରସୁଗୁଡ଼ା ଏବଂ ବରଗଡ଼ ଦୂରତା ସମ୍ପର୍କରେ ଆଲୋଚନା ହୋଇଥିଲା। ୧୯ ଖଣ୍ଡ ମୌଜା ଏକଦା ଓଡ଼ିଶା ଗର୍ଭରେ ବିଚ୍ଛିନ୍ନାଞ୍ଚଳ ହୋଇ ରହିଥିଲା। ଅବିଭକ୍ତ ସମ୍ବଲପୁର ଜିଲ୍ଲା ଥିବାବେଳେ ୧୯୮୪ ମସିହାରେ କେଲୋ ନଦୀରେ ସେତୁ ନିର୍ମାଣ ହୋଇଥିଲା। ତେବେ ୧୯୯୩ ମସିହାରେ ନୂତନ ଝାରସୁଗୁଡ଼ା ଜିଲ୍ଲା ଗଠନ ହେଲେ ମଧ୍ୟ ଝାରସୁଗୁଡ଼ା ଜିଲ୍ଲା ସଦରମହକୁମା ୧୦୦ କିମି ଦୂରତ୍ୱରେ ରହିଛି। ଅପରପକ୍ଷରେ ୨୦୨୩ ମସିହାରେ ଚିଖିଲି ମହୁଲପାଲି ମହାନଦୀ ସେତୁ ହେବା ଦ୍ୱାରା ବରଗଡ଼ ସଦରମହକୁମା ୫୦ କିମିକୁ ହ୍ରାସ ପାଇଛି। ଲଖନପୁର ବ୍ଲକ ଅଫିସ୍‌ର ଦୂରତା ୧୯ ଖଣ୍ଡ ମୌଜା ଠାରୁ ୭୦ କିମି ପଡୁଛି। ଅନ୍ୟପକ୍ଷରେ ଅମ୍ବାଭୋନା ବ୍ଲକ ଅଫିସ୍ ପ୍ରକାଶପୁର (ଭୁକ୍ତା) ମାତ୍ର ୧୫ କିମି ହେଉଥିବାରୁ ୧୯ ଖଣ୍ଡ ମୌଜାବାସୀ ବରଗଡ଼ ଜିଲ୍ଲାରେ ମିଶ୍ରଣ ପାଇଁ ଦାବି କରୁଛନ୍ତି।

ଆଜିର ବୈଠକରେ ବିଜେପି ନେତା ଡ.ଚିନ୍ତାମଣି ପଟେଲଙ୍କ ଅଧ୍ୟକ୍ଷତାରେ ଉଭୟ ବ୍ଲକର ଶତାଧିକ ନେତୃମଣ୍ଡଳୀ ଦଳମତ ନିର୍ବିଶେଷରେ ଯୋଗ ଦେଇଥିଲେ। ରେମତା ସରପଞ୍ଚ ପ୍ରଫୁଲ୍ଲ ସିଂ, ପ୍ରଦୀପ ବିଶ୍ୱାଳ, ଚତୁର୍ଭୁଜ ବିଶ୍ୱାଳ, ପିଥିଣ୍ଡାର କୁମାର ଭୋଇ, ବିଡିସି କଣ୍ଡେଇକେଲାର ଅନୀଲ ବାରିକ, ତ୍ରିରଙ୍ଗା ଫାଉଣ୍ଡେସନ୍‌ର ପ୍ରମୋଦ ସା, ଭୁକ୍ତା କଂଗ୍ରେସ ଦଳର ନିରଞ୍ଜନ ପଟେଲ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଷ୍ଣବ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକାଶପୁର-ଭୁକ୍ତା ସହିତ ୧୯ ଖଣ୍ଡ ମୌଜା ମିଶ୍ରଣରେ ନୂତନ ବ୍ଲକ ଗଠନ ପାଇଁ ସୁଧୀର ପଧାନ, ଇମାନୁଏଲ ରଣବୀର, ଶ୍ୟାମଲାଲ ନାଏକ, ପ୍ରେମ ପଟେଲ, ଯୋଗିନ୍ଦ୍ର ମିଶ୍ର, କୃଷ୍ଣ ପଧାନ, ଉମେଶ ସେଠ୍ ପ୍ରମୁଖ ମତବ୍ୟକ୍ତ କରିଥିଲେ।

## ବରଗଡ଼ ଜିଲ୍ଲା ଓପନ ରୋଲର ସ୍କେଟିଂ ଚାମ୍ପିଅନସିପ୍

**ବରଗଡ଼, ୧୨।୧୦(ସମିସ):** ଜିଲ୍ଲାରେ ପ୍ରଥମ ଥର ଓପନ ରୋଲର ସ୍କେଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍କେଟିଂ ଆସୋସିଏସନର ସହଯୋଗରେ ବରଗଡ଼ ଜିଲ୍ଲା ରୋଲର ସ୍କେଟିଂ ଆସୋସିଏସନ ଓ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ଉଦ୍ୟମରେ ସ୍କୁଲର ସ୍କେଟିଂ ଫିଲ୍ଡ ଠାରେ ପ୍ରଥମ କରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବାଳକ ଓ ବାଳିକା ବର୍ଗରେ ବିଭିନ୍ନ ଜିଲ୍ଲାର ୧୩୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବୟସ ଅନୁପାତରେ ସେମାନଙ୍କୁ ବିଭିନ୍ନ ବର୍ଗରେ ଭାଗ କରା ଯାଇଥିଲା। ଓଡ଼ିଶା ସ୍କେଟିଂ ଆସୋସିଏସନର ଉପ ସଭାପତି ବ୍ରଜେଶ ମିତ୍ତଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ଜିଲ୍ଲା କ୍ରୀଡା ସଂଗଠନର ଉପ ସଭାପତି ରବି ନାରାୟଣ ପଣ୍ଡା ଏବଂ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ଗାର୍ଗୀ ଚାଟର୍ଜୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାରେ ରୋଲର ସ୍କେଟିଂକୁ ପ୍ରୋତ୍ସାହନ ଦେଇ ରାଜ୍ୟ ଓ ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ପ୍ରତିଯୋଗିତାର ବିଜେତା ମାନଙ୍କୁ ଅତିଥିମାନେ ପଦକ ପିନ୍ଧାଇ ସ୍ୱାଗତ କରିଥିଲେ। ଜିଲ୍ଲାରେ ପ୍ରଥମ ଥର ଅନୁଷ୍ଠିତ ହୋଇଥିବା ରୋଲର ସ୍କେଟିଂ ପ୍ରତିଯୋଗିତା ପାଇଁ ଅଭିଭାବକ ଓ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।



## ମାଣ୍ଡୋସିଲରେ ଭାଗବତ କଥାମୃତ



**ପାଇକମାଲ, ୧୨।୧୦(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲରେ ଏକାଦଶୀ ମହିଳା ସଂଘ ଓ ମାଣ୍ଡୋସିଲ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଶରତ ଚନ୍ଦ୍ର ହଂସ ଓ ଲିଲା ହଂସ ଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ଭାବେ ଲୋକେଶ୍ୱର ସାବତ ଓ ଟିକେଶ୍ୱର ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ରବିବାର ଆରମ୍ଭ ହୋଇଥିବା ଏହି ଭାଗବତ କଥାମୃତ ଶନିବାର ଶେଷ ହେବ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**


# ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

**ବରଗଡ଼, ୧୨।୧୦(ସମିସ)**



ଜନ କଲ୍ୟାଣ କୁଲତା ସମାଜ ଅତାବିରା ବ୍ଲକ ଏବଂ ଆଞ୍ଚଳିକ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ରାମଚଣ୍ଡୀ ମନ୍ଦିର ଲାଦେରପାଲି ମଣ୍ଡପରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁକ୍ତା ମହାପାତ୍ର ଓଡ଼ିଶୀ ନୃତ୍ୟ ଏବଂ ତ୍ରିସା ପ୍ରଧାନ ଓ ସାନଭି ମହାକୁର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କେତନ ରଣାଙ୍କ ସ୍ୱାଗତ ସଙ୍ଗୀତ ପରେ କୁଲତା ସମାଜ ସଭାପତି ସୁରେନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କିଶୋର ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ସରସ୍ୱତୀ ଜଣାଣ ଏବଂ ଗୁରୁ ଭଗବାନ ସାହୁଙ୍କ ସୀତାଚୋରି ନାଟକର ଗୀତ ଦଧିବାବନ ଶତପଥୀ ପରିବେଷଣ କରିଥିଲେ। କବି ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଶିକ୍ଷାବିତ ସାହିତ୍ୟିକ ପ୍ରାକ୍ତନ ଅଧ୍ୟକ୍ଷ ଡ.ଚିରବ୍ରତ ଦତ୍ତ, ମୁଖ୍ୟ ବକ୍ତା ସାହିତ୍ୟିକ ସାମ୍ବାଦିକ ନେତ୍ରାନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ସିନେ ଅଭିନେତା ପ୍ରଦୀପ ଦେବତା, ସାହିତ୍ୟିକ ବରିଷ୍ଠ ସାମ୍ବାଦିକ ଭବାନୀଷ ଭୋଇ, ସମାଜସେବୀ ଦିବାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ ଭାଗବତିଆ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଟ୍ୟକାର ନିର୍ଦ୍ଦେଶକରୋହିତ ପଟେଲ (ଝାରସୁଗୁଡ଼ା) କବି ସନ୍ଦୀପ କୁଅଁର ବଲାଙ୍ଗିର, କବି ସନ୍ତୋଷ ପଧାନ ସୁବର୍ଣ୍ଣପୁର, କବୟିତ୍ରୀ ଜୀବେଶ୍ୱରୀ ପଟେଲ ସୁନ୍ଦରଗଡ଼, କବୟିତ୍ରୀ ଡ.ଭାରତୀ ହୋତା ନୂଆପଡ଼ା, ନାଟ୍ୟକାର ରାଜ ସାହୁ, ବାମଣ୍ଡା ସାହିତ୍ୟ ସଂସଦ ଦେବଗଡ଼, ପଶ୍ଚିମା କୁଚିଣ୍ଡାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ଅଜିତ ନାଥଙ୍କ 'ଆମ ଅଞ୍ଚଳର ଲୋକ ବିଶ୍ୱାସ ଏବଂ ପରମ୍ପରା' ପୁସ୍ତକ ଓ ମନୋଜ ଭୋଇଙ୍କ 'ନାଟ ପସରା' ପୁସ୍ତକ ଉନ୍ମୋଚନ ହୋଇଥିଲା। ଲୁଲୁରବିନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆଁଖାଇ ଏବଂ ଗୁରୁ ଭଗବାନ ସାହୁ ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ପ୍ରମୋଦ ଚନ୍ଦ୍ର ନାୟକ, ମୂରଲୀଧର ନାୟକ, ଉଦ୍ଧବ ବାରିକ, ଜୟଶ୍ରୀ ପଣ୍ଡା, ଅହଲ୍ୟା ପ୍ରଧାନ, ଦିଲୀପ ସାହୁ, ହୃଷୀକେଶ ଡାଙ୍ଗ, ସଚିଦା ଭୋଇ, ଜୀବେଶ୍ୱରି ପଟେଲ, ସନ୍ତୋଷ ପଧାନ, ସଙ୍ଗୀତା ସାହୁ, ମଞ୍ଜୁଲତା ସାହୁ, ଅତୁଲ୍ୟ ସାହୁ, ମୋହନ ମହାନନ୍ଦ, ଯୁଗେଶ୍ୱର ତାଣ୍ଡି, ଉମେଶ ପ୍ରଧାନ, ମଞ୍ଜୁଲତା ସାହୁ, ଡୋଲାମଣୀ ପାଇକ, ସୁଶୀଲ ବୁଧିଆ, ଜଟାଧାରୀ ବାରିକ, ଜେଠୁ ଭୁଏ, ଧ୍ରୁବଚରଣ ସାହୁ, ଜୟ ପ୍ରଧାନ, ମାନସରଞ୍ଜନ ଦାଶ, ସଞ୍ଜୁ ପ୍ରଧାନ, ବୁଧୁ ମାଝୀ, ସଙ୍ଗିତା ସାହୁ ପ୍ରମୁଖ କବି ଗଣ ବିଭିନ୍ନ ଜିଲ୍ଲାରୁ ଆସି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଦଖିଲ ପଧାନ, ସମ୍ପାଦକ ସୁରେନ୍ଦ୍ର କଠାର, ଅରୁଣ ପ୍ରଧାନ, ସମୀର ପ୍ରଧାନ, ସରୋଜ ରଥ, ସୁବାସ ପଧାନ, ମନୋଜ ଭୋଇ, ଅମୃତ ବାରିକ ତଥା ଉଭୟ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ସାହିତ୍ୟ ପରିଷଦ ସଭାପତି ଦଶରଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

■ ଉପ ନିର୍ବାଚନ ପାଇଁ ତତ୍ପର ପ୍ରଶାସନ

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

**ନୂଆପଡ଼ା, ୧୨।୧୦(ସମିସ):** ନୂଆପଡ଼ା ବିଧାନସଭା ଉପ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଆଜି ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଗସ୍ତକରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ନୂଆପଡ଼ା ବ୍ଲକର ବିଭିନ୍ନ ଗ୍ରାମ ଯଥା ବିଶୋରା, ବାବନ କେରା, ସେମେରିଆ, ପରକୋଡ, ବଲୋଦା, ବୁଢ଼ୀପାଲି, ଅମ୍ଲିଦାଦର ଏବଂ ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ମଂଗ୍ରାପାଲି ସ୍କୁଲକୁ ମିଳିତ ଭାବରେ ଜିଲ୍ଲାପାଳ ଓ ଏସ୍‌ପି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ବିଡିଓ ରୋହିତ ଭୋଇ ଏବଂ ବିଏଲଓ ସୁପର ଭାଇଜର ଅମିୟ ଜ୍ୟୋତି ପାଢ଼ୀ ଉପସ୍ଥିତ ଥିଲେ। ସବୁ ବୁଥ୍‌ମାନଙ୍କରେ ସମସ୍ତ ମୌଳିକ ସୁବିଧା ସହିତ ସଂରଚନା ଠିକ୍ ଅଛି ନା ନାହିଁ ଏବଂ ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ। ଭୋଟଗ୍ରହଣ କେନ୍ଦ୍ର ହେବାକୁ ଥିବା ସମସ୍ତ ବିଦ୍ୟାଳୟରେ ପିଇବା ପାଣି, ବିଜୁଳି, ଶୌଚାଳୟ, ପାଚେରି ଇତ୍ୟାଦି ଅଛି ନା ନାହିଁ ପଚାରି ବୁଝିଥିଲେ। ଯେଉଁଠାରେ ଯାହା ଆବଶ୍ୟକ ଅତିଶୀଘ୍ର ସେଇ ସବୁ କାମ ନିର୍ବାଚନ ଯଥେଷ୍ଟ ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ନୂଆପଡ଼ା ଜିଲ୍ଲାରେ 'ସମ୍ଭାବନା -୨୦୨୬'

# ଗୁଣୋତ୍ତର ଉନ୍ନତି ପାଇଁ ନୂଆ ପଦକ୍ଷେପ, ନିରୀକ୍ଷଣ ପାଇଁ ଟିମ୍

**ନୂଆପଡ଼ା, ୧୨।୧୦(ସମିସ)**

ଦଶମଶ୍ରେଣୀ ବାର୍ଷିକ ପରୀକ୍ଷା ୨୦୨୬ରେ ଆଶାତୀତ ସଫଳତାର ସମ୍ଭାବନାକୁ ସତ୍ୟତାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ତତ୍ତ୍ୱାବଧାନରେ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ 'ସମ୍ଭାବନା ୨୦୨୬' ଟୁୱାର୍ଡସ ଏକାଡେମିକ ଏକ୍ସେଲେନ୍ସ, ଆରମ୍ଭ କରାଯାଇଛି। ଯାହାର ଉଦ୍ଦେଶ୍ୟ ହେଉଛି ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଭିନିଷ୍ଠାକୁ ଉନ୍ନତ କରିବା ଓ ଏହାଙ୍କୁ ଶିକ୍ଷାରେ ଆତ୍ମବିଶ୍ୱାସୀ କରିବା। ଏହାର ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଅନୁପାଳନ କରିବା ସକାଶେ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ମାର୍ଗଦର୍ଶିକାରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଗ୍ରଗତିକୁ ସୁନିଶ୍ଚିତ କରିବା ପାଇଁ ସବୁ ଦିଗକୁ ସାମିଲ କରାଯାଇଛି। ଏହାର ପ୍ରସ୍ତୁତି ପାଇଁ ଜିଲ୍ଲାର ପ୍ରଧାନଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ ତଥା ଦକ୍ଷ ବିଷୟଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ କର୍ମଶାଳା ଆୟୋଜିତ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାସ ଅଧକ୍ଷତା କରିଥିବାବେଳେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମୂହ ଯୋଗ ଦେଇଥିଲେ। ପ୍ରତ୍ୟେକ ବ୍ଲକରେ ନିରୀକ୍ଷଣ ଟିମ୍ ମଧ ଗଠନ କରାଯାଇଛି। ଏହି ଏସଓପି ଅନୁସାରେ ପ୍ରତ୍ୟେକ ବିଦ୍ୟାଳୟରେ ଡାଏଗନୋଷ୍ଟିକ ଟେଷ୍ଟ, ସାପ୍ତାହିକ ଏବଂ ମାସିକ ପରୀକ୍ଷା ଏବଂ ଫଳାଫଳ ବିଶ୍ଳେଷଣ ହେବା ସହିତ ପ୍ରତ୍ୟେକ ଛାତ୍ରଙ୍କ ଅଗ୍ରଗତି ଉପରେ ନିୟମିତ ନଜର ରଖାଯିବ। ଛାତ୍ରଛାତ୍ରୀମାନେ ନିଜ ଶିକ୍ଷା ଲକ୍ଷ୍ୟ ନିଜେ ନିର୍ଦ୍ଧାରଣ କରି ପ୍ରତି ଦୁଇ ମାସରେ ସମୀକ୍ଷା କରିବେ। ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି ଯେ, ସମ୍ଭାବନା ୨୦୨୬ ହେଉଛି ନୂଆପଡ଼ା ଜିଲ୍ଲାର ଶିକ୍ଷାରେ ଏକ ନୂତନ ମାର୍ଗଦର୍ଶନ ଯାହା ମାଧ୍ୟମରେ ଆମ ଛାତ୍ରଛାତ୍ରୀ ନିଜ ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ନିଜେ ଉନ୍ନତି ମାର୍ଗରେ ଆଗେଇ ଯିବେ। କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତିରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଶ୍ରୀ ଗିରିଧାରୀ ସା, ସମସ୍ତ ଗୋଷ୍ଠି ଶିକ୍ଷାଧିକାରୀ, ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ତଥା ବିଷୟଭିତ୍ତିକ ସାଧନ କର୍ମୀ ପ୍ରମୁଖ ସକ୍ରିୟ ଭୂମିକା ଅଂଶଗ୍ରହଣ କରିଥିଲେ।




# ଗୋପାଳପୁରରେ ବୁଢ଼ାରଜା ଦେବଙ୍କ ଦଶହରା ପର୍ବ ସମ୍ପନ୍ନ



**ଥୁଆମୂଳ ରାମପୁର ୧୨।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶାନ୍ତି ଶୃଙ୍ଖଳା ଭାବରେ ବଢ଼ାରଜା ଦେବଙ୍କ ଦଶହରା ପର୍ବ ଶେଷ ହୋଇଛି। ବୁଢ଼ାରଜା ଦେବଙ୍କ ପାଖରେ ଆଶିର୍ବାଦ ଭିକ୍ଷା କାମନା ସକାଶେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ମାନସିକ ଧାରୀ ମାନେ କୁକଡ଼ା, ପାରା, ଓ ବୋଦା ଭଳି ଅନେକ ଗୃହପାଳିତ ପଶୁ ଓ ପକ୍ଷୀ ଙ୍କୁ ବୁଢ଼ାରଜା ଙ୍କ ପାଖରେ ବଳି ଦେଇଥିଲେ। ବୁଢ଼ାରଜା ମନ୍ଦିରର ମୂଖ୍ୟ ପୂଜକ ରାଜେନ୍ଦ୍ର ନିଆଲ ରୀତିନୀତି ଅନୁଯାୟୀ ଗୁପ୍ତ ପୂଜାର୍ଚ୍ଚନା କଲା ପରେ ପୁଜାରୀ କୁଶ ତେଜିଙ୍କୁ କାଳିସି ଲାଗି ହେଲା ପରେ କଣ୍ଟା ଦୋଳି ଝୁଲିବା ସହ ନିଆଁରେ ଚାଲିଥିଲେ ବୁଢ଼ାରଜା। ଯାତ୍ରା ଟିକୁ ଦେଖିବାକୁ ଆଖ ପାଖ ଗାଁ ଠାରୁ ଆରମ୍ଭ କରି ଅନେକ ଦୂରଦୂରାନ୍ତରୁ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମାଣିକ୍ୟ ଚନ୍ଦ୍ର ନାଏକ, ଦୁର୍ଯ୍ୟୋଧନ ନାୟକ, ଫୋଟୁସି ଭୋଇ, ଥବିର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଯାହା ରାତି ସାରା ଲୋକେ ଉପଭୋଗ କରିଥିଲେ।

# ଖାଉଟି ଅଦାଲତରେ କମ୍ପାନୀ ଦଣ୍ଡିତ

**କେସିଙ୍ଗା, ୧୨।୧୦(ସମିସ):** ଯେତେବେଳେ ଚାହିଁଲେ ସେତେ ବେଳେ ମନଇଚ୍ଛା ଚ୍ୟାନାଲ କାଟି ଉପଭୋକ୍ତାଙ୍କୁ ପଇସା ଦେବାକୁ ବାଧ କରୁଥିବା ଡିଟିଏଚ୍ କମ୍ପାନୀକୁ ଖାଉଟି ଅଦାଲତରେ ଦଣ୍ଡିତ ହେବାକୁ ପଡ଼ିଛି। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଅମିତ ଜୈନ ନାମକ ବ୍ୟକ୍ତି ତାଙ୍କ ଘରେ ଟାଟାସ୍କାଏ ଡିଟିଏଚ ସେବା ପ୍ୟାକେଜ ନେଇ ବ୍ୟବହାର କରୁଥିଲେ, ହେଲେ ହଠାତ ତାଙ୍କ ଡିଟିଏଚରୁ ସୋନି ନେଟୱାର୍କ ବନ୍ଦ ହୋଇ ଯାଇଥିଲା। ଅମିତ ସଙ୍ଗେ ସଙ୍ଗେ କମ୍ପାନୀର କଷ୍ଟମର କେୟାର ସହିତ ଯୋଗାଯୋଗ କରି ସମସ୍ତ କଥା କହିବା ପରେ ୧୫ ମିନିଟ ପର୍ଯ୍ୟନ୍ତ ସେଟ ଟପ୍ ବକ୍ସ ବନ୍ଦ କରି ପୁଣିଥରେ ୧୫ ମିନିଟ ପରେ ଟିଭି ଚଳାଇବା ପାଇଁ ପରାମର୍ଶ ମିଳିଥିଲା। ତଦଅନୁଯାୟୀ ଅମିତ ୧୫ ମିନିଟ ଟିଭି ବନ୍ଦ କରି ପୁଣି ଚଲାଇ ଥିଲେ ହେଲେ ତଥାପି ସୋନି ଟିଭି ଦେଖାଯାଇନ ଥିଲା। ପୁଣି ସେ କଷ୍ଟମର କେୟାର ସହିତ ଯୋଗାଯୋଗ କରିବାରୁ ତାଙ୍କୁ ୫୮ ଟଙ୍କା ଦେଲେ ସୋନିଟିଭି ଦେଖାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା କିନ୍ତୁ ଏହା_ ଅମିତ ବିରୋଧ କରିଥିଲେ ମଧ ଶେଷରେ ୫୮ ଟଙ୍କା ଦେଇଥିଲେ। କମ୍ପାନୀ ର ମନମାନି ବିରୋଧରେ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଅଭିଯୋଗକୁ ନେଇ ଖାଉଟି ଅଦାଲତ ଉକ୍ତ କମ୍ପାନୀର ମାନମାନୀ ଦର୍ଶାଇ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡ ଦେଇଥିଲେ। ଯାହା ଅମିତଙ୍କୁ ପଇଠ କରିବା ପାଇଁ ନିର୍ଦ୍ଦେଶରେ ଥିଲା। ଶେଷରେ କମ୍ପାନୀ ୧୦ ହଜାର ଟଙ୍କା ଅମିତଙ୍କୁ ପ୍ରଦାନ କରିଥିବା ଅମିତ ପ୍ରକାଶ କରିଛନ୍ତି।

# ବେଦାନ୍ତ ଡିଏଭି ଆନ୍ତର୍ଜାତୀୟ ବିଦ୍ୟାଳୟରେ 'ରନ୍ ଫର୍ ଡିଏଭି'




**ଲାଞ୍ଜିଗଡ଼, ୧୨।୧୦ (ସମିସ):** ଲାଞ୍ଜିଗଡ଼ ଅଧୀନ ବେଦାନ୍ତ ଡିଏଭି ଅନ୍ତର୍ଜାତୀୟ ବିଦ୍ୟାଳୟରେ 'ରନ ଫୋର ଡିଏଭି' କାର୍ଯ୍ୟକ୍ରମ ବେଦାନ୍ତ ଟାଉନସିପ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଡ. ମାନବୀନ କୌରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଭିଭାବକ, ଶିକ୍ଷୟିତ୍ରୀ ଓ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ପ୍ଲାଏକାର୍ଡ ଓ ପତାକା ଧରି ନାରାଦେଇ ଟାଉନସିପ ଚାରିପଟେ ଦୌଡ଼ ଲଗାଇଥିଲେ। ଅଧକ୍ଷା ଡ. ମାନବୀନ କୌର ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ରନ୍ ଫୋର ଡିଏଭି'ର ଉଦ୍ଦେଶ୍ୟ ଉପସ୍ଥାପନ କରି କହିଥିଲେ ଯେ ଏହା ଦ୍ୱାରା ବିଦ୍ୟାର୍ଥୀଙ୍କ ମାନସିକ ଓ ଶାରୀରିକ ସୁସ୍ଥତା ଆଣିବାସହ ସବୁଜ ପୃଥିବୀ ପାଇଁ ଜନସଚେତନତା ସୃଷ୍ଟି କରିବ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନୂଆପଡ଼ା, ୧୨।୧୦(ସମିସ):** ସ୍ଥାନୀୟ ଅଁଳା ଯୁବା କ୍ଲଷ୍ଟର ଅଧୀନସ୍ଥ ଦର୍ଲିମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି ଆୟୋଜିତ ହୋଇଯାଇଛି। ଏଥିରେ ଛାତ୍ର ଛାତ୍ରୀମାନେ ମନଭରି ନାଚିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଷ୍ଣବ ଭୋଇଙ୍କ ଅଧକ୍ଷତାରେ ଜୁନିଅର ସିନିଅର ଓ ସବଜୁନିଅର ବିଭାଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡୋଳାମଣି ପ୍ରଧାନ, ମୁଖ୍ୟବକ୍ତା ଭାବରେ ରାଧେଶ୍ୟାମ ସା, ଶିକ୍ଷକ ପ୍ରଦୀପ ଭୋଇ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୋଗେନ୍ଦ୍ର ବେହେରା, ରମାକାନ୍ତ ମିଶ୍ର ବରିଷ୍ଠ ଶିକ୍ଷକ ଅଁଳାଜୁବା ବିଦ୍ୟାଳୟ ଏବଂ ଆକାଶ ସାହୁ ଶିକ୍ଷକ ପିପଲଛଣ୍ଡି ମଞ୍ଚ ପରିଚାଳନା ତଥା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ମଧାହ୍ନ ବିରତି ପରେ ଜିଲ୍ଲା ସାମ୍ବାଦିକ ସଙ୍ଘ (ଜାନ)ସଭାପତି ଘନଶ୍ୟାମ ଭୋଇ, ଶରତ ପଣ୍ଡା ପୂର୍ବତନ ସିଆରସିସି, ଜୀତେନ୍ଦ୍ର ଖମାରି ସଭାପତି।



# ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ସିନାପାଲି, ୧୨।୧୦ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ପୁଞ୍ଜିପଡ଼ାଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ସିନାପାଲି ବ୍ଲକ ବରଗାଁ ଗ୍ରାମର ଲକ୍ଷ୍ମି ସା(୨୪) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ପୁଞ୍ଜିପଡ଼ାରେ ଜିଇଁତା ଉପଲକ୍ଷେ ନାଟକ କାର୍ଯ୍ୟକ୍ରମ ରହିଥିଲା। କସେଇପାଣି ଗ୍ରାମର ଏକ ନାଟକ ପାର୍ଟି ସେହି ଗ୍ରାମକୁ କାର୍ଯ୍ୟକ୍ରମ କରିବାକୁ ଯାଇଥିଲା। ସେଠୁ ନାଟକ ପାର୍ଟିକୁ ରହିବାକୁ ଏକ ଘର ଦିଆଯାଇଥିଲା। ହେଲେ ସେହି ଘରରେ ଲାଇଟ ସମସ୍ୟା ଥିବାରୁ ଲାଇଟ ଲଗାଇ ପଙ୍ଖା ଚଲାଇବାକୁ ଲାଇଟ ମରାମତି କରୁଥିବା ବେଳେ ଯୁବକ ଜଣକ ବିଦ୍ୟୁତ ସଂସ୍ପର୍ଶରେ ଆସି ଅଘଟଣ ଘଟିଥିଲା। ପରେ ସାଥୀଲୋକେ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟିମନପୁର ସରକାରୀ ହସ୍‌ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଏନେଇ ନାଟକ ପାର୍ଟିକୁ କ୍ଷତିପୂରଣ ଦାବି କରିଥିଲେ। କ୍ଷତିପୂରଣ ବାବଦକୁ ଉଭୟ କଥାବାର୍ତ୍ତା ହୋଇ ବୁଝାମଣା ହୋଇଥିଲା। ସିନାପାଲି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁଥିବା ଜଣାପଡ଼ିଛି।

ରାସ୍ତାରେ ଗୁହାଳ ନିର୍ମାଣ କରି ଅବରୋଧ ଅଭିଯୋଗ

# ଉଚ୍ଛେଦ ନ କଲେ ଧାରଣା ପାଇଁ ଧମକ

**କର୍ଲାମୁଣ୍ଡା, ୧୨।୧୦(ସମିସ):** କର୍ଲାମୁଣ୍ଡା ବ୍ଲକ ସରଗୁଲ ମାଲପଡ଼ା ପଞ୍ଚାୟତର ପୁଟିଗାଁଠାରେ ଏକ ସର୍ବସାଧାରଣ ସ୍ଥାନରେ ଗୁହାଳ ନିର୍ମାଣ କରାଯାଇଥିବାରୁ ତାର ପଛପଟେ ଥିବା ଜମି ମାଲିକମାନେ ଯାତାୟାତ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ପୁଟିଗାଁର ଗୋବିନ୍ଦ ଶଙ୍କର ସାହୁ ଓ ତାଙ୍କ ପରିବାରଲୋକଙ୍କ ଏକ ଘରବାରୀ ପ୍ଲଟ୍ ସାମ୍ନାରେ ସରକାରୀ ପ୍ଲଟ୍ ରହିଛି। ଉକ୍ତ ସରକାରୀ ପ୍ଲଟ୍ ସର୍ବସାଧାରଣ ରାସ୍ତା ଅଟେ। କିନ୍ତୁ ସେଠାରେ ଉକ୍ତ ଗ୍ରାମର କମ୍ପୁପାଣି ସାହୁ, ଜଗବନ୍ଧୁ ସାହୁ, କୀର୍ତ୍ତିଚନ୍ଦ୍ର ସାହୁ, ମୁକ୍ତିସିଆଣି ସାହୁ ପ୍ରମୁଖ ବେଆଇନ ଭାବରେ ଗୁହାଳ ନିର୍ମାଣ କରି ରାସ୍ତା ଅବରୋଧ କରିଥିବା ତହସିଲଦାର ସମେତ ଜିଲ୍ଲାପାଳ ଓ ରାଜସ୍ୱମନ୍ତ୍ରୀଙ୍କ ଠାରେ ଲିଖିତ ଅଭିଯୋଗ ହୋଇଛି।

ପ୍ରକାଶ ଥାଉକି ଏହି ଘଟଣାକୁ ନେଇ ୨୦୧୨ରେ ଗୋବିନ୍ଦ ଶଙ୍କର ସାହୁ ସିଆରପିସି ୧୩୩ ଧାରା ଅନୁଯାଇ ଉପଜିଲ୍ଲାପାଳ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ଉପଜିଲ୍ଲାପାଳ ୨୦୧୪ରେ ଗୁହାଳ ଭାଙ୍ଗିବା ପାଇଁ କର୍ଲାମୁଣ୍ଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଗୁହାଳ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବାରୁ ଉପଜିଲ୍ଲାପାଳ ଏକ ଶାନ୍ତି କମିଟି ଗଠନ କରିଥିଲେ। ଏହି କମିଟିରେ ତତ୍କାଳୀନ ନର୍ଲା ବିଧାୟକ, ଏସଡିପି, ମ.ରାମପୁର ଥାନାଧିକାରୀଙ୍କ ସମେତ କେତେକ ଭଦ୍ରବ୍ୟକ୍ତି ସଦସ୍ୟ ଥିଲେ। ଯେଉଁ ମାନଙ୍କର ଗୁହାଳ ଭଙ୍ଗାଯାଇଥିଲା ସେମାନଙ୍କୁ ବିଧାୟକ ବିଜୁ ପକ୍କାଘର ଯୋଗାଇ ଦେଇଥିଲେ ଓ ଦଶ ଦିନ ମଧ୍ୟରେ ଉକ୍ତ ଭଙ୍ଗା ଯାଇଥିବା ସ୍ଥାନରୁ ଦଖଲକାରୀମାନେ ହଟିଯିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ବର୍ତ୍ତମାନ ସେହି ଜାଗାରେ ଜଗବନ୍ଧୁ ସାହୁ ପକ୍କାଘର କରିବା ଆରମ୍ଭ କରିଥିବା ନେଇ ପୁଣି ଗୋବିନ୍ଦ ଥାନାର ଦ୍ୱାରସ୍ଥ ହୋଇଥିଲେ କିନ୍ତୁ ଜଗବନ୍ଧୁ ଗୋବିନ୍ଦଙ୍କୁ ହତ୍ୟା ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଜବରଦଖଲକାରୀଙ୍କୁ ଉକ୍ତ ସ୍ଥାନରୁ ଉଚ୍ଛେଦ ପାଇଁ ସେ ଓ ଅନ୍ୟମାନେ ଦାବି କରିଛନ୍ତି। ଯଦି ତୁରନ୍ତ ଉଚ୍ଛେଦ କରା ନ ଯାଏ ତେବେ ତହସିଲ ଅଫିସ ସମ୍ମୁଖରେ ତାଙ୍କ ପରିବାର ଲୋକେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ଜାଗା ଛାଡିବା ପାଇଁ ଦଖଲକାରୀଙ୍କୁ ମାସିକିଆ ନୋଟିସ ଦିଆଯାଇଛି, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନେ ଜାଗା ଉଚ୍ଛେଦ ନ କଲେ ଆବଶକୀୟ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ବିଜୟ ପ୍ରଧାନ 'ସର୍ବଶ୍ରୀ ସମ୍ମାନ-୨୫' ଓ କେଦାରନାଥ ମିଶ୍ର ପାଇବେ 'ସର୍ବଶ୍ରୀ ପାଠକ ସମ୍ମାନ-୨୫'

**ଭବାନୀପାଟଣା, ୧୨।୧୦(ସମିସ):** ସାହିତ୍ୟ ପାଇଁ ସମର୍ପିତ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ୨୦୦୭ରୁ ନିରବଚ୍ଛିନ୍ନ ଭାବେ ଧାରାବାହିକ ମାସିକ ସାରସ୍ୱତ କାର୍ଯ୍ୟକ୍ରମ କରିଆସୁଛି। ନୂତନ ପ୍ରତିଭାଙ୍କୁ ସସମ୍ମାନ ମଞ୍ଚ, ପୂଜ୍ୟପୂଜା କ୍ରମରେ ବରିଷ୍ଠ ଓ ଅନୁଭବୀ ଲେଖକଙ୍କୁ ନେଇ ସାହିତ୍ୟିକ ସନ୍ଧ୍ୟା, ପ୍ରସଙ୍ଗ ଭିତ୍ତିକ କବିତା ଓ ଗପ ଉତ୍ସବ, ସୃଜନ ଅବଦାନ ପାଇଁ ସାହିତ୍ୟିକ ଓ ପଠନ ସ୍ପୃହା ଅନୁରଣ ସକାଶେ ପାଠକ ସମ୍ମାନ ସହ ପତ୍ରିକା ପ୍ରକାଶନ ଓ ଦିବଂଗତ ଲେଖକଙ୍କୁ ବୈଦିକ ଦୀପାଞ୍ଜଳି ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଆସୁଛି। ଚଳିତବର୍ଷ ବରିଷ୍ଠ ସାହିତ୍ୟିକ ବିଜୟ କୁମାର ପ୍ରଧାନଙ୍କୁ ମର୍ଯ୍ୟାଦାଜନକ 'ସର୍ବଶ୍ରୀ ସାହିତ୍ୟ ସମ୍ମାନ-୨୫' ଦିଆଯିବ। ସାଧକ ଶ୍ରୀ ପ୍ରଧାନଙ୍କ ଗଳ୍ପ ସଂକଳନ ଏକେଣା ଘର, ଆସ ଥରେ ଗାଁକୁ ଯିବା, ୟୁ.ଡି.କେସ ଓ ଅନ୍ୟାନ୍ୟ ଗଳ୍ପ, ହୃଦୟର ହାତଗୋଡ ଏବଂ ହାତକଡି, ସରିଯାଇଥିବା ଋତୁ, ହୃଦୟକୁ ଚିପୁଡ଼ିଲେ କିଛି ରକ୍ତ ଝରିବ ନିଶ୍ଚୟ ଭଳି ଚର୍ଚ୍ଚିତ ଉପନ୍ୟାସ ସହ ବହୁ ଗପ ଝଙ୍କାର, ଆସନ୍ତାକାଲି, ନବଲିପି, ଇସ୍ତାହାର, ସାଗର, ଡିବଡ଼ିବି ଭଳି ଅନେକ ପତ୍ରପତ୍ରିକାରେ ପ୍ରକାଶିତ। ପାଠକ ସୃଷ୍ଟି ଓ ବୃଦ୍ଧି ସକାଶେ ଅନୁଷ୍ଠାନ ଜଣେ ବିଦଗ୍ଧ ପଠନମନସ୍କ ବ୍ୟକ୍ତିଙ୍କୁ ସମ୍ମାନିତ କରିଆସୁଛି। ଚଳିତ ବର୍ଷ କେଦାରନାଥ ମିଶ୍ର ପାଇବେ 'ସର୍ବଶ୍ରୀ ପାଠକ ସମ୍ମାନ-୨୫'। ଶ୍ରୀ ମିଶ୍ର ଦୀର୍ଘ ବର୍ଷ ହେଲା ଆଧାତ୍ମିକ, ପୌରାଣିକ, ସାହିତ୍ୟ ପତ୍ରିକା ପଢ଼ି ଆସୁଛନ୍ତି। ଚାରି ଶହରୁ ଉର୍ଦ୍ଧ୍ୱ ପୁସ୍ତକ କ୍ରୟକରି ନିଜ ପାଠାଗାରରେ ସଯତ୍ନ ସାଇତି ରଖି ଅନ୍ୟମାନଙ୍କୁ ମଧ ପ୍ରୋତ୍ସାହିତ କରିଆସୁଛନ୍ତି। ବିଶେଷତଃ ମନକୁ ଜିଣୁଥିବା ଲେଖାର ଲେଖକଙ୍କୁ ଫୋନ କରି ଶୁଭେଚ୍ଛା ଜଣାଇବାକୁ ଭୁଲନ୍ତି ନାହିଁ। ଉଭୟଙ୍କୁ ଆଗାମୀ ୧୯ ତାରିଖ ବାର୍ଷିକ ଉତ୍ସବ ଅବସରରେ ସମ୍ମାନିତ କରାଯିବ ବୋଲି ସଂସଦ ତରଫରୁ ସଭାପତି ବ୍ରହ୍ମାନନ୍ଦ ସାମଲ, ପ୍ରତାପ ଚନ୍ଦ୍ର ପଣ୍ଡା, ଆଶୁତୋଷ ପୁରୋହିତ, କାଜଲ ମହାରଣା, ସଞ୍ଜୀବ ପଣ୍ଡା ପ୍ରମୁଖ ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି।




# ସହାୟତାର ହାତ ବଢ଼ାଇଲେ ବ୍ଲକ୍ ଅଧକ୍ଷ

**ଗୋଲାମୁଣ୍ଡା, ୧୨।୧୦ (ସମିସ):** ଗୋଲାମୁଣ୍ଡା ବ୍ଲକ ବନ୍ଧାଗାଁ ଗ୍ରାମର ଲୟା ମାଝୀ (୫୦) ନାମ୍ନୀ ଆଦିବାସୀ ମହିଳା ଗତ ମଙ୍ଗଳବାର ଗାଁ ପୋଖରୀରେ ଗାଧୋଉଥିବା ବେଳେ ହଠାତ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଗରିବ ହୋଇଥିବାରୁ ତାଙ୍କ ସ୍ୱାମୀ ଘାସି ମାଝୀ ମୃତଦେହ ଗାଁକୁ ଆଣିବାକୁ ସକ୍ଷମ ହୋଇ ନ ଥିଲେ। ସହାୟତା ନିମନ୍ତେ ସେ ଗୋଲାମୁଣ୍ଡା ବ୍ଲକ ଅଧିଯକ୍ଷ ବିଦୁ ମହାନନ୍ଦଙ୍କୁ ଯୋଗାଯୋଗ କରିଥିଲେ। ବ୍ଲକ ଅଧକ୍ଷ ସହାୟତାର ହାତ ବଢ଼ାଇ ତୁରନ୍ତ ମର ଶରୀର ଆଣିବା ପାଇଁ ବ୍ୟବସ୍ଥା କରି ଥିଲେ। ଶନିବାର ଗାଁରେ ମୃତଦେହ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ଦଣ୍ଡପାଟ ଦଶରାରେ ପ୍ରତିବିମ୍ବିତ ହେଲା ଆଦି ସଂସ୍କୃତିର ଛାପ

# ମା' ଘାଟିମୁଣ୍ଡିଆଣିଙ୍କ ଦର୍ଶନ ପାଇଁ ଭିଡ଼

**କୋକସରା, ୧୨।୧୦(ସମିସ)**

ଦଣ୍ଡପାଟ ଦଶରାରେ ପ୍ରତିବିମ୍ବିତ ହୋଇଛି ଆଦି ସଂସ୍କୃତିର ଅନନ୍ୟ ଛାପ। ହଜାର ହଜାର ବର୍ଷର ପରମ୍ପରା ଆଜି ବି ଏଠାରେ ପ୍ରତିଫଳିତ ହୋଇଛି। ବାର୍ଷିକ ଯାତ୍ରା ଅବସରରେ ଭକ୍ତଜନଙ୍କୁ ଦର୍ଶନ ଦେଇଛନ୍ତି ଘାଟି ମୁଣ୍ଡିଆଣୀ ମା ସର୍ବମଙ୍ଗଳା। କୋକସରା ବ୍ଲକ ଗୋତମୁଣ୍ଡାଠାରେ ରବିବାର ଘାଟି ମୁଣ୍ଡିଆଣି ମା ସର୍ବମଙ୍ଗଳାଙ୍କବାର୍ଷିକ ଖଣ୍ଡାଧୁଆ ଯାତ୍ରା ତଥା ଦଣ୍ଡପାଟ ଦଶରା ମହୋତ୍ସବ ଆରମ୍ଭ ହୋଇଛି। ପୂଜକ ମନୋହର ପୁଝାରୀ ଦେବୀଙ୍କ ପୂଜାର୍ଚ୍ଚନା ବିଧିଅନୁସାରେ ନିର୍ବାହ କରୁଥିବାବେଳେ ଅପରାହ୍ନରେ ଦେବାଦେବୀମାନଙ୍କ ଖଣ୍ଡାସବୁକୁ ମାର୍ଜନା (ଧୁଆ) ଯାଇଥିଲା। ଗାଁ ପୋଖରୀରେ ଦେବୀଙ୍କ ଖଣ୍ଡ ମାର୍ଜନା ପରେ ସେଠାରୁ ଦେବୀଙ୍କ ପ୍ରତିମା ସ୍ୱରୂପ କାଳିଶୀମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ଅଣାଯାଇଥିଲ। ଖଣ୍ଡଧୁଆ ଯାତ୍ରାର ମଶାଳ ଶୋଭାଯାତ୍ରାରେ ବିଭିନ୍ନ ପାରମ୍ପରିକ ଦଳ ଗୁଡ଼ିକ ସାମିଲ ହେଇଥିବାବେଳେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଦଶରା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ରମାଝୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଇନ୍ଦ୍ରାବତୀ ଏସି ଇଂ ତୃପ କୁମାର ପାତ୍ର, ଆଦିବାସୀ ନେତା ଋତୁରାଜ ମାଝୀ ପ୍ରମୁଖ ସାମିଲ ହୋଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ମଞ୍ଚ ଉଦ୍‌ଘାଟନ ପରେ ଦେବାଦେବୀଙ୍କ ଖଣ୍ଡା ସ୍ଥାପନ କରିବା ସହିତ କାଳିଶୀମାନେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ଦେଇଥିଲେ। ଶ୍ରଦ୍ଧାଳୁ ମାନେ ମା'ଙ୍କ ଦର୍ଶନ ପାଇଁ ନିଜ ତଥା ନିଜ ପରିବାରର ମଙ୍ଗଳ କାମନା କରିଥିଲେ। ଏହି ଦଶରା ମହୋତ୍ସବ ଆଗାମୀ ୩ ଦିନଧରି ଚାଲିବା ନେଇ ସୂଚନା ମିଳିଛି। ଗୋତମୁଣ୍ଡା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତବର୍ତ୍ତି ଅଞ୍ଚଳ ହୋଇଥିବାରୁ ମା' ସର୍ବମଙ୍ଗଳାଙ୍କ ଘାଟିମୁଣ୍ଡିଆଣୀ ଦେବୀଙ୍କ ବାର୍ଷିକ ଦଣ୍ଡପାଟ 'ଦଶରା' ମହୋତ୍ସବ ଦେଖିବା ପାଇଁ ଜିଲ୍ଲା ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଦଶରା ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା କରିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରାଗ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କଳାହାଣ୍ଡିର ଅବିଚ୍ଛେଦ୍ୟ ଅଙ୍ଗ 'ଦଣ୍ଡପାଟ' ଐତିହାସିକ, ପୌରାଣିକ, ପ୍ରତ୍ନତାତ୍ତ୍ୱିକ, ପ୍ରାଚୀନ ଧର୍ମଧାରା ଓ ସାଂସ୍କୃତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରେ। ଆଜି ମଧ ଏହି ଅଞ୍ଚଳର ଦେବାଦେବୀ ଉପାସନା ଓ ପର୍ବ ପର୍ବାଣୀରେ ଆଦିମ ସଂସ୍କୃତି ଏବଂ ଧର୍ମଧାରାର ଛାପ ଦେଖିବାକୁ ମିଳେ। ସେହି କ୍ରମରେ ଗୋତମୁଣ୍ଡାଠାରେ ପୂଜା ପାଉଛନ୍ତି ଦେବୀ ଘାଟି ମୁଣ୍ଡିଆଣୀ ମା' ସର୍ବମଙ୍ଗଳା।



## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ମନମୁଣ୍ଡା/ଶଗଡ଼ା, ୧୨।୧୦ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବୌଦ୍ଧ ଜିଲ୍ଲାର ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ ପଧାନ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥଲେ। ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ନୀଳାମ୍ବର ଖମାରୀ, ସମ୍ପାଦକ ସତ୍ୟନାରାୟଣ ବଘାର, ଯୁଗ୍ମ ସମ୍ପାଦକ ବିଜୟ ମେହେର, ସଦସ୍ୟା ମାନସୀ ସାହୁ ମଞ୍ଚାସୀନ ଥିଲେ। ୭୪ ଜଣ ମା' ଉପସ୍ଥିତ ଥିଲେ। ମା ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ଗୋଲା ଫିଙ୍ଗା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମାମାନଙ୍କୁ ନେଇ ଏକ ମାତୃଭାରତୀ ଗଠନ କରାଯାଇଲା। ଶିଶୁ ଭାଇଭଉଣୀମାନେ ସାମୂହିକ କଣ୍ଠ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୁରୁମା ଦମୟନ୍ତୀ ଗଡ଼ୁଆ ମଞ୍ଚ ପରିଚାଳନା କରିଥିଲେ। କଲ୍ୟାଣ ନାଏକ, ସନତ କଲତା, ଭାଗ୍ୟଶ୍ରୀ ହାତୀ, ବିମଳା ବଘାର, ଅନୁରାଧା ଖମାରୀ, ରଶ୍ମିବାଳା ରଣା, ଜ୍ୟୋସ୍ନା ପଧାନ, ଅଭିମନ୍ୟୁ ପ୍ରଧାନ, ସେବିକା ପୁଷ୍ପାଞ୍ଜଳି ଖମାରୀ, ସରସ୍ୱତୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




# ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ







**ବୌଦ୍ଧ, ୧୨।୧୦(ସମିସ)**

ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟିକାକରଣ କେନ୍ଦ୍ରରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଅମିତାଭ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରେ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ଦୁଇ ବୁନ୍ଦା ଦିଆଯିବ।

**ମନମୁଣ୍ଡା:** ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ମହେନ୍ଦ୍ର କୁମାର ସଏଙ୍କ ନେତୃତ୍ୱରେ ପଲ୍ସ ପୋଲିଓ ଅଭିଯାନ ଶୁଭାରମ୍ଭ କରାଯାଇଛି। କଣ୍ଟାମାଳ ବ୍ଲକରେ ୧୫୬୩୫ ଶିଶୁଙ୍କୁ ପାଲ୍ସ ପୋଲିଓ ରୋଗ ପ୍ରତିରୋଧକ ଟୀକା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବ୍ଲକ ଅଧୀନରେ ଥିବା ୨୪ଟି ପଞ୍ଚାୟତରେ ବୁଲିବାକୁ ଥିବା ସଚେତନତା ରଥକୁ ଡାକ୍ତର ସଏ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିପିଏମ ରାକେଶ ମହାପାତ୍ର, ପିଏଚଇଓ ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ପ୍ରାୟ ପ୍ରତ୍ୟେକ ଆରୋଗ୍ୟ କେନ୍ଦ୍ର, ଗ୍ରାମରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଶିଶୁଙ୍କୁ ପଲ୍ସ ପୋଲିଓ ଖୁଆଇ ଥିଲେ। ଡିପିଏଚଓ ଡାକ୍ତର ସନ୍ତୋଷ ତ୍ରିପାଠୀ, ଜ୍ୟୋତିପ୍ରକାଶ ଦାସ, ଡିଡିଏମ ଦିନେଶ ଗଡ଼ନାୟକ କଣ୍ଟାମାଳ ବ୍ଲକ ସାରା ପରିଦର୍ଶନ କରି କାର୍ଯ୍ୟକ୍ରମ ତଦାରଖ କରିଥିଲେ।



**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଲିଆପାଲି ପଞ୍ଚାୟତର ଝାଗୁଡୁପାଲି ପ୍ରାଥମିକ ବିଦ୍ୟାଳୟରେ ପୋଲିଓ ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରେଣୁକା ନାୟକ ଏହାକୁ ଶୁଭାରମ୍ଭ କରିଥିଲେ। ମୋଟ ୩୮ଜଣ ଶିଶୁଙ୍କୁ ପୋଲିଓର ୨ବୁନ୍ଦା ଟିକା ପ୍ରଦାନ କରାଯାଇଥିଲା। ଆଶାକର୍ମୀ ମମତା ରାଉତଙ୍କ ତତ୍ତ୍ୱାବଧାନରେ ଏହି ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁର ଚରଣ ନାୟକ ସହଯୋଗ କରିଥିଲେ।

## ଦର୍ଶକଙ୍କ ମନ ମୋହୁଛି ମୁରାସୁର ଦରବାର

**ପଲଶାଗୋରା, ୧୨।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ଏହି ଅବସରରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ସୁମିତ୍ରା ସାହୁ, ବିଜେପି ଯୁବ ନେତା ଓମ୍‌ପ୍ରକାଶ ମିଶ୍ର, ବନପାଳ ପୁରନ୍ଦର କର୍ମୀ, ସରପଞ୍ଚ ପଞ୍ଚାନନ ସାହୁ, ଶିକ୍ଷକ ନେତା ନୀଳାଞ୍ଚଳ ଭୋଇ, କଂଗ୍ରେସ ନେତା କେଶବ ଖେତୀ, ସତ୍ୟନାରାୟଣ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଚ୍ୟୁତ ଖମାରୀ ସଂଯୋଜନା କରିଥିଲେ। ହୃଷିକେଶ ଭୋଇ, ନନ୍ଦିଘୋଷ ମହାପାତ୍ର, ସୁଦାମ ବିଶି, ସୂର୍ଯ୍ୟପ୍ରକାଶ କର୍ଣ୍ଣ, ନରସିଂହ ସାହୁ, ନେତ୍ରାନନ୍ଦ ଅମାତ, ହିମାଂଶୁ ଭୁଏ, ଅବଧୂତ ଭୋଇ, ଅରୁଣ କରସେଲ, ସୁରେନ୍ଦ୍ର ସାହୁ, ଭାଗ୍ୟ ମଲ୍ଲିକ, ମୋହିନୀ ବେହେରା, ଅନିରୁଦ୍ଧ ଭୁଏ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି। ବାଦ୍ୟରେ ଦିବାକର ଦୀପ, ଦୟାମୟ ମଲ୍ଲିକ ସହଯୋଗ କରିଥିଲେ।



### ଜହ୍ନାପଙ୍କ ହାଇସ୍କୁଲ ୧୯୯୧ ମାଟ୍ରିକ ବ୍ୟାଚ୍‌ର ଗୁରୁପୂଜା

## ବାପା, ମା' ପ୍ରଥମ ଗୁରୁ



**ବୌଦ୍ଧ, ୧୨।୧୦(ସମିସ):** ଜଗତି ନିକଟସ୍ଥ ହନୁମାନ ମନ୍ଦିରରେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ ୧୯୯୧ ମାଟ୍ରିକ ବ୍ୟାଚର ଗୁରୁପୂଜା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସ୍ୱାଧୀନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱର୍ଗତ ଶିକ୍ଷକ ଘାସିରାମ ଗୁରୁ, ସିଦ୍ଧେଶ୍ୱର ପୁରୋହିତ, ବେଣୁଧର ପ୍ରଧାନ, ଗଣ୍ଡାରାମ ସାହୁ, ସୁରେନ୍ଦ୍ର ସାହୁ ଓ ସହପାଠୀଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ଗୁରୁ ପୂଜା କରାଯାଇଥିଲା। ଏହି ଉପଲକ୍ଷେ ଅତିଥି ଭାବେ ଶିକ୍ଷକ ସହଦେବ ବାରିକ, ସୁରେନ୍ଦ୍ର ମଲ୍ଲିକ, ଜ୍ଞାନେଶ ସାହୁ, ରାଜେନ୍ଦ୍ର ଗାଇଗୌରିଆ, ରଞ୍ଜିତ ରାଉତ, ଆଦିତ୍ୟ ପ୍ରଧାନ ଯୋଗ ଦେଇଥିଲେ। ପ୍ରଥମ ଗୁରୁ ହେଉଛନ୍ତି ମା' ବାପା। ତାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ ଓ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଆଦିତ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କିସାନଲାଲ ଅଗ୍ରୱାଲ, ପ୍ରଫୁଲ୍ଲ ଜେନା, ବିଜୟ ସାହୁ, ଅରୁଣ ରଣା, ମଧୁସୂଦନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ତୁରେକେଲା ବ୍ଲକ୍ କୃଷକ ଉତ୍ପାଦକ ସଂସ୍ଥାର ତୃତୀୟ ଉତ୍ସବ ବାର୍ଷିକ

**କଣ୍ଟାବାଞ୍ଜି, ୧୨।୧୦(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କୃଷକ ଉତ୍ପାଦକ କମ୍ପାନୀର ତୃତୀୟ ବାର୍ଷିକ ଉତ୍ସବ ସୀମାନିବାହାଲ ଗାଁରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନିରୂପମା ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଛାୟାବତୀ ମେହେର, କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସ୍ନିଗ୍ଧା ମେହେର, ନିର୍ଦ୍ଦେଶକ ମଞ୍ଜୁଲତା ସାହୁ, ଚନ୍ଦ୍ରକାନ୍ତି ପୁଟେଲ ମଞ୍ଚାସୀନ ଥିଲେ।




## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ସମାରୋହ ଉତ୍ସବ

**ବୌଦ୍ଧ, ୧୨।୧୦(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଜାମୁଖୋଲ ପୂଜା ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ସମାରୋହ ଉତ୍ସବ ପାଳିତ ହୋଇଇଛି। ଆରଏସଏସର ବଲାଙ୍ଗୀର ବିଭାଗ ସମ୍ପର୍କ ପ୍ରମୁଖ ଗଜେନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ଗୌର ମଲ୍ଲିକ, ବିଶିକେଶନ ପ୍ରଧାନ ପ୍ରମୁଖ ଅତିଥବ ଭାବେ ଯୋଗ ଦେଇଥିଲେ। ଦେଶର ନାଗରିକମାନଙ୍କ ମଧ୍ୟରେ ସାଂସ୍କୃତିକ ସଚେତନତା, ଅନୁଶାସନ, ସେବା ଓ ସାଂସ୍କୃତିକ ଦାୟିତ୍ୱକୁ ପ୍ରୋତ୍ସାହନ ଦେବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଲକ୍ଷ୍ୟ ବୋଲି ଅତିଥିଗଣ କହିଥିଲେ। ଅଲେଖ ବେଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସରପଞ୍ଚ କଷ୍ଟେଶ୍ୱର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଲିଙ୍ଗରାଜ ପ୍ରଧାନ, କେଶବ ପ୍ରଧାନ, ଅଗସ୍ତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱର୍ଣ୍ଣପଦ୍ମ ଚତୁର୍ଭୁଜର ଲୋକାର୍ପଣ ଉତ୍ସବ

**ବୀରମହାରାଜପୁର, ୧୨।୧୦ (ସମିସ):** ମହାନଦୀ ଯୋଗବିହାରସ୍ଥିତ ଶ୍ରୀଗୋପାଳଜୀ ଯୋଗାଶ୍ରମରେ ଡକ୍ଟର ସନ୍ତୋଷ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ରବିବାର ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟବକ୍ତା ଡକ୍ଟର ଜ୍ୟୋତିରଞ୍ଜନ ବହିଦାର, ସ୍ୱତନ୍ତ୍ର ଅତିଥି ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ମୁଖ୍ୟଅତିଥି ଡକ୍ଟର ପ୍ରଫୁଲ୍ଲ କୁମାର ରଥ ଏବଂ ଆଇନଜ୍ଞ ବ୍ୟୋମୋକେଶ ଦାଶ, ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା, ଡକ୍ଟର ଦେବାଶିଷ ପାଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥାକାର ଡକ୍ଟର ଆର୍ତ୍ତତ୍ରାଣ ବାବୁଙ୍କ ବହୁ ଚର୍ଚ୍ଚିତ ସାରସ୍ୱତ ସୃଜନ 'ସ୍ୱର୍ଣ୍ଣପଦ୍ମ ଚତୁର୍ଭୁଜ' କାବ୍ୟ ଗ୍ରନ୍ଥକୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ଡକ୍ଟର ଶ୍ରୀବାବୁ, ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ ସମ୍ପୂର୍ଣ୍ଣ ଜୀବନୀକୁ ନେଇ ଲେଖିଥିବା ପୁସ୍ତକ ସ୍ୱର୍ଣ୍ଣପଦ୍ମ ଚତୁର୍ଭୁଜ ରଚନାର ପୃଷ୍ଠଭୂମି, ଉଦ୍ଦେଶ୍ୟ, ଅଭିଜ୍ଞତା ଓ ଆଭିମୁଖ୍ୟ ପ୍ରକାଶ କରିଥିଲେ। ଅଧ୍ୟାପକ ଡକ୍ଟର ସୌରଭ ରଞ୍ଜନ ଖମାରୀ ଅତ୍ୟନ୍ତ ନିଖୁଣ ତଥା ପ୍ରାଞ୍ଜଳ ଭାବରେ ପୁସ୍ତକଟିକୁ ସମୀକ୍ଷା କରି କହିଥିଲେ ଯେ ଏହା ଏକ ବିରଳ ସାରସ୍ୱତ ମଞ୍ଚ। ସ୍ୱାଗତ ସଙ୍ଗୀତ ମଞ୍ଜୁଶ୍ରୀ ବାବୁ ଓ ଭଜନ ପରିବେଷଣ କରିଥିଲେ ଯଜ୍ଞେଶ୍ୱର ପୂଜାହାରୀ, କରୁଣାକର ଘଣ୍ଟୁଆଳ, ବେଟିଖିଆ ସେଠୀ। ସଭାକୁ ସ୍ୱାଗତ କରିଥିଲେ ଶିକ୍ଷାବିତ୍ ପ୍ରଦୀପ ପୁରୋହିତ, ସଂଯୋଜନା କରିଥିଲେ ଡକ୍ଟର ଅନିରୁଦ୍ଧ କୁରୁକୁରିଆ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଡକ୍ଟର ରାଧେଶ୍ୟାମ ମିଶ୍ର। ଦ୍ୱିତୀୟ ପର୍ଯ୍ୟାୟରେ ସପ୍ତଦୀପା ସାହିତ୍ୟ ସଂସଦର ୧୨୫ ତମ ଭ୍ରାମ୍ୟମାଣ ସାରସ୍ୱତ ସମାରୋହ ହୋଇଥିଲା। ଡକ୍ଟର ଇତିଶ୍ରୀ ଦାସ୍, ସନ୍ତୋଷ ପାଣିଗ୍ରାହୀ, ନିରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଅତିଥି ଥିବାବେଳେ କବି ଲକ୍ଷ୍ମୀ ନାରାୟଣ ସାହୁ, ହିମାଂଶୁ ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ରାଧେଶ୍ୟାମ ମିଶ୍ର, ସନ୍ତୋଷିନୀ ନାୟକ, ତନ୍ମୟବାଳା ମିଶ୍ର, ଶୁଭେନ୍ଦୁ ମେହେର, ସୁଦାମ ନାଏକ, ବାବୁଲାଲ ମନ୍ଦା, ପ୍ରଫୁଲ୍ଲ ପ୍ରଧାନ, ଭାବଗ୍ରାହୀ ମେହେର, ଆନନ୍ଦ ପ୍ରଧାନ, ରଞ୍ଜନ ସା, ଧର୍ମ କୁମାର ଶତପଥୀ, ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା, ସୁବ୍ରତ ପଣ୍ଡା, ସବିତା ହୋତା, ଅକ୍ଷୟ ରାଜ, ଗଜାନନ ସାଥୁଆ, ପଦ୍ମନାଭ ବାରିକ, ଭିକାରୀ ସେଠୀ, ଯୁଧିଷ୍ଠିର ଖମାରୀ ପ୍ରମୁଖ ବହୁ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସଚ୍ଚିଦାନନ୍ଦ ନାୟକ, ବାସୁଦେବ ମିଶ୍ର, ଅମର ଭୂତ, ନରେଶ ଅଗ୍ରୱାଲ, ଦୟାନିଧି ସେଠୀ, ଡ. ଆଭାସ ବାବୁ, ଆଶିଷବାବୁ, ଶକ୍ତି ସ୍ୱରାଜ ନାୟକ ପ୍ରମୁଖ ସହଯୋଗ କରିଥିଲେ।



## ଆଦିମ ଆଦିବାସୀ କନ୍ଧ ସମାଜର ବାର୍ଷିକ ଉତ୍ସବ

**ବୌଦ୍ଧ, ୧୨।୧୦(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା କଲ୍ୟାଣ ମଣ୍ଡପରେ ଆଦିମ ଆଦିବାସୀ କନ୍ଧ ସମାଜର ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ନୂଆଁଖାଇ ଭେଟଘାଟ ମୁଣ୍ଡାପଡ଼ା ସଭାପତି ଜାତକ ନାଏକଙ୍କ ନେତୃତ୍ୱରେ ହୋଇଥିଲା। ଏହି ନୂଆଁଖାଇ ଭେଟଘାଟରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଆଦି କନ୍ଧ ସଭାପତି ଚିନ୍ତାମଣି ଭୋଇ, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ଆଦିବାସୀ ସଭାପତି ଡମ୍ବରୁଧର କହଁର, ଦେବରଞ୍ଜନ କହଁର, ପଞ୍ଚାନନ କହଁର, ନରୋତ୍ତମ ମଲିକ, ବୀରମିତ୍ର ମଲିକ, କେନ୍ଦ୍ର ସମ୍ପାଦକ ଯୋଗିନ୍ଦ୍ର କହଁର, ପ୍ରଦୀପ ମାଝୀ, ଶିବସ୍ତ୍ର ସାହୁ, ଅଭିମନ୍ୟୁ ନାଏକ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲାର ଅନେକ ପ୍ରଗଣା ସଭାପତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନୂଆଖାଇ ଭେଟଘାଟ ପୂର୍ବରୁ ସମାଜର ପୁରୁଷ ଓ ମହିଳାମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଶୋଭାଯାତ୍ରାରେ ଯାଇ ଇଷ୍ଟ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ।

## ବିଜୟା ଦଶମୀ ଉତ୍ସବ ପାଳିତ

**ହରଭଙ୍ଗା, ୧୨।୧୦(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଖଣ୍ଡର ବୀରନରସିଂପୁର ମଣ୍ଡଳୀ ମଥୁରା ପଞ୍ଚାୟତ କେଳାକଟାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜକିଶୋର ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ପ୍ରଭୁଲାଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ରଘୁନାଥ ଷଡ଼ଙ୍ଗୀ, ଶେଷଦେବ ଛନ୍ଦ, ଶିବରାମ ସାହୁ, ବିଜୟ ସାହୁ, ଜଗନ୍ନାଥ ମେହେର, ନିର୍ଗୁଣ ମହାକୁଡ଼, ଗୋବର୍ଦ୍ଧନ କର୍ଣ୍ଣ, ତ୍ରିନାଥ ପାଢ଼ୀ, ଆନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଗୋ ଦାନ



**ବୌଦ୍ଧ, ୧୨।୧୦(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କନ୍ଧଧୂମାଲସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡକୁ ଜଣେ ବ୍ୟକ୍ତି ୨୩ଟି ଗୋରୁ ଦାନ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ପିତାମହୁଲ ପଞ୍ଚାୟତ ଡୁଲେସର ଗ୍ରାମର ବରିଷ୍ଠ ନାଗରିକ ଦଶରଥ ବାଘ ପାଳିଥିବା ୨୩ଟି ଗୋରୁଙ୍କୁ ଲାଳନପାଳନ ଲାଗି ଅସମର୍ଥ ହେବାରୁ କାର୍ଡର ସମ୍ପାଦକ ଧର୍ମୁଧର ପୋଢ଼ଙ୍କୁ ଯୋଗାଯୋଗ କରିଥିଲେ। ଗୋଶାଳାର ସେବକ ବିବେକାନନ୍ଦ ସାହୁ, ତପନ ପ୍ରଧାନ, କୋଷାଧ୍ୟକ୍ଷ ବିଘ୍ନରାଜ ପ୍ରଧାନ, ସମ୍ପାଦକ ଧର୍ମୁଧର ପୋଢ଼ଙ୍କ ଉପସ୍ଥିତିରେ ସେ ଗୋରୁଗୁଡ଼ିକୁ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ।

## ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି



**ବୌଦ୍ଧ, ୧୨।୧୦(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ କଂକଲା ଶ୍ରୀ ସିଦ୍ଧଗୁରୁ ବାବା ମଠରେ ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଠର ମହନ୍ତ ସର୍ବେଶ୍ୱର ଦାସ ଅଧ୍ୟକ୍ଷତା କରିଥିଲେ। ଯଜ୍ଞର ମୁଖ୍ୟ ମାର୍ଗଦର୍ଶକ ଭାବେ ଚେନାଇ ସତ୍ୟ ଚେତନା ଆଶ୍ରମର ସଦଗୁରୁ ସ୍ୱାମୀ ଆଓ୍ୱନନ୍ଦଜୀ ମହାରାଜ ଯୋଗ ଦେଇଥିଲେ। ଯଜୁର୍ବେଦ ଯଜ୍ଞ ଆୟୋଜନ କଲେ କେଉଁ ଉତ୍ତମ ଫଳ ପ୍ରାପ୍ତ ହୁଏ ସେ ଉପରେ ମାର୍ଗଦର୍ଶନ କରିଥିଲେ। ଉଦ୍ୟକ୍ତା ମାନସ ସୁନ୍ଦର ଶତପଥୀ ଯଜ୍ଞ ଆୟୋଜନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ନଭେମ୍ବର ୨ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବ। ଏହି ଅବସରରେ ଯଜ୍ଞ ପରିଚାଳନା ପାଇଁ ବିଭିନ୍ନ ସବ୍ କମିଟି ଗଠନ କରାଯାଇଛି। ବିଭିନ୍ନ ଆଲୋଚନାରେ ରଘୁବୀର ଦାସ, ଯଜ୍ଞ ପରିଚାଳନା କମିଟି ସଭାପତି ପୟୋଧର ମହାକୁଳ, ଉପ ସଭାପତି ପ୍ରଶାନ୍ତ ସେଠି, ଧନମାଳୀ ଦେହୁରୀ, ସମ୍ପାଦକ ମୟସେନ ରଣା, ସହ ସମ୍ପାଦକ ଶ୍ରୀପତି ମହାକୁଡ଼, କୋଷାଧ୍ୟକ୍ଷ ମନୋଜ ମହାକୁଡ଼, ସହ କୋଷାଧ୍ୟକ୍ଷ ଶିବ କର୍ମୀ, ସଦସ୍ୟ ଶ୍ରୀକ୍ଷେତ୍ର ମହାକୁଡ଼, ଦୁଷ୍ମନ୍ତ ପୃଷ୍ଟି, ରବି ବେହେରା, ପାଣ୍ଡବ ମହାକୁଡ଼, ଗଙ୍ଗାଧର ମହାକୁଡ଼, ସାମ୍ବାଦିକ ମହେଶ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ମନମୁଣ୍ଡା ବ୍ରାହ୍ମଣ ସମାଜର ପ୍ରସ୍ତୁତି

**ମନମୁଣ୍ଡା, ୧୨।୧୦ (ସମିସ):** ଆସନ୍ତା ୨୨ ତାରିଖରେ ଗୋବର୍ଦ୍ଧନ ପୂଜା ଉପଲକ୍ଷେ ମନମୁଣ୍ଡା ବ୍ରାହ୍ମଣ ସମାଜ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ବିଜୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବୈଦ୍ୟନାଥ ହୋତା ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ। ଉପଦେଷ୍ଟା ବଳଦେବ ରଥ, ଦାଶରଥି ମିଶ୍ର, ନିରଞ୍ଜନ ହୋତା, ଗଣେଶ ପ୍ରସାଦ ମିଶ୍ର କିପରି ପୂଜା କରାଯିବ, କେତେବେଳ ଆରମ୍ଭ କରାଯିବ ଇତ୍ୟାଦି ଦିଗଦର୍ଶନ ପ୍ରଦାନ କରିଥିଲେ। ସମାଜ ଉପସଭାପତି ରୋହିତ ହୋତା, ସଭ୍ୟ କମଳ ନାୟକ, ଅଶୋକ ନାୟକ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ବୈଦ୍ୟନାଥ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଦକର ସାମାଜିକ ସେବା ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ତରଭା, ୧୨।୧୦(ସମିସ)**

ଡ. ଆମ୍ବେଦକର ସାମାଜିକ ସେବା ସଙ୍ଘ ତରଭା ଆନୁକୂଲ୍ୟରେ ବ୍ଲକସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସଙ୍ଘର ସଭାପତି ବୈକୁଣ୍ଠେଶ୍ୱର ବାରିକଙ୍କ ସଭାପତିତ୍ୱରେ କୃଷ୍ଣାର୍ଜୁନ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖରୁ ଶତାଧିକ ମହିଳା ପୁରୁଷଙ୍କୁ ନେଇ ଏକ ଶୋଭାଯାତ୍ରା ଗଣ୍ଡା ବଜାର ପରିକ୍ରମା କରିଥିଲା। ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ତରଭା ଥାନା ଏଏସ୍‌ଆଇ ଗୀତାଞ୍ଜଳି ସୁନା ମୁଖ୍ୟ ଅତିଥି, ଏସ୍‌ସି/ଏସ୍‌ଟି ସମନ୍ୱୟ ସମିତିର ଜିଲ୍ଲା ସଭାପତି ଅଚ୍ୟୁତ ଛତ୍ର ମୁଖ୍ୟ ବକ୍ତା ଓ ସଂଘର ସମ୍ପାଦକ ଓକିଲ କୁଶଳେଶ୍ୱର ସୁନା, ସୈରେନ୍ଦ୍ରୀ ବାଗ, ବେଣୁଧର ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଶ୍ରୀ ବାରିକ ପାରମ୍ପରିକ ରୀତିରେ ନୂଆଖାଇ ଓ ନୂଆଖାଇ ଭେଟ୍‌ଘାଟ୍‌ର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ସୁନା ଏହାକୁ କୃଷି ଭିତିକ ପର୍ବ, ଭାଇଚାରାର ପର୍ବ ବୋଲି କହିଥିଲେ। ସଂଘର ସଭାପତି ଓ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ପ୍ରଦୀପ ନାଏକ, ଜଗବନ୍ଧୁ ନାଗ, ବାବରୁ ସୁନା, ନନ୍ଦକିଶୋର ଭୋଇ, ସୁଦାମ କୁମ୍ଭାର, ମକୁନ୍ଦ ବିଶ୍ୱାଳ, ନକୁଳ ନନ୍ଦ, ବାସୁଦେବ କୁମ୍ଭାର, ଫକୀର ସୁନା, ସୁରୁସିଂ କୁମ୍ଭାର, ଟୁପୁ ତାଣ୍ଡି, ସୁମନ୍ତ ନନ୍ଦ, ଶାସନ ମୁନା, ସମୀର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସୁଶୀଲ ମୁଖି ଓ ସାଥିଙ୍କ ସମେତ ଆଞ୍ଚଳିକ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁରେଶ ବାଗ ମଞ୍ଚ ପରିଚାଳନା କରିବା ସହିତ ଧବଳେଶ୍ୱର ସୁନା ଧନ୍ୟବାଦ ଦେଇଥିଲା।



## ୩୦ କିଲୋ ଗଞ୍ଜେଇ ଜବତ
# ଆଇନଜୀବୀଙ୍କ ସମେତ ଦୁଇ ଗିରଫ



ଧରାକୋଟ,୧୨ ।୧୦(ସମିସ): ୩୦କିଲୋ ଗଞ୍ଜେଇ ସହ ଗୋଟିଏ କାର ଓ ବାଇକ୍ ଜବତ ହୋଇଛି । ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି ଅବକାରୀ ପୁଲିସ । ଅବକାରୀ ବିଭାଗ ଯୁଗ୍ମ କମିଶନର ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡ ଶ୍ରୁତିକାନ୍ତ ରାଉତ ଓ ତାଙ୍କ ଟିମ ମୁଣ୍ଡମରେଇ ଛକରେ ଗୋଟିଏ ବାଇକ୍ (ନଂ.ଓଡି୦୨ଡିଏଫ-୧୫୬୪)କୁ ଅଟକାଇ ଯାଞ୍ଚ କରି ସେ ଧରିଥିବା ମୋବାଇଲ ଫୋନ୍ ଜବତ କରିବା ପରେ ସମ୍ପୃକ୍ତ ବ୍ୟକ୍ତି ଏସକର୍ଟ ଦେଇ ଆଣୁଥିବା କାର୍ (ନଂ. ଓଡି୦୨ୱାଇ-୫୨୦୨)କୁ ଅଟକାଇଥିଲେ । ଯାଞ୍ଚ ବେଳେ ସେଥିରୁ ୩୦କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇଟି ମୋବାଇଲ ସେଟ୍, ଦୁଇଟି ଆରସି କାର୍ଡ, ଦୁଇଟି ଡ୍ରାଇଭିଂ ଲାଇସେନ୍ସ ଜବତ କରି କନ୍ଧମାଳ ଜିଲ୍ଲାର ଦୁଇ ଅପରାଧୀଙ୍କୁ ମଧ୍ୟ ଗିରଫ କରାଯାଇଛି । ଦୁଇ ଅଭିଯୁକ୍ତ ହେଲେ ବାଲିଗୁଡା ଥାନା ସୁଦିରିଗାଁର କପିଳାସ ଦିଗାଲ ଓ ବାଲିଗୁଡା ଥାନା ସୁନାପଙ୍ଗାର ତରୁଣ କୁମାର ଜେନା । ଅଭିଯୁକ୍ତଙ୍କ ମଧ୍ୟରୁ କପିଳାସ ଦିଗାଲ ଜଣେ ଓକିଲ । ସେ ହିଁ ଏହାର ମାଷ୍ଟରମାଇଣ୍ଡ ଏବଂ ହୋଣ୍ଡା ୟୁନିକର୍ଣ୍ଣ ବାଇକ୍ ମାଧ୍ୟମରେ ଗଞ୍ଜେଇ ବୋଝେଇ କାରକୁ ଏସ୍କର୍ଟ କରୁଥିଲେ । ଉକ୍ତ ଗଞ୍ଜେଇ କନ୍ଧମାଳରୁ ଆସ୍କା ଦେଇ ଭଦ୍ରକକୁ ଚାଲାଣ କରାଯାଉଥିଲା । ପ୍ରକାଶ ଥାଉକି କପିଳାସଙ୍କ ନିକଟରୁ ଜବତ ମୋବାଇଲରେ ଗଞ୍ଜେଇ ମାଫିଆଙ୍କ ଅନେକ ଯୋଗାଯୋଗ ନମ୍ବର ମିଳିଥିବାରୁ ତାଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି । ଚଢ଼ଉରେ ଅଜିତ ନାୟକ ଏସ୍‌ଆଇ, ପ୍ରବିରା ସାମଲ, କପିଳାଶ ଭତ୍ରା, ସନ୍ତୋଷ ନାୟକ ପ୍ରମୁଖ ସାମିଲ ଥିଲେ ।

## ଜୁଆ ଆଡ୍ଡାରେ ଚଢ଼ଉ
# ୫ ମହିଳାଙ୍କ ସମେତ ୧୧ ଗିରଫ

ଛତ୍ରପୁର,୧୨ ।୧୦(ସମିସ): ଶନିବାର ବିଳମ୍ବିତ ରାତ୍ରରେ ଛତ୍ରପୁର ପୁଲିସ ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୨ଲକ୍ଷ ୨ ହଜାର ୫୬୦ ଟଙ୍କା ଜବତ କରିବା ସହ ଗୋଟିଏ ମାମଲା ରୁଜୁ କରି ୫ଜଣ ମହିଳା ଓ ୬ଜଣ ପୁରୁଷଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଗୋଟିଏ କାର୍ ଓ ୧୪ଟି ମୋବାଇଲ ଫୋନ୍ ଜବତ କରିଥିବା ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରୁ ଗଞ୍ଜାମ ଏସପି ସୁଭେନ୍ଦୁ କୁମାର ପାତ୍ର ପୂର୍ବାଣି ରତୁକୁ ଦୃଷ୍ଟିରେ ରଖି ଜୁଆ ଆଡ୍ଡା ଓ ବେଆଇନ ବାଣ କରବାର ଚଢାଉ କରିବାକୁ ଥାନା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ସେପ୍ଟମ୍ବର ୧୫ରୁ ୧୧ ଅକ୍ଟୋବର ମଧ୍ୟରେ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ୧୧୧ଟି ଜୁଆ ଆଡ୍ଡାରେ ଚଢ଼ଉ କରାଯାଇ ୨୫ ଲକ୍ଷ ୮୩ହଜାର ୩୨୦ ଟଙ୍କା ଜବତ ସହ ୬୭୦ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୨୨ଟି ମୋବାଇଲ ଫୋନ ୩୫ ଗାଡ଼ି ଜବତ କରାଯାଇଛି । ସେହିପରି ଗଞ୍ଜାମ ପୁଲିସ ଜିଲ୍ଲାରେ ୩୮ଟି ବେଆଇନ ବାଣ କାରବାର ମାମଲା ରୁଜୁ ହେବା ସହ ୬୦ ଲକ୍ଷ ୭୮ ହଜାର ଟଙ୍କାର ବାଣ ଜବତ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ଉ ଜାରି ରହିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି ।

# ମଧୁପଲ୍ଲୀରେ ଗୋଷ୍ଠୀ ସଂଘର୍ଷ
## ୫ ଆହତ, ୨ ଗୁରୁତର



ପୋଲସରା,୧୨।୧୦(ସମିସ): ପୋଲସରା ଥାନା ଅନ୍ତର୍ଗତ ମଧୁପଲ୍ଲୀ ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ରବିବାର ଗୋଷ୍ଠୀ ସଂଘର୍ଷ ଘଟିଛି । ଏଥିରେ ୨ ଜଣ ଗୁରୁତର ହୋଇଥିବା ବେଳେ ଉଭୟ ଗୋଷ୍ଠୀର ଆଉ କିଛି ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ଅଛନ୍ତି । ଗୁରୁତର ମଧୁପଲ୍ଲୀ ଗ୍ରାମର ପ୍ରଦୀପ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନଙ୍କୁ ବ୍ରହ୍ମପୁର ପଠାଯାଇଛି । ଆହତମାନଙ୍କ ମଧ୍ୟରେ ବାଳକୃଷ୍ଣ ପ୍ରଧାନ, କୁନି ପ୍ରଧାନ, ସୂର୍ଯ୍ୟନାରାୟଣ ପ୍ରଧାନ, ରାମକୃଷ୍ଣ ପ୍ରଧାନ ପ୍ରମୁଖ ରହିଛନ୍ତି । ପୋଲସରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।



ଏହି ଘଟଣା ୨୦୧୯ର ରାଜନୈତିକ ଶତ୍ରୁତାରୁ ଘଟିଛି ବୋଲି ସୂଚନା ମିଳିଛି । ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି ।

# ଇଂରାଜୀ ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ



ରମ୍ଭା,୧୨ ।୧୦(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ମଧୁରଚୁଆ ସାନସାହି କୋଠଘରେ ଚଉଦଦେଶ କର୍ମଚାରୀ ସେବା ସଂଘ ରମ୍ଭା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ କରାଯାଇଛି । କର୍ମଚାରୀ ସେବା ସଂଘର ଉପ ସଭାପତି ହରେକୃଷ୍ଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ସମ୍ମାନିତ ଭାବେ ରାଜ୍ୟ ହରିଜନ ମହିଳା ମୋର୍ଚ୍ଚାର ନେତ୍ରୀ ବିଜୟଲକ୍ଷ୍ମୀ ବାଲା, ପୂର୍ବତନ ସିଆରସିସି ସମୀର କୁମାର ଅଧିକାରୀ ଓ ଅଙ୍ଗନବାଡି କର୍ମୀ ଯଶୋଦା ବେହେରା ପ୍ରମୁଖ ଯୋଗ ଦେଇ ଇଂରାଜୀ ଶିକ୍ଷାର ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ । ଏହା ପରେ ବୈଠକ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଇଂରାଜୀ ଶିକ୍ଷାର ଦୁର୍ବଳତା ଚିହ୍ନଟ କରାଯାଇ ଗୁଣାତ୍ମକ ଦିଗ ଉପରେ ଆଲୋଚନା କରାଯାଇଥିଲା । ସାନସାହିର ଅଧ୍ୟୟନରତ ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେନସଚାର୍ଟ, ୱାଡର୍‌ବୁକ୍ ଓ ଟ୍ରାନ୍ସଲେସନ ଆଦି ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶେଷଦେବ ବେହେରା ପରିଚାଳନା କରିଥିଲେ । ରାଘବ ବେହେରା, ସରଜୁ ବେହେରା, ବିମଳା ବେହେରା, ପ୍ରକାଶ ବେହେରା ସୁଦେଷ୍ଣା ବେହେରା, ଚନ୍ଦ୍ରମା ବେହେରା ଓ ଜଗଦୀଶ ବେହେରା ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସୁନାରି ସମାଜର ବୈଠକ



ଧରାକୋଟ,୧୨ ।୧୦(ସମିସ): ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ବା ସୁନାରି ସମାଜ ୧୫ ତାଲୁକା କେନ୍ଦ୍ରର ବୈଠକ ଧରାକୋଟ ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘ ସଭାପତି ଡି. ଶିବଶଙ୍କର ଆଚାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାସଂଘ ସଂପାଦକ କେ. ଶଶି ଭୂଷଣ ଆଚାରି, ଉପ ସଭାପତି କେ. ଶ୍ୟାମମୂର୍ତ୍ତି ଆଚାରି, ଉପ ସଭାପତି ବି. ଭୁକୈଳାସ ଆଚାରି, ସହ ସମ୍ପାଦକ ଟି. ବିଜୟ କୁମାର ଆଚାରି, କୋଷାଧ୍ୟକ୍ଷ ବି. ଶାନ୍ତନୁ କୁମାର ଆଚାରି, ବରିଷ୍ଠ ସଦସ୍ୟ କେ. ଦିଲୀପ କୁମାର ଆଚାରି ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ । ଧରାକୋଟ ତାଲୁକାର ଯୁବ ସଭାପତି ପି. ବିଶ୍ୱନାଥ ଆଚାରିଙ୍କ ସଂଯୋଜନାରେ ସଭାପତି ଜଗନ୍ନାଥ ଆଚାରି, କାହ୍ନୁ ଆଚାରି, ସିତେନ୍ଦ୍ର ଆଚାରି ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ପଲ୍‌ସ ପୋଲିସ କାର୍ଯ୍ୟକ୍ରମ
# ଝିଅକୁ ପୋଲିଓ ବୁନ୍ଦା ଖୁଆଇଲେ ଜିଲ୍ଲାପାଳ



ଛତ୍ରପୁର,୧୨ ।୧୦(ସମିସ): ଛତ୍ରପୁର ସ୍ଥିତ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଜିଲାସ୍ତରୀୟ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ନିଜ ଝିଅକୁ ମଧ୍ୟ ପୋଲିଓ ବୁନ୍ଦା ଖୁଆଇଥିଲେ । ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁ ଏହି ପୋଲିଓ ବୁନ୍ଦା ନେବା ପାଇଁ ଅନୁରୋଧ କରିଥିଲେ । ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ୩ ଲକ୍ଷ ୪୫ ହଜାର ୧୧ ଜଣ ଶିଶୁକୁ ଏହି ପଲସ ପୋଲିଓ ବୁନ୍ଦା ପାନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି । ଏନେଇ ଆଜି ୧୬୩୭ଟି ବୁଥ ଅନୁଷ୍ଠିତ ହୋଇଥିବା ବେଳେ ୩୨୭୪ଟି ଟିମ କରାଯାଇଥିବା ବେଳେ ୬୫୪୮ ଜଣ କର୍ମୀ ନିୟୋଜିତ ହୋଇଛନ୍ତି । ୭୫ଟି ଟ୍ରାଞ୍ଜିଟ ଟିମ ଓ ୫୫ଟି ମୋବାଇଲ ଟିମ ଗଠନ ହୋଇଥିବା ବେଳେ ଏହାକୁ ତଦାରଖ ପାଇଁ ୩୨୩ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । କାର୍ଯ୍ୟକ୍ରମରେ ଛତ୍ରପୁର ମେଡିକାଲ ଅଧିକ୍ଷକ ଡା.ସୁଦର୍ଶନ ସାହୁ, ଏନଏଚଏମ ଡିପିଏମ ବୁଲୁ ନାଥ ସାହୁ, ରୋଟାରିୟନ ଡା.ନାରାୟଣ ମିଶ୍ର, ସରୋଜ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ବରାଳ, ଛତ୍ରପୁର ମେଡିକାଲ ମ୍ୟାନେଜର ଗଣେଷ ନାହାକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ ।

# କର୍କଟ ରୋଗ ପୀଡ଼ିତ ଛାତ୍ରଙ୍କୁ ସହାୟତା



କୋଦଳା, ୧୨ ।୧୦(ସମିସ): ବେଗୁନିଆପଡା ବ୍ଲକ ଅଙ୍ଗାରଗାଁ ଗ୍ରାମ ତୋଟାସାହିର ଭୋକିଲି ସାହୁ ଓ ଶଶି ସାହୁଙ୍କ ସାନପୁଅ 'ବିଜୟ' ଏବେ ରକ୍ତ କର୍କଟ ରୋଗରେ ପୀଡିତ । ବର୍ତ୍ତମାନ ସେ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଡାକ୍ତରଙ୍କ କହିବା ମୁତାବକ ତାହାର ଚିକିତ୍ସା ନିମନ୍ତେ ୨୦ରୁ ୨୫ ଲକ୍ଷ ଟଙ୍କାର ଆବଶ୍ୟକତା ଅଛି । ସ୍ୱାସ୍ଥ୍ୟ କାର୍ଡରୁ ଟଙ୍କା ଶେଷ ହୋଇଗଲାଣି । ଏ ନେଇ "ସକାଳ'ରେ ଖବର ପ୍ରକାଶ ସହ ଆବଶ୍ୟକୀୟ ସହାୟତା ନିମନ୍ତେ ବିଜୟଙ୍କ ପରିବାର ନିବେଦନ କରିଥିଲେ । ଏହି ପରାପ୍ରେକ୍ଷୀରେ ଅଙ୍ଗାରଗାଁ ସ୍ଥିତ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ କିଛି ଅର୍ଥ ରାଶି ସଂଗ୍ରହ କରିଥିଲେ । ଏହି ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାର ପ୍ରାପ୍ତବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ ଏବଂ ପିଅନ ଟୁନା ସାହୁ ବିଜୟଙ୍କ ପରିବାର ବର୍ଗଙ୍କୁ ଭେଟିବା ସହ ସଂଗ୍ରହ ହୋଇଥିବା ଅର୍ଥରାଶି ପ୍ରଦାନ କରିଛନ୍ତି । ଏହା ପୂର୍ବରୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ବିଜୟଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଏବଂ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

# ଡାକ୍ତରାଣୀଙ୍କ ଘରୁ ସୁନା ଅଳଙ୍କାର ଚୋରି; ସନ୍ଦେହରେ ଘରୋଇ ସହାୟିକା

ବ୍ରହ୍ମପୁର,୧୨।୧୦(ସମିସ): ବ୍ରହ୍ମପୁରର ଆମ୍ବପୁଆରେ ରହୁଥିବା ଜଣେ ଡାକ୍ତରାଣୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି । ଘରେ କାମ କରିବାକୁ ରହୁଥିବା କୌଣସି ପରିଚାଳରିକା ହିଁ ଏହି ସୁନା ଅଳଙ୍କାର ଚୋରି କରିଥିବା ସନ୍ଦେହ ଉପୁଜିଛି । ଘଟଣାକୁ ନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାପ୍ରକାରେ, ହିଞ୍ଜିଳିକାଟୁ କଞ୍ଜୁରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା.ଶ୍ରଦ୍ଧାଞ୍ଜଳି ନାୟକ ଆମ୍ବପୁଆରେ ଏକ ଘରେ ଏକୁଟିଆ ରହୁଛନ୍ତି । ତାଙ୍କ ଘରେ ଭୁବନେଶ୍ୱରର ରୟାଲ ମ୍ୟାନପାୱାର ସଂସ୍ଥା ପକ୍ଷରୁ ଘରୋଇ ସହାୟିକା ତଥା ପରିଚାରିକା ନିୟୋଜିତ ହୋଇଛନ୍ତି । ସେହି ଘରୋଇ ସହାୟିକା ଡାକ୍ତରାଣୀଙ୍କ ଘରେ ଦିନରାତି ରହୁଛନ୍ତି । କିଛିଦିନ ମଧ୍ୟରେ ସଂପୃକ୍ତ ସଂସ୍ଥା ପକ୍ଷରୁ ୩ରୁ ୪ ଜଣ ଘରୋଇ ସହାୟିକାଙ୍କୁ ବଦଳା ଯାଇଥିଲା । ଏପରିକି ୨ ଜଣ ଘରୋଇ ସହାୟିକା କୌଣସି କାରଣ ନଥାଇ ଡାକ୍ତରାଣୀଙ୍କ ଘରେ କାମ ନକରି ଚାଲିଯାଇଥିଲେ । ଏହାପରେ ସଂସ୍ଥା ପକ୍ଷରୁ ନୂତନ ଘରୋଇ ସହାୟିକାଙ୍କୁ ପଠାଯାଇଥିଲା । ହେଲେ ଆଜକୁ ସପ୍ତାହ ତଳେ ଡାକ୍ତରାଣୀଙ୍କ ଘରେ ଥିବା ଆଲମୀରାରୁ ଗୋଟିଏ ସୁନା ଚେନ, ମଙ୍ଗଳସୂତ୍ର, ଲକେଟ ଓ ଚେନ, କାନଫୁଲ, ସୁନା ଚୁଡି ଓ ବ୍ରେସଲେଟ ଗାଏବ ଥିବା ସେ ଜାଣିବାକୁ ପାଇଥିଲେ । ଏନେଇ ଡାକ୍ତରାଣୀ ଜଣଙ୍କ ସମ୍ପୃକ୍ତ ସଂସ୍ଥାକୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିଲା । ତେବେ କିଛିଦିନ ତଳେ ଘରୁ କାମ ନକରି ହଠାତ ଚାଲି ଯାଇଥିବା ଘରୋଇ ସହାୟିକା ହିଁ ସୁନା ଅଳଙ୍କାର ଚୋରି କରିଥିବା ସେ ସନ୍ଦେହ କରୁଥିବା ପୁଲିସକୁ ଜଣାଇଛନ୍ତି ।

# ବାହୁଦା ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଚିକିଟି,୧୨ ।୧୦(ସମିସ): ବ୍ରହ୍ମପୁର ଗୁଳିକାଣ୍ଡର ସପ୍ତାହେ ନ ପୁରୁଣୁ ଗଞ୍ଜାମରେ ଆଉ ଗୋଟିଏ ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି । କେ.ନୂଆଁଗାଁ ଥାନା ଅନ୍ତର୍ଗତ ନୂଆପଡା ଫାଣ୍ଡି ଅଧୀନ ନୂଆପଡ଼ା ଗ୍ରାମ ଅଞ୍ଚଳରେ ଶନିବାର ସକାଳେ ବାହୁଦା ନଦୀ କୂଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ । ମୃତକ ନୂଆପଡ଼ା ଗ୍ରାମର ନାରାୟଣ ପ୍ରଧାନ (୫୯) । ନାରାୟଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର କ୍ଷତଚିହ୍ନ ଥିବାସହ ତାଙ୍କ ହାତ ଛିଣ୍ଡି ପଡ଼ିଛି । ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି । ନାରାୟଣ ଶନିବାର ଭୋରୁ ବାହୁଦା ନଦୀ କୂଳରେ କରିଥିବା ପନିପରିବା ଚାଷ ଦେଖିବାକୁ ଯାଇଥିଲେ । କିଛି ସମୟ ପରେ ତାଙ୍କ ମୃତଦେହ ନଦୀ ପାଖରେ ରକ୍ତାକ୍ତ ଅବସ୍ଥାରେ ମିଳିଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କିଏ ଏବଂ କାହିଁକି ନାରାୟଣଙ୍କୁ ହତ୍ୟା କଲା ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଏହି ଘଟଣା ଏବେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।

# ସ୍ୱର୍ଣ୍ଣମୟୀ ହାଇସ୍କୁଲରେ 'ସୁରଭି' କାର୍ଯ୍ୟକ୍ରମ

କୋଦଳା,୧୨ ।୧୦(ସମିସ): ସ୍ଥାନୀୟ ସ୍ୱର୍ଣ୍ଣମୟୀ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କୋଦଳା ଏନଏସି ଅଧ୍ୟକ୍ଷ୍ୟ ସୂର୍ଯ୍ୟନାରାୟଣ ନାୟକ ଯୋଗଦେଇ କୋମଳମତି ଶିଶୁ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ରଞ୍ଜିତା ସେଠି, ଅଙ୍ଗାରଗାଁ ମଣ୍ଡଳ ପ୍ରତିନିଧି ନାରାୟଣ ସୁମନ୍ତରାୟ ଅତିଥି ଭାବେ ଯୋଗଦେଇ ଥିଲେ । ଆଜିର ଏହି ସୁରଭି କାର୍ଯ୍ୟକ୍ରମ ଅତି ସୁନ୍ଦର ଭାବେ ସମାପନ ହୋଇଥିବାରୁ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଧନ୍ୟବାଦ ଦେଇଥିଲେ ଅଧ୍ୟକ୍ଷ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ବେଗୁନିଆପଡା ଥାନା ଏସ୍‌ଆଇଙ୍କ ପଦୋନ୍ନତି

କୋଦଳା,୧୨ ।୧୦(ସମିସ): ବେଗୁନିଆପଡ଼ା ଥାନାର କାର୍ଯ୍ୟରତ ସବ୍ ଇନ୍ସପେକ୍ଟର ଟୁନା ପୀଡ଼ିକାଙ୍କୁ ଇନ୍ସପେକ୍ଟର ଭାବରେ ପଦୋନ୍ନତି ମିଳିଛି । ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳ ପାଇଁ ଆନନ୍ଦ ଆଣିଦେଇଛି । ବର୍ତ୍ତମାନ ସେ ବେଗୁନିଆପଡା ଥାନାରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି ଓ ଏହିଠାରେ ହିଁ ରହିବେ ।

# ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ

ଧରାକୋଟ,୧୨ ।୧୦(ସମିସ): ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସମଗ୍ର ବ୍ଲକ ଅଞ୍ଚଳର ୫୨ଟି କେନ୍ଦ୍ରରେ ପଲ୍‌ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମଭିକେ ଅଶୋକଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଧରାକୋଟ ବ୍ଲକର ସ୍ତରର ୧୧ ହଜାର ୫୨ଜଣ ଶିଶୁଙ୍କୁ ପୋଲିଓ ଟିକାକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଶଙ୍କର ନାରାୟଣ ବେହେରା, ଡାକ୍ତର ସଚ୍ଚିଦାନନ୍ଦ ବିଶୋଇ, ବିପିଏମ୍ ଗୋଲକ ନାରାୟଣ ଗରିଆଗଡ୍ଡୁ, ବହୁମୁଖି ମହିଳା ସ୍ୱାସ୍ଥ୍ୟକର୍ମୀ ବିଷ୍ଣୁପ୍ରିୟା ରେଡ୍ଡୀ, ସଙ୍ଗୀତାଞ୍ଜଳି ପ୍ରଧାନ, ଆଶା କର୍ମୀ ଉର୍ମିଳା ବେହେରା, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



# କାର୍ତ୍ତିକରେ ପରିବା ଦର ଉପରମୁହାଁ; ଚିନ୍ତାରେ ଖାଉଟି

ପୋଲସରା,୧୨ ।୧୦(ସମିସ): ଆରମ୍ଭ ହୋଇଛି ଧର୍ମମାସ କାର୍ତ୍ତିକ । ଅଧିକାଂଶ ଲୋକେ ଆମିଷ ଛାଡ଼ି ସାଧା ଖାଉଥିବାବେଳେ ପନିପରିବାର ଚାହିଦା



ବୃଦ୍ଧି ପାଇଛି । ଏହାର ଫାଇଦା ଉଠାଉଛନ୍ତି ବାହାର ରାଜ୍ୟ ଓ ଜିଲ୍ଲାର ପରିବା ବ୍ୟବସାୟୀ । ଏହାର ପ୍ରଭାବ ଦେଖିବାକୁ ମିଳିଛି ପୋଲସରା ସହରରେ । କାର୍ତ୍ତିକର ଆରମ୍ଭରୁ ଅହେତୁକ ଭାବେ ବଢିଚାଲିଛି ସବୁଜ ତଟକା ପନିପରିବା ମୂଲ୍ୟ । ପୋଲସରା ବଜାରରେ ଏବେ ପୋଟଳ କିଲୋ ପିଛା ୧୨୦, ବିନ୍ସ ୧୪୦, ବଙ୍ଗଳା କାଙ୍କଡ଼ ୧୦୦, ଝଟା ୧୦୦, ବାଇଗଣ ୮୦, ଫୁଲକୋବି ୮୦, କୁନ୍ଦୁରି ୬୦, ଅଳଡି ୭୦, ପତ୍ରକୋବି ୬୦, ମୂଳା ୫୦, ଟମାଟ ୪୦ ଟଙ୍କା ଦର ଥିବାବେଳେ ଶାଗ ଛୋଟ ଛୋଟ ବିଡ଼ା ସବୁ ୨୦ଟଙ୍କାରେ ବିକ୍ରି ହେଉଛି । ଏପରି ଭାବରେ ଅଧିକାଂଶ ପରିବା ଦର କିଲୋ ପ୍ରତି ପାଖାପାଖି ୧୦୦ ଟଙ୍କା ଅଛି । କିଛିଦିନ ତଳେ ଏସବୁର ଦର ସ୍ୱାଭାବିକ ଥିବା ବେଳେ ବର୍ତ୍ତମାନ ବଜାର ଦରକୁ ଦେଖି ଗ୍ରାହକ କିଣିବାକୁ ଡରୁଛନ୍ତି । କାର୍ତ୍ତିକ ଆରମ୍ଭରୁ ସ୍ଥିତି ଅସମ୍ଭାଳ ହୋଇଥିବା ବେଳେ ଆଗକୁ ଆହୁରି ଦର ବଢ଼ିବ ବୋଲି କିଛି ବ୍ୟବସାୟୀ କହିଛନ୍ତି । ଯାହା ଖାଉଟିଙ୍କ ଚିନ୍ତା ବଢ଼ାଉଛି । ମୁଖତଃ ଶୀତ ଦିନରେ ହିଁ ସ୍ଥାନୀୟ ଅଞ୍ଚଳରୁ ବହୁଳ ଭାବେ ପନିପରିବା ଆଦାୟ ହୋଇଥାଏ ଏବଂ ବଳକା ସମୟରେ ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ନୟାଗଡ, କନ୍ଧମାଳ ଭଳି ଅନ୍ୟ ରାଜ୍ୟ ଓ ଜିଲ୍ଲା ଉପରେ ନିର୍ଭର କରିଥାନ୍ତି ପୋଲସରା ପରିବା ବ୍ୟବସାୟୀ । ଫଳରେ ନିୟନ୍ତ୍ରଣ ଭିତରେ ରହୁନି ପରିବା ଦର । ସ୍ଥାନୀୟ ପ୍ରଶାସନ କିମ୍ବା ଯୋଗାଣ ବିଭାଗର କୌଣସି ଲଗାମ ନଥିବାରୁ ଏଭଳି ଆଖିବୁଜା ଭାବେ ବଢ଼ାଇ ଚାଲିଛନ୍ତି ପରିବା ଦର । ଫଳରେ ଗରିବ ଲୋକେ ଓ ସ୍ୱଳ୍ପ ଦରମା ପାଉଥିବା କର୍ମଚାରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ତୁରନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପରିବା ବଜାର ନିୟନ୍ତ୍ରଣକୁ ଆଣିବାକୁ ଉଚିତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି ।

## ଶାଶୂ ଘରେ ସାକାର ହେଲା ସ୍ୱାବଲମ୍ବନର ସ୍ୱପ୍ନ...
# ଗଞ୍ଜାମର ଝିଅ ରାୟଗଡ଼ାରେ ଯୋଗାଇଲେ ରୋଜଗାର

ବ୍ରହ୍ମପୁର,୧୨ ।୧୦(ସମିସ)

ପ୍ରତ୍ୟେକ ନାରୀ ସ୍ୱପ୍ନ ଦେଖନ୍ତି । ତାକୁ ସାକାର କରିବାକୁ ଉଦ୍ୟମ ବି କରନ୍ତି । ଏହି ଉଦ୍ୟମ ହିଁ ତାଙ୍କୁ ସଫଳତା ଦିଏ । ହେଲେ ଆର୍ଥିକ ଅଟନଟ ଭିତରେ ବଢ଼ିଥିବା ଝିଅର ସ୍ୱପ୍ନ ବି ସାକାର ହୁଏ । ମନରେ ଥିବା ଉଚ୍ଚାଭିଳାଷ ବାପ ଘରେ ନ ହେଲେ ବି ଶାଶୂଘରେ ସଫଳତା ଦେଇଥାଏ । ଏପରି ଜଣେ ମହିଳା ହେଉଛନ୍ତି ଗଞ୍ଜାମର ଝିଅ ପାପିନି ମହାରଣା । ଏବେ ସେ ରାୟଗଡ଼ାର ବୋହୂ । ନିଜ ବୁଦ୍ଧି ବଳରେ ସେ ରୋଜଗାରକ୍ଷମ ହୋଇ ଅନ୍ୟମାନଙ୍କୁ ମଧ୍ୟ ରାହା ଦେଖାଇଛନ୍ତି । ସମ୍ପ୍ରତି ସେ ନାରୀ ସମାଜ ଲାଗି ପ୍ରେରଣାର ଉତ୍ସ ସାଜିଛନ୍ତି । ଘରେ ରହି ମାସକୁ ଅଢେଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ସହ ୩୦ ପ୍ରତିଶତ ଲାଭବାନ ହେଉଛନ୍ତି । ଗାଁ ଗହଳି ଓ ଏହାର ପାଣି ପବନରେ ବଢ଼ିଥିବା ପାପିନୀ ସ୍ୱାବଲମ୍ବନର ନୂଆ ରାସ୍ତା ଦେଖାଇଛନ୍ତି ।

ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ବରମୁଣ୍ଡଳି ଗାଁର ଝିଅ ପାପିନି ଜଣେ ଉଚ୍ଚଶିକ୍ଷିତା । ଯୁକ୍ତତିନି ଅଧ୍ୟୟନ କରିଥିବାବେଳେ ପିଲାଟି ଦିନରୁ ଅଭାବ ଓ ଅନଟନକୁ ବେଶ୍ ପାଖରୁ ଦେଖିଛନ୍ତି । ଏଥିଲାଗି ନିଜେ ସ୍ୱାବଲମ୍ବୀ ହେବାକୁ ସବୁବେଳେ ସ୍ୱପ୍ନ ଦେଖୁଥିଲେ । ଏହି ସ୍ୱପ୍ନ ବାପ ଘରେ ସାକାର



ହୋଇପାରିନଥିଲା । କାରଣ ଗାଁ ଗହଳିର ଝିଅକୁ ଦୁନିଆ ଦେଖିବାର ସ୍ୱପ୍ନ ବାରଣ ଥିଲା । ଅନେକ ପରିବାର ସେମାନଙ୍କ ଝିଅକୁ ରୋଜଗାର ଲାଗି ବାହାରକୁ ଛାଡ଼ିବାକୁ କୁଣ୍ଠାବୋଧ କରୁଥିଲେ । ଫଳରେ ବହୁ ଝିଅଙ୍କ ସ୍ୱପ୍ନ ଅଧାରେ ରହୁଥିଲା । ସମ୍ପ୍ରତି ଏହା ଦୂର ହୋଇଛି । ଅନ୍ୟପକ୍ଷରେ ଯେଉଁ ଝିଅମାନେ ଯୁବାବସ୍ଥାରେ କିଛି କରିବାର ସ୍ୱପ୍ନକୁ ବିବାହ ପରେ ମଧ୍ୟ ସାକାର କରୁଛନ୍ତି । ଏହାର ଏକ ସଦ୍ୟତମ ଉଦାହରଣ ପାପିନି ।

ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ପାପିନିଙ୍କ ପରିବାରବର୍ଗ ତାଙ୍କୁ ୨୦୧୨ରେ ବାହା କରିଦିଅନ୍ତି । ହେଲେ ତାଙ୍କ ମନ ଭିତରେ ସ୍ୱାବଲମ୍ବନର ଚିତା ସବୁବେଳେ ଜଳୁଥିଲା । ସ୍ୱାମୀଙ୍କ ସହଯୋଗରେ ସେ ୨୦୧୮ରେ ଆରମ୍ଭ କରନ୍ତି ସ୍ୱାଧୀନ ଫୁଡ଼ସ । ବିଭିନ୍ନ କିସମର ମିକ୍ସର, ମିଠା ଆଦି ପ୍ରସ୍ତୁତ କରି ରାୟଗଡ଼ାର ଗ୍ରାମାଞ୍ଚଳରେ ବିକ୍ରିବଟା କରିବାରେ ସଫଳ ହୁଅନ୍ତି । ସ୍ୱାମୀଙ୍କ ପରାମର୍ଶ ନେଇ ପ୍ରଥମେ ଛୋଟ ଛୋଟ ଆକାରରେ ପାରମ୍ପରିକ ରୀତିରେ ସେ ମିକ୍ସର ତିଆରି କରିଥିଲେ । ସ୍ୱାଦ ଭଲ ଥିବାରୁ ଏହାକୁ ସମସ୍ତେ ପସନ୍ଦ କରିଥିଲେ । ପରେ ଦିନକୁ ୫କିଲୋ ଓ ପରେ ୧୫କିଲୋ ମିକ୍ସର ତିଆରି କଲେ । ୨୦୧୮ରେ ଭାରତୀୟ ଯୁବଶକ୍ତି ଅନୁଷ୍ଠାନର ସେ ସହଯୋଗ ଲଢ଼ିଥିଲେ । ଏହି ଅନୁଷ୍ଠାନ ପକ୍ଷରୁ ତାଙ୍କୁ ୧ଲକ୍ଷ ୮୦ହଜାର ଟଙ୍କାର ଋଣ ପ୍ରଦାନ ସହ ବ୍ୟବସାୟରେ ଅଗ୍ରଗତି ନେଇ ତାଲିମ ପ୍ରଦାନ କରାଯାଇଥିଲା । ତତ୍‌ପରେ ସେ ଋଣ ଟଙ୍କାରେ ତିନୋଟ ମେସିନ କିଣିଥିଲେ । ଏବେ ଏକା ସାଙ୍ଗରେ ଦିନକୁ ୨୫ କିଲୋ ମିକ୍ସର ସମେତ ମିଠା ପ୍ରସ୍ତୁତ କରିପାରୁଛନ୍ତି । ବର୍ତ୍ତମାନ ତାଙ୍କ ନିକଟରେ ୫ ଜଣ ମହିଳା କାମ କରୁଥିବା ବେଳେ ମାସକୁ ୪୦ଟଙ୍କାର ଲାଭ ମିଳୁଥିବା ସେ କହିଛନ୍ତି । ସବୁଠାରୁ ବଡ଼ କଥା ହେଲା ପାପିନି ମିକ୍ସର ପ୍ରସ୍ତୁତି ଆଦି ସମ୍ପର୍କରେ ୟୁଟ୍ୟୁବ୍‌ରୁ ଶିକ୍ଷା ପାଇଥିଲେ । ତତପରେ ସ୍ୱାମୀ ଅଜୟ ମହାରଣାଙ୍କ ପରାମର୍ଶ ଓ ସହଯୋଗରେ ସେ 'ସ୍ୱାଧୀନ ଫୁଡ଼ସ' ଖୋଲିବା ସହ ଏବେ ସ୍ୱାବଲମ୍ବନର ନୂଆ ରାସ୍ତା ପାଇଛନ୍ତି । ସ୍ୱାମୀ ମଧ୍ୟ ସହଯୋଗ କରୁଥିବା ସେ କହିଛନ୍ତି । ତେବେ ସ୍ୱାବଲମ୍ବନ ଲାଗି କୌଣସି ସରକାରୀ ସହଯୋଗ କିମ୍ବା ପ୍ରୋତ୍ସାହନ ନେଇନଥିବା ପାପିନି ଦକ୍ଷିଣ ଓଡ଼ିଶାର ନାରୀସମାଜ ଲାଗି ଉଦାହରଣ ନିଶ୍ଚୟ ।

# କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜା


ନେତାଜୀ ଯୁବ ପରିଷଦ


ବାସୁଳାଇ ପୂଜା କମିଟି


ଶିବ ପାର୍ବତୀ, ବଢ଼ହାଟ


ହର ପାର୍ବତୀ, ବଡ଼ ମଙ୍ଗଳା


ବରାହ ଲକ୍ଷ୍ମୀ, ବଣିଆମାଳ


ନୃସିଂହ ଅବତାର


ରାଧାକୃଷ୍ଣ ସାନ ମଙ୍ଗଳା

## ବାଇକ୍ ଧକ୍କାରେ ୨ ଗୁରୁତର

ଆଳି, ୧୨।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଆଳି-ମହୁ ମୁଖ୍ୟ ରାସ୍ତାର କୋଚିଲା ଛକ ନିକଟରେ ଆଜି ବାଇକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆଳି ଥାନା କୋଳିଡିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ରଞ୍ଜନ ନାୟକ (୪୫) ଆଳିକୁ ଯାଇଥିଲେ। ଫେରୁଥିବା ସମୟରେ କୋଚିଲା ଛକ ନିକଟରେ ଅପରପକ୍ଷରୁ କୋଳିଡିହ ଗ୍ରାମର ପ୍ରଶାନ୍ତ ଧଳ(୩୪) ବାଇକ୍‌ରେ ଆଳିକୁ ଯାଉଥିଲେ। ଉଭୟ ଭାରସାମ୍ୟ ହରାଇ ପରସ୍ପରକୁ ଧକ୍କା ଦେଇଥିଲେ। ରଞ୍ଜନଙ୍କ ଡାହାଣ ଗୋଡ଼, କାନ୍ଧ ଓ ମୁଣ୍ଡରେ ଆଘାତ ଲାଗିଥିବାବେଳେ ପ୍ରଶାନ୍ତଙ୍କ ବାମହାତ ଭାଙ୍ଗିଯିବା ସହ ଗୋଡ଼, ହାତ, ମୁଣ୍ଡ, ଅଣ୍ଟାରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କୁ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଚାନ୍ଦୋଳ ଗଜଲକ୍ଷ୍ମୀ ମଣ୍ଡପ ବୁଲିଲେ ପାଟକୁରା ବିଧାୟକ

ଡେରାବିଶ, ୧୨।୧୦(ସମିସ): ଚାନ୍ଦୋଳ ଗଜଲକ୍ଷ୍ମୀ ପୂଜାର ଆଜିଥିଲା ସପ୍ତମ ସନ୍ଧ୍ୟା। ରବିବାର ହେତୁ ସନ୍ଧ୍ୟାରେ ମା'ଙ୍କ ଦର୍ଶନ ନିମନ୍ତେ ହଜାର ହାଜର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଚାନ୍ଦୋଳ ବଜାରର ବିଭିନ୍ନ ପୂଜାମଣ୍ଡପକୁ ଯାଇ ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ବିଧାୟକ ଶ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ବିଜେଡି ନେତା ସରୋଜ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଚାନ୍ଦୋଳ ପଞ୍ଚାୟତ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ରତାଦିଆ ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, ମୁକୁନ୍ଦପୁରର ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି ପ୍ରମୁଖ ସାମିଲ ଥିଲେ।



## ଭସାଣି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୧୨।୧୦(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ପାଇଁ ମ୍ୟୁନିସିପାଲିଟି ଟାଉନ ହଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଭସାଣି ଶୋଭାଯାତ୍ରାରେ ସମସ୍ତ କମିଟି ଦାୟିତ୍ୱବାନ କର୍ମକର୍ତ୍ତା ନାମ ଦେବେ। ଫଳରେ ଭସାଣି ମେଢ଼ ସଠିକ ସମୟରେ ଆଗକୁ ବଢିବା ସହିତ ଶୃଙ୍ଖଳିତ ଭାବେ ପ୍ରଶାସନର ସହଯୋଗରେ ଶୋଭାଯାତ୍ରା ସମ୍ପାଦିତ ହୋଇପାରିବ। ଭସାଣିକୁ ଶୃଙ୍ଖଳିତ ସମାପନ ପାଇଁ ସମସ୍ତଙ୍କୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡ଼ା ପୌରପାଳିକା ଉପାଧ୍ୟକ୍ଷା ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ନାରାୟଣ ପ୍ରସାଦ ଗିରି, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼ଙ୍କ ସମେତ ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା

ଡେରାବିଶ, ୧୨।୧୦(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକତିଆ ବଜାର ଗଜଲକ୍ଷ୍ମୀ ପୂଜା ଅବସରରେ ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ମହାନ୍ତିଙ୍କ ପଟ୍ଟଶିଷ୍ୟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପରିଡ଼ାଙ୍କ ସଂଯୋଜନାରେ ଭାବଗ୍ରାହୀ କଳାନିକେତନ ପକ୍ଷରୁ ପରିବେଶିତ ସଙ୍ଗୀତ ସନ୍ଧ୍ୟାରେ ଅନୁଷ୍ଠାନ କଳାକାର ନିରୂପମା ଜେନା, ଉପେନ୍ଦ୍ର ପାତ୍ରୀ, ରଞ୍ଜନ ବରାଳ, ସନ୍ତୋଷ ଦାସ ପ୍ରମୁଖ ଜହ୍ନ ହସିଦେଲେ ଜୋଛନା, ନିଦ ମାଉସୀ, ହେ 'ଗୁଣ ତମେ, ଲଚକମଣି ଆଦି ସଙ୍ଗୀତ ଗାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସଂଯୋଜକ ଶ୍ରୀ ପରିଡ଼ା ଅକ୍ଷୟ ମହାନ୍ତି ଗାଇଥିବା କେଣେ ଘେନିଯାଉଛ ଜଗନ୍ନାଥଙ୍କୁ, ଏଇଯେ ବନଲତା ପାହାଡ଼, ପୁର୍ଣ୍ୟର ନଦୀତିରେ ଆଦି ଗୀତ ଗାଇ ପ୍ରଶଂସା ସାଉଁଟିଥିଲେ। ଅକ୍ଷୟ ମହାନ୍ତିଙ୍କ ଜନ୍ମପୀଠରେ ଅକ୍ଷୟ ମହାନ୍ତିଙ୍କ ଜନ୍ମ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ଏହି ସନ୍ଧ୍ୟାର ଗାୟକ ଗାୟିକାଙ୍କୁ ମା ଗଜଲକ୍ଷ୍ମୀ କମିଟି, ବେଲେଶ୍ୱର ପୂଜା କମିଟି, ସ୍ଥାନୀୟ ଯାତ୍ରା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚାନ୍ଦୋଳର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ଗୌରାଙ୍ଗ ଦାସ, ଦେବାଶିଷ ବେହେରା, ମନୋଜ ଦାସ, ପ୍ରଦୀପ୍ତ ରାଉତ, ସୁରେନ୍ଦ୍ର ରଥ ପ୍ରମୁଖ ପରିଚାଳନା କରିଥିଲେ।



## ମହାକାଳପଡ଼ା କଲେଜ ଛକ ଲକ୍ଷ୍ମୀ ମେଢ଼ ଭସାଣି

ମହାକାଳପଡ଼ା,୧୨।୧୦(ସମିସ): ମହାକାଳପଡ଼ାସ୍ଥ ବାୟାବାବା କଲେଜ ଛକ ଲକ୍ଷ୍ମୀ ମେଢ଼ ଭସାଣି ଉତ୍ସବ ରବିବାର ହୋଇଯାଇଛି। ପୂର୍ବାହ୍ନରେ ମଣ୍ଡପରେ ବିସର୍ଜନ ପୂଜା କରାଯିବା ସହିତ ଅପରାହ୍ନରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ଚଡାଇଗୁଆଁପଟଣା ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ପଚାଶ ଜଣ ଶ୍ରଦ୍ଧାଳୁଙ୍କ ଘର ନିକଟରେ ଭୋଗଲାଗି କରିବା ପରେ କଲେଜ ଛକ, ଜାଲକଣା ଗ୍ରାମ ନିକଟ ଗୋବରୀ ନଦୀର ଘାଟରେ ବିସର୍ଜନ କରାଯାଇଥିଲା। ଯୁବ ସାମାଜିକ କର୍ମୀ ରଞ୍ଜନ ରାଉତରାୟ ସ ମିତାରାଣୀ ନାୟକ କର୍ତ୍ତା ଥିବାବେଳେ ବରିଷ୍ଠ ସଦସ୍ୟ ତପନ ବିଶ୍ୱାଳ, ଅନୀଲ ରାଉତ, ଭରତ ଜେନା, ରବୀନ୍ଦ୍ର ପ୍ରଧାନ, ଚିନ୍ମୟ ମହାନ୍ତି, ଗୁନ ସାହାଣୀ, ରବୀନ୍ଦ୍ର ରାଉତ, ଅରୁଣ ରାଉତରାୟ, ଦୀପକ ସାମଲ ପ୍ରମୁଖ ପୂଜା ପରିଚାଳନା କରିଥିଲେ।

## ଭୂମିକମ୍ପପ୍ରବଣ ଅଞ୍ଚଳରେ ସର୍ଭେ

ରାଜକନିକା,୧୨।୧୦(ସମିସ): ଉପକୂଳ ଓଡ଼ିଶାର ନଦୀକୂଳିଆ ଅଞ୍ଚଳରେ ସୁନାମି ଓ ଭୂମିକମ୍ପ ଆଶଙ୍କା ଅଧିକ ଥିବାରୁ ଏକ କେନ୍ଦ୍ରୀୟ ଟିମ ରାଜକନିକାର ବିଭିନ୍ନ ଅଞ୍ଚଳରେ ଏହାର ସର୍ଭେ ଜାରି ରଖିଛି। ବଙ୍ଗୋପସାଗର ଉପକୂଳରେ ସମୁଦ୍ର ଭିତରକୁ ଦନ୍ତୁରିତ ଅବସ୍ଥାରେ ପଶି ରହିଥିବା ଏହି ଭୂଭାଗରେ ସମୁଦ୍ର ଜୁଆର ସହ ପ୍ରତିମୁହୂର୍ତ୍ତରେ ଭୂମିକମ୍ପ ଆଶଙ୍କା ଥିବାରୁ ଏକ ସଂସ୍ଥା ଦ୍ୱାରା ଆଜି ରାଜକନିକା ଅଞ୍ଚଳର ବିଭିନ୍ନ ଗାଁରେ ସର୍ଭେ କରାଯାଇଛି। ସମୁଦ୍ର ପତ୍ତନଠାରୁ ମାତ୍ର ଅଳ୍ପ ଉଚ୍ଚତାରେ ରହିଥିବା ରାଜକନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଜି ଏହି ସର୍ଭେ ସଂସ୍ଥା ଦ୍ୱାରା ସର୍ଭେ କରାଯିବା ଦେଖି ଲୋକଙ୍କ ମନରେ ଛନକା ପଶିଛି। ପ୍ରାକୃତିକ ବିପର୍ଯ୍ୟୟର ଏସବୁ ଆଗୁଆ ସର୍ବେକ୍ଷଣ ଜନଜୀବନ ପାଇଁ ଶୁଭଙ୍କର ହୋଇଥିବା ଜଣାପଡିବା ପରେ ଏଭଳି ସର୍ଭେ ସମୟରେ ଭୂଭାଗ ସହ ଭୂଗର୍ଭର ସାନ୍ଦ୍ରତାକୁ ପରଖି ଚାଲିଥିବା ଏହି ସର୍ଭେ ଦେଖିବାକୁ ଉତ୍ସାହ ଦେଖିବାକୁ ମିଳିଥିଲା।

## ଯୁବତୀଙ୍କ ଗଳା କାଟିବା ଘଟଣାରେ ଯୁବକ ଗିରଫ

ରାଜକନିକା,୧୨।୧୦(ସମିସ): ବିବାହ ନେଇ ଆସି ଯୁବତୀଙ୍କ ଗଳା କାଟିବା ଘଟଣାରେ ରବିବାର ଦିନ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ରାଜକନିକା ଥାନା ଅନ୍ତର୍ଗତ ଜୟନଗର ପଞ୍ଚାୟତ କୁଜିପୁର ଗାଁକୁ କାଟଣାବଣିଆଁ ପଞ୍ଚାୟତ ଗାରଡ଼ପୁର ଗ୍ରାମର ଯୁବକ ସୁବ୍ରତ ନାୟକ (୨୬) ଓ ତାଙ୍କ ମଆ ମନୋରମା ନାୟକ ଝିଅ ଦେଖିବାକୁ ଆସିଥିଲେ। ଝିଅ ସହ ଏକାନ୍ତରେ କଥା ହେବାକୁ ଏକ ଘର ଭିତରକୁ ଯାଇ ଭିତରପଟୁ କବାଟ ଦେଇ ସୁବ୍ରତ ଝିଅର ଗଳାକୁ କାଟିଥିଲା। ଏ ନେଇ ଯୁବତୀଙ୍କ ମାମୁଁ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସୁବ୍ରତକୁ ଗିରଫ କରାଯାଇଛି।

## ରନ୍ ଫର୍ ଡିଏଭି କାର୍ଯ୍ୟକ୍ରମ

ପାରାଦୀପ, ୧୨।୧୦(ସମିସ): ଆଜି ଇଫ୍‌କୋ ଡିଏଭିରେ ରନ୍ ଫର୍ ଡିଏଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାରା ଭାରତରେ ସମସ୍ତ ଡିଏଭି ଆଜିର ଦିନକୁ ମୁଖ୍ୟ ଉତ୍ସବ ଭାବେ ପାଳନ କରିଥାଏ। ଏହି ସମୂହ ଗଣଦୌଡ଼ାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଭାଗନେଇ ଉତ୍ସାହିତ ହୋଇଥିଲେ। ବାଳିକା ବିଭାଗରେ ତେଜଶ୍ରୀ ପରିଜା ପ୍ରଥମ, ପାୟଲପ୍ରିୟା ସାହୁ ଦ୍ୱିତୀୟ, ପ୍ରୀତିପ୍ରିୟା ସାହୁ ତୃତୀୟ ହୋଇଥିବାବେଳେ ବାଳକ ବିଭାଗରେ ଅଲିଶାନ ଅଲି ପ୍ରଥମ, ଅଭିଜ୍ଞାନ ନାୟକ ଦ୍ୱିତୀୟ, ସ୍ୱୟଂପ୍ରକାଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନ୍ନରା ବିଜେତାଙ୍କୁ ପଦକ ଦେବା ସହ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ସୌର ମୋହନ ସାମଲଙ୍କ ପରିଚାଳନା କରିଥିଲେ।

## ହରେକୃଷ୍ଣ ହାଇସ୍କୁଲ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ



ମାଳିପୁର,୧୨।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଡାମରପୁର ପଞ୍ଚାୟତର ହରେକୃଷ୍ଣ ନୋଡାଲ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ପୂର୍ବତନ ଶିକ୍ଷକ ଓ ପୂର୍ବତନ ଛାତ୍ରଙ୍କୁ ନେଇ ବିଦ୍ୟାଳୟ ପ୍ରାଙ୍ଗଣରେ ହୀରକ ଜୟନ୍ତୀ ଉତ୍ସବ ନିମନ୍ତେ କମିଟି ଗଠନ କରାଯାଇଥିଲା। ଏହି ବୈଠକରେ ପୂର୍ବତନ ପ୍ରଧାନଶିକ୍ଷକ ଦର୍ପନାରାୟଣ ମାହନ୍ତଙ୍କୁ ସଭାପତି, ଉମାକାନ୍ତ ମହାନ୍ତିଙ୍କୁ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ତପନ ରାୟଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର ଯଦୁନାଥ ନାୟକ, ବାବାଜୀ ଧଳ, ଅଭୟ ପରିଡା, ହରାହାର ପତି, ସୁବାସ ଦାଶ, ବିଭୂତି ଭୂଷଣ ପଣ୍ଡା, ସର୍ବେଶ୍ୱର ସେଠୀ, ଅଜୟସେନ, ରଞ୍ଜନ ପ୍ରଧାନ, ସୁମନ୍ତ ମାଝୀ, ଆନନ୍ଦ ମଲିକ, କଳାକାର ସାହୁ, ମହେନ୍ଦ୍ର ପରିଡା, ଶୈଳେନ୍ଦ୍ର କର, ସରୋଜ ସେଠୀ, ନିଗମ ଆଚାର୍ଯ୍ୟ, ଗଙ୍ଗାଧର ସାମଲ, ମହେଶ୍ୱର ତରାଇ, ସୁକାନ୍ତ ପରିଡା ପ୍ରମୁଖଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଡାମରପୁର ସରପଞ୍ଚଙ୍କ ପ୍ରତିନିଧି ବସନ୍ତ ନାଥଙ୍କ ଉପସ୍ଥିତିରେ ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଆଗାମୀ ବୈଠକରେ ଉତ୍ସବ ତାରିଖ ସ୍ଥିର କରାଯିବ।

## ଜୟ ହିନ୍ଦ ହାଇସ୍କୁଲ ସଂସ୍କୃତ ଶିକ୍ଷକଙ୍କ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

ପଟ୍ଟାମୁଣ୍ଡାଇ,୧୨।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଅଞ୍ଚଳର ସର୍ବପୁରାତନ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷକ ପ୍ରଭାତ ଆଚାର୍ଯ୍ୟଙ୍କୁ ସପ୍ତାହରେ ୩ଦିନ ଅସ୍ଥାୟୀ ଭାବେ ସ୍ଥାନାନ୍ତର ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଏହି ହାଇସ୍କୁଲରେ ପ୍ରାୟ ୫ ଶହ ଛାତ୍ରଛାତ୍ରୀ ପଢୁଛନ୍ତି। ପ୍ରତ୍ୟେକ ଶ୍ରେଣୀରେ ୨ଟି ସେକ୍ସନ ରହିଛି। ଏହି ହାଇସ୍କୁଲରୁ ଅବସର ଗ୍ରହଣ କରିଥିବା ଗଣିତ ଶିକ୍ଷକ ନିଶିଥ ବାରିକଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହାଛଡା କନିଷ୍ଠ କିରାଣି ସଞ୍ଜୟ ଦଳେଇଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ସଂସ୍କୃତ ଶିକ୍ଷକ ଶିକ୍ଷାଦାନ ସହିତ କିରାଣିଙ୍କ ପାଇଁ ଉଦ୍ଦିଷ୍ଟ ଅଫିସ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତାଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ ଜୟହିନ୍ଦ ହାଇସ୍କୁଲରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜୟ ହିନ୍ଦ ହାଇସ୍କୁଲ ପରିଚାଳନା କମିଟି ଓ ଆଲମୁନି ଆସୋସିଏସନ ପକ୍ଷରୁ ଲିଖିତ ଅଭିଯୋଗ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି।

## କତକୁଲା ଭାଗବତ ଟୁଙ୍ଗି ଉଦ୍‌ଘାଟିତ

ପାରାଦୀପ, ୧୨।୧୦ (ସମିସ): ପାରାଦୀପଗଡ଼ ପଞ୍ଚାୟତର କତକୁଲା ଗ୍ରାମର ହନୁମାନ ପୀଠରେ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ଗ୍ରାମର ମହିଳା ଦାବି କରିଆସୁଥିଲେ। ସରପଞ୍ଚଙ୍କୁ ଜଣାଇବା ପରେ ସରପଞ୍ଚ ଏହାର ନିର୍ମାଣ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଭାଗବତ ଟୁଙ୍ଗି ମହିଳା ଓ ଗ୍ରାମବାସୀଙ୍କ ସହଯୋଗରେ ଏହାର ନିର୍ମାଣ ଶେଷ ପରେ ଆଜି ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଏହାକୁ ଉଦଘାଟନ କରିଛନ୍ତି। ସେହିପରି କତକୁଲା ଗ୍ରାମରେ ଯୁବକ ସଂଘ ଗୃହ ନ ଥିବାରୁ ବିଭିନ୍ନ ମେଳା, ମହୋତ୍ସବ, ଯୁବ ସମାବେଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନେ କୋଠ ଘର ନିର୍ମାଣ ପାଇଁ ସରପଞ୍ଚଙ୍କୁ ଅନୁରୋଧ କରିଆସୁଥିଲେ। ସରପଞ୍ଚ ଗୁରୁତର ସହ ବିଚାର କରି ଏହାର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଆଜି ଏହାର ଭୂମିପୂଜା କରାଯାଇଛି।

## ରକ୍ତଦାନ ଶିବିର; ୫୦ ୟୁନିଟ୍ ସଂଗୃହୀତ

ଜଗତସିଂହପୁର,୧୨।୧୦(ସମିସ): ଜଗତସିଂହପୁରରେ କଟକ ଦକ୍ଷିଣ ଡାକମଣ୍ଡଳର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏ ଅବସରରେ ବିଭାଗ ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ଦେସାହିରେ ମିନି ମାରାଥନ୍

ଗୋବିନ୍ଦପୁର,୧୨।୧୦(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେସାହି ପଞ୍ଚାୟତରେ ଡିପିଏଲ ଆନୁକୂଲ୍ୟରେ ମିନି ମାରାଥନ ଆୟୋଜିତ ହୋଇଯାଇଛି। ମାରାଥନ ପରମାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ ହୋଇ ଡିପିଏଲ୍ ବାଲିପଡ଼ିଆ ମଙ୍ଗଳା ମନ୍ଦିର ଠାରେ ସମାପ୍ତ ହୋଇଥଲା। ଏଥିରେ ଶତାଧିକ ଯୁବକ ଓ ପିଲାମାନେ ସାମିଲ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସମିତିସଭ୍ୟ ସନ୍ତୋଷ ବେହୁରିଆ, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ଆଚାର୍ଯ୍ୟ, ସମାଜସେବୀ ଶ୍ରୀକାନ୍ତ ସାହୁ, ଭବ ମହାନ୍ତି, ପ୍ରଭାକର ମହାନ୍ତି, ପ୍ରହ୍ଲାଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଡିପିଏଲ ସଦସ୍ୟ କମଳାକାନ୍ତ ମହାଳିକ, ରଶ୍ମିରଞ୍ଜନ ଜେନା, ଗୁରୁଚରଣ ମଲିକ, ସମ୍ବିତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୋଟ ଚୋରି ବିରୋଧରେ କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ




କେନ୍ଦ୍ରାପଡ଼ା,୧୨।୧୦(ସମିସ): କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ କଂଗ୍ରେସର ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ ପ୍ରଥମେ କଜଳାସ୍ଥ ଜିଲ୍ଲା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପ୍ରଫୁଲ୍ଲ ଦାସ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦିକା ସସ୍ମିତା ପଣ୍ଡା, ହରିଶ ପଟ୍ଟନାୟକ, ଭାରତ ଭୂଷଣ ବେହେରା, ହିମାଂଶୁ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ପୂର୍ବତନ ବିଧାୟିକା ଡ. ମଲ୍ଲିକ କହିଥିଲେ, ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶରେ ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ାରେ ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ଶତାଧିକ କଂଗ୍ରେସ କର୍ମୀ ଓ ଜନସାଧାରଣ ଯୋଗଦେଇ ଅଭିଯୋଗରେ ଦସ୍ତଖତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଖ ଆନସ, ସେଖ କାଲା, ଶେଖ ଜଲାଲୁଦ୍ଦିନ, ତରନୁମ ବେଗମ, ସେଖ ଓସ୍ତାଦ, ରଶ୍ମିରଞ୍ଜନ ଚୌଧୁରୀ, ଉମେଶ ପାଢୀ, ଶ୍ୟାମସୁନ୍ଦର ମଲିକ, ବିଜୟ ମଲ୍ଲିକ ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଓ ତୃଣମୂଳ ସ୍ତରର ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କଲେ ଉପଜିଲ୍ଲାପାଳ

କେନ୍ଦ୍ରାପଡ଼ା,୧୨।୧୦(ସମିସ)



କେନ୍ଦ୍ରାପଡ଼ା ପୌର ସଦନରେ ରବିବାର ଚାଲିଥିବା ଶାନ୍ତିକମିଟି ବୈଠକ ବାତାବରଣ ଅଶାନ୍ତିରେ ପରିଣତ ହୋଇଛି। ଗଜଲକ୍ଷ୍ମୀ ପୂଜାରେ କିପରି ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ, ସେ ନେଇ ସାମ୍ବାଦିକ ଜୀବନ ସିଂହ ପ୍ରଶ୍ନ କରିବାବେଳେ ଉପଜିଲ୍ଲାପାଳ ଅରୁଣ ନାୟକ ତାଙ୍କୁ ଦୁର୍ବ୍ୟବବାର କରିଥିବା ଅଭିଯୋଗ ହୋଇଛି। ତୁ କିଏ, ତୁ କୋଉ ସାମ୍ବାଦିକ ବୋଲି କହିଥିଲେ। ଏହାକୁ ନେଇ ବୈଠକରେ ଉପସ୍ଥିତ ଥିବା ଅନ୍ୟ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଓ ରାଜନେତା ଉପଜିଲ୍ଲାପାଳଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହାକୁ ନେଇ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ଓ ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆ ହସ୍ତକ୍ଷେପ କରିଥିଲେ। କିନ୍ତୁ ସାମ୍ବାଦିକ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଡି ବସିଥିଲେ। ଶେଷରେ ଜିଲ୍ଲାପାଳ ଶ୍ରୀ ଆୟାର କହିଥିଲେ, ଉପଜିଲ୍ଲାପାଳଙ୍କ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଏହି ବ୍ୟବହାର ଗ୍ରହଣଯୋଗ୍ୟ ନୁହେଁ। ଏ ଘଟଣାକୁ ନେଇ ସେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଏଥିସହ ଉପଜିଲ୍ଲାପାଳଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାରଙ୍କୁ ନିବେଦନ କରିବେ। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପାଇବା ପରେ ଗଣମାଧ୍ୟମ ପ୍ରତିନିଧି ଶାନ୍ତ ହୋଇଥିଲେ।

# ଦୁଇଦିନିଆ ବିଶ୍ୱ ମନୋସ୍ୱାସ୍ଥ୍ୟ ଦିବସ




ବାଲେଶ୍ୱର,୧୨।୧୦(ସମିସ): କୁନ୍ତଳା କୁମାରୀ ସାବତ ମହିଳା କଲେଜରେ ମନୋବିଜ୍ଞାନ ବିଭାଗ ପକ୍ଷରୁ ଦୁଇଦିନିଆ ବିଶ୍ୱ ମନୋସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଡ. ଝାନ୍‌ସୀ ଜେନା ଏଥିରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ସେମିନାର୍ ସମ୍ପାଦିକା ଦୀପ୍ତିପ୍ରଭା ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ମନୋବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ନେହା ମୁର୍ମୁ ଓ ଅଧ୍ୟାପିକା ଡ. ମୋନାଲିକା ରଥ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ବ୍ରଜକିଶୋର ଗିରି ଯୋଗଦେଇ ମାନସିକସ୍ତରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା, ଏହାର କାରଣ ଓ ନିରାକରଣ ସମ୍ପର୍କରେ ନାନା ଉଦାହରଣ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡାକ୍ତରୀ ମନସ୍ତତ୍ତ୍ୱବିତ ବିକାଶ ରଞ୍ଜନ ଦାସ ଭଲ ପରାମର୍ଶ ଓ ମାର୍ଗଦର୍ଶନ ମିଳିପାରିଲେ ମାନସିକ ରୋଗୀଙ୍କ ମନୋବଳ ବଢ଼ିବା ସହିତ ସୁସ୍ଥ ମନ ନେଇ ସବୁ କ୍ଷେତ୍ରରେ ସେମାନେ ସଫଳ ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ସଞ୍ଜୟ କୁମାର ସ ମଞ୍ଚାସୀନ ଥିଲେ। ବିଭାଗୀୟ ଅଧ୍ୟାପିକା ଜସ୍ମିନ ଦେ, ରେହନା ଖାତୁନ, ପ୍ରତିମା ମଲ୍ଲିକ, ଲକ୍ଷ୍ମୀପ୍ରିୟା ମହାରଣା, ଜ୍ୟୋତ୍ସ୍ନା ଜେନା ଓ ଅଧ୍ୟାପକ ରବି ପ୍ରକାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେମିନାର ସହ ସମ୍ପାଦିକା ପାପୁଲି ମାଝୀ ଧନ୍ୟବାଦ ଦେଇଥିଲେ।

● ଅଲ୍ଲନା ପକ୍ଷରୁ 'ସମ୍ଭବ' କାର୍ଯ୍ୟକ୍ରମ

# ଏକାଠି ହେଲେ ବିଭିନ୍ନ ଦେଶର ଭିନ୍ନକ୍ଷମ କଳାକାର




ବାଲେଶ୍ୱର,୧୨।୧୦(ସମିସ): ଆସୋସିଏସନ୍ ଫର୍ ଲର୍ଣ୍ଣିଂ ପରଫର୍ମିଂ ଆର୍ଟସ୍ ଆଣ୍ଡ ନର୍ମାଟିଭ୍ ଆକ୍ସନ୍ (ଅଲ୍ଲନା) ଦ୍ୱାରା ଆୟୋଜିତ ସମ୍ଭବ ୨୦୨୫ ଏହାର ୨୦ତମ ବର୍ଷକୁ ବିଶ୍ୱସ୍ତରୀୟ ଉତ୍ସବ ଭାବରେ ପାଳନ କରିଛି। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ଅନୁଷ୍ଠିତ ଏହି ଅନ୍ତର୍ଜାତୀୟ ମହୋତ୍ସବ ଭାରତ ଏବଂ ବିଶ୍ୱର ଭିନ୍ନକ୍ଷମ କଳାକାରମାନଙ୍କୁ (ଦିବ୍ୟାଙ୍ଗଜନ) ଏକାଠି କରିଥିଲା। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ରାଜେଶ ବର୍ମା, ଆଇଏଏସ୍ (ଅବସରପ୍ରାପ୍ତ), ଭାରତ ସରକାରଙ୍କ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ର ଅଧ୍ୟକ୍ଷ ଏବଂ ସମ୍ମାନିତ ଅତିଥି ଦେବଦାସ ଆପଟେ ଜୀ ଯୋଗ ଦେଇଥିଲେ। ଆଲ୍ଲନାର ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ଗୀତ ସହିତ ଉଦଘାଟିତ ଦୀପ ପ୍ରଜ୍ୱଳନ। ପ୍ରଦର୍ଶନୀରେ ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ଚିତ୍ରକଳା ଏବଂ ହସ୍ତଶିଳ୍ପ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସଚିବ ବିବେକ ଅଗ୍ରୱାଲଙ୍କ ଦ୍ୱାରା ଉଦଘାଟିତ ଏବଂ ଭାରତୀୟ ପ୍ରତିଯୋଗିତା ଆୟୋଗର ଅଧ୍ୟକ୍ଷା ରଭନୀତ କୌର, (ଅବସରପ୍ରାପ୍ତ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅଷ୍ଟ୍ରେଲିଆ, ଭିଏତନାମ, ଶ୍ରୀଲଙ୍କା, ଭୁଟାନ, ମିଆଁମାର, ନେପାଳ, ଋଷ, ତାଜିକିସ୍ତାନ ଏବଂ ଥାଇଲ୍ୟାଣ୍ଡ ସମେତ ଭାରତ ଏବଂ ବିଦେଶର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଭାରତରେ ଶ୍ରୀଲଙ୍କାର ହାଇକମିଶନର ମହିଷିନୀ କୋଲୋନ ଏବଂ ମାଇକ୍ରୋସାଇନ - ସେଣ୍ଟର ଫର ଏକ୍ସଲେନ୍ସର ସିଇଓ ନିସୀଥ ମେହେଟ୍ଟା ସାମିଲ ଥିଲେ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଏସ-ଭ୍ୟାସା ବିଶ୍ୱବିଦ୍ୟାଳୟର ଶ୍ରୀମତୀ ହିତଲଙ୍କ ଦ୍ୱାରା ଏକ ଯୋଗ ଚିକିତ୍ସା କର୍ମଶାଳା ହୋଇଥିଲା। ଏହା ପରେ ପ୍ରଫେସର ଡକ୍ଟର ରବିନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଯୋଗ, ଗତି ଏବଂ ଆଭ୍ୟନ୍ତରୀଣ ସମନ୍ୱୟ ଉପରେ ଏକ ସେମିନାର ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ଗବେଷକ ଡକ୍ଟର ରୀଲା ହୋତାଙ୍କ ଦ୍ୱାରା ଏକ ଉପସ୍ଥାପନା କରାଯାଇଥିଲା। "ଏକ ଅନ୍ତର୍ଭୁକ୍ତ ସମାଜ ପାଇଁ ଭିନ୍ନକ୍ଷମ କଳାକାର" ଶୀର୍ଷକ ଏକ ଅନ୍ତର୍ଜାତୀୟ ସେମିନାର ସଞ୍ଜୀବ ଚନାନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଭାରତ, ନେପାଳ, ଋଷ ଏବଂ ତାଜିକିସ୍ତାନର ପ୍ରଦର୍ଶନ ସହିତ ମହୋତ୍ସବ ସମାପ୍ତ ହୋଇଥିଲା। ସମାପନୀ ଉତ୍ସବରେ ସିଭିଲ ସର୍ଭିସେସ୍ ଏବଂ କୂଟନୈତିକ ସମ୍ପ୍ରଦାୟର ପ୍ରଖ୍ୟାତ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଗୁରୁ ଅଲ୍ଲନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଲ୍ଲନାର ସମ୍ପାଦକ ପ୍ରିୟଦର୍ଶିନୀ ତ୍ରିପାଠୀ, ଉପାଧ୍ୟକ୍ଷ ଅଶ୍ୱିନୀ କୁମାର, କୋଷାଧ୍ୟକ୍ଷ ସବିତା ସାହୁ, ପରାମର୍ଶଦାତା ଦେବଜିତ ରଥ, କାର୍ଯ୍ୟନିର୍ବାହୀ ସଦସ୍ୟ ଅର୍ଚ୍ଚନା ନନ୍ଦୀ, କାର୍ଯ୍ୟନିର୍ବାହୀ ସଦସ୍ୟ ମୀରା ବେହେରା ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ସୌଭାଗ୍ୟଲକ୍ଷ୍ମୀ ରଥଙ୍କ ମିଳିତ ପ୍ରୟାସ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ବାମପଦା ଛକ ପାଲଟିଛି ମରଣଯନ୍ତା

ବାଲେଶ୍ୱର,୧୨।୧୦ (ସମିସ)





ରାସ୍ତାର ଅବସ୍ଥା ବେହାଲ ହୋଇପଡିଛି। ବ୍ରିଜ୍ କାମ ପାଇଁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବ୍ରିଜ୍ କାମ ସରୁନଥିବା ବେଳେ ରାସ୍ତାରେ ଡଷ୍ଟ, ପାଉଁଶ ଉଡୁଛି। ଅନ୍ୟପଟେ ରାସ୍ତାରେ ହମ୍ପସ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏକ ପ୍ରକାର ମରଣଯନ୍ତା ତଥା ଜଙ୍କସନ ପାଲଟିଛି ଜାତୀୟ ରାଜପଥ ନିକଟ ବାମପଦା ଛକ ରାସ୍ତା। ଏହି ରାସ୍ତା ମରାମତି ପାଇଁ ପୂର୍ବରୁ ଦାବି ହୋଇ ଆସୁଥିବା ବେଳେ ଏବେ ରାସ୍ତା କାମ ଚାଲୁରହିଥିବା ବେଳେ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ନିକଟରେ ଏକ ଦୁର୍ଘଟଣା ପାଇଁ ସ୍ଥାନୀୟ ଲୋକ ଓ ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ ବ୍ରିଜ୍ କାମ କରୁଥିବା କନଷ୍ଟ୍ରକସନ୍ କମ୍ପାନୀର ବିରୋଧରେ ଆନ୍ଦୋଳନ ହୋଇଥିଲା। ଏଥିସହିତ ଯଥାଶୀଘ୍ର ରାସ୍ତାରେ ସୁରକ୍ଷା କର୍ମୀ ମୁତୟନ ସହ ହମ୍ପସ୍ ନିର୍ମାଣ ପାଇଁ ଲିଖିତ ଦାବିଦାବି ପ୍ରଦାନ କରାଯାଇଛି। ଏଥିସହିତ ବ୍ରିଜ୍ କାମ କରୁଥିବା କନଷ୍ଟ୍ରକସନ୍ କମ୍ପାନୀ ଆଜିଠାରୁ ରାସ୍ତା କାମ ଆରମ୍ଭ କରିଛି। ଆସନ୍ତା ୩/୪ ଦିନ ଭିତରେ ସମସ୍ତ ଦାବି ପୂରଣ କରି କାମ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛି।

ସୂଚନାଯୋଗ୍ୟ, ସମଲପୁର ନିବାସୀ ହଳଧର ରାଉତ ତାଙ୍କ ପତ୍ନୀଙ୍କୁ ଗାଡିରେ ବସାଇ ସୋମନାଥପୁର ଆଡ଼କୁ ଯାଉଥିଲେ। ଜାତୀୟ ରାଜପଥ ବାମପଦା ଛକଠାରେ ରାସ୍ତା ପାରି ହେଉଥିବା ସମୟରେ କଲିକତା ଆଡୁ ଭୁବନେଶ୍ୱର ଆଡକୁ ଯାଉଥିବା ଏକ ମାଲବାହୀ ଟ୍ରକ ହଳଧର ରାଉତଙ୍କ ଆଡକୁ ମାଡି ଯାଇଥିଲା। ଫଳରେ ତାଙ୍କ ପତ୍ନୀ ଗାଡି(ସ୍କୁଟି) ରୁ ଛିଟିକି ପଡିଥିଲେ ଏବଂ ହଳଧର ରାଉତଙ୍କ ଡାହାଣ ଗୋଡ ଉପରେ ମାଲବାହୀ ଟ୍ରକ୍‌ଟି ଚଢିଯାଇଥିଲା। ଯାହାଦ୍ୱାରା ପ୍ରବଳ ରକ୍ତସ୍ରାବ ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ହେବାରୁ ପରିବାର ଓ ସ୍ଥାନୀୟ ଲୋକଙ୍କ ତରଫରୁ ହଳଧରଙ୍କୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହଳଧର ନାୟକ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ସେ ବିର୍ଲା ଟାୟାର୍ସରୁ ଅବସର ଗ୍ରହଣ କରିସାରିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକ ଏବଂ ବାମପଦା ସୁରକ୍ଷା ମଞ୍ଚ ତରଫରୁ ହଳଧର ରାଉତଙ୍କୁ କ୍ଷତିପୂରଣ ତଥା ଉପଯୁକ୍ତ ଚିକିତ୍ସା ପ୍ରଦାନ ନେଇ ଜାତୀୟ ରାଜପଥ ସକାଳ ୧୦ଟାରୁ ୨ ଘଟିକା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପଟରେ ଗାଡି ଅଟକି ରହିଥିଲା। କେବଳ ଜରୁରୀକାଳିନ ସେବା ଯଥା ଆମ୍ବୁଲାନ୍ସ, ସ୍କୁଲ ବସ୍ ଆଦି ବାଦ୍ ଦେଇ ଅନ୍ୟ ସମସ୍ତ ଗାଡ଼ି ରାସ୍ତା ଉପରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଖବର ପାଇ ଶିଳ୍ପାଞ୍ଚଳ ପୁଲିସ ଏବଂ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଜାତୀୟ ରାଜପଥ ବାମପଦା ଛକ ଏବେ ମରଣଯନ୍ତାରେ ପରିଣତ ହୋଇଛି ବୋଲି ସମସ୍ତେ ଉପଲବ୍ଧ କରିବା ପରେ ରାସ୍ତା କାମ କରୁଥିବା କନଷ୍ଟ୍ରୋକସନ୍ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲା। ସନ୍ଧ୍ୟା ସମୟରେ ଶିଳ୍ପାଞ୍ଚଳ ଥାନା ପରିସରରେ ବିଧାୟକଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ଏହି ବୈଠକରେ ବିଧାୟକ, ଥାନା ଅଧିକାରୀ ଶ୍ୟାମଘନ ବେହେରା, ବାମପଦା ସୁରକ୍ଷା ମଞ୍ଚ ସଭାପତି ବିଶ୍ୱଜିତ ଘୋଷ, ସମ୍ପାଦକ ଅନଙ୍ଗ ପଟ୍ଟନାୟକ, ଉପଦେଷ୍ଟା ତଥା ସୋମନାଥପୁର ଶାନ୍ତି କମିଟି ସଭାପତି ଧୀରେନ୍ଦ୍ର ମହାପାତ୍ର, ସତେଇ ସରପଞ୍ଚଙ୍କ ପ୍ରତିନିଧି ଛବିନ୍ଦ୍ର ମହାନ୍ତି, ସରସ୍ୱତୀପୁର ପଞ୍ଚାୟତ ସମିତି ସଭ୍ୟ ତ୍ରିଲୋଚନ ସ୍ୱାଇଁ, ବିଧାୟକ ପ୍ରତିନିଧି କ୍ରିଷ୍ଣା ସାହା, ସମାଜସେବୀ ରାଜେନ୍ଦ୍ର ଗିରି, ବାମପଦା ସୁରକ୍ଷା ମଞ୍ଚର ସମସ୍ତ ସଭ୍ୟ ଏବଂ କାମ କରୁଥିବା କନଷ୍ଟ୍ରୋକସନ୍ କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟଙ୍କ ଉପସ୍ଥିତିରେ ରାସ୍ତାର ଦୂରାବସ୍ଥା ଶୀଘ୍ର ସୁଧାରିବାକୁ ନିଷ୍ପତ୍ତି ନିଆଯାଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ଦୁଇ ଜଣ ଗାର୍ଡଙ୍କୁ ମୁତୟନ, ଦୁର୍ଘଟଣା ଘଟିଥିବା ରାସ୍ତାକୁ ଉଚ୍ଚା କରି ପକ୍କା କରିବା, ସର୍ଭିସ ରୋଡ୍ ରେ ଦିନକୁ ତିନିଥର ପାଣି ସିଞ୍ଚନ, ଛକର ଚାରିପାଖରେ ହମ୍ପ ନିର୍ମାଣ କରାଯିବାକୁ ଦାବି କରାଯାଇଛି। ଏଥିସହିତ ହଳଧର ରାଉତଙ୍କ ପରିବାରକୁ ଏକ ଲକ୍ଷ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି କରାଯାଇଥିଲା। ସେହି ଅନୁସାରେ କନଷ୍ଟ୍ରକସନ୍ କମ୍ପାନୀ ହଳଧର ରାଉତଙ୍କ ପତ୍ନୀଙ୍କ ଏକ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ ଆଜିଠାରୁ ରାସ୍ତା କାମ ଆରମ୍ଭ ହୋଇଛି ଏବଂ ୩/୪ ଦିନ ଭିତରେ କାମ ସରିବ ବୋଲି ବାମପଦା ସୁରକ୍ଷା ମଞ୍ଚ ସଭାପତି ବିଶ୍ୱଜିତ ଘୋଷ ସୂଚନା ଦେଇଛନ୍ତି।



- ଖାଲଖମାରେ ଭର୍ତ୍ତି, ଉଡୁଛି ପାଉଁଶ ଗୁଣ୍ଡ
- ବ୍ରିଜ୍ କାମ ପାଇଁ ଶୋଚନୀୟ ରାସ୍ତା ଅବସ୍ଥା

ରାସ୍ତା ଦୁରାବସ୍ଥା ଶୀଘ୍ର ସୁଧାରିବାକୁ ବାମପଦା ସୁରକ୍ଷା ମଞ୍ଚର ଦାବି

# ଜିଲ୍ଲାସ୍ତରୀୟ ପଲସ ପୋଲିଓ ଟୀକାକରଣ ଆରମ୍ଭ



୧୦୬୩ଟି ବୁଥ୍‌ରେ ଦିଆଯିବ -ଟୀକା

ବାଲେଶ୍ୱର,୧୨।୧୦(ସମିସ): ଆଜି ଠାରୁ୧୪ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଆରମ୍ଭ ହୋଇଛି ଜିଲ୍ଲାସ୍ତରୀୟ ପଲସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଏହି ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ୧୦୬୩ଟି କେନ୍ଦ୍ରରେ ଏହି ଦିନମାନଙ୍କରେ ପ୍ରଦାନ କରାଯିବ। ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଟୀକାକରଣର ଶୁଭାରମ୍ଭ କରିଥିଲେ। ତେବେ ଏହି ଟୀକାକରଣ ଜିଲ୍ଲାରେ୧୦୬୩ କେନ୍ଦ୍ରରେ ଜନ୍ମରୁ ପାଞ୍ଚ ବର୍ଷ ପିଲାମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୨୧୨୬ଟି ଟିମ୍ ଗଠନ କରାଯାଇଛି। ସେହି ଟିମ୍‌ରେ ୪୨୫୨ଜଣ କର୍ମୀ ରହି ପିଲାମାନଙ୍କୁ ପୋଲିଓ ବୁନ୍ଦା ଦେବା ସହିତ କାର୍ଯ୍ୟକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଏହି ତିନି ଦିନରେ ୨ଲକ୍ଷ ୯ ହଜାର ୭୪୭ଜଣ ପିଲାମାନଙ୍କୁ ଏହି ଟୀକାପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି। ବିଶେଷ କରି ଏହି ତିନିଦିନରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ପିଲାଙ୍କୁ ପୋଲିଓ ବୁନ୍ଦା ଦେବାର ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ଏନଜିଓ ଆଦିଙ୍କୁ ଅଭିଯାନକୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ବାଦ ନ ପଡନ୍ତି ସେଥିପ୍ରତି ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ବିଭାଗର ଏଡିଏମ ପରେଶ ଚନ୍ଦ୍ର ନନ୍ଦୀ, ଡିପିଏମ ଚକ୍ରଧର ଜେନା ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ନୂତନ ରାଧାକୃଷ୍ଣ ମନ୍ଦିରର ଭିତ୍ତିପ୍ରସ୍ତର

ବାଲେଶ୍ୱର,୧୨।୧୦(ସମିସ): ଗୋପାଳ ଗାଁରେ ଏକ ନୂତନ ରାଧାକୃଷ୍ଣ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ସାବିତ୍ରୀ ସ୍କୁଲ ଛକ ୟୁଥ କ୍ଲବ ନିକଟରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାଉନସିଲର ଗୌରୀ ମଣି ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କ ସହଯୋଗରେ ମନ୍ଦିର କାମ ଖୁବ ଶୀଘ୍ର ସରିବ ବୋଲି ସେ କହିଥିଲେ। ବୈଲୋଚନ ଦାଶ, ବିଭୁପଦ ଦାସ, ଗିରିଜା ଶଙ୍କର ଦାସ, ଅମର ମହାନ୍ତି, ବିବେକାନନ୍ଦ ରାଉତ, ପ୍ରାଣକୃଷ୍ଣ ସେନ, ରାକେଶ ପାଢ଼ୀ, ରୁପେଶ ପ୍ରଧାନ, ସୁମେଶ ପାଢ଼ୀ, ଅଭୟ ସ୍ୱାଇଁ, ପିଣ୍ଟୁ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶର୍ମିଷ୍ଠା ଚୋଧୁରୀ, ମୋନାଲିସା ସ, ଜୟଶ୍ରୀ ଜେନା, ସୁଶୀଳା ବେହେରା, ମାମା ଦାସ, ସସ୍ମିତା ବାରିକ, ମୋନାଲିସା ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯାତ୍ରା କଳାକାରଙ୍କ ପରଲୋକ



ବାଲେଶ୍ୱର,୧୨।୧୦(ସମିସ): ସଦର ବ୍ଲକ ହରିଡ଼ା ଗ୍ରାମର ଲୋକପ୍ରିୟ ଯାତ୍ରା କଳାକାର ପ୍ରଶାନ୍ତ କୁମାର ପାଢ଼ୀ(୫୪)ଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଖବର ଅଞ୍ଚଳରେ ଶୋକ ଖେଳାଇ ଦେଇଛି। ସେ ବଡକିଆରୁ ଆସି କିଛି ବର୍ଷ ଧରି ହରିଡ଼ା ଗ୍ରାମରେ ଘରକରି ବସବାସ କରି ଆସୁଥିଲେ। ଯାତ୍ରା ଅଭିନୟ ପ୍ରତି ସମର୍ପଣ ଭାବ, ଖଳନାୟକର ଅଭିନୟ ଲୋକଙ୍କ ପାଖର ପରିଚିତି ଆଣିଦେଇଥିଲା। ବିଭିନ୍ନ ଯାତ୍ରା ଦଳରେ ଅଭିନୟ କରିଥିବା ସହ, ସମ୍ପ୍ରତି କଳିଙ୍ଗ ଦରବାର ଯାତ୍ରା ଦଳରେ ଅଭିନୟ କରୁଥିଲେ। ଅବସର ସମୟରେ ସାମାଜିକ କର୍ମରେ ନିଜକୁ ମଧ୍ୟ ନିୟୋଜିତ କରୁଥିଲେ। ସୂଚନା ଧିକାରକର୍ମୀ ହିସାବରେ ବାଲେଶ୍ୱରରେ ବେଶ ପରିଚିତ ଥିଲେ। କୁରୁଡ଼ା ଦୁର୍ଗାପୂଜା କମିଟି, କୁରୁଡ଼ା ମହୋତ୍ସବ କମିଟି, ଆଞ୍ଚଳିକ ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ସଦସ୍ୟତା ଗ୍ରହଣ କରିଥିଲେ। ଯାତ୍ରା ଅଭିନୟ ପାଇଁ ମୟୁରଭଞ୍ଜର ଠାକୁର ମୁଣ୍ଡା ଯାଉଥିବା ବେଳେ କୌଣସି କାରଣରୁ ନିଜେ ଚଳାଉଥିବା ବୁଲେଟରୁ ପଡି ଗୁରୁତର ଆହତ ହୋଇଥିଲେ। ଖବର ପାଇ ସହଯୋଗୀ ଯାତ୍ରା କଳାକାର ଓ ସ୍ଥାନୀୟ ଗ୍ରାମବାସୀ ମନେ ନିକଟସ୍ଥ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିଲେ। ଆଜି ସେ ଇହଲୀଳା ସମ୍ବରଣ କରିଛନ୍ତି। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି, ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 ଙ୍କ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 ଙ୍କ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ହରିକଥା

ବାଲେଶ୍ୱର,୧୨।୧୦(ସମିସ): ସହର ଅନ୍ତର୍ଗତ ମାଣିଖମ୍ବ ଗାଁରେ ଥିବା ବହୁ ପ୍ରାଚୀନ ରାଧାକୃଷ୍ଣ ମନ୍ଦିର ରହିଛି, ଯାହା ହରିସଭା ମନ୍ଦିର ନାମରେ ପରିଚିତ। ସେହି ମନ୍ଦିର ପ୍ରାଙ୍ଗଣରେ ହରି କଥା ଆୟୋଜିତ ହୋଇଯାଇଛି। ଜିଲ୍ଲାର ବିଶିଷ୍ଟ ପ୍ରବଚକ ପଣ୍ଡିତ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ଦେଇଥିଲେ। ତାଙ୍କ ପ୍ରବଚନରେ ସେ କହିଥିଲେ, ଜୀବର ମୁକ୍ତି ପାଇଁ ଭାଗବତ ହିଁ ସହଜ ସରଳ ମାର୍ଗ। ନିତ୍ୟ ନିୟମିତ ଯେଉଁ ମାନେ ଭାବ ଭକ୍ତିର ସହ ଭାଗବତ ପଠନ, ଶ୍ରବଣ ଓ ମନନ କରନ୍ତି ସେ ସମସ୍ତ ସଂସାର ଜଞ୍ଜାଳରୁ ଉଦ୍ଧାର ପାଇ ଯାଆନ୍ତି। ଧର୍ମ ମାସ କାର୍ତ୍ତିକ ହେଉଛି ଶ୍ରୀ ବିଷ୍ଣୁଙ୍କ ପ୍ରିୟ ମାସ। ସେଥିପାଇଁ କାର୍ତ୍ତିକ ମାସର ପ୍ରତ୍ୟେକ ଗୁରୁବାର ସନ୍ଧ୍ୟା ୬ଟାରେ କାର୍ତ୍ତିକ ମାହାତ୍ମ୍ୟ ପଢାଯିବ ଓ ପ୍ରବଚନ ହେବ। ପ୍ରବଚନ ସରିବା ପରେ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

ତିନିମାସିଆ ପାଣିଫଳ ଚାଷ

# ସ୍ୱଳ୍ପ ପୁଞ୍ଜି ନିବେଶରେ ଲାଭ ଅଧିକ

ବାଲେଶ୍ୱର,୧୨।୧୦(ସମିସ)



ଅନ୍ୟ ଫସଲ ଅପେକ୍ଷା ଚାଷୀମାନେ ଅଧିକ ଲାଭ ପାଇବା ଆଶାରେ ତିନିମାସିଆ ପାଣିଫଳ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ସେଇ ଅର୍ଥରୁ କିଏ ନିଜ ଝିଅ ବାହାଘର କରୁଛି ତ ଆଉ କିଏ ନିଜର ପିଲାମାନଙ୍କୁ ପାଠ ପଢ଼ାଉଛି । ସଦର ବ୍ଲକ ଅର୍ନ୍ତଗତ ହଳଦୀପଦାଠାରେ ଜାତୀୟ ରାଜପଥ କଡରେ ଧାଡିକି ଧାଡି ହୋଇ ବସିରହିଛନ୍ତି ପାଣିଫଳ ବ୍ୟବସାୟୀ। ରାସ୍ତା କଡରେ ଥିବା ଧାନ ବିଲଗୁଡ଼ିକରେ ଧାନ ଚାଷ କରିବା ପାଇଁ ପାଣିର ବ୍ୟବସ୍ଥା ହୋଇପାରୁ ନ ଥିବା ବେଳେ କୌଣସି କେନାଲର ମଧ୍ୟ ସୁବିଧା ନାହିଁ। ଫଳରେ ସେଠାକାର ଚାଷୀମାନେ ଧାନ ଚାଷ ପରିବର୍ତ୍ତେ ପରିତ୍ୟକ୍ତ ଜମିରେ ପାଣିଫଳ ଚାଷ କରିବାକୁ ଗୁରୁତ୍ୱ ଦେଉଛନ୍ତି। ପରିତ୍ୟକ୍ତ ଜମିରେ କିଛି ମାତ୍ରାରେ ପାଣି ରଖି କମ ଖର୍ଚ୍ଚରେ ପାଣିଫଳ ଚାଷ କରୁଛନ୍ତି। ତାହା ଅମଳକ୍ଷମ ସମୟ ହେଲେ ତାକୁ ଆଣି ରାଜପଥ କଡରେ ବସି ବିକ୍ରି କରୁଛନ୍ତି। ସେଥିରୁ ମିଳୁଥିବା ଅର୍ଥରୁ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଏ ନେଇ ସ୍ଥାନୀୟ ହଳଦୀପଦା ଅଂଚଳର ପାଣିଫଳ ବ୍ୟବସାୟୀ କମଳାକାନ୍ତ ଦାସ କହିଛନ୍ତି ଯେ, ପାଣିଫଳ ବ୍ୟବସାୟ ହେଉଛି ତାଙ୍କର ମୁଖ୍ୟ ବ୍ୟବସାୟ। ବର୍ଷକର ତିନିମାସ ଅର୍ଥାତ ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ ସେମାନେ ଏହି ବ୍ୟବସାୟ କରୁଥିବାବେଳେ ବାକି ଅନ୍ୟ ମାସରେ ଅନ୍ୟ ସ୍ଥାନରେ କାର୍ଯ୍ୟ କରନ୍ତି। ହେଲେ ସେମାନଙ୍କ ଭାଗ୍ୟରେ ସବୁଦିନ କାମ ମଧ୍ୟ ମିଳେ ନାହିଁ। ସେମାନେ ଧାନ ବିଲରେ ଧାନ କରିବା ପରିବର୍ତ୍ତେ ପାଣିଫଳ ଚାଷ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଧାନ ଚାଷରେ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପାଣିଫଳ ଚାଷରେ କମ ଅର୍ଥ ବିନିଯୋଗ କରିବାକୁ ପଡୁଛି। ଚଳିତ ବର୍ଷ ସେ ଦୁଇ ଏକ ଜମିରେ ପାଣିଫଳ ଚାଷ କରିଛନ୍ତି। ଗୋଟିଏ ଏକରରେ ଏହି ଚାଷ କରିବା ପାଇଁ କମ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଗୋଟିଏ ଏକରରୁ ପାଖାପାଖି ୫୦କୁଇଣ୍ଟାଲ ପାଣିଫଳ ବାହାରି ଥାଏ। ସେ ସେଇ ପାଣିଫଳକୁ ସେଠାରେ ବସୁଥିବା ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରିବା ସହ ସ୍ଥାନୀୟ ମାର୍କେଟ ବ୍ୟତିତ କଟକ, ଭୁବନେଶ୍ୱରକୁ ଆଦିକୁ ପଠାଇଥାଆନ୍ତି। ପାଣିଫଳ ଖାଇବାକୁ ଅତି ସୁଆଦିଆ ହୋଇଥିବାରୁ ଲୋକେ ଅଧିକ ପରିମାଣରେ କିଣିଥାଆନ୍ତି ବୋଲି ସେ କହିଛନ୍ତି। ସେହିପରି ଅନ୍ୟଜଣେ ହଳଦୀପଦା ଅଂଚଳର ମହିଳା ବ୍ୟବସାୟୀ ନିକିତା ଚୌଧୁରୀ କହିଛନ୍ତି ଯେ, ସେ ଜଣେ ଯୁକ୍ତ ତିନି ବର୍ଷର ଛାତ୍ରୀ। ପାଠପଢ଼ା ସାଙ୍ଗକୁ ତିନିମାସିଆ ପାଣିଫଳ ବ୍ୟବସାୟ ମଧ୍ୟ କରନ୍ତି। ଅନ୍ୟ ମହାଜନମାନେ କରିଥିବା ପାଣିଫଳକୁ ସେମାନଙ୍କ ଠାରୁ କେଜି ପ୍ରତି ୪୦ଟଙ୍କା ଦରରେ ୩୦ରୁ ୪୦କେଜି କିଣି ୬୦ରୁ ୭୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରନ୍ତି। ପାଣିଫଳ ଚାଷରୁ ଚାଷୀମାନେ ବେଶ ଉପକୃତ ହେଉଥିବା ବେଳେ ଧାନଚାଷରୁ ବିମୁଖ ହୋଇପଡୁଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ପାଣିଫଳ ଚାଷ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କଲେ ଚାଷୀମାନେ ବେଶ ସ୍ୱାବଲମ୍ବୀ ହୋଇପାରିବେ।

# ଡକାୟତି ଯୋଜନାବେଳେ ଧରାପଡ଼ିଲା ଲୁଟେରା ଗ୍ୟାଙ୍ଗ୍



**● ୩ ଲୁଟେରାଙ୍କ ସମେତ ୪ ଗିରଫ**

**● ୯୦୦ ଗ୍ରାମ୍ ରୁପା ଅଳଙ୍କାର ସହ ମାରଣାସ୍ତ୍ର ଜବତ**

ସିମୁଳିଆ, ୧୨।୧୦ (ସମିସ)

ବାଲେଶ୍ୱର ଜିଲ୍ଲା ସିମୁଳିଆ ପୁଲିସ ଗତ ରାତିରେ ପାଟ୍ରୋଲିଂ କରିବା ସମୟରେ ଡକାୟତି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ସୋର ଅଞ୍ଚଳରେ ୭ଟି, ସିମୁଳିଆ ଅଞ୍ଚଳରେ ୫ ଟି ଏବଂ ବାସୁଦେବପୁର ଅଞ୍ଚଳରେ ୨ ଟି ଲୁଟ ଘଟଣାରେ ଏମାନେ ସାମିଲ ଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ ଲୁଟେରା ଗ୍ୟାଙ୍ଗ ଡକାୟତି ଯୋଜନା କରୁଥିବା ବେଳେ ସିମୁଳିଆ ଥାନା ଏସ୍ଆଇ କ୍ଷୀରୋଦ କୁମାର ସାହୁ, ଏଏସ୍ଆଇ ବିଶ୍ୱଜିତ ସେଠୀ, ଅଶୋକ କୁମାର ବେହେରାଙ୍କ ସମେତ ଅନ୍ୟମାନେ ପହଞ୍ଚି ୩ ଜଣକୁ ଗିରଫ କରିଥିବା ବେଳେ ଅନ୍ୟ ଲୁଟେରାମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କଠାରୁ ୯୦୦ଗ୍ରାମ ରୁପା ଅଳଙ୍କାର, ୨ଟି ଭୁଜାଲି, ଲୁହାରଡ଼, ୨ଟି ହାତ ବୋମା, ଗୋଟିଏ ବାଇକ ଏବଂ ଦୁଇଟି ମୋବାଇଲ ଜବତ କରାଯାଇଛି। ଲୁଟେରଙ୍କଠାରୁ ଅଳଙ୍କାର କିଣିଥିବା ସୋର ଅଞ୍ଚଳର ଲକ୍ଷ୍ମୀ ଜୁଏଲାରୀ ଦୋକାନୀକୁ ମଧ୍ୟ ଗିରଫ କରିବା ସହ ୪ଜଣକୁ କୋର୍ଟ ଚାଲାଣ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣା, କିରୋଧ କୁମାର ସାହୁ, ଏଏସ୍ଆଇ ବିଶ୍ୱଜିତ ସେଠୀଙ୍କ ସମେତ ଅନ୍ୟ ପୁଲିସ ଟିମ୍ ଉପସ୍ଥିତ ଥିଲେ। ଗିରଫ ୩ଜଣ ଡକାୟତ ସିମୁଳିଆ ଥାନା କ୍ଷୀରକୋଣା ଅଞ୍ଚଳର ବୋଲି ସୂଚନା ମିଳିଛି। ଫେରାର ଥିବା ଅନ୍ୟ ଲୁଟେରାମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

# ଦୁର୍ଗାପୁର ଦୁଷ୍କର୍ମ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ



ଜଳେଶ୍ୱର,୧୨।୧୦(ସମିସ): ଜଳେଶ୍ୱର ଅଞ୍ଚଳର ଡ଼ାକ୍ତରୀ ଛାତ୍ରୀ ପଶ୍ଚିମବଂଗ ଦୁର୍ଗାପୁରରେ ଗଣ ବଳାତ୍କାର ଶିକାର ହୋଇ ସଙ୍କଟାପନ୍ନ ଭାବେ ଚିକିତ୍ସାଧୀନ ଅଛନ୍ତି। ଏଭଳି ବାରମ୍ବାର ଦୁର୍ଘଟଣାରେ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ପୀଡ଼ିତାଙ୍କ ଆରୋଗ୍ୟ ଲାଗି ପ୍ରାର୍ଥନା ହେଉଛି। ସେହିଭଳି ଜଳେଶ୍ୱର ମ୍ୟୁନିସିପାଲଟି ଅଧିନ ନୂଆ ବଜାର ତାରିଣୀ ଛକ ସନ୍ନିକଟ ଜଗନ୍ନାଥ ମନ୍ଦିର ରେ ଯୁବ ଗୋଷ୍ଠୀ ପକ୍ଷରୁ ସମୂହ ଦୀପ ପ୍ରଜ୍ୱଳିତ କରି ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସମାଜସେବୀ ରାଜେଶ ଖଟୁଆଙ୍କ ନେତୃତ୍ୱରେ ନମିତା ଦାସ, ସୁମିତା ମହାନ୍ତି, ଅଜିତ୍ ମହାନ୍ତି, ରାକେଶ ବାରିକ୍, ତପନ ମହାନ୍ତି, ଅଂଶୁମାନ ଜେନା, ବାପି ଜେନା, ହିମାଂଶୁ ସାହୁ, ଆଲୋକ କୁମାର ଡଗର, ଖିତିଶ ବ୍ରହ୍ମ, ମଳୟ ବିକାଶ ଡଗର, ରାଜା ଦାସ, ରାଜେଶ ସେଣ, ରନିତ୍ ଦାସ, ସପନ ପାତ୍ର, ସ୍ୱାଭିମାନ ସେନାପତି, ଅଭିଜିତ ସାହୁ, ସୁଜୟ ଗିରି, ଶୁଭମ୍ ପ୍ରଧାନ, ଅଜୟ ଠକ୍କର, ରିତୁ ରାଜ ଗିରି, ନମଃ ହେମ୍ବ୍ରମ, ଦୀପକ୍ ବ୍ରହ୍ମ, ଗଣେଶ ସରୋନ୍ ପ୍ରମୁଖ ଯୁବ ଗୋଷ୍ଠୀ ଦୀପ ପ୍ରଜ୍ୱଳନ ସହିତ ପୀଡ଼ିତା ଙ୍କ ଆଶୁ ଆରୋଗ୍ୟ କାମନା କରି ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ।

# ବରହମପୁର କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତୁତି ବୈଠକ



ନୀଳଗିରି, ୧୨।୧୦ (ସମିସ): ବରହମପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବରହମପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ କୃତିବାସ ବେହେରାଙ୍କ ଆବାହକରେ ବରହମପୁର କୁ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଅଛି। ଉକ୍ତ ବୈଠକରେ ରବିନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ବଣସୀମାଅଞ୍ଚଳର ୧୧ଗୋଟି ପଞ୍ଚାୟତର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହିଥିବା ବେଳେ ସମସ୍ତଙ୍କର ମତାମତ ନିଆଯାଇଥିଲା। ଶେଷରେ ଉକ୍ତ ପ୍ରସ୍ତାବକୁ ସରକାରଙ୍କ ନିକଟରେ ପ୍ରସ୍ତାବ ଆଗତ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଆଜିର ଏହି ବୈଠକରେ କରୁଣାକର ପଣ୍ଡା, ଜ୍ୟୋତିର୍ମୟୀ ପୁଥାଳ, ରଧାଗୋବିନ୍ଦ ପଣ୍ଡା, ହେମେନ୍ଦ୍ର ପଣ୍ଡା, ଜୟନ୍ତ ବିନ୍ଧାଣି, ଭଗବାନ ସାହୁ, ଜୟନ୍ତ ପଟ୍ଟନାୟକ, ଚିତ୍ତରଞ୍ଜନ ପାଣିଗ୍ରାହୀ, ଅଭୟ ବାରିକ, ଆଲୋକ ମହାପାତ୍ର, ବିଶ୍ୱଜିତ୍ ସେଠୀ, ରବୀନ୍ଦ୍ର ସାହୁ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପିପିଲି-ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ



ଭୋଗରାଇ,୧୨।୧୦(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତି ନଂ-୧ ପଞ୍ଚାୟତ ଅଧୀନସ୍ଥ ପୀତବାସ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପିପିଲି-ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ କମିଟିର ସଭାପତି ସତ୍ୟଶିବ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୟର ସୈକତରେ ସମାଧିସ୍ଥ ହୋଇଥିବା ଭୋଗରାଇ ବ୍ଲକର ସୁବର୍ଣ୍ଣରେଖା ନଦୀକୂଳ ଅଞ୍ଚଳର ସୁପ୍ତ ଇତିହାସକୁ ଅନାବରଣ କରିବା ପାଇଁ 'ପିପିଲି-ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ' ଏକ ନିଆରାପ୍ରୟାସ କରାଯାଇଛି। ସୁବର୍ଣ୍ଣରେଖା କୂଳରେ ଥିବା ଆରୁହାବୃତ୍ତି, ମନୁନଗର, ସନ୍ତୋଷପୁର, ନଥିପୁର, ନୟାପାଲି , ବାରବାଟିଆ, ଦହମୁଣ୍ଡା, ଖରିଦପିପଳ ଓ ହରିଣକୁଲି ପ୍ରଭୃତି ଗ୍ରାମ ଏବଂ ସମଗ୍ର ଭୋଗରାଇ, ବାଲିଆପାଳ ଓ ଜଳେଶ୍?ର ବ୍ଲକ ସହିତ ଜଡ଼ିତ ଥିବା 'ପିପିଲି-ସାହାବନ୍ଦର'ର ବାଣିଜ୍ୟ ଗାଥାକୁ ପ୍ରକାଶ କରିବା ପାଇଁ ସୁବର୍ଣ୍ଣରେଖା କୂଳରେ ଆରୁହାବୃତ୍ତି ଓ ଖରିଦପିପଳ ଗ୍ରାମ ପଞ୍ଚାୟତର ମିଳିତ ଉଦ୍ୟମରେ ଆରୁହାବୃତ୍ତି-୧ ସ୍କୁଲ ପଡ଼ିଆରେ 'ବୋଇତ ବନ୍ଦାଣ ଉତ୍ସବ' ଆୟୋଜନ ହେବାର ସିଦ୍ଧାନ୍ତ ନିଆଯାଇଛି। ଏହି ବୈଠକରେ ଉତ୍ସବ କମିଟିର ସମ୍ପାଦକ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, କବି ସୁକୁମାର ଦାସ, କବି କାଳିକିଙ୍କର ଦାସ, ଡାକ୍ତର ଲଲାଟେନ୍ଦୁ ଦାସ, ଶିକ୍ଷକ ମନୋଜ କୁମାର ଜେନା, ଶିକ୍ଷକ ମଳୟ କୁମାର ସୂର, ପୂର୍ବତନ ଓଷ୍ଟା ସମ୍ପାଦକ ପ୍ରଶାନ୍ତ ମହାନ୍ତି, ଶିବନାରାୟଣ ପାତ୍ର, ସାମ୍ବାଦିକ ରାଜକୁମାର ଜେନା, ଶିକ୍ଷକ ତାପସ କୁମାର ଜେନା, ଶିକ୍ଷକ ଗୋପାଳ ଚନ୍ଦ୍ର ପାତ୍ର, ଶିକ୍ଷକ ସଞ୍ଜୟ କୁମାର ଗିରି, ପଣ୍ଡିତ ରାଜେନ୍ଦ୍ର କୁମାର ପଣ୍ଡା, ତପନ କୁମାର ଦେ, ରାମଚନ୍ଦ୍ର ଜେନା, ବାଦଲ କୁମାର ଚନ୍ଦ, ଅରୁଣ କୁମାର ଜେନା, ଶମ୍ଭୁନାଥ ବାରିକ, ଚନ୍ଦନ ଗିରି, ଅଶୋକ ବେହେରା, ଭାଗବତ ଚନ୍ଦ୍ର ପଣ୍ଡା, ସେକ ଖଲିଲ, ଗୌରହରି କାମିଳା, ଧିରେନ ମୁଖୀ, ଦୀପ୍ତେନ୍ଦୁ ଦାସ, ଶମ୍ଭୁନାଥ ବାରିକ, କାର୍ତ୍ତିକେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ନଭେମ୍ବର ୫, ୬ ଓ ୭ ତାରିଖ ତିନି ଦିନ ପ୍ରତ୍ୟହ ସଂଧ୍ୟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଓଡ଼ିଶାର ଅଗଣିତ ଜ୍ଞାନୀ, ଗୁଣୀ, ପ୍ରଶାସକ, ସଙ୍ଗୀତଜ୍ଞ ଓ ନୃତ୍ୟଶିଳ୍ପୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ତ୍ତିକ ପୂର୍ଣ୍ଣମୀର ପବିତ୍ର ଅପରାହ୍ନରେ ସାଧବ ବେଶରେ କମିଟିର ସଦସ୍ୟ ମାନେ ଦହମୁଣ୍ଡା ନଦୀଘାଟ ଠାରୁ ମନୁନଗର ଘାଟ ପର୍ଯ୍ୟନ୍ତ ସୁବର୍ଣ୍ଣରେଖାରେ ନୌବିହାର କରାଯିବା ସହିତ ସାହାବନ୍ଦର ବୋଇତ ଯାତ୍ରାକୁ ଏବର୍ଷ ଅଧିକ ଆକର୍ଷଣୀୟ କରାଯିବ ବୋଲି ଉତ୍ସବ କମିଟିର ସଭାପତି ସତ୍ୟଶିବ ଦାସ ପ୍ରକାଶ କରିଛନ୍ତି।

# ହସ୍ପିଟାଲରେ ଆଖିବୁଜିଲେ ଗୁରୁତର ଆହତ ବୃଦ୍ଧ

**● ଅଭିଯୋଗର ୯ ଦିନ ପରେ ବି ଗିରଫ ହୋଇ ପାରିଲାନି ଅଭିଯୁକ୍ତ**

ଖଇରା, ୧୨।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ଗ୍ରାମ ପଞ୍ଚାୟତ ଅଧୀନ ଚୁନନଟୀ ଗ୍ରାମରେ ପୁତୁରାଙ୍କ ଯକ କୋଦାଳ ଚୋଟରେ ସମ୍ପର୍କୀୟ ଦାଦା ଗୁରୁତର ହେବାର ୧୦ଦିନ ପରେ ଦାଦା ଆଖିବୁଜିଥିବା ବେଳେ ଅଭିଯୁକ୍ତ ପୁତୁରାକୁ ଖଇରା ପୁଲିସ ଗିରଫ କରିବାକୁ ଅସମର୍ଥ ହୋଇଛି। ପ୍ରତିବାଦରେ ପରିବାର ଲୋକେ ଖଇରା ଥାନା ଆଗରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ଗତ ୨ତାରିଖ ଦିନ ଗ୍ରାମର କଂକ୍ରିଟ ରାସ୍ତାରେ ପାଣିନାଳ ଖୋଳିବାକୁ କେନ୍ଦ୍ର କରି ସମ୍ପର୍କୀୟ ପୁତୁରା ସୁରେଶ ଦାସଙ୍କ କୋଦାଳ ଚୋଟରେ ଦାଦା ବାବାଜୀ ଦାସ(୭୨) ଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଓ ସେ ଗୁରୁତର ଆହତ ହୋଇ ପଡିଥିଲେ। ଚିକିତ୍ସା ପାଇଁ ଖଇରା,ଭଦ୍ରକ ଓ ପରେ କଟକର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ପତ୍ନୀ ଚଞ୍ଚଳା ୩ତାରିଖ ଦିନ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୧୦ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବାବାଜୀ ରବିବାର ସକାଳେ ଆଖି ବୁଜିଥିଲେ। ହେଲେ ୯ଦିନ ଧରି ଚୁପ ବସିଥିବା ଖଇରା ପୋଲିସ ଶନିବାର ରାତିରେ ସୁରେଶଙ୍କ ନାବାଳକ ପୁଅକୁ ଥାନାରେ ଅଟକ ରଖିବାକୁ ନେଇ ଚୁନନଟୀ ଗ୍ରାମବାସୀ ପୋଲିସର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକଙ୍କୁ ଯୋଗାଯୋଗ କରିବାରେ ଅଭିଯୁକ୍ତ ଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କରାଯାଉଥିବା କହିଛନ୍ତି।

**● ନୈଛଣପୁରରେ ସଟ୍‌ଗ୍ରାଉଣ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଖଡ଼ିବିଲ ଚାମ୍ପିଅନ, ଚନ୍ଦନେଶ୍ୱର ରନର୍ସଅପ୍



ଚନ୍ଦନେଶ୍ୱର, ୧୨।୧୦ (ସମିସ) : ଭୋଗରାଇର ହୁଗୁଳି ପଂଚାୟତ ଅଧୀନ ନୈଛଣପୁର ହିନ୍ଦ କ୍ଲବ ପକ୍ଷରୁ ରାତ୍ରିକାଳୀନ ସଟ ଗ୍ରାଉଣ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଚନ୍ଦନ ୧୧ଷ୍ଟାର ଖଡ଼ିବିଲ ଚମ୍ପିଆନ ହୋଇ ଥିବା ବେଳେ ଶୁଭମ ୧୧ଷ୍ଟାର ଚନ୍ଦନେଶ୍ୱର ରନର୍ସ ଅପ ହୋଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ। ଚଳିତ ବର୍ଷ କ୍ରିକେଟ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏ ନେଇ ଆୟୋଜିତ ଉଦଯାପନୀ ସଭାକୁ ହୁଗୁଳି ପଂଚାୟତର ସମିତି ସଦସ୍ୟ ଗୋବିନ୍ଦ ଦାସ ସଂଚାଳନ କରିଥିଲେ। ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ସଚିନ ତେନ୍ଦୁଲକରଙ୍କ ଭଳି କ୍ରିକେଟ ଖେଳି ସୁନାମ ଅର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ସମାଜସେବୀ ଇଂ ଅଭିଜିତ ଦାସ ଯୋଗଦେଇ ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକ୍ତା ରହିଛି। ଅନ୍ୟ ମାନଙ୍କ ମଧ୍ୟରେ ଶଙ୍ଖାରି ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ଗୌର ଗୋପାଳ ପ୍ରଧାନ, ଭାରପ୍ରାପ୍ତ ସରପଂଚ ବିଭୁତି ପ୍ରଧାନ, ସମାଜସେବୀ ଦିଲ୍ଲୀପ ଦାସ, ହରେକୃଷ୍ଣ ଦେ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶେଷରେ ସମ୍ପାଦକ ପଙ୍କଜ ଦାସ ଧନ୍ୟବାଦ ଦେଇଥିଲେ। ତିଳକ ପ୍ରଧାନ ଏବଂ ହରେନ୍ଦ୍ର ଜେନା ଖେଳ ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶୁକ୍ରବାର କ୍ଲବର ସଭାପତି ଚନ୍ଦନ କୁମାର ପ୍ରଧାନ ଖେଳକୁ ଉଦଘାଟନ କରିଥିଲେ।

# ପରିଚାଳନା କମିଟି ଦ୍ୱାରା ନିଯୁକ୍ତିପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦାବି




ସୋର,୧୨।୧୦(ସମିସ): ଓଡ଼ିଶା ନନ୍ ଗଭର୍ମେଣ୍ଟ ଲେକ୍‌ଚରର୍ ଏଣ୍ଡ ଏମ୍ପ୍ଲଏଜ ଆସୋସିଏସନ୍ ପକ୍ଷରୁ ୨୦୦୮ରୁ ୨୦୨୫ ପର୍ଯ୍ୟନ୍ତ ପରିଚାଳନା କମିଟି ଦ୍ୱାରା ନିଯୁକ୍ତିପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବା ଦାବିରେ ସଂଘର ସଭାପତି ଗୋପୀନାଥ ବାରିକଙ୍କ ସଭାପତିତ୍ୱରେ ସୋର କଲେଜ୍ ଛକ ନିକଟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାରା ଓଡ଼ିଶାରେ ବିଭିନ୍ନ କଲେଜ ମାନଙ୍କରେ ଏହି ସମୟ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ହୋଇଥିବା ଅଧ୍ୟାପକ କର୍ମଚାରୀ ମାନଙ୍କୁ ସମାନ କାମକୁ ସମାନ ଦରମା ଆଧାରରେ ସରକାର ଏକ ନୂତନ ପଲିସି ମାଧ୍ୟମରେ ପୂର୍ଣ୍ଣ ସରକାରୀ ଅନୁଦାନଭୁକ୍ତ କରନ୍ତୁ ବୋଲି ଦାବି ହୋଇଛି। ଉକ୍ତ ସଂଘ ଏହି ସମ୍ପର୍କରେ ଗତ ନଭେମ୍ବର ମାସ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଓ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିବା ସହ ଜନଶୁଣାଣୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଗୋଚର କରିଛନ୍ତି ବୋଲି କହିଛନ୍ତି। ସ୍ୱଳ୍ପ ବେତନରେ ଏକ ଦଶନ୍ଧିଠାରୁ ଅଧିକ ସମୟ ସରକାରଙ୍କ ପ୍ରତ୍ୟେକ ନ୍ୟସ୍ତ କାର୍ଯ୍ୟ ଯଥା ଶ୍ରେଣୀ ଗୃହ କ୍ଲାସ୍ ଛାଡ଼ି ଖାତା ମୂଲ୍ୟାଙ୍କନ, ନିର୍ବାଚନ ଡିଉଟି, ମହାବିଦ୍ୟାଳୟରେ ପ୍ରଶାସନିକ, କ୍ରୀଡା, ସାଂସ୍କୃତିକ କାର୍ଯ୍ୟ ବିନା କୌଣସି ଦ୍ୱିଧାରେ କରି ଆସୁଥିବା ବେଳେ ସରକାର କିନ୍ତୁ ତାଙ୍କ କଥା ବିଚାର ନକରିବା ଦୁଃଖଦ ଘଟଣା ବୋଲି ମତ ପ୍ରକାଶ କରିଛନ୍ତି। ସରକାର ଆଗାମୀ ୧୫ ଦିନ ମଧ୍ୟରେ ଦାବି ସପକ୍ଷରେ ଆଲୋଚନା ନକଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆମରଣ ଅନଶନ କରାଯିବ ଏବଂ ସେଥି ପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଉପସଭାପତି ନରେନ୍ଦ୍ର କୁମାର ମହାଳିକ, ସମ୍ପାଦକ ସବିତା ବାରିକ , ସହ ସମ୍ପାଦକ ଅଭିଳାଷ ନାୟକ, ମଧୁସ୍ମିତା ପାଣିଗ୍ରାହୀ, ପ୍ରଜ୍ଞା ପରମିତା ଦୀକ୍ଷିତ, ସ୍ମୃତି ରଞ୍ଜନ ପ୍ରଧାନ ଓ ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କୁପାରୀ ଅମ୍ବିକାଶ୍ରମ ପ୍ରତିଷ୍ଠାତାଙ୍କ ମହାପ୍ରୟାଣ ଦିବସ



ଖଇରା,୧୨।୧୦ (ସମିସ): ବାଲେଶ୍ୱର ଜିଲା ର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର କୁପାରୀ ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନଙ୍କ ୪ର୍ଥ ମହାପ୍ରୟାଣ ଦିବସ ରବିବାର ଦିନ ନିରାଡମ୍ବରରେ ପାଳିତ ହୋଇ ଯାଇଛି। ସକାଳେ ଧ୍ୱଜା ପୁଜନ ପରେ ଦିବଂଗତ ବାବାଙ୍କର ମହାଭିଷେକ,ଗୀତାଯଜ୍ଞ ସାଙ୍ଗକୁ ପଞ୍ଚାମୃତ ସ୍ନାନ କରାଯାଇଥିଲା। ଯାଜପୁର ଆଶ୍ରମରୁ ରାଜରାଜଶ୍ୱେର ପୁରୀ, ପୁରୀରୁ ସଚ୍ଚିଦାନନ୍ଦ ମହାରାଜ, ନୟାଗଡରୁ ଭଗବାନ ଦାସଜୀ ମହାରାଜଙ୍କ ସମେତ ଅନ୍ୟାନ୍ୟ ଅଞ୍ଚଳରୁ ସାଧୁସନ୍ଥ ମାନେ ବାବାଙ୍କ ପୁଣ୍ୟତିଥିରେ ସାମିଲ ହୋଇଥିଲେ। ୨୦୨୧ ମସିହାରେ ଏହି ତିଥିରେ ବାବା ଇହଲିଳା ସମ୍ବରଣ କରିଥିଲେ। ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦୁ ମୁନୀ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

# ରେଲୱେ ଜମି ଜବରଦଖଲମୁକ୍ତ ପାଇଁ ଉଚ୍ଛେଦ ଅଭିଯାନ



ବାଲେଶ୍ୱର,୧୨।୧୦(ସମିସ): ରେଲୱେ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଏକ ସମନ୍ୱିତ ପ୍ରୟାସରେ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ଅମର୍ଦାରୋଡ୍ ଷ୍ଟେସନ ସର୍କୁଲେଟିଂ ଅଞ୍ଚଳରେ ଅପରେସନ୍ ଭୂମି ଅଧୀନରେ ଏକ ଉଚ୍ଛେଦ ଅଭିଯାନ କରାଯାଇଥିଲା। ଇଞ୍ଜିନିୟରିଂ ଏବଂ ଅପରେଟିଂ ବିଭାଗର କର୍ମଚାରୀ, ଅମର୍ଦା ରୋଡ୍ ଏବଂ ରେଳ ସୁରକ୍ଷା ବାହିନୀର ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ରେଳ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଅଭିଯାନ ଶାନ୍ତିପୂର୍ଣ୍ଣ ଭାବରେ କରାଯାଇଥିଲା। ଏହି ସମୟରେ ରେଳ ଜମି ଉପରେ ଜବରଦଖଲ କରିଥିବା ପ୍ରାୟ ୨୫ଟି ଅସ୍ଥାୟୀ ଦୋକାନ ଶୃଙ୍ଖଳିତ ଭାବରେ ଉଚ୍ଛେଦ କରାଯାଇଥିଲା।

# ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ସୋର,୧୨।୧୦(ସମିସ): ସୋର ବ୍ଲକ ମଙ୍ଗଳପୁର ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠ ପୁରାତନ ଛାତ୍ରସଂସଦର ଏକ ବୈଠକ ହୀରକ ଜୟନ୍ତୀ କମିଟିର ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦୨୬ ଜାନୁଆରୀ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ସଂପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ପୁରାତନ ଛାତ୍ରସଂସଦର ସଭାପତି ଶ୍ରୀଧର ସାହୁ ସମ୍ପାଦକ ମୁରଲୀଧର ପାଢ଼ୀ, କୋଷାଧ୍ୟକ୍ଷ ନିରାକାର ବେହେରା ତଥା ହୀରକ ଜୟନ୍ତୀର ସମ୍ପାଦକ ନିରାକାର ପଣ୍ଡା କୋଷାଧ୍ୟକ୍ଷ ଅଜୟ କୁମାର ବାରିକ ଆଦି ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସଂସଦ ସଦସ୍ୟ ମଧୁସୂଦନ ବେହେରା, ଯତୀନ୍ଦ୍ର ଦାସ, ସୁନୀଲ ରଞ୍ଜନ ବିଶ୍ୱାଳ, ଶ୍ରୀଧର ବେହେରା, ନିକୁଞ୍ଜ ବିହାରୀ ଦାସ, ସୁରେନ୍ଦ୍ର ଦାସ, ଯଦୁନାଥ ପଣ୍ଡା, ରାଧାକାନ୍ତ ବାରିକ, ରବୀନ୍ଦ୍ର କୁମାର ସେଠି, ରଂଜିତ ମହାକୁଡ଼ ଏବଂ ମହେଶ୍ୱର ବେହେରାଙ୍କ ଆଦି ଏହି ସଭାରେ ଉପସ୍ଥିତ ରହିଥିଲେ।

# ଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ଭୋଗରାଇ,୧୨।୧୦(ସମିସ): ଦିନକୁ ଦିନ ବିନା ହେଲମେଟରେ ବାଇକ ଚାଳକଙ୍କ ସଡ଼କ ଦୁର୍ଘଟଣା ବଢ଼ିଚାଲିଥିବା ବେଳେ ଆଜି ବାଲେଶ୍ୱର ସଡ଼କ ପରିବହନ ବିଭାଗ ଓ ଭୋଗରାଇ ପୁଲିସ ମିଳିତ ଭାବେ ଯାଞ୍ଚ କରାଯାଇ ଅମାନିଆ ଗାଡ଼ି ଚାଳକଙ୍କ ଠାରୁ ଜମରିମାନା ଆଦାୟ କରାଯାଇଛି। ଏଥିରେ ବାଲେଶ୍ୱର ସଡ଼କ ପରିବହନ ବିଭାଗର ଟ୍ରାଫିକ ସବଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର ଓ ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳଙ୍କ ମିଳିତ ଭାବେ ଏକ ଟିମ୍ ଗଠନ କରାଯାଇ ଥାନାଛକ-ଭୋଗରାଇ ରାସ୍ତାର ଥାନା ସମ୍ମୁଖରେ ବିନା ହେଲମେଟରେ ଯାଇଥିବା ଲୋକମାନଙ୍କଠାରୁ ୧ ଲକ୍ଷ ୯୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ସମୟରେ ଏଏସଆଇ ଅଞ୍ଜନା ମୁର୍ମୁ, ତପନ ସିଂ, ଭୋଗରାଇ ଥାନା ଏଏସ୍ଆଇ ବୁଦ୍ଧିଆ ମୁର୍ମୁ, ହାବିଲଦାର ନଳିନୀ କୁମାର ପଣ୍ଡା, ରାଧାମୋହନ ମାରାଣ୍ଡି, ଶଙ୍କର୍ଷଣ ହେମ୍ବ୍ରମ, ସୁକାନ୍ତ ମହାନ୍ତି ଓ ଅନ୍ୟ ମାନେ ସାମିଲ ଥିଲେ।

# ବାଣ ତିଆରିର କୁଟୀର ଶିଳ୍ପ ପାଲଟିଛି ଶାଳୀକୋଠା

ଜଳେଶ୍ୱର ବ୍ଲକ, ୧୨।୧୦ (ସମିସ): ଶାଳୀକୋଠାରେ କେତେକ ଲୋକ ବାଣ ତିଆରିକୁ ଏକ କୁଟୀର ଶିଳ୍ପ ଭାବେ ବାଛି ନେଇଛନ୍ତି। ଶୁକ୍ରବାର ସନ୍ଧ୍ୟା ସମୟରେ ଶାଳୀକୋଠା ଗ୍ରାମର ସୁନିତା ଦତ୍ତଙ୍କୁ ସେହି ଗ୍ରାମର ଜନୈକ ବ୍ୟବସାୟ ବାଣ ତିଆରି କରିବା ପାଇଁ କଞ୍ଚା ବିସ୍ଫୋରକ ଦେଇ ଥିଲେ। ସୁନୀତା ବାଣ ତିଆରି କରୁଥିବା ବେଳେ ତାଙ୍କର ୧୦ ବର୍ଷର ପୁଅ ଅନୁରାଗ ଅସାବଧାନତା ହେତୁ ମଶା ଧୂପ ଜଳାଇ ଦେଇ ଥିଲେ। ଧୂପ ନିଆଁ ବାଣରେ ପଡିବାରୁ ବିସ୍ଫୋରଣ ହୋଇ ଥିଲା। ଫଳରେ ଘରେ ଥିବା ମା ଓ ପୁଅ ଅନୁରାଗ ଦତ୍ତ ଗୁରୁତର ହୋଇ ଥିଲେ। ଉଭୟଙ୍କୁ ପ୍ରଥମେ ଜଳେଶ୍ୱର ମେଡିକାଲ ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା, ମାତ୍ର ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗତ ସେପ୍ଟେମ୍ବର ୨୮ ତାରିଖରେ ବେଆଇନ୍ ବାଣ ତିଆରି ଖବର ପାଇ ପଶ୍ଚିମବାଡ ଓ ଶାଳୀକୋଠା ଅଞ୍ଚଳରୁ ବିପୁଳ ପରିମାଣରେ ବାଣ ଜବତ ହୋଇ ଜଣକୁ ଗିରଫ କରାଯାଇଥିଲା। ଏହା ସତ୍ତ୍ୱେ ଉକ୍ତ ଗାଁରେ ବାଣ ତିଆରି କାରବାର ବଢ଼ିଚାଲିଛି। ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ୧୫ ବର୍ଷ ଧରି ଗାଦି ମାଡ଼ିବସିଛନ୍ତି ସରକାରୀ କର୍ମଚାରୀ

**ଚିହ୍ନଟ କରି ତୁରନ୍ତ ବଦଳି ଦାବି**




ଜଳେଶ୍ୱର ବ୍ଲକ, ୧୨।୧୦(ସମିସ)

ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଉପଖଣ୍ଡ ଅଧୀନ ଆଦିବାସୀ ଅଧ୍ୟୁଷିତ ବହୁଳ ଭାବରେ ପରିଗଣିତ ଜଳେଶ୍ୱର ବ୍ଲକ୍ ବିଭିନ୍ନ ଅଫିସରେ ସରକାରୀ କର୍ମଚାରୀମାନେ ବର୍ଷ ବର୍ଷ ଧରି ଗାଦି ମାଡ଼ିବସିଛନ୍ତି। ସରକାରୀ ନିୟମ ଅନୁସାରେ କର୍ମଚାରୀମାନଙ୍କ ବଦଳି ୩ ବର୍ଷରେ ଥରେ ହେବା କଥା କିନ୍ତୁ ଏଠାରେ ଏହି ନିୟମକୁ ଉଲ୍ଲଂଘନ କରାଯାଉଛି। କର୍ମଚାରୀମାନେ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ରହି କାମ କରୁଛନ୍ତି। ଯଦି ବି ସେମାନଙ୍କର ଅନ୍ୟତ୍ର ବଦଳି ହେଉଛି, ବିଭିନ୍ନ ଉପାୟରେ ସେମାନେ ବଦଳିକୁ ବାତିଲ କରାଇଦେଉଛନ୍ତି। ଜଳେଶ୍ୱର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ଲକ ଅଫିସ କାର୍ଯ୍ୟାଳୟରେ ୨୭ ଜଣ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ କର୍ମଚାରୀ କାହାର ୧୦ ବର୍ଷ ତ ଆଉ କାହାର ୧୫ ବର୍ଷ ଧରି ଏହି ଗୋଟିଏ ସ୍ଥାନରେ ରହୁଛନ୍ତି ଠିକ୍ ସେହିପରି ଅନ୍ୟ ଅଧିକାରୀ ଓ କର୍ମଚାରୀ ମଧ୍ୟ ୭ରୁ ୮ ବର୍ଷ ଧରି ରହିଛନ୍ତି। ଯାହା ଫଳରେ ଗୋଟିଏ ଜାଗାରେ ଜଣେ କର୍ମଚାରୀ ଦୀର୍ଘ ବର୍ଷ ଧରି ରହିଯାଉଥିବାରୁ ବିଭିନ୍ନ ଅନିୟମିତତା କରିବା ସେମାନଙ୍କ ପାଇଁ ସହଜ ହୋଇଯାଉଛି। ଯଦି କେହି ସୂଚନା ଅଧିକାର ଆଇନରେ କର୍ମଚାରୀମାନଙ୍କର ନିଯୁକ୍ତି ତଥ୍ୟ ଜାଣିବାକୁ ଚାହୁଛନ୍ତି ତାହେଲେ ବ୍ଲକ କର୍ତ୍ତୃପକ୍ଷ ସେମାନଙ୍କ ପାଖରେ ତଥ୍ୟ ନାହିଁ କହି ଏଡାଇ ଯିବାକୁ ଚାହୁଛନ୍ତି। ବିଶେଷ କରି ପଞ୍ଚାୟତ ସ୍ତରୀୟ କର୍ମଚାରୀମାନେ ୮ରୁ ୧୦ ବର୍ଷ ଧରି ଗାଦି ମାଡ଼ି ବସିରହୁଥିବାରୁ ଅନିୟମିତତା ବଢ଼ିବା ସହ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହି କର୍ମଚାରୀମାନଙ୍କୁ ଚିହ୍ନଟ କରି ତୁରନ୍ତ ବଦଳି କରାଯିବା ସହିତଆଇନ୍ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସରକାରୀ ତହବିଲରୁ ମନଇଚ୍ଛା ଖର୍ଚ୍ଚ କରୁଥିବା ଟଙ୍କା ଫେରସ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।





## ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

# ସୁଚିସ୍ମିତାଙ୍କୁ 'ଆଇଆଇଡିଏଫ୍ ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର,୧୨।୧୦(ସମିସ):







ଦୁଇ ଦିବସୀୟ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଉଦଯାପିତ ହୋଇଯାଇଛି। ଓଡିଶୀର ଜନ୍ମଭୂମି ଓଡ଼ିଶାରେ ଭାରତନାଟ୍ୟମର ପ୍ରସାର ପାଇଁ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସାଧନାରତ ଗୁରୁ ସୁଚିସ୍ମିତା ସେନ୍ ବିଶ୍ୱାସଙ୍କୁ "ଆଇଆଇଡିଏଫ ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ଏଥିସହ ଗୋଟିପୁଅ ପାଇଁ ଗୁରୁ ଗୌତମ ମହାପାତ୍ରଙ୍କୁ ଆଇଆଇଡିଏଫ ସମ୍ମାନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅତିଥିଭାବେ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଛଉ ବିଶାରଦ ସଦାଶିବ ପ୍ରଧାନ, ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଭରତ ଚରଣ ଗିରି, ଗୁରୁ ପିତାମ୍ବର ବିଶ୍ୱାଳ, ଓସ୍ତାଦ୍ ବିସମିଲ୍ଲା ଖାଁ ପୁରସ୍କାର ପ୍ରାପ୍ତ ଓଡ଼ିଶୀ ଶିଳ୍ପୀ ପ୍ରଭାତ କୁମାର ସ୍ୱାଇଁ।

ସାଂସ୍କୃତିକୀର ସଭାପତି ଡ. ରୀନା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପାଞ୍ଚଜଣ ଶିଳ୍ପୀଙ୍କୁ ଯୁବ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ଛଉ ପାଇଁ ବୈଭବ ରଣା, କଥକ ପାଇଁ ଲିଖିତା ସେଠୀ, ଭାରତ ନାଟ୍ୟମ ପାଇଁ ସାଧନା ଘୋଷ, ଅନନ୍ୟା ମହାନ୍ତି ଏବଂ ଅନଘା ଶର୍ମା ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ଦିବସରେ କଥକ, ଛଉ, ଭାରତନାଟ୍ୟମ୍, ଝୁମର, ମୋହିନୀ ଆଟମ୍, ସମ୍ବଲପୁରୀ, ଓଡ଼ିଶୀ, ମଣିପୁରୀ, ସମକାଳୀନ ଆଦି ଶୈଳୀରେ ଏକକ, ଯୁଗଳ ଓ ଦଳଗତ ନୃତ୍ୟରେ ଶତାଧିକ ନୃତ୍ୟ ଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବର ପ୍ରତିଷ୍ଠାତା ଶ୍ୟାମହରି ଚକ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦୁଇ ଦିବସୀୟ ନୃତ୍ୟ ମହୋତ୍ସବରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, କର୍ଣ୍ଣାଟକ, ପଶ୍ଚିମ ବଙ୍ଗରୁ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବକୁ ସଂଘମିତ୍ରା ମୁଦୁଲି, ଡ. ମିନତୀ ମଲ୍ଲିକ, ସୁଚେତା ମିଶ୍ର, ସ୍ମୃତି ଶିଖା ମହାପାତ୍ର, ଦୀନବନ୍ଧୁ ପତ ପ୍ରମୁଖ ପରିଚାଳନା କରିଥିଲେ।

## ଜୀବନର କେତେ ରଙ୍ଗ

# ପଥରକୁ ପରଖୁଥିବା ମଣିଷ ସୁରେନ୍ଦ୍ର

ଭୁବନେଶ୍ୱର,୧୨।୧୦(ସମିସ): ପଥର ପରଖ ତାଙ୍କୁ ଜଣା। ସେଥିରେ ପ୍ରସ୍ତୁତ ସାମଗ୍ରୀକୁ ନେଇ ତାଙ୍କ ବ୍ୟବସାୟ। ଏହି ସାମଗ୍ରୀର ଆବଶ୍ୟକତା ବଢିଲେ ତାଙ୍କର ଦି ପଇସା ରୋଜଗାର ହୁଏ। ଘରେ ବ୍ୟବହୃତ ହେଉଥିବା ବିଭିନ୍ନ ସାମଗ୍ରୀର ସ୍ଥାନ ଆଜି ବି ପଥର ବ୍ୟତୀରକେ ଆଉ କିଏ ନେଇ ପାରିନାହିଁ। ପଥର ପରଖିବା ଠାରୁ ନେଇ ଏଥିରୁ ପ୍ରସ୍ତୁତ ହେଉଥିବା ଭିନ୍ନ ବସ୍ତୁ ଯାଏଁ ଖୁବ୍ ପରିଶ୍ରମ କରିବାକୁ ପଡ଼େ। ପରେ ଯାଇ ବିକ୍ରିହେବା ପରେ ମିଳୁଥିବା ଦି ପଇସାରେ ଚଳେ ସୁରେନ୍ଦ୍ର ପାତ୍ରଙ୍କ ପରି ବ୍ୟବସାୟୀଙ୍କ ଘର।



ରାଜଧାନୀର ଧର୍ମବିହାରସ୍ଥିତ ରାସ୍ତାର ପାଶ୍ୱର୍ରେ ମେଳିଛି ସୁରେନ୍ଦ୍ରଙ୍କ ଏହି ପଥର ସାମଗ୍ରୀର ଆସର। ଯେଉଁଠି ରହିଛି ପଥରରେ ନିର୍ମିତ ହେମଦସ୍ତା, ଶିଳ, ଚକି, କଳା ମୁଗୁନି, ଚନ୍ଦନ ପେଡ଼ି ଆଦି କେତେ ଘରକରଣା ସାମଗ୍ରୀ। ସକାଳୁ ରାତି ଯାଏ ସେଇଠି ପସରା ମେଲାଇ ବସିଥାନ୍ତି। ଗ୍ରାହକଙ୍କ ସହ ତାଙ୍କ ହସ ମଜା ଭରା କଥା ଲୋକଙ୍କୁ ବେଶ ପସନ୍ଦ। କେବଳ ସ୍ୱାଦ ବା ପରମ୍ପରା ପାଇଁ ନୁହେଁ ଦୈନନ୍ଦିନ ଜୀବନରେ ବିଭିନ୍ନ ଘର କାମରେ ଏ ସବୁର ବ୍ୟବହାର ହିଁ ତାଙ୍କ ରୋଜଗାରର ମାଧ୍ୟମ। ହେଲେ ସମୟ ସହ ଧୀରେ ଧୀରେ ଏସବୁର ବ୍ୟବହାର କମିବାରୁ ତାଙ୍କ ବେପାର ବି ମାନ୍ଦା ଚାଲୁଛି। ସେ ଦୀର୍ଘ ୩୫ ବର୍ଷ ଧରି ଏହି ବ୍ୟବସାୟକୁ ସାଥୀ କରିଛନ୍ତି। ବିଭିନ୍ନ ଘରକରଣା ସାମଗ୍ରୀ ପାଇଁ ବଉଳମାଳା, କଳା ମୁଗୁନି, ଧଳା ବଗଡ଼ା ଭଳି ପଥରକୁ ବ୍ୟବହାର କରାଯାଇଥାଏ। ବର୍ତ୍ତମାନ ପଥର ମିସ୍ତ୍ରିଙ୍କ ସଂଖ୍ୟା ଆଗ ଅପେକ୍ଷା କମିଯାଉଥିବାରୁ ଉପକରଣ ତିଆରି ମଧ କମିଯାଉଛି। ଫଳରେ ସକାଳୁ ସଞ୍ଜ ବିତିଗଲେ ବି ଗ୍ରାହକଙ୍କ ଦେଖା ମିଳୁନି। ଯଦିଓ ପଥର ସାମଗ୍ରୀକୁ ନେଇ ଲୋକଙ୍କ ପୂରାପୂରି ଚାହିଦା କମିନାହିଁ ତଥାପି ଆଗଭଳି ବ୍ୟବସାୟ ବି ନାହିଁ। ଏସବୁ ମେସିନ୍ ବ୍ୟସ୍ତବହୁଳ ଜୀବନରେ ଘର କାମକୁ ହାଲୁକା କରିଛି ସତ କିନ୍ତୁ ପରମ୍ପରା ଓ ସ୍ୱାଦ ଦୃଷ୍ଟିରୁ ଶିଳ ଓ ଚକିର ମୋହ ଏବେ ବି ଲୋକଙ୍କ ମଧ୍ୟରେ ରହିଛି। ସେଥିପାଇଁ ତାଙ୍କ ପାଖକୁ ଆସୁଥିବା କିଛି ପୁରୁଣା ଗ୍ରାହକ ହିଁ ନିୟମିତ ତାଙ୍କ ପାଖକୁ ଆସୁଛନ୍ତି।

# ଶ୍ରମିକଙ୍କ କାର୍ଯ୍ୟ ସମୟ ୮ ରୁ ୧୦ଘଣ୍ଟା ବୃଦ୍ଧିକୁ ବିରୋଧ

ଭୁବନେଶ୍ୱର, ୧୨।୧୦ (ସମିସ): ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଦୈନିକ ଆଠଘଣ୍ଟା କାର୍ଯ୍ୟ ସମୟକୁ ବୃଦ୍ଧିକରି ଦଶଘଣ୍ଟା ଧାର୍ଯ୍ୟ କରିବା ଓ ରାତ୍ରି ସମୟରେ ମହିଳାମାନଙ୍କୁ କାର୍ଯ୍ୟ କରିବାକୁ ଆଇନ ପ୍ରଣୟନ କରିବା ଘଟଣାକୁ ଏଆଇଟିୟୁସି ଦୃଢ଼ ବିରୋଧ କରିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୁଦ୍ଧରେ ରାଜ୍ୟବ୍ୟାପୀ ଏଆଇଟିୟୁସି ତରଫରୁ ବ୍ୟାପକ ଆନ୍ଦୋଳନ ପାଇଁ ରବିବାର ଅନୁଷ୍ଠିତ ପରିବର୍ଦ୍ଧିତ ରାଜ୍ୟ କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ଭୁବନେଶ୍ୱରସ୍ଥ ଭଗବତୀ ଭବନ ସଭାଗୃହରେ ଏଆଇଟିୟୁସିର ରାଜ୍ୟ ସଭାପତି ତଥା ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ପରିଷଦର ବୈଠକରେ ଏହି ଚରମ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ପ୍ରସ୍ତାବ କ୍ରମେ ଏଆଇଟିୟୁସି ଏକକଭାବେ ଓ ମିଳିତ ଭାବେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରାଯିବ ବୋଲି ପ୍ରସ୍ତାବ ଆଗତ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ରାଶି ଆଇନ୍ ଅନୁସାରେ ପ୍ରଦାନ, ସ୍କିମ୍ ୱାର୍କର, ଅଙ୍ଗନୱାଡି, ଆଶା, ମଧ୍ୟାହ୍ନଭୋଜନ ପାଚିକାଙ୍କୁ ୱାର୍କର ମାନ୍ୟାତା, ଉଦ୍ୟାନ ସାଥୀଙ୍କୁ ବର୍ଷସାରା କାମ ଦେବା, ବଜାର ଦର ଅନୁସାରେ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ଓ ଅନ୍ୟାନ୍ୟ ଦାବି ଉପରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ। ବରିଷ୍ଠ ଉପସଭାପତି ପ୍ରଶାନ୍ତ ପାଟଯୋଶୀ ଓ ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି ତଥା ସିପିଆଇର ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ ମିଶ୍ରଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସୁର ଜେନା, ହରପ୍ରିୟା ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୂର୍ବଶତ୍ରୁତାରୁ ଖଣ୍ଡା ଚୋଟ; ଜଣେ ଗିରଫ

ଭୁବନେଶ୍ୱର,୧୨।୧୦(ସମିସ): ପୂର୍ବଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୀମଟାଙ୍ଗୀ ଖଣ୍ଡୁଆଳ ସାହିର କିଶୁ ଓରଫ୍ କିଶନ ବେହେରା (୧୯)। ପୁଲିସ ସୂଚନାନୁସାରେ, ଗତ ଜାନୁୟାରୀ ମାସରେ କିଶୁର ଭାଇ ରାଜାକୁ ଏୟାରପୋର୍ଟ ଥାନା ପୁଲିସ ଏକ ଛୁରାମାଡ଼ ମାମଲାରେ ଗିରଫ କରିଥିଲା। ରାଜା ଗିରଫ ହେବା ପଛରେ ଖଣ୍ଡୁଆଳ ସାହିର ବାଦଲ ନାଏକଙ୍କର ଭୂମିକା ଥିବା ସନ୍ଦେହ କରି କିଷୁ ତାଙ୍କୁ ଗାଳିଗୁଲଜ କରି ଆସୁଥିଲା। ଗତ ଅଗଷ୍ଟ ମାସ ୧୬ ତାରିଖ ରାତିରେ ବାଦଲ ତାଙ୍କ ବନ୍ଧୁଙ୍କୁ ଆଣିବା ପାଇଁ ଭୀମଟାଙ୍ଗି ନିକଟରେ ଅପେକ୍ଷା କରିଥିବାବେଳେ କିଷୁ ଓ ତା'ର ସହଯୋଗୀ ବାଇକରେ ଆସି ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରିଥିଲେ। ବାଦଲ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବାଦଲ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ ଅଭିଯୁକ୍ତମାନେ ତାଙ୍କ ବାଇକକୁ ଭଙ୍ଗାରୁଜା କରିବା ସହ ଧମକ ଦେଇ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ବାଦଲଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି କିଶୁକୁ ଗିରଫ କରିବା ସହ ଖଣ୍ଡା ଜବତ କରିଛି।



# ଝୁଲନ୍ତା ମୃତଦେହର ମିଳୁନି ପରିଚୟ

ଭୁବନେଶ୍ୱର, ୧୨।୧୦ (ସମିସ): ଆନନ୍ଦବଜାର ନିକଟ ମନ୍ଦିର ନିକଟସ୍ଥ



ଗଛରୁ ଝୁଲନ୍ତା ମୃତଦେହ ଠାବ ହେବା ଘଟଣାକୁ ୩ ଦିନ ବିତିଛି। ଘଟଣାର ୩ ଦିନ ପରେ ମଧ ଯୁବକଙ୍କୁ ପରିଚୟ ପାଇ ପାରିନାହିଁ ସହିଦନଗର ଥାନା ପୁଲିସ। ପକେଟରୁ ମୋବାଇଲ କି କୌଣସି ପରିଚୟପତ୍ର ମିଳି ନ ଥିବାରୁ ମୃତକଙ୍କ ପରିଚୟ ପାଇବା ପୁଲିସ ପାଇଁ କାଠିକର ପାଠ ହୋଇଛି। ମୃତକ ଜଣକ ଏକ ଗୋଲାପୀ ରଙ୍ଗର ଟି-ସାର୍ଟ ଓ କଳା ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧିଛନ୍ତି। ଉଚ୍ଚତା ୫ ଫୁଟ୍ ୫ ଇଞ୍ଚ୍ ହୋଇଥିବା ବେଳେ ବୟସ ୩୦ ବର୍ଷ ହେବ ବୋଲି ପୁଲିସ କହିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ସଂରକ୍ଷଣ ଗୃହରେ ରଖାଯାଇଛି। ପରିଚୟ ପାଇବା ପାଇଁ ବିଭିନ୍ନ ଥାନାକୁ ଫଟୋ ଓ ସବିଶେଷ ତଥ୍ୟ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ଜୟପ୍ରକାଶଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୨।୧୦(ସମିସ): ଲୋକତନ୍ତ୍ର ସେନାନୀ ସଂଘ ଓଡ଼ିଶା ପ୍ରଦେଶ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୩ତମ ଜୟନ୍ତୀ ରେଡ୍‌କ୍ରସ୍ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ଜୟପ୍ରକାଶ ନାରାୟଣଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକତନ୍ତ୍ର ସେନାନୀ ସଂଘ, ଓଡ଼ିଶା ପ୍ରଦେଶର ସଭାପତି ତଥା ପୂର୍ବତନ ଶିକ୍ଷା ମନ୍ତ୍ରୀ ବିମ୍ବାଧର କୁଅଁର ସଭାପତିତ୍ୱ କରିଥିବା ସହ ସାଧାରଣ ସମ୍ପାଦକ ଶ୍ରୀଧର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିଳିତ ଓଡ଼ିଶା ନିଶା ନିବାରଣର ପ୍ରମୁଖ ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ଶିକ୍ଷାବିତ୍ ପୂର୍ଣଚନ୍ଦ୍ର ମଲ୍ଲିକ, କୃଷ୍ଣଚନ୍ଦ୍ର ଜଗଦେବ ଏବଂ ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା ଯୋଗ ଦେଇଥିଲେ। ସଂଘର କର୍ମକର୍ତ୍ତା ଭୁବନାନନ୍ଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ଜେନା, ଉମାକାନ୍ତ ଦାସ, ଅତସୀ ସ୍ୱାଇଁ ଏବଂ ଗଦାଧର ମିଶ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଜୟପ୍ରକାଶଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେନାନୀ ସଂଘର ବରିଷ୍ଠ ସଦସ୍ୟ ହରିହର ସାହୁ ଏବଂ ବିଶ୍ୱନାଥ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସେନାନୀ ମାନେ ଯୋଗଦେଇଥିଲେ। ପରିଶେଷରେ ରାମ ରତନ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ରେ କଟକରେ କାଳୀ ପୂଜା, ୨୪ରେ ଭସାଣି

କଟକ,୧୨।୧୦(ସମିସ): ଚାଉଳିଆଗଞ୍ଜ ପୂଜା ମଣ୍ଡପ କାର୍ଯ୍ୟାଳୟ ଠାରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟକାରୀ ସଦସ୍ୟ, ତଥା କାଳୀ ଏବଂ କାର୍ତ୍ତିକେଶ୍ୱର ପୂଜା ଆୟୋଜନ କରୁଥିବା ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ନେଇ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ କାଳୀପୂଜା ଏବଂ କାର୍ତ୍ତିକେଶ୍ୱର ପୂଜା ସମ୍ପର୍କରେ ବିବରଣୀ ପାଠ କରିଥିଲେ। ବୈଠକରେ ଆସନ୍ତା ୨୦ ତାରିଖ ସୋମବାର ଦିନ କାଳୀ ପୂଜା କରାଯିବ ଏବଂ ୨୪ ଶୁକ୍ରବାର ଦିନ ଭସାଣି ଉତ୍ସବ ପାଳନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଆସନ୍ତା ୧ ତାରିଖରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ କରାଯାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୬ ତାରିଖ ଏବଂ ୭ ତାରିଖ ୨ ଦିନ ଧରି କାର୍ତ୍ତିକେଶ୍ୱର ଭସାଣି କରାଯିବ। କଟକର ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ଭାବେ ଏକ ଉଚ୍ଚସ୍ତରୀୟ ସଦଭାବନା ବୈଠକ କରିବାକୁ ଦୃଢ଼ ଦାବି ଉପସ୍ଥାପନା କରାଯାଇଥିଲା।

# ଖତ ଖାଉଛି ଇ-ଟଏଲେଟ୍

## ଶୌଚ ପାଇଁ ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର, ୧୨।୧୦(ସମିସ):

କଟକ ବଡ଼ମ୍ବା ଅଞ୍ଚଳରୁ ରାଜଶ୍ରୀ ପାତ୍ର ନାମକ ଜଣେ ମହିଳା ଲିଙ୍ଗରାଜ ମନ୍ଦିରକୁ ଦର୍ଶନ କରିବା ପାଇଁ ଆସିଥିଲେ। ଦର୍ଶନ ସରିବା ପରେ ସେ ଶୌଚାଳୟ ଖୋଜିଥିଲେ। ମନ୍ଦିର ପରିସରରେ ଥିବା ଶୌଚାଳୟ ବନ୍ଦ ହୋଇ ପଡ଼ିଥିବାରୁ ତାଙ୍କୁ ପୁଣି ପାର୍କିଂ ପଟକୁ ଯିବାକୁ ପଡ଼ିଲା। ହେଲେ ସେଠାରେ ଲୋକ ଗହଳି ଥିବାରୁ ପୁଣି ଅପେକ୍ଷା କରିବାକୁ ପଡ଼ିଥିଲା। ଏମିତି କିଛି ସମୟ ପରେ ସେ ଶୌଚାଳୟ ବ୍ୟବହାର କରିଲେ। କେବଳ ରାଜଶ୍ରୀ ନୁହନ୍ତି ତାଙ୍କ ପରି ଅନେକ ଶ୍ରଦ୍ଧାଳୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପାଇଁ ଆସିଲେ ଶୌଚାଳୟର ଅସୁବିଧା ଭୋଗୁଛନ୍ତି। ହେଲେ ରଥ ରୋଡ଼ରେ ଇ-ଶୌଚାଳୟ ପଡ଼ି ପଡ଼ି କଳଙ୍କି ଲାଗିବା ସହ ଗଛଲତା ମାଡ଼ିଗଲାଣି। କିନ୍ତୁ ଲୋକଙ୍କ ବ୍ୟବହାରରେ ଆସୁନାହିଁ। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଞ୍ଚଳରେ ବୃଦ୍ଧିଜୀବୀ।

କାର୍ତ୍ତିକ ମାସ ଚାଲିଥିବାରୁ ଲିଙ୍ଗରାଜଙ୍କର ବଡ଼ ବେଶ ବା ରାଜରାଜେଶ୍ୱର ବେଶ ଦିନକୁ ଦୁଇଥର ଅନୁଷ୍ଠିତ ହେଉଅଛି। ଏହି ଦୁର୍ଲ୍ଲଭ ବେଶକୁ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ପୁରୁଣା ଭୁବନେଶ୍ୱରକୁ ଛୁଟି ଆସୁଛନ୍ତି। ଏହି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅନେକ ବୟସ୍କ ଓ ଛୋଟ ଛୁଆ ମଧ ରହୁଛନ୍ତି। କିନ୍ତୁ ଶୌଚାଳୟର ଅସୁବିଧା ଭୋଗିବା ସହ ଏକ ତିକ୍ତମନ ଭାବ ନେଇ ଫେରୁଛନ୍ତି।

ରୁକୁଣା ରଥଯାତ୍ରା ସମୟରେ ବିଏମ୍‌ସି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଗହଳିକୁ ଦେଖି ଇ-ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ହେଲେ ରଥଯାତ୍ରା ସରିବାର ପ୍ରାୟ ସାତ ମାସରୁ ଅଧିକ ସମୟ ହେଲାଣି ହେଲେ ଇ-ଶୌଚାଳୟ ଏବେ ବି ରଥରୋଡ଼ରେ ପଡ଼ି ରହିଛି। ଶୌଚାଳୟଟି ରହିଲେ ମଧ ଏହା ବ୍ୟବହାର ଉପଯୋଗୀ ହୋଇନାହିଁ। କେବଳ ପଡ଼ି ପଡ଼ି ଖତରା ହେଲାଣି। ହେଲେ ରଥରୋଡ଼ ଦେଇ ଲିଙ୍ଗରାଜ ମନ୍ଦିରକୁ ଅନେକ ଅଫିସର, କର୍ମଚାରୀ ଯିବା ଆସିବା କରୁଛନ୍ତି କିନ୍ତୁ ଏହି ଇ-ଶୌଚାଳୟ ଉପରେ କାହାର ନଜର ପଡୁ ନ ଥିବା ଅଭିଯୋଗ ହେଉଛି।

ଏହି ଇ-ଶୌଚାଳୟକୁ ବିଏମ୍‌ସି କେବଳ ଯାନିଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟବସ୍ଥା କରିଥାଏ। ପର୍ବ ସରିଲେ ଇ-ଶୌଚାଳୟ ସ୍ଥାନାନ୍ତରଣ କରିବା କଥା। କିନ୍ତୁ ଏହା ଏଭଳି ଅବ୍ୟବସ୍ଥିତ ଅବସ୍ଥାରେ ପଡ଼ି ରହିଛି। ଯାହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଏ ନେଇ ବିଏମ୍‌ସିକୁ ଜଣାଇ ଦିଆଯିବ ବୋଲି ୱାଡର୍‌ମେମ୍ବର ଶିବ ପ୍ରସାଦ ବେହେରା କହିଛନ୍ତି।



# ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ




ଭୁବନେଶ୍ୱର, ୧୨।୧୧ (ସମିସ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ଭୁବନେଶ୍ୱରସ୍ଥିତ ବଡ଼ଗଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଭୁବନେଶ୍ୱର ମହାନଗରର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ମହିଳା ପ୍ରମୁଖ ସସ୍ମିତା ମଙ୍ଗରାଜ ଓ ଅନେକ ଅଞ୍ଚଳରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପ୍ରମୁଖ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ଅନେକ ସାଧାରଣ ନାଗରିକ ମଧ୍ୟ ସାମିଲ ହୋଇଥିଲେ। ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ ଟା ରୁ ୭ ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି କେନ୍ଦ୍ରରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନ ର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଏଠାରେ ଉପସ୍ଥିତ ଥିବା ସାଧାରଣ ନାଗରିକ ମାନେ ଏହାକୁ ସ୍ୱାଗତ କରିବା ସହିତ ଲୋକମାନଙ୍କ ପାଇଁ ନିଶୁଳ୍କ ସେବା କୁ ପ୍ରଶଂଶା କରିଛନ୍ତି। ଏଭଳି ଭୁବନେଶ୍ୱରରେ ଅନ୍ୟ ସ୍ଥାନ ରେ ମଧ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସଂଗଠନ ର ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି।